ଉସଠର୍ଗ

ଭାଇ! ତୁ ତ ଜାଣୁ ମୁଁ ଗ ୋଟାଏ ଅମାନିଆ ବାରବୁଲା ବାବୁଲା, ପାଠ-ସାଠ ପ୍ରତି ନିହାତି ଉଦାସୀନ, ବିକାଶଙ୍କୁ ପାଦରେ ଆଡ଼ଇେ ଦଇେ ଖଳେ କୁଦରେ ଅହରହ ମାତିଥାଏ । ମାତ୍ର ତୁ ବିଦଶେରୁ ଯେତେବେଳେ ଆସୁ ଏମିତି କଉେଁ ମନ୍ତ୍ର ଫୁଙ୍କୁ କଜୋଣି ପୁଣି ମୁଁ ସବୁ ଭୁଲି ପଢ଼ା ଟେବୁଲ୍ ପାଖକୁ ଧାଇଁ ଯାଏ, ତ ୋ ପଦାଙ୍କ ଅନୁସରଣ କରି ପାଠ ପଢ଼ାରେ ଲାଗିଯାଏ । ତୁ ଟିକିଏ ବିଦଶେରୁ ଘରକୁ ଫରେିବା ବିଳମ୍ବ କରିଦଲେେ ମୁଁ ପୁଣି ବିଗିଡ଼ି ଯାଏ । ତୁ ତ ନିୟମିତ ବ୍ୟବଧାନରେ ଘରକୁ ଆସୁ ନଥିଲୁ, କମେିତି ଜାଣିବୁ ଯେ ମୁଁ କଅଣ କରୁଥାଏ । ସଇେଥିପାଇଁ ବ ୋଧହୁଏ ମ୍ୟାଟ୍ରିକ୍ ପରେ ମ ୋତେ ତ ୋ ପାଖରେ ରଖି ପାଠ ପଢ଼ାଇଲୁ । ସେଠି ଏମିତି ମନ୍ତ୍ର ଆଚ୍ଛା କରି ଫୁଙ୍କି ଦଲେୁ ଯେ କୃତିତ୍ୱର ପାହଚ ଗୁଡ଼ାକ ଚଢ଼ି ଚଢ଼ି ମୁଁ କୁଆଡ଼େ ଏବେ କଥା କୁହା ଗାଳ୍ପିକ । ଏ ଗଳ୍ପ ଗୁଚ୍ଛର ପ୍ରତିଟି ଗଳ୍ପ, ତ ୋ ଚିନ୍ତା ଚେତନାକୁ ନଇେ ସମୃଦ୍ଧ; ତଣେୁ ତ ୋତେ ସମର୍ପିତ । ପୁସ୍ତକ ପ୍ରକାଶନ ଅବସରରେ ସାନ ଭାଇର ଏତିକି ମାତ୍ର ଅଳି ସାତ ନଈ ତେରେ ଦରିଆ ପାରିରେ ରହି ମଧ୍ୟ ମ ୋତେ କରୁଥିବୁ ଟିକିଏ ଆଶୀର୍ବାଦ ।

ଇତି ,

ତ ୋର ସାନ ଭାଇ,

ବାବୁଲା

ଅଭିମତ

ଶ୍ରୀ ସତ୍ୟ ପ୍ରକାଶ ସେଠୀଙ୍କ ରଚିତ ଗଳ୍ପ ସଂକଳନଟି ପାଠ କଲାପରେ ମନହେଲେ। ପ୍ରବୀଣ କହେି ଜଣେ ଗାଳ୍ପିକ ଏହିପରି ବହି ଲଖେିଛନ୍ତି ସଂଚିତ ଗଳ୍ପ ମାନଙ୍କରେ କେତେକେ ମର୍ମସ୍ପର୍ଶୀ ବାର୍ତ୍ତାଳାପର ଅନ୍ତର୍ଧ୍ୱନି ଯେପେରି ରସାଳ ଓ ଛବିଳ କରି ଦେଉଛି ପାଠକର ଆଖିକୁ, ମନକୁ । "ବ ୋଉଲ ୋ" ଏଇ ଗଳ୍ପର ଶୀର୍ଷକଟି କେତେ ଅନ୍ତରଙ୍ଗ ! ଏଥିରେ ପ୍ରକାଶ ପାଇଛି ଏକ ଯନ୍ତ୍ରଣାଦଗ୍ଧ ଆବଗେ ଉଦ୍‌ବଗେର ଭାବନା । "ମାଟି ମା-' ଗଳ୍ପଟି ଗ୍ରାମ୍ୟ ମଣିଷର ସଂଘର୍ଷ ଓ ସ୍ୱପ୍ନର ସଙ୍କତେ ଦିଏ । ଭାଷା ସାବଲୀଳ ଏବଂ ଅନକେତ୍ର ବର୍ଣ୍ଣନାତ୍ମକ ହ ୋଇ ଥିବାରୁ ଏଥିପାଇଁ ପରିଶ୍ରମ କରିବାକୁ ପଡ଼େ । ଏ ଦୃଷ୍ଟିରୁ କଥାକାର ଶ୍ରୀ ସେଠୀ ଗଳ୍ପ ଭିତରେ ତାଙ୍କର କବିତ୍ୱର ସ୍ପନ୍ଦନ ଉପସ୍ଥାପିତ କରି ପାରିଛନ୍ତି । ନାସ୍ତିବାଣୀ "ଭ ୋଦଇେ ଖରା" "ଶଷେ କଇେପଦ କଥା" "ଅସ୍ତାଚଳର ସୂର୍ଯ୍ୟ" ଗଳ୍ପ ମାନଙ୍କରେ ବାସ୍ତବତା ଖ ୋଜି ବାହାର କରିବାକୁ ହୁଏ । ଗଳ୍ପ ଲଖେନ ଶୈଳୀରେ ଗାଳ୍ପିକର ନୀଜସ୍ୱ ବ ୋଲି କିଛି ଦାବି କରିପାରେ ସେ ଦାବି ଯଥାର୍ଥ । "ସରଗ ତଳେ", "ନୀଳ ଗଗନର ପଥିକ", "ବିଜିତା ଆର ୋହିଣୀ" ରେ ଗାଳ୍ପିକତା ସହିତ କାଳ୍ପନିକତାର ସାର୍ଥକ ସମନ୍ୱୟ ହ ୋଇ ପାରିଛି । "ସ୍ୱୟଂ ସହାୟିକା ଗ ୋଷ୍ଠୀ" ଗ ୋଟିଏ ଆଧୁନିକ ନାରୀ ସମସ୍ୟା ଭିତ୍ତିକ ସୁନ୍ଦର କଥାବସ୍ତୁ, ଯାହା ସମାଜ ପାଇଁ ପ୍ରତିଶ୍ରୁତିପୂର୍ଣ୍ଣ । "କୃତି", "ଭାଗ୍ୟ", "ଆଲଶେକର ଅନ୍ତରାଳେ" ଶୀତଳ ତୁଣ୍ଡୀ' ଗଳ୍ପ ଗୁଡ଼ିକରେ ଚରିତ୍ର ଅପକେ୍ଷା ସମାଜ ଚିତ୍ରର ଆଭିମୁଖ୍ୟ ସ୍ପଷ୍ଟ ହ ୋଇ ଉଠିଛି । ଗଳ୍ପ ସଂକଳନଟି କଥାକାରଙ୍କ ମନୀଷାର ସ୍ୱାକ୍ଷର ବହନ କରିଛି ।

ଏହା ସମସ୍ତଙ୍କ ପାଇଁ ଆକର୍ଷଣୀୟ । ବଡ଼ୋଲେ ଭାରି ଭୋକ । ମୁଁ ଏବେ କାଗଜ ଖାଉଛି ଆରମ୍ଭରୁ ଶେଷଯାଏ ସେହି ଆତ୍ମୀୟତାର ସ୍ୱରଗତୋକ୍ତି । 'ମାଟି ମା'ରେ ଏପରି ଗୋଟିଏ ଧାଡ଼ି ଅଛି ଯାହା ସମଗ୍ର ଗଳ୍ପର ମନ୍ତ୍ରବାଣୀ -- "ଦିଅ ମା ଦିଅ । ମୋରି ହାତରେ ଟେକିଦିଅ । ହାତ ପାତି ଦେଇଥିଲା । ସେଇଠି ମଧ୍ୟ ଝରିପଡ଼ିଥିଲା କୃତଜ୍ଞତାର ଅଶ୍ରୁ ଟୋପେ । ତୋଟା ତଳେ ବସିଲା । ଆମ୍ବ ଗଛର ମାଳମୋଳେ ଝଙ୍କାଳିଆ ପ୍ରକୃତି ଝୁଲେ । ସେଥିରେ ରହିଛି କାବ୍ୟିକ ଅଭିବ୍ୟକ୍ତି । 'ନାସ୍ତିବାଣୀ' ଗଳ୍ପଟି ଗୋଟିଏ ନଦୀକୁ ଆଶ୍ରୟ କରି ତା'ର ବକ୍ତବ୍ୟ ବାଢ଼ିଛି । ପ୍ରଥମ ଧାଡ଼ିରେ ତାହା ବେଶ୍ ବାରି ହୋଇଯାଏ -- କେଡ଼େ ମନ ଖୁସିରେ କୁଳୁକୁଳୁ ହୋଇ ବହି ଯାଉଛି ବିଟପା । ସତକେ ତା'ର ଜଳକାଚବେଣୀଟା ବେଶ୍ ଅସ୍ତବ୍ୟସ୍ତ ହୋଇ ଉଠୁଛି । 'ଭୋଦେଇ ଖରା' ଗଳ୍ପରେ ପ୍ରାକୃତିକ ବିପର୍ଯ୍ୟୟର ଚିତ୍ରକୁ ସଫଳ ଭାବରେ ଅଙ୍କା ଯାଇ ପାରିଛି । ମହା ପ୍ରଳୟର ତାଣ୍ଡବ ପରେ ଚାରିଆଡ଼େ ଶ୍ମଶାନର ପାହାଡ଼ । "ଶେଷ କେଇପଦ କଥା' ଗଳ୍ପରେ ଗୋଟିଏ ଚରିତ୍ର ମଧ୍ୟରେ କିଛି ତାତ୍ତ୍ୱିକ ମନନଶୀଳତାର ପରିଚୟ ମିଳେ "ଆଜି ବିଶ୍ୱାସ କରିହୁଏ ନା, ଏଭଳି ମଣିଷର କ୍ରମ ବିକାଶ କି ସତରେ ସମ୍ଭବ ? ତବେ କେଣ ସବୁ ସମ୍ଭବ; ଯଦି ଉଚ୍ଚାଭିଳାଷ ଓ ତାକୁ କାର୍ଯ୍ୟକାରୀ କରିବାର ଐକାନ୍ତିକ ପ୍ରଚେଷ୍ଟା ଓ ସାଧନ ମଣିଷ ପାଖରେ ଥାଏ । "ଅସ୍ତାଚଳର ସୂର୍ଯ୍ୟ" କଥାଟି ମୂଳରୁ ରହସ୍ୟମୟ ମନେହେଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଖୁବ୍ ସରଳ ଓ ସ୍ୱାଭାବିକ ହୋଇ ପାରିଛି । ଦେହର ଉଷ୍ଣତା କମିଯାଇଛି । କିନ୍ତୁ ମୃତ ସୂର୍ଯ୍ୟର ପରେ ପୁଣି ଜନ୍ମ ନେବେ ଏକ ନୂତନ ସୂର୍ଯ୍ୟ ଆଜି ବର୍ଷା ରାତି । ସେଦିନ ବି ଥିଲା ବର୍ଷା ରାତି, ଯେଉଁଦିନ ବାସନ୍ତୀ ନବବଧୂ ସାଜି ଆସିଥିଲା । 'ସରଗ ତଳେ' ଗଳ୍ପରେ ଯେଉଁ ଜ୍ୱାଳା କଥା ବସ୍ତୁକୁ ଆକ୍ରାନ୍ତ କରିଛି ତା'ର ଆଭାସ ମିଳେ ଏଇ ଚିତା ଜଳୁଚି ଜୁକୁ ଜୁକୁ ହୋଇ । ସନିଆ ମା' ପୋଡ଼ା ହୋଇଥିଲା କାଲି । ଦୁଇଟା ପ୍ରାଣ, ଦୁଇଟା ଦେହ ଥିଲା ଏକା । ଆଜି ବି ଏକ । ଏକ ହୋଇ ଉଠିଯାଇଛନ୍ତି କାଳ ନର୍ତ୍ତନମୟ ସମୁଦ୍ର ବକ୍ଷକୁ । ଏକ ହୋଇ ଉଡିଯାଇଛନ୍ତି ବେଳା ଭୂମିକୁ -- ପାର୍ଥୀବରୁ ଅପାର୍ଥୀବକୁ -- ଯାହା ଚିରନ୍ତନ ଶାଶ୍ୱତ । 'ନୀଳ ଗଗନର ତଳେ' ଗଳ୍ପଟିରେ ଆରମ୍ଭରୁ ଭଲ ଲାଗିଲା ଭଳି ବର୍ଣ୍ଣନା "ମୋଡ଼ି ହୋଇ ପାହାଡ଼ ଚୂଡ଼ା ବଢ଼ି ଯାଇଥିଲା ଉପରକୁ -- ଢ଼େରେ ଉପରକୁ । ଆଜି ଦୁଇଟି ମନରେ ଅପୂର୍ବ ଆନନ୍ଦ, ଅପୂର୍ବ ସାହସ । ସତେ କି ସେମାନେ ଅସୀମ ଆକାଶର ବାଦଲ, ନୀଳ ବାରିଧିର ଉତ୍ତାଳ ତରଙ୍ଗ । 'ବିଜିତା ଆରୋହିଣୀ' ଗଳ୍ପରେ ବୈବାହିକ ଜୀବନର ଗୋଟାଏ ଅବଶ୍ୟମ୍ଭାବୀ । ଗାଳ୍ପିକ ଅଭିବ୍ୟକ୍ତି କିନ୍ତୁ ବିଜୟ କମେିତିବା ହାର ମାନିବ । କେତେ ଅବା ସେ ନାରୀର ଛଳନା ପାଖରେ ଟାଣ ଦେଖାଇ ପାରିବ । 'ଆମ ସ୍ୱୟଂ ସହାୟିକା ଗୋଷ୍ଠୀ' ସେହିପରି ଏକ ସାମାଜିକ ପ୍ରସଙ୍ଗ । 'କୃତି' ଗଳ୍ପରେ ପ୍ରଥମରୁ କୁହାଯାଇଛି - "ଏଇ ଦେଖେ ଆକାଶ ବକ୍ଷରେ... ସେ କେ'ଣ ? ଓଃ ସେହି ମହାପୁରୁଷ ମାନଙ୍କର ଚିତ୍ରନା । ଭାଗ୍ୟ ଗଳ୍ପଟିର ଚରିତ୍ର ସଂଳାପ ଭଲ ଲାଗିଲା । ବାବୁ ଭାଇ ! ବାବୁ ଭାଇ ! ହଠାତ୍ କେଉଁ ଏକ ଶବ୍ଦର ଆଘାତରେ ଚମକି ପଡ଼ିଲା ବାବୁ । ଏ ତ ସେହି ପରିଚିତ ସ୍ୱର । ସେହି ଅମ୍ବୀ କିନ୍ତୁ ବର୍ଷା ଝଡ଼ରେ, ଏ କ'ଣ ସମ୍ଭବ ? ଆଲୋକର ଅନ୍ତରାଳେ "ଗଳ୍ପଟିରେ ଦେହର ଦହନ ସଂକ୍ରାନ୍ତ ଏକ ପ୍ରସଙ୍ଗ ବର୍ଣ୍ଣିତ, ଯେଉଁଥିରେ ଜଣେ ଲେଖକ ଓ ଜଣେ ଛାତ୍ରୀ ଭିତରେ ଆକର୍ଷଣ ପ୍ରେମରେ ପରିଣତ ହୋଇଛି । ଇତିହାସ ଖୋଲିବାକୁ ନିଦେ୍ର୍ଦଶ ଦେଲେ ଜୀବନ ବାବୁ । ଅଲରାଉଣ୍ଡର ଶିକ୍ଷକ ସେ । ଉଦ୍ୱିଘ୍ନ ଭାବରେ ସେ କହି ଚାଲିଥିଲେ ମୋଗଲ ବଂଶ ଉପରେ । ଦିଲ୍ଲୀର ବାଦ୍ଶାହା ଶାହାଜାହାନ୍ ଶ୍ରେଷ୍ଠ ପ୍ରେମିକ ପୁରୁଷ ସେ । ଏଇ ଦେଖେ କେତେକୀ ସେହି ପ୍ରେମିକ ପୁରୁଷ ଶାହଜାହାନଙ୍କ ଚିତ୍ର । କେତେକୀର ହାତ ଟାଣି ରଖିଲେ ଚିତ୍ର ଉପରେ । କ୍ରମଶଃ ଉତ୍ତେଜିତ ହୋଇପଡୁଥିଲେ ସେ । 'ଶୀତଳ ତୁଣ୍ଡି' ଆମ ସମାଜର ପରଂପରାରେ ନିଗଡବଦ୍ଧ ଯୌତୁକ ପ୍ରଥାର ଗୋଟିଏ ବାସ୍ତବ ଚିତ୍ର । ବାପ ଘରେ ଏତିକି, ଲଳିତା ଜୀବନର ଶେଷକଥା, ଶେଷ ପର୍ଯ୍ୟାୟ ..... ଆଉ ମଣିଷ ଜାତିର ଶ୍ରେଷ୍ଠ ସଭ୍ୟତା କୁସଂସ୍କାର ଯୌତୁକ ଦାବି ।

ମୋର ହୃଦବୋଧ ହେଉଛି ଗଳ୍ପ ଗୁଡ଼ିକ ମଣିଷ ଜୀବନର ସତ୍ୟ, ସ୍ୱପ୍ନ ଆଉ ସମ୍ଭାବନାକୁ ପାଠକ ମାନଙ୍କ ନିକଟରେ ଆଦୃତି ଲାଭ କରିବାରେ ସମର୍ଥ ହୋଇ ପାରିବ ।

(ଅନ୍ନଦା ପ୍ରସାଦ ରାୟ)

ପ୍ରାକ୍କଥନ

ସତ୍ୟ ପ୍ରକାଶ ସେଠୀଙ୍କ ଗଳ୍ପ ସଂକଳନରେ ଚଉଦଟି ଗଳ୍ପ ରହିଛି । ଏସବୁ ଗଳ୍ପ ପଢ଼ିବା ପରେ ମୋର ହୃଦ୍‌ବୋଧ ହୋଇଛି ଯେ କବିତା ଅପେକ୍ଷା ସେ ଗଳ୍ପ ଜଗତରେ ଅଧିକ ଖ୍ୟାତି ଅର୍ଜ୍ଜନ କରିବେ । ଗଳ୍ପ ବା ଉପନ୍ୟାସର କାନ୍‌ଭାସ୍ ଭିନ୍ନ ଭିନ୍ନ ହେଲେ ମଧ୍ୟ ସମାଜରେ ଘଟୁଥିବା ଘଟଣାବଳୀ, ମଣିଷର ସ୍ୱପ୍ନ, ସୁଖ, ଦୁଃଖ, ଆବେଗ, ଅଭିଜ୍ଞତା ଓ ଅନୁଭୂତିକୁ ଛାଡ଼ି କଥା ସାହିତ୍ୟ ତିଷ୍ଠିବା ସମ୍ଭବ ନୁହେଁ । ଲେଖକ ଯେ ତଳ ପାହାଚରେ ଥିବା ଲୋକମାନଙ୍କ ସଂଘର୍ଷ, ସୁଖ, ଦୁଃଖ ଏବଂ ଯନ୍ତ୍ରଣା ପ୍ରତି ଅଧିକ ସଚେତନ ତାହା ପ୍ରଥମ କେତୋଟି ଗଳ୍ପରୁ ସ୍ପଷ୍ଟ ବାରିହୋଇ ପଡ଼େ । ସବା ତଳ ଥାକ ଉପରେ ସବା ଉପର ଥାକରେ ଥିବା ଗୋଷ୍ଠୀର ଓଜନ ବେଶି ପଡ଼େ । ଉପରେ ଥିବା ଲୋକେ ମଉଜ ମଜଲିସ୍ କରିବାକୁ ଯାଇ ଧୀରେ ଧୀରେ ଶୋଷକ ପାଲଟି ଯାଆନ୍ତି ଏବଂ ତଳେ ଥିବା ମଣିଷମାନେ ଉପରର ବୋଝ ବୋହି ଚାଲିବାକୁ ସେମାନଙ୍କର ନିୟତି ବୋଲି ସବୁ କଷଣ ସହ୍ୟକରି ଯାଆନ୍ତି । ସମାଜର ଉତ୍ପାଦନ ପ୍ରକ୍ରିୟାରେ ଶ୍ରମିକମାନେ ହିଁ ଉତ୍ପାଦକ; ଆଦେଶ ଦେଉଥିବା ଲୋକ କେବଳ ପରିଚାଳକ । କିନ୍ତୁ ଏହି ପରିଚାଳକ ମାନେ ହିଁ ସବୁ ଲାଭ, ଶୁଭ, ଓ ପୁଞ୍ଜିର ଅଧିକାରୀ । ଉତ୍ପାଦନ କରୁଥିବା ଲୋକମାନେ ସଂଭ୍ରାନ୍ତ ମାନଙ୍କ ସବୁ ଉତ୍ପୀଡ଼ନ ସହ୍ୟ କରି ବଞ୍ଚିଥାଆନ୍ତି । ବିଶୁନି କିନ୍ତୁ ଗୋପୀନାଥ ମହାନ୍ତିଙ୍କ ଶୁକ୍ରଜାନୀ ବା ଭଗବତୀ ଚରଣ ପାଣୀଗ୍ରାହୀଙ୍କ 'ମୃଗୟା'ର ଘିନୁଆ ହୋଇ ପାରିଲାନାହିଁ; ବିଦ୍ରୋହ କରି ଶିଖିଲା ନାହିଁ; ବରଂ ମାଟିରେ ମିଶିଗଲା ।

ପ୍ରଥମ ତିନୋଟି ଗଳ୍ପରେ ଲେଖକ ପ୍ରମାଣ କରଦେଇଛନ୍ତି ଯେ ଗଳ୍ପ ଲେଖିବାର ଶୈଳୀ ତାଙ୍କର ନିଆରା । ସାଧାରଣ ଲୋକଙ୍କୁ ବାଦ ଦେଇ ଆମ କଥା ସାହିତ୍ୟରେ ମଧ୍ୟବିତ୍ତଙ୍କ ଅଧିକ ପ୍ରସାର ଘଟିଥିଲେ ହେଁ ଗରିବ ଲୋକଙ୍କର ସବୁକଥା ଏପର୍ଯ୍ୟନ୍ତ କୁହାଯାଇ ପାରିନାହିଁ । ମାର୍କ୍ସ ସେମାନଙ୍କୁ ବାଟ ଦେଖାଇଛନ୍ତି । ଉତ୍ପୀଡନ ସହି ନ ଯାଇ ବିଦ୍ରୋହ କରିବା ପାଇଁ ଗ୍ୟାରିବାଲ୍‌ଡି କହି ଯାଇଛନ୍ତି । କହିଯାଇଛନ୍ତି ଗାନ୍ଧି । ଲେଖକ ସବୁ ଦୁଃଖ ଓ କାତରତାକୁ ଭାଗ୍ୟ ଫଳ ଭାବି ଗ୍ରହଣ କରି ନ ନେଇ ନିର୍ଯ୍ୟାତିତ ମାନଙ୍କ ହାତରେ ସେଥିରୁ ନିଷ୍କୃତ ପାଇବାର ବାଟ ଜଣାଇ ଦେଇପାରିଥାନ୍ତେ; ତଥାପି ମୁଁ ଆଶା କରୁଛି ତାଙ୍କର କଲମ ମୁନରେ ଥିବା ସର୍ଜନାତ୍ମାକତାକୁ ସେ ଯଦି ସେଇ ନୁଖୁରା, ମଳି ମୁଣ୍ଡିଆ, ପଙ୍କୁଆ, ଅଖିଆଙ୍କୁ ବାଟ ଦେଖାଇବା ନିମନ୍ତେ ବ୍ୟବହାର କରନ୍ତି, ତେବେ "କିଛି କଥାରେ" ସେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିପାରିବେ ।

ଦାରିଦ୍ର୍ୟ, ଯୌତୁକ ସମସ୍ୟା, ଶୋଷଣ ଇତ୍ୟାଦି ସାମାଜିକ ବ୍ୟାଧି ଦୂର କରିବା ପାଇଁ ସାହିତ୍ୟକୁ ମାଧ୍ୟମ ଭାବେ ବ୍ୟବହାର କରିବାର ପ୍ରଚୁର ସୁଯୋଗ ଅଛି । "ଶୀତଳ ତୁଣ୍ଡୀର" ଆରମ୍ଭ ପରି ଶେଷ ହେଲାନାହିଁ । ଆମ ସ୍ୱୟଂ ସହାୟିକା ଗୋଷ୍ଠୀ" ଫିଚର ହୋଇ ରହିଗଲା, ଗଳ୍ପ ହେଲାନାହିଁ । "ଆଲୋକର ଅନ୍ତରାଳେ" ଚିରା ଚରିତ ପ୍ରେମ କାହାଣୀ । କିନ୍ତୁ "ବୋଉଲୋ ମୁଁ କାଗଜ ଖାଉଛି", "ମାଟି ମା', "ନାସ୍ତିବାଣୀ", "ଭୋଦେଇ ଖରା", ଅସ୍ତାଚଳର ସୂର୍ଯ୍ୟ" ପ୍ରଭୃତି ସଫଳ ଗଳ୍ପ ।

ସାହିତ୍ୟର ଭାଷା ଛାଡ଼ି ତୁଣ୍ଡର ଭାଷା ପ୍ରୟୋଗ କରିବା ଶୈଳୀ ଅଧିକ ଅଧିକ ଆଦୃତ ହେଉଛି ଗଳ୍ପ, ଉପନ୍ୟାସ କବିତା ଲେଖାରେ । ତୁଣ୍ଡର ଭାଷା ବ୍ୟବହାର କରି ଗଳ୍ପ ଲେଖିବାର ସାମର୍ଥ୍ୟ ଲେଖକ ଆୟତ୍ତ କରିନେଇଛନ୍ତି । ସେହି ଧାରା ବଜାୟ ରଖିବା ସହିତ ଗଳ୍ପର ଗଠନକୁ ଅଧିକ ସାନ୍ଦ୍ର କରିବା, ଗଳ୍ପ ମାଧ୍ୟମରେ ଗୋଟିଏ ବିଷୟ ଉତ୍ଥାପନ କଲାବେଳେ ସେଥିରେ ସବୁବେଳେ ନ ହେଲେ ମଧ୍ୟ ବେଳେବେଳେ ଗୋଟେ ବାଟ ଦେଖାଇବା ଲୋଡ଼ା ହୁଏ । ସେହିପରି ଅନୁଭୂତି ଅନ୍ତରଙ୍ଗ ଓ ମାର୍ମିକ ହେଲେ ଏବଂ ବିଷୟ ବସ୍ତୁ ଅଧିକ ଜୀବନ ଧର୍ମୀ ହେଲେ ପାଠକ ଅନୁଭବ କରିବ ଯେ ତାହାରି ଅନ୍ତରଙ୍ଗ ଅନୁଭବ ହିଁ ଗଳ୍ପରେ ପ୍ରକାଶ ପାଇଛି । ଏପରି ଦୃଷ୍ଟାନ୍ତ ପ୍ରଥମ କେତୋଟି ଗଳ୍ପରେ ଅଛି ।

କବିତା ଓ ପ୍ରବନ୍ଧ ଠାରୁ ଗଳ୍ପରେ ଯେ ଲେଖକ ଅଧିକ ଅନୁଭବ ଓ ଅଭିଜ୍ଞତା ଦେଖାଇଛନ୍ତି ତାହା କହିବା ଉଚିତ ହେବ । ସେହିପରି ଠାଏ ଠାଏ ତାଙ୍କ ବର୍ଣ୍ଣନା ଶୈଳୀ ଅଧିକ ପ୍ରାଞ୍ଜଳ ଓ ଶକ୍ତିଶାଳୀ । "ମାଟି ମା' ରେ ସେ ଲେଖିଛନ୍ତି "ସେହି ବାଲିଆ

ରାସ୍ତାଟା ଉପରେ ଓହଳି ଓହଳି ଚାଲିଛି ବିଶୁ କାଳିଆ ବିଲିବିଲି ଦେହ, ପାଉଁଶିଆ ଚର୍ମ, ଜଟାଳିଆ ମୁଣ୍ଡ, ଲମ୍ବା ଲମ୍ବା ଦାଢ଼ି । ଫାଙ୍ଗୁଲା ଛାତି, ଓ ସେଇଁକା ହାତ ତଳେ ଚିରା ଝୁଲିଟିଏ ଯାହା ତାହାର ସମ୍ବଳ, ଏଇପରି ଅନେକ ଯାଗାରେ ଗାଁ ମଣିଷ ତୁଣ୍ଡର ରସାଳ ବର୍ଣ୍ଣନା ରହିଛି । ଆଉ କେତେକ ଜାଗାରେ ମଧ୍ୟ ବର୍ଣ୍ଣନା ଶୈଳୀ ଚମତ୍କାର ।

ସତ୍ୟ ପ୍ରକାଶ ସେଠୀ ନୂତନ ଗାଳ୍ପିକ । ତାଙ୍କର ରଚନା ଶୈଳୀରେ ପ୍ରତିଶ୍ରୁତି ଥିବା ମୁଁ ଲକ୍ଷ୍ୟ କରିଛି । ତାଙ୍କୁ ଆଶୀର୍ବାଦ କରିବା ସହିତ ସେ ମଣିଷର, ସମାଜର ଓ ଜୀବନର ସମସ୍ୟାକୁ ସତ୍ୟ ନିଷ୍ଠ ଭାବେ ନିରୀକ୍ଷଣ କରନ୍ତୁ ଓ ଅନୁଭବ କରନ୍ତୁ--ଏହା ଆଶା କରିବା ସହିତ ଗଳ୍ପରେ ତାହା ସାବଲୀଳ ଭାବେ ପ୍ରକାଶ ପାଉ ଏୟା ଆଶା କରିବି ।

ଷ୍ଟେସନ ସ୍କୋୟାର — ଶୁଭ କାମନା କରୁଛି

ଭୁବନେଶ୍ୱର

ତା- ୫.୦୧.୦୮

(ସାତକଡ଼ି ହୋତା)

ସଭାପତି, ଲେଖକ ସାମୁଖ୍ୟ, ଓଡ଼ିଶା

କିଛି କଥା

ପ୍ରବନ୍ଧ ଓ କବିତା ଭଳି ଗଳ୍ପରେ ଲେଖକ ନିଜକୁ ନିଜେ ଖୋଜି ଆବିଷ୍କାର କରିପାରେ ନାହିଁ । କାରଣ ଏଠି ତାର ସ୍ୱଚ୍ଛନ୍ଦ ବିହାରରେ ବାଧା ଉପୁଜେ । ଚରିତ୍ର ମାଧ୍ୟମରେ ନିଜ ହୃଦୟର ସବୁତକ ଭାଷା ସ୍ପଷ୍ଟ ଓ ତୀର୍ଯ୍ୟକ ଭାବେ କେବେ ବି ଅଭିବ୍ୟକ୍ତି

ଲାଭ କରିପାରେ ନାହିଁ । ଯେହେତୁ ଚରିତ୍ର ମୁହଁରେ ସବୁତକ ନିଜ କଥା କହିବା ବା କୁହାଇବା ଆଦୌ ସମ୍ଭବପର ନୁହେଁ; ସେହି ହେତୁ ଲେଖକ ଚରିତ୍ରର ଭାଷାରେ ଭାଷ୍ୟକାର ପାଲଟିଯାଏ । ତଥାପି ବି ସବୁକିଛି ବ୍ୟକ୍ତ ହୋଇପାରେ ନାହିଁ । ସେଥିପାଇଁ ଗଳ୍ପଟିଏ ଲେଖିସାରିବା ପରେ ଆହୁରି ଅନେକ ଅସନ୍ତୋଷ ଅଶାନ୍ତି ମନରେ ରହିଯାଏ । ଅଥଚ ଏ ସବୁ ସତ୍ତ୍ୱେ ଲେଖକଙ୍କର ଆଭିମୁଖ୍ୟ କେମିତି ଗୋଟାଏ ସହଜେ ବାରି ହୋଇପଡ଼େ, ସେହି ପ୍ରୟାସରେ ଏହି ସମାଜର ଅପେକ୍ଷାକୃତ ଅବହେଳିତ, ଅନୁନ୍ନତ, ନିମ୍ନ ଓ ଦୁର୍ବଳ ଶ୍ରେଣୀର ଚରିତ୍ର ଗୁଡ଼ିକ ପ୍ରତି ସମବେଦନା ପ୍ରକଟ କରିବା ବା ସମ୍ବେଦନଶୀଳ ହୋଇପଡ଼ିବା ବୋଧହୁଏ ମୋର ଐକାନ୍ତିକ ଇଚ୍ଛା । ଯେଉଁଥିପାଇଁ ଚିରାଚରିତ ପ୍ରେମ ପ୍ରଣୟ ଓ ସୁଖଦ ଅନୁଭବ ବା ଅନୁଭୂତି ଭିତରେ ବୁଡ଼ି ନ ରହି ଏକ ଭିନ୍ନ ଅଥଚ ପରିବର୍ତ୍ତନଶୀଳ ସମାଜ ପାଇଁ ସାଙ୍କେତିକ ହୋଇ ପଡିବା ମୋ ଗଳ୍ପର ବୈଲକ୍ଷଣ । ଆଶା ମୋର ପ୍ରିୟ ପାଠକ ପାଠିକା ଏଗୁଡ଼ିକ ପ୍ରତି ନିଜର ରୁଚି ରଖିବେ ତଥା ଗଳ୍ପ ଗୁଡ଼ିକ ପ୍ରସାରଲାଭ କରିବା ଦିଗରେ ସହାୟତା କରିବେ ।

କଥାକାର

## ବୋଉଲୋ! ମୁଁ କାଗଜ ଖାଉଛି

ବୋଉଲୋ !

ଭାରି ଭୋକ । ମୁଁ ଏବେ କାଗଜ ଖାଉଛି । କିଛି ଉପାୟ ନ ପାଇ ତୋ ପାଖକୁ ଚିଠି ଲେଖୁଛି । ମୋ ରାଣ ! ଚିଠି ପଢ଼ି କେବେ ବି କାନ୍ଦିବୁ ନାହିଁ । ହେଲେ ମୋ କଥା ଯେତେବେଳେ ମନେ ପଡ଼ିବ, ଚିଠି ଖଣ୍ଡିକ ଖୋଲି ପଢ଼ି ନେବୁ ।

କ'ଣ କରିବି ? ଖାଇବାକୁ କିଛି ନାହିଁ । ସବୁ ସରିଗଲାଣି ।ଟିଫିନ୍ ବକ୍ସରୁ ଟିଫିନ୍ ତ ସବୁ ଚାଟିକି ସଫା କରି ଦେଇଛି । ପାଣି ବୋତଲରୁ ପାଣି ବି କେତେବେଳୁ ସରିଗଲାଣି । ଏବେ କ'ଣ ଖାଇବି, କେମିତି ବଞ୍ଚିବି କିଛି ଜାଣି ପାରୁନାହିଁ ।

ଆଉ ଭୋକ ସମ୍ଭାଳି ହେଉନାହିଁ ଲୋ ବୋଉ । ଦେହ କ'ଣ ହୋଇଯାଉଛି । ଛାତି, ମୁଣ୍ଡ ବିନ୍ଧି ଉଠୁଛି । ପେଟ କାମୁଡ଼ି ଧରୁଛି । ଚାଲିବାକୁ ଶକ୍ତି ପାଉ ନାହିଁ । ଭାରି ଦୁର୍ବଳ ଲାଗୁଛି । ଗୋଡ଼ ହାତ ଥରି ଉଠୁଛି । ହାତରୁ କଲମ ଖସି ପଡୁଛି । ଅକ୍ଷର ଗୁଡ଼ାକ ଅଙ୍କା ବଙ୍କା ହୋଇ ଯାଉଛି । ଆଦୌ ବଳ ପାଉ ନାହିଁ ;ସତରେ ମୁଁ କଣ ଆଉ ବଞ୍ଚିବି ନାହିଁ ବୋଉ?

ଏବେ ତାତିରେ ଦେହ ଖଇ ଫୁଟୁଛି । ଭୀଷଣ ଜ୍ୱର । ପାଟି ଶୁଖି ଅଠା ଅଠା ହୋଇଯାଉଛି, ଉଃ.....ଆଃ ଭାରି କଷ୍ଟ । ଭୀଷଣ ଶୋଷ । ଟୋପେ ପାଣି ଦେଲୋ ବୋଉ! ନ ହେଲେ ଜୀବନ କେତେବେଳେ ଚାଲିଯିବ । ତୁ ଖାଲି ଝୁରି ହେଉଥିବୁ ସିନା ହେଲେ ତୋ ଟୁବୁଲାକୁ ଆଉ କେବେ ବି ପାଇବୁ ନାହିଁ ।

ତୁ ଏଡ଼େ ନିର୍ଦ୍ଦୟୀ ହଅନା ବୋଉ । ମୋ ଜ୍ୱର ସମୟରେ ମୋ ମୁଣ୍ଡ ପାଖରେ ବସି ମୋ ମୁଣ୍ଡ ଚିପି ଦବୁ ନାହିଁ ତ ଆଉ କିଏ ଚିପି ଦବେ, କହିଲୁ ? ବାପା ତ ସବୁ ବେଳେ ଅଫିସ୍ କାମରେ ବ୍ୟସ୍ତ । ରାତି ଅଧକୁ ଘରକୁ ଫେରିବେ । ଛୁଟି ଦିନରେ ସାଙ୍ଗ ସାଥି ସହ ଟୁପୁରୁ-ଟାପୁରୁ ହଉ ହଉ ବେଳେ ଉଛର ହୋଇ ଯାଇଥିବ । ଏତବେଳେ କିଏ ମଲେ ବା ଗଲେ ତାଙ୍କର ଯାଏ ଆସେ କେତେ ? ବଟିକାଟିଏ ଆଣି ଦବୋକୁ ତାଙ୍କୁ ତର ହବେ ନାହିଁ । ଅପାଟା ବି ସେଇମିତିକା । ତା ପଢ଼ା ଭଲ ତ ସିଏ ଭଲ । ଅହରହ ପଢ଼ା ଟେବୁଲ୍ ପାଖରେ ବସିଥିବ ଯେ ବସିଥିବ । ସେଠୁ ଜମା ହୁଙ୍କିବ ନାହିଁ କି ହଲିବ ନାହିଁ । ମୋ କଥା ତୋ ଛଡ଼ା ଆଉ କିଏ ବୁଝିବ, କହିଲୁ!

ମୁଁ ଏତେ ବଡ଼ ପାଟିରେ ତିନି ଦିନ ହେଲା ଚିଲଉଛି । ସାର୍ଙ୍କୁ. ବାପାଙ୍କୁ, ତୋତେ, ଅପାକୁ-- ସମସ୍ତଙ୍କୁ ଡ଼ାକୁଛି । କହେ ହେଲେ ଶୁଣନ୍ତ? ଆଉ ସେତ କଥା ତ! ତୁମେ କେମିତି ବା ଶୁଣିବ ? ସ୍କୁଲ୍ ଘରଟାର ତ କବାଟ ଝରକା ସବୁ ବନ୍ଦ । ବଡ଼ ବାଉଣ୍ଡରୀ ସାଙ୍ଗକୁ ଉଚ୍ଚା ଦିୱାଲ । ଗେଟ୍‌ଟା ବି ବନ୍ଦ ଥିବ । ମୋ ଡ଼ାକ କ'ଣ ତୁମ ନିକଟରେ ପହଞ୍ଚୁଥିବ ? ଦଶାଦିଆ ସ୍କୁଲ୍‌ଟାକୁ ନିଛାଟିଆ ଜାଗାରେ କିଏ ସେ ଗୋଟାଏ ବସେଇଛି କେଜାଣି ? ସ୍କୁଲ୍ ଛୁଟି ପରେ ଅଣ୍ଡିଆ କୁଆ ବି ଏଠାକୁ ଆସିବ ନାହିଁ । ତା'ର କ'ଣ ବୁଦ୍ଧି ଅକଲ କିଛି ନାହିଁ ? ଛୁଆ ପିଲା ବେଳେ କାଳେ ଏମିତି ହଇରାଣ ହରକତ ହୋଇ ପାରନ୍ତି --ସିଏ କେମିତି ଏକଥା ଚିନ୍ତି ପାରିଲା ନାହିଁ; କେଜାଣି ? ହେଉ, ଯାହା ହବା କଥା ତ ହେଲାଣି । ଭାଗ୍ୟରେ ଯୋହା ଅଛି ସେୟା ହବେ । ହେଲେ ମୁଁ ଏଥର କ'ଣ କରିବି, କହନି !

ମୋ କଥା ତ କହେ ଶୁଣି ପାରୁ ନାହଁ । ଡ଼ାକି ଡ଼ାକି ଗଳା ଫାଟି ଗଲାଣି । ପାଣି ଟୋପାଏ ନାହିଁ । ତଣ୍ଟି ଶୁଖି ଗଲାଣି, ଏଣିକି ଆଉ ଜୀଇ ରହିବା ସମ୍ଭବପର ନୁହେଁ । ବୋଉ! ତୁ ତ ଜାଣିଥିଲୁ ମୋତେ ଜ୍ୱର ହେଇଥିଲା ବୋଲି; ହେଲେ ବାପାଙ୍କୁ ଡ଼ରି ମୋତେ କେମିତି ସ୍କୁଲ୍ ପଠାଇ ଦେଲୁ କହତ ? ଖାଲି ତୋ କଥା ଅମାନ୍ୟ କରିବି ନାହିଁ ବୋଲି ସ୍କୁଲ୍‌କୁ ଆସିଲି । ନଚେତ୍ ସ୍କୁଲ୍‌କୁ ଆସିବାକୁ ଆଦୌ ଇଚ୍ଛା ନ ଥିଲା ଲୋ ବୋଉ, ଆସିଲା ବେଳେ ତୁ ସିନା ବାଧ୍ୟ କରି ଖୁଆଉ ଥିଲୁ, ହେଲେ ମୋତେ ତ ଜ୍ୱର, ସେଥିପାଇଁ ଅରୁଚି ଲାଗୁଥାଏ । ଖାଲି ଅଇ ଉଠୁଥାଏ । କେମିତି ଖାଇଥାନ୍ତି କହିଲୁ ?

ଖାଲି ପଟେରେ ସ୍କୁଲ୍‌କୁ ପଳାଇ ଆସିଲି ସିନା, ହେଲେ ଏଠି ପାଠ ପଢ଼ାରେ ଆଦୌ ମନ ଲାଗୁ ନଥାଏ । ମୁଣ୍ଡଟା ଘୂରାଇ ଦେଲା ଯେ ଡ଼େକ୍‌ସ ଉପରେ ମୁଣ୍ଡ ରଖି ଢ଼ୋଳାଇ ପଡ଼ିଲି । କେତେବେଳେ ନିଦଟା ଯେ ଘୋଟି ଯାଇଛି ମୁଁ ମୋଟେ ଜାଣି ନାହିଁ । ଉଠିଲା ବେଳକୁ ଚାରିଆଡ଼େ ଶୂନ୍-ଶାନ୍, ଖାଲି ଅନ୍ଧକାର । କବାଟ, ଝରକା ବାଡ଼େଇଲି । କହେ ଶୁଣିଲେ ନାହିଁ । ଅନ୍ଧାର ଭିତରେ ସବୁ ଭୂତ ପ୍ରେତେ କଥା ମନେ ପଡ଼ି ଯାଉଥାଏ । ରୁମ ମୂଳୀ ଟାଙ୍କୁରୀ ଉଠୁଥାଏ । କିଛି ଗୋଟାଏ ଶବ୍ଦ ହେଲେ ହୋଉଲି ଖାଇ ଉଠି ତୋ କଥା ମନେ ପକାଉଥାଏ । ହେଲେ ଏଠି କିଏ ଅଛି ଯେ ମୋତେ ଆହା ପଦେ କହିବ; କୋଳକୁ ଟାଣି ନେଇ ବୋକ ଦବେ, ପଣତ କାନି ଘୋଡ଼ାଇ ଢ଼ାଙ୍କି ରଖିବ?

ଜାକି ଜୁକି ହୋଇ ଗୋଟିଏ କଣରେ ମୁଁ ଆଖି ନିବୁଜ କରି ବସି ପଡ଼େ । ଆଖି ଖୋଲିଲେ ଖାଲି ଡ଼ର । ସାଇଁ ସାଇଁ ନିଶା ଗର୍ଜନ । ଭୟଙ୍କର ଅନ୍ଧାର । ଅବଶ୍ୟ ଏ ଅନ୍ଧକାରଟା ଏବେ ମୋର ଦେହସୁହା ହୋଇ ଗଲାଣି । ତଥାପି ଭୟ ମୋ ପିଛା ଛାଡୁନାହିଁ । ବଡ଼ ଦୁର୍ଦ୍ଦାନ୍ତ, ଦୁର୍ଦ୍ଦଷ--ଏ । ଆଜକୁ ତିନି ଦିନ ବିତିଗଲାଣି । ପ୍ରତିଦିନ ସେହିପରି ଅପେକ୍ଷା କରି ରହେ, କାଲି କହେ ଆସିଲେ ସ୍କୁଲ୍ ଖୋଲିବ । ମୋତେ ତାଲା ଫିଟାଇ ସ୍କୁଲ୍ ରୁମ୍‌ରୁ ଉଦ୍ଧାର କରିବ । ସେତେବେଳେ ମୁଁ ଦମେ କାନ୍ଦିବି । ବାପା, ବୋଉ-ସାର୍ଙ୍କ ଉପରେ ଅଭିମାନ କରି ନାକ ଫଟାଇବି । ଯା' ପାରି ତା' ପାଇବି ଆଗ ଖାଇଯିବି ।

ହେଲେ ଏବେ ମନେ ପଡ଼ିଗଲା ସାର୍ ସମର ଭକେସେନ୍ ହବେ ବୋଲି କହୁଥିଲେ । ସ୍କୁଲ୍ କୁଆଡେ ଏବେ ଦେଢ଼େ ମାସ ଛୁଟି ରହିବ । ଆମ ସ୍କୁଲ୍ ପିଅନ ରବି ଭାଇ ସେଥିପାଇଁ ବୋଧହୁଏ ଆଚ୍ଛା କରି କବାଟ ଝରକା ସବୁ ବନ୍ଦ କରି ତାଲା ପକାଇ ଦେଇଥିବ । ଆଉ

ସ୍କୁଲ୍‌କୁ କିଏ ଆସିବ ଯେ ମୋତେ ଦେଖିବ ? ମୁଁ ଯେ ସେଦିନ କ୍ଲାସ୍ ରୁମ୍‌ରେ ସମସ୍ତଙ୍କ ଅଲକ୍ଷ୍ୟରେ ଶୋଇ ପଡ଼ିଥିଲି ବୋଧହୁଏ ମୋତେ କେହି ଦେଖି ନାହିଁ । ମୋ ସାଙ୍ଗ ଟୁନା ବି ମୋତେ କେମିତି ଡ଼ାକିଲା ନାହିଁ କେଜାଣି? ସ୍କୁଲ୍ ଦୀର୍ଘ ଦିନ ଛୁଟି ହେବା କଥା ଜାଣି ସିଏ ବି ଡ଼ରେଇଁ ଡ଼ରେଇଁ ନିଶ୍ଚୟ ରୁମ୍‌ରୁ ବାହାରି ଚାଲି ଯାଇଥିବ ।

ଛୁଟିରେ ସମସ୍ତେ ଭାରି ମଜା କରୁଥିବେ ନା ? ମାମୁ ଘର ଦାଦା ଘରକୁ ବୁଲି ବାହାରିଥିବେ । କେହି କେହି ନା ନିଜ ଗାଁ ଅବା ଦର୍ଶନୀୟ ସ୍ଥାନ ନିଶ୍ଚୟ ବୁଲି ଯାଇଥିବେ । ଛୁଟି ପରେ ସ୍କୁଲ୍‌ରେ ଯେତେବେଳେ ସମସ୍ତେ ଏକାଠି ହେବେ କେତେ ଖୁସି ଗପ କରିବେ । ନିଜ ନିଜ ଅନୁଭୂତି ସବୁ ବଖାଣି ବସିବେ । ହସା-ହସି ହୋଇ ଖାଲି କମ୍ପାଇବେ । ସ୍କୁଲ୍ ଖୋଲିଲେ ସେତରେ ଭାରି ମଜା ହେବ ।

ବୋଉ ! ଆମେ ପରା ଏଥର ଦାର୍ଜିଲିଂ ଯିବା ? ସେଦିନ ତୁ ବାପାଙ୍କୁ କହୁ ନ ଥିଲୁ ନା, ଆମେ ଏଥର ଦାର୍ଜିଲିଂ ଯିବା, ବଡ଼ ମାମୁ କୁଆଡ଼େ ଫୋନ କରିଥିଲେ ବୋଲି । ହେଲେ ମୁଁ କେମିତି ଯିବି ? ମୁଁ ତ ସ୍କୁଲ୍ ଘର ଭିତରେ ବନ୍ଦୀ ହୋଇ ରହିଛି, ନା ତୁମେ କେହି ମୋତେ ଦେଖି ପାରୁଛ; ନା କେହି ଶୁଣି ପାରୁଛ । ମୁଁ ବି କାହାକୁ ତ ଦେଖି ପାରୁ ନାହିଁ କି ଶୁଣିପାରୁ ନାହିଁ । ତା ହେଲେ ଏବେ କ'ଣ କରିବି ? ଏଠୁ କେମିତି ମୁକୁଳିବି? ହେ ଭଗବାନ ! ସେ ଉପାୟଟା ମୋତେ କହି ଦିଅନ୍ତ ନି ? ଧେତ୍ ଏ ଭଗବାନଟା ବି ସେୟା । ସିଏ ବି ମୋ କଥା ଶୁଣୁ ନାହିଁ । ଭାରି କାଲ । ତୁଚ୍ଛାଟାରେ ତୁ କାହିଁକି ନିତି ଦୁଧ କଦଳୀ ପଣା ଢ଼ାଳୁଛୁ କେଜାଣି ?

ହେଲେ ବୋଉ ! ତୁ କ'ଣ ମୋତେ ମନେ ପକାଉ ନାହୁଁ ? ବାପା କ'ଣ ମୋତେ ଖୋଜୁ ନାହାଁନ୍ତି ? ନ ଖୋଜନ୍ତୁ କେହି । ମୁଁ ତୁମକୁ ବହୁତ ହଇରାଣ କରୁଥିଲି ନା ? ଖାଇବା ପାଇଁ ଅଝଟ; ଶୋଇବା ପାଇଁ ଅଝଟ; ପଢ଼ିବା ପାଇଁ ଅଝଟ । ଦିନଟା ସାରା ଖାଲି ତୋରି ପଛରେ ଲାଗିଥାଏ । ତୁ ଚିଡ଼ିକି ନାଚି ଉଠୁଥାଉ । ନା ଲୋ ବୋଉ! ତୁ ଆଉ ଚିଡ଼୍ ନା । ମୁଁ ତ ଆଉ ଏଠୁ ଉଦ୍ଧୁରି ପାରିବି ନାହିଁ । ତୁ କାହିଁକି ମୋ ଉପରେ ଚିଡ଼ିବୁ ? ଅପାକୁ କହିବୁ ! ମୁଁ ଆଉ ତାକୁ ଥଟ୍ଟା କରିବି ନାହିଁ କି ଖାଇବା ପାଇଁ କଳି କରିବି ନାହିଁ । ଏକା ଏକା ସେ ତା'ର ସବୁ ଖାଉ । ତୁ ତା' ଉପରେ ଆଉ ଜମାରୁ ରାଗିବୁ ନାହିଁ, ସ୍କୁଲ୍ ଖୋଲିଲା ବେଳକୁ ମୁଁ ତ ମରିକି ପଡ଼ିଥିବି । ମୋର ମାଂସ ଜନ୍ଦା, ପିମ୍ପୁଡ଼ି ସବୁ ଖାଇ ଯାଇଥିବେ । ଖାଲି ହାଡ଼ ଗଦାଏ ଯାହା ପଡ଼ିଥିବ । ଯେମିତି ଆମ ଲାଇବ୍ରେରୀରେ କଙ୍କାଳ ସବୁ ଗଦା ହୋଇଛି । ବଡ଼ ଭାଇମାନେ କ'ଣ ସେଠେ ପରୀକ୍ଷା ନିରୀକ୍ଷା ସବୁ କରନ୍ତି ।

ବୋଉ! ତୁ କ'ଣ ଭାବୁଛୁ ମୋତେ କିଏ କିଡ଼ାନପ୍ କରି ନେଇ ଯାଇଛି ନା ମୁଁ କୁଆଡ଼େ ରାଗି କି ପଳାଇଛି ? ମୁଁ କାହିଁକି କୁଆଡ଼େ ରାଗିକି ଯିବି ? ତୋ ସ୍ନେହବୋଳା କଥାରେ ତ ମୋ ମନ ବହଲି ଯାଏ, ତୁ ତ ଏକଥା ଭଲକି ଜାଣିଛୁ । ତା ହେଲେ ମୋତେ କିଏ କିଡ଼ନାପ୍ କରି ନେଇଥିବା କଥା ନିଶ୍ଚୟ ତୁ ଭାବୁଥିବୁ । ସେଥିପାଇଁ ବାପାଙ୍କୁ ପଠାଇ ଚାରିଆଡ଼େ ଖୋଜା ଖୋଜି କରୁଥିବୁ । ପୋଲିସ୍ ଷ୍ଟେସନ୍ ଯାଇ ଏତଲା କରିଥିବୁ । ରେଡ଼ିଓ, ଟି.ଭି ରେ ନିରୁଦ୍ଦିଷ୍ଟ ଲୋକଙ୍କ ତାଲିକାରେ ମୋ ନାମ ପ୍ରକାଶ ପାଇଥିବ । ସମସ୍ତେ ତତ୍ପର ହୋଇ ଉଠିଥିବେ । ହେଲେ ତୁ ବାପାଙ୍କୁ ସ୍କୁଲ ପଠାଇ ମୋତେ ଖୋଜିଲୁ ନାହିଁ ? କିନ୍ତୁ ସ୍କୁଲ୍ ଭିତରେ ମୁଁ ଯେ ରହି ଯାଇଥିବି ଏକଥା ତୁ ବା କେମିତି ଜାଣିବୁ ? ଏ କଥାଟା ତୋ ମୁଣ୍ଡକୁ ନିଶ୍ଚୟ ଢୁକି ନଥିବ । ମୋ କଥା ମନେ ପକାଇ ତୁ କାନ୍ଦୁଛୁ କି ଲୋ ବୋଉ ? ନାଲୋ ବୋଉ ! ତୁ କାନ୍ଦିବୁ ନାହିଁ । ମୁଁ ସହି ପାରିବି ନାହିଁ । ମୋର କୋହ ଉଠେଇବ । ମୋ ନିଃଶ୍ୱାସ ରୁଦ୍ଧ ହୋଇଯିବ । ତୁ କାହିଁକି ଏତେ ଚିନ୍ତା କରୁଛୁ ? ଅପା ତ ତୋ ପାଖରେ ଅଛି । ସେ ଗେହ୍ଲେଇଟା ଭାରି ଭଲ ।

ଆଉ ବୋଉ ଲେଖି ପାରିବି ନାହିଁଲୋ ! ହାତ ଗୋଡ଼ ଚଳୁ ନାହିଁ । କେମିତି ସବୁ ଅବଶ ହୋଇ ଗଲାଣି । ପୁଣି ଭାରି ଭୋକ । ସହି ହେଉ ନାହିଁ । ଇଚ୍ଛା ହେଉଛି ମାଟି ପଥର ଗୋଡ଼ି ଯାହା ପାଇବି ସବୁ ଖାଇଯିବି । ଏଥର ଏଇ କାଗଜ ଗୁଡ଼ାକ ଖାଉଛି । ଆଉ କିଛି

ନାହିଁ, କ'ଣ ଖାଇବି ତୁ କହୁନୁ ?  ହଲେ ପାଣି ?? ପାଣି କାହିଁ ? ତଣ୍ଟି କ'ଣ ହୋଇ ଯାଉଛି  । ଓଃ.... ପଟେ ....... ମୋ ମୁଣ୍ଡ...... ମୋ ଛାତି ........... ଏଥର ମଲି  । ବୋଉ....... ଉ ....... ଉ...........  ।

## ମାଟି ମା

କଉଁ ପ୍ରହରରୁ ତରାସିଆ ଖରାଟା ଡ଼ଇଁ ଡ଼ଇଁ ବୁଲିଲାଣି  । ଗାଁ ତଳକୁ ଗହୀର ଜମିରେ ଘୋଡ଼ା ମୁହାଁ ଧାନ ଗୁଡ଼ାକ ସାଇଁ ସାଇଁ ହୋଇ କ'ଣ ଗୁଡ଼ାଏ ବକି ଯାଉଥିଲେ କେଜାଣି ଖାଲି ମୁଣ୍ଡ ହଲାଇବାଟା ଜଣାପଡୁଥିଲା  । ଜଣାପଡୁଥିଲା ସତକେ ସମୋନଙ୍କର ଏ ତରାସିଆ ଖରାଟା ଉପରେ ଶରଧା ନାହିଁ ଆଉ ସେଇଥି ପାଇଁ ତାକୁ ମୁଣ୍ଡ ହଲାଇ ଆସିବା ପାଇଁ ମନା କରୁଥିଲେ  । ଖୁବ୍ ଦୂରକୁ ଲକ୍ଷ୍ୟକଲେ ସେଇଠି ଆକାଶଟା ତଳେ ମିଶି ଯାଇଛି  । ଦିଗ୍ବଳୟ ମଲିଛି ଗୋଟାଏ ରୂପା ଚାନ୍ଦୁଆ  । ତା'ରି ପଛକୁ କ'ଣ ଯେ ଅଛି ତାହା କହେ କେବେ କେହି ପାରିନାହିଁ, କହେ ବି ଦେଖେନି  । କିନ୍ତୁ ତା' ପାଖକୁ ଗଲେ ସେ ମଧ୍ୟ ଆଗକୁ ଆଗକୁ ଚାଲିଯାଏ । ଖାଲି ନିରସିଆ ଏ ପୃଥିବୀଟା  । ସବୁ ଗୁଡ଼ାକ ଦୂରରେ । ହାତ ପାହାନ୍ତାରେ କିଛି ନାହିଁ  । ଯେଉଁଠିକି ଚାହିଁବ ଖାଲି ଶୂନ୍ୟ, ମହାଶୂନ୍ୟ ତଥାପି କେଉଁଠି କିଛି ଯଦି ଥାଏ ସେଗୁଡ଼ାକ ସବୁ ବିଭତ୍ସ  । ସତକେ ସେଇଠି ଆଦିମାନବର ପ୍ରେତାତ୍ମା ଘୁରି ବୁଲୁଛି  । ଏହି ମଣିଷ ସମାଜଟାକୁ  ଏକା ଢ଼ୋକରେ ନିଃଶେଷ କରି ଦେବାକୁ । କିନ୍ତୁ ପାରିବତ ? ଏଇ ଅଣୁ ଅସ୍ତ୍ର ଗୁଡ଼ାକ ତା ପେଟରେ ହଜମ ହେବେ ତ ? ନା- ଟ୍ୟାଙ୍କ୍, ମିଜାଇଲ୍ ଗୁଡ଼ାକ ନିଶ୍ଚୟ ତା' ପେଟକୁ ଫଟାଇ ଦେବେ  । ହୁଏତ ସେ ବାଟ ଦେଇ ଉଡ଼ାଜାହାଜ ଏବଂ ରକେଟ ଗୁଡ଼ା ପଳାଇ ଆସିବେ  । ତେବେ ତ ଅବସ୍ଥା ପୁଣି ଅସମ୍ଭାଳ ହୋଇ ପଡ଼ିବ  । ଅବଶ୍ୟ ଜର୍ମାନୀ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଅକ୍ଷମ ହୋଇପଡ଼ିଛି  । ତାହା ବୋଲି କ'ଣ ଚାଇନା ଅକ୍ଷମ ନା, ଋଷ୍ ଆମେରିକା ଅକ୍ଷମ? କିଏ କହିବ ଅକ୍ଷମ ବୋଲି-- ବେଶ୍ କ୍ଷମ  । ଯଦି ତୃତୀୟ ବିଶ୍ୱ ଯୁଦ୍ଧଟା ହୋଇ ଯାଆନ୍ତା ତେବେ କି ମଜା ? ଗୁଡ଼ାଏ ଲୋକ ତ ସର୍ବହରା ହେବେ ନିଶ୍ଚୟ  । ଥୋକେ ଖେଣ୍ଡିଆ ଖାବରା ହେବେ  । ଥୋକେ ମରି ହଜି ଯିବେ -ସେଟା ସୁନିଶ୍ଚିତ । କିନ୍ତୁ .................. ଥୋକେ ଟଙ୍କା ପଇସା ସୀମାନ୍ତରେ ଜଳି ପୋଡି ପାଉଁଷ ହେଲେ ମଧ୍ୟ ଏ ସମାଜରେ ଥୋକେ ତ ଧନୀ ବୋଲି ବି ଆଖ୍ୟାୟିତ ହେବେ  । ସେଇମାନେ ନେବେ ଗରିବ ସମାଜର ନିଷ୍ପେଷଣ ଏବଂ ଶୋଷଣ ଦାୟିତ୍ୱ । ଅବଶ୍ୟ ସେତେବେଳେ ପାଉଁଶ ଗଦାରୁ ଉଠି ଆସିଥିବା ଦରପୋଡ଼ା କଙ୍କାଳ ସମାଜର ଅଧିପତିମାନେ ସମୋନଙ୍କୁ ଏ କାର୍ଯ୍ୟରେ ସାହାଯ୍ୟ କରିବେ  । କାରଣ ସମୋନେ ମଧ୍ୟ ଚାହୁଁଥିବେ ଗୁଳିମାଡ଼ରେ ଖସି ପଡ଼ିଥିବା ରାଜଧାନୀ ଘର କିପରି ଗଢ଼ିଉଠିବ । ବିଚରଣ କରିବା ନିମିତ୍ତ ବଡ଼ ବଡ଼ ବଗିଚାମାନ ତିଆରି କରାଯାଇ ସେଗୁଡ଼ିକରେ ଫୁଲ ତରାଖୋସା ହେବେ  । କିମ୍ବା କିପରି ବନ୍ଦ ହୋଇଯାଇଥିବା ବଡ଼ ବଡ଼ କଳ କାରଖାନା ଗୁଡ଼ିକ ଫସ୍ ଫାସ୍ ଧୂଆଁ ଛାଡ଼ିବେ  । ବାସ୍ତବିକ କେଡ଼େ ମଜାଟାଏ ନ ହେବେ ସତେ ? ବହୁତ ଗୁଡ଼ାଏ ଜିନିଷ ପୋଡ଼ି ଯାଇଥିଲେ ମଧ୍ୟ ଦୁନିଆର ସବୁ କିଛି ତ କଳା ହୋଇ ଯାଇନଥିବ  । କିଛି ବି ଏ ତରାସିଆ ଖରାରେ ଚିକ୍ ଚିକ୍ ଦେଖାଯାଉଥିବ  । ଆଉ ଦାଣ୍ଡରେ ଯେତେବେଳେ କଙ୍କାଳ ସମାଜ ଭିକ ମାଗି ବୁଲୁଥିବେ ସେତେବେଳେ କୋଠା ଉପରେ ବସି ଦଳେ ଲୋକ ତାଳିମାରି ହୁରୁଡ଼ାଉ ଥିବେ ! ସତକେ ପୋକ ମାଛି ସମୋନେ  । ସେହି ବିଭତ୍ସ ଦୃଶ୍ୟକୁ ପରିସ୍ଫୁଟ କରାଇବା ପାଇଁ ଯେ ଏଇ ଖରାଟା ସାହାଯ୍ୟ କରିବ, ତାହା ନୁହେଁ  । ନିଶ୍ଚୟ ସାହାଯ୍ୟ କରିବ  । ବରଂ ଦୁଃଖ ଦରିଦ୍ରତାର ମଞ୍ଚତଳେ ଠେଙ୍ଗା ଗୋଇଠା ଖାଇ ନିଜର ଝାଳ ବଳବଳ ମୁହଁ ଉପରକୁ ଯେତେବେଳେ ଦି ଟୋପା ଲୁହ ଗଡ଼ାଇ ଆଣୁଥିବେ ସେତେବେଳେ ଏହି ଖରାଟା ମୁହଁ ଉପରେ ପଡ଼ି ଚିକ୍ ଚିକ୍ କରିପାରେ  । ଦେଖାଇ ଦେଇପାରେ ମଣିଷ ଦୁନିଆଟା ସବୁଦିନ ପାଇଁ ଏଇଆ  ।

ସାଧୁ ପଧାନଙ୍କ କୋଠାଘର ନୂଆକରି ତୋଳା ଯାଇଛି । ବେଶ୍ ସୁନ୍ଦର ହୋଇଛି । ସେହି ଘରର ଦାଣ୍ଡ କୋଠରୀରେ ପଧାନ ପ୍ରତି ସକାଳେ ଠାକୁରଙ୍କ ସେବାରେ ରତ ଥିବାଭଳି ଜଣାଯାଏ -- ଦେଖିଲେ । ତଣ୍ଣେ ଆଜି ବି ସେଇଆ । ପଧାନଙ୍କ ଖୋଲା ଆଖି ଦୁଇଟା ସିଧାସଳଖ ରାଧା ଗୋବିନ୍ଦଙ୍କ ଚକ୍ଷୁ ଉପରେ ପଡ଼ିଥାଏ । ଠିକ୍ ତାଙ୍କର କୃଷ୍ଣାନନ ଉପରେ । ହୁଏତ ସାଧୁ ପଧାନଙ୍କ ନାତି ବା ନାତୁଣୀ କେହି ଯଦି ଏଠାରେ ଥାଆନ୍ତେ ତେବେ ପଧାନଙ୍କୁ ଏ ଅବସ୍ଥାରେ ଦେଖି କହିଥାନ୍ତେ--ଗୋସେଇଁ ବାପା , ରାଧା ଗୋବିନ୍ଦ କୁଆଡ଼େ ପଳେଇବେ ନାହିଁ ଯେ ତାଙ୍କ ଉପରେ ଏମିତି ନିରାଟିଆ ଚାହାଣୀ ପକାଉଛ କାହିଁକି ? ତାଙ୍କ ମୁହଁ ଯଦି ବେଶି କଳା ପଡ଼ିଗଲା ତେବେ କ'ଣ କରାଯିବ ? ତାହା ପରେ ସାଧୁ ପଧାନେ ନୀରବ ହସଟିଏ ଉପହାର ଦେଇଥାନ୍ତେ ? କିନ୍ତୁ ........ପଧାନଙ୍କର ସେ ଭୟ ତ ନ ଥିଲା । କାରଣ ସେତେବେଳେ ତାଙ୍କର ନାତି, ନାତୁଣୀ ପାଖରେ ବା ଅନ୍ୟ କେହି ରହନ୍ତି ନାହିଁ । ସମସ୍ତଙ୍କୁ ଦୂରରେ ରଖି ସେ ତାଙ୍କରି କଣ୍ଟ୍ରୋଲ ଦୋକାନ ସମ୍ବନ୍ଧରେ ପ୍ରତିଦିନ କିଛି ଚିନ୍ତା କରନ୍ତି । ସେ ଭାବୁଥିଲେ-- ଯୁଦ୍ଧଟା ଏବେ ହୋଇଯାନ୍ତା ନା ତେବେ ସେ ନିଶ୍ଚୟ ୧୦୦ ବସ୍ତା ଗହମ ଆଗତୁରା କିଣି ରଖି, ପୂରା ଦରରେ ବିକନ୍ତେ । କେତେ ଗୁଡ଼ାଏ ଲାଭ ହୁଅନ୍ତା ସତେ ? ସବୁ ଜିନିଷରୁ କିଛି କିଛି ରଖି ଦେଲେ ପରେ କଳା ବଜାର କଲେ ତୃତୀୟ ତାଲାଟା ଭଲ ଭାବରେ ହୋଇଯା'ନ୍ତା ।

ଙ୍ଘ ଙ୍ଘ ଙ୍ଘ ଙ୍ଘ ଙ୍ଘ ଙ୍ଘ

ନୀଳ ଗଗନଟା ମିଳେଇ ଯାଇଥିଲା ସେଇଠି । ସେହି ଦୂର ଦିଗ୍‌ବଳୟର ମୁଣ୍ଡ ଉପରେ ଝୁଲି ଝୁଲି ଲମ୍ବିଯାଇ ଥିଲା କେତେ ବାଟକୁ । ଯେଉଁଠିକି ଆଖିପାଏ ନାହିଁ । ଅନାଇଲେ ଆଖି ଝିଲିମିଲି ହୋଇଉଠେ । ଅନ୍ଧାରିଆ ରାଇଜଟା ଆଖି ଆଗକୁ ଆସି, ଥଇ ଥଇ ନାଚେ , ହାତ ଠାରି ଡ଼ାକେ । କେହି ଯାଇ ପାରନ୍ତି ନାହିଁ । ସେହି ଆକାଶ ତଳେ ମଣିଷର ରାଇଜ, ନଈ, ବଣ, ପାହାଡ଼, ପର୍ବତ ଶ୍ୟାମଳ ପ୍ରାନ୍ତର । ସେଇଠି ପ୍ରଜାପତି ଉଡ଼େ , ସିଂହ ଗର୍ଜନ କରେ, ମୃଗ ଦିନ ସାରା ନୃତ୍ୟରତ ହୋଇ ବଲ୍ଲୀ କୁଞ୍ଜ ତଳେ ଆଶ୍ରୟ ନିଏ । ବ୍ୟାଘ୍ର ପୁଣି ଦଉଡ଼େ ତାହାରି ଅନ୍ୱେଷଣରେ । ସେଇଠି ମଣିଷ ଘରତୋଳେ -- କୋଠାଘର, ପକ୍ଷୀପରି ଉଡ଼େ ,ଆଗ୍ନେୟଗିରି ଭଳି ମାଟି ପଥର, ମଣିଷ, ଗୋରୁ ଗାଈ ସବୁ ଜାଳିଦିଏ, କଳ କାରଖାନା ଗଢ଼େ, ବନ ଗହନର ତଳେ ପୁରିଉଠେ ଆଦିବାସୀ ସଙ୍ଗୀତର ମୁର୍ଚ୍ଛନା, ନିରଳସ ଜୀବନ ଯାପନର ଛନ୍ଦ, ପୁଣି ସେଇଠି ମଣିଷ ଜାତିର ନିର୍ଯ୍ୟାତନା, ଲା,ନା, ନିଷ୍ପେଷନା ।

ଗଣ୍ଠୁରୀ ନଈଟା ମୋଡ଼ି ମୋଡ଼ି ହୋଇ ଦୂରେଇ ଯାଇଛି ଢ଼ରେ ବାଟକୁ । କେତେବେଳେ ସେ ଫୁଲିଯାଇ ମାପ ମୁଣ୍ଡ ଛିଡ଼ାଏ । କେତେ ବେଳେ ଫସଲ, ଘରଦ୍ୱାର ମଣିଷ, ଗାଈ ଗୋରୁ ଭସାଏ । ଆଉ କେତେବେଳେ ମଧ୍ୟ ନିଜ ପେଟ ମଧ୍ୟରେ ନିଶ୍ଚଳ ହୋଇ ପଡ଼ିରହେ । ତାରି ପାଖକୁ ବାଲିଆ ରାସ୍ତାଟା । ବାଲି ଆଧିକ୍ୟରୁ ରାସ୍ତାଟା ଜଣାପଡ଼େ ନାହିଁ । ଚାଲିଲେ ଖୋଲି ଧସ୍ ଧସ୍ ହୋଇ ପଛକୁ ଟାଣେ । ସେଇଠିକି ଟିକିଏ ଛାଡ଼ି ଶ୍ମଶାନ, ଆମ୍ବ ତୋଟା ସିଧା ସଳଖ ଅନାଇଲେ ବୀର ଦେବ ପୁରର ଶିବ ମନ୍ଦିର । ବାସ୍ ସେତିକି । ପୁଣି ନଈ ସେପଟକୁ ମୋଟା ମୋଟା ରସାଳିଆ ଆଖୁକ୍ଷେତ, ମଘେମାଳ ଧାନର ଉଆଁସି ଜଙ୍ଗଲ-- ସବୁ ସାଧୁ ପଧାନଙ୍କର ।

ସେହି ବାଲିଆ ରାସ୍ତାଟା ଉପରେ ଓହଳି ଓହଳି ଚାଲିଛି ବିଶୁ-- ଦାଣ୍ଡରେ ଯେଉଁମାନେ ଭିକ୍ଷାଥାଳି ଧରି ହାତ ପାତି ବୁଲନ୍ତି, ଗୋଇଠା ମାଡ଼ ଖାଆନ୍ତି, ମୁଠେ ଅଧେ ଖାଇବାକୁ ନ ପାଇ ଗୋହିରି ଜମିରେ ପଚିଯା'ନ୍ତି , ଖଣ୍ଡିଏ ପିନ୍ଧିବାକୁ ନପାଇ ମଲା ମଣିଷର ଲୁଗା ଛିଡ଼ାନ୍ତି ସେହି ମାନଙ୍କ ସମାଜରୁ ଜଣେ ବିଶୁ । କାଳିଆ ବିଲି-ବିଲା ଦେହ, ପାଉଁଶିଆ ଚର୍ମ ,ଜଟାଳିଆ ମୁଣ୍ଡ, ଲମ୍ବା ଲମ୍ବା ଦାଢ଼ି । ଫାଙ୍ଗୁଲା ଛାତି ଓ ସେଏଁକା ହାତ ତଳେ ଚିରା ଝୁଲିଟିଏ ଯାହା ତା'ର ସମ୍ବଳ । ଉପରକୁ ଅନାଇଲା ବିଶୁ, ବାଦଲ ଦୁନିଆଟା ଝିଲମିଲ ହଉଛି । ତଳେ ପୁଣି ପାକଲା ମାଟିମା । ତାରି କୋଳକୁ ଫଟାଇ ଏହି ଗଣ୍ଠୁରୀ ନଈଟା ଧାଇଁଛି । କେଡ଼େ ନୃଶଂସ ଏ ନଈଟା କେତେ ଲୋକଙ୍କୁ ପରା ସର୍ବହରା କରିଛି । ସେ ବର୍ଷ ତା'ରି ବାପାକୁ ଭସାଇ ନେଲେ, ଜମି ଧୋଇନେଲେ- ସୁନା ଫସଲର କିଆରୀ ହେଲେ ଲୁହାର କିଆରୀ, ଟାଙ୍ଗରା ବାଲିଚର । ସେଇଥିପାଇଁ ସିନା ସେ ହେଲେ ଦାଣ୍ଡର ଭିକାରୀ । ସାଧୁ ପଧାନ ତାଙ୍କର ସବୁ ଜମି ବାଡ଼ି ହସ୍ତଗତ କରି

ଲୋକଙ୍କ ଦ୍ୱାରା ରାତା ରାତି ତାଙ୍କୁ ତଡ଼ି ଦେଲେ । ସେହିଦିନ ତା'ରି ବୃଦ୍ଧା ମା' ଭୋକ ଉପାସରେ ଛଟପଟ ହୋଇ ଗାଁ ମୁଣ୍ଡ ବରଗଛ ତଳେ ଟୁପୁ ଟୁପୁ ବରଷା କୋଳରେ ଆଶ୍ରୟ ନେଲେ । ତା ପରେ ସେ ହେଲେ ସର୍ବହରା । ସେତେବେଳେ ଆଖିରୁ ଝରିପଡିଥିଲା ଲୁହ । ଆଖିରୁ ଲୁହ ପୋଛି ଛାତିକୁ କରିଥିଲା ପଥର, ମନରେ ଛୁଟିଥିଲା ବତାସ । ଅସହନର ଝଞ୍ଜା । ମାକୁ ମାଟିତଳେ ପୋତି ଧାଇଁ ଯାଇଥିଲା ଦୂର ଦୁନିଆକୁ ପ୍ରତିଶୋଧର ଆଶାରେ ଶଯ୍ୟା ପାତିବାକୁ । କିନ୍ତୁ କାହିଁ କିଛି ପରିନି ତ ସେ? ସବୁ ପ୍ରତିଶୋଧର ଚିନ୍ତା ଧୋଇ ହୋଇ ଯାଇଛି, ଲିଭି ଯାଇଛି ମନରୁ । ଏହି ମଣିଷର ଶୋଷଣ ମଞ୍ଚତଳେ ସେବୁ ସେ ଛାଡ଼ି ଆସିଛି । ସମାଜର ଅଶରୀରୀ । ତା ପାଖରୁ ସବୁ ଜୋର କରି ଛଡ଼ାଇ ନେଇଛି । ସେଇଥି ପାଇଁ ସେ ଆଜି ହୋଇଛି କଙ୍କାଳ ଦୁନିଆର କାଙ୍ଗାଳ, ହାତ ପତା, ବାର ବୁଲା ଭିକାରୀ । କିନ୍ତୁ, ତା ପାଇଁ କ'ଣ ଏଇ ଗଣ୍ଠୁରୀ ନଈ କେବଳ ଦାୟୀ । ନାଁ ନାଁ ସେ ପ୍ରକୃତିର ରାଣୀ, ସେ ସର୍ବଂସହା, ଦାନୀ, ତାରି କୋଳରେ ସେ କେତେ ଖେଳିଛି , ବୁଲିଛି ମାଛ ଧରିଛି । ତା'ରି ବାପା ଏହାରି କୋଳରୁ ପାଣିନେଇ ସାଧୁ ପଧାନେ ଯେଉଁ ଜମିରେ ଆଖୁ କରିଛି ସେହି ଜମିରେ ବଡ଼ ବଡ଼ କାକୁଡ଼ି କଲରା ଫଳାଏ; କଳା କଳା ବାଇଗଣ, କୋବି, ଏଇମିତି ନାଲି ମୋଟା ମୋଟା ରସାଳିଆ ଆଖୁ-- ସବୁହୁଏ । ଏଇ ନଈ ସବୁଦିଏ । ତେବେ ସେ ଏହାକୁ ନିନ୍ଦିବ କାହିଁକି ? ନାଁ ସେ ତାର ମା । ତଳକୁ ଗଡ଼ିଲା ବିଶୁ । କାର୍ତ୍ତିକର ନଈ କାଚଧାର ଜଳକୁ ନେଇ ଝରି ଝରି ହୋଇ ବହିଯାଉଛି । ଭିତରକୁ ପଶିଲା ସେ । ଚଳା ଚଳା କରି ପାଣି ପିଇଲା । ପାଣି ଟୋପେ ନେଇ ମୁଣ୍ଡରେ ମାରିଲା । ମୁହଁରୁ ହାତରେ ପାଣି ପୋଛି ପିଠିରେ ଲେପିଲା । ଉପରକୁ ଉଠିଲା ପୁଣି ।

ବେଳେ ଉପରକୁ ଉଠିଲାଣି । ତିନି ଦିନ ହେଲେ ମୁଠାଏ ହେଲେ ପେଟରେ ପଡ଼ି ନାହିଁ । ସେ ପୁଣି ଆଗକୁ ଯିବ-- ମୁଠାଏ ଖାଇବା ପାଇଁ । ମନରେ ସବୁ ଆଶା ଭରସା ନେଇ ସେ ଧାଇଁଛି ଏଇ ଗାଁକୁ । ଏଇ ତା'ରି ଗାଁ । ତା'ର ଜନ୍ମ ମାଟିରେ ସେ ପହଞ୍ଚିଛି । ଏଇଠି ସେ ନିଶ୍ଚୟ ଖାଇବାକୁ ମୁଠେ ପାଇବ । ଆଖି ଆଗରେ ପଡ଼ିଲା ମା'ର ସମାଧି । ଶ୍ମଶାନ ମାଟିର ପେଟେ ଭିତରେ ତା'ରି ମା'ର ହାଡ଼ ଗୋଡ଼ ରହି ଯାଇଛି, ପଚି ଯାଇଛି । ତା'କୁ ଆଉ ଦେଖି ପାରିବ ନାହିଁ ସେ-- ଯେ ତାକୁ ୧୦ ମାସ ପେଟରେ ଧରିଥିଲା, ମୁହଁରେ ଦେଇଥିଲା ବୋକ, ନିଜ ପେଟକୁ ପଥର କରି ଖୋଇ ପେଇ ବଢ଼ାଇଥିଲା, ଅଣ୍ଟିରେ ପୂରାଇ ଚାନ୍ଦ ଦେଖାଇ ଥିଲା, ସେଇ ମା' । ମନେ ପଡ଼ିଗଲା ତା'ର ଡ଼ାକ-- "ରେ ବିଶୁନି !.... ବିଶୁନି ରେ ....... ।" ସେତେ କେଡ଼େ ମଧୁରିଆ ଡ଼ାକ । ମା'ର ସମାଧି ଉପରେ ମୁଣ୍ଡ ଲଗାଇଲା । ଆଖିରୁ ଝରାଇଲା ଲୁହ । ସେ ଯଦି ତା ମା' ସହିତ ସେ ଘରକୁ ଯାଇଥା'ନ୍ତା ତା'ମା ତା'କୁ କୋଳରେ ଧରିଥାନ୍ତା; ତାର ପେଟକଥା ବୁଝିଥାନ୍ତା । କିନ୍ତୁ ଏଠି ଆଉ କିଏ ଅଛି ତା'ର ? କିଏ ବୁଝିବ ତା'ର ପେଟକଥା ? କିଏ ବୁଝିବ ତା'ର ଦୁଃଖ ? ମା' ଆଗରୁ ବାପା ତ ସେ ପୁରକୁଯାଇଛି କେଉଁ ଦିନରୁ । ଆଖିରୁ ପୋଛିଲା ଲୁହ । ମନଟା ବହୁତ ଅବୋଧ ଲାଗୁଥିଲା । ଯେଉଁ ଦିନ ମା' ତା'ର ବରଗଛ ତଳେ ମରିଗଲା ସେଦିନ ସେ ସେଇଠି ମାଟି କାମୁଡ଼ି ଥିଲା , ଦାନ୍ତ କଡ଼ ମଡ଼ କରିଥିଲା, ହାତ ମୁଠା ମୁଠା କରି କହିଥିଲା- ସାଧୁ ପଧାନକୁ ଧ୍ୱଂସ କରିବାକୁ, ଏଇ ମାଟିରେ ଟିକି ଟିକି କରି ମିଶାଇବାକୁ । କିନ୍ତୁ ସେ ପାରିନାହିଁ । ପେଟେ ତା'କୁ ପଛକୁ ଠେଲିଛି । ମନରେ ପଡ଼ିଲା ସବୁ । ପୁଣି ରାଗହେଲା- ନାଁ ନାଁ ସେ ନିଶ୍ଚୟ ଡ଼କାୟତି କରିବ । ସାଧୁ ପଧାନର ଘରକୁ ଲୁଟ୍ କରିବ । ସାଧୁ ପଧାନକୁ ତିଳ ତିଳ କରି ଶ୍ମଶାନ ମାଟିରେ କୁଆ କୁକୁରଙ୍କୁ ବାଣ୍ଟି ଦେବେ । ମନରେ ପ୍ରତିଶୋଧର ବହ୍ନି ଜଳି ଉଠିଲା । ଦାନ୍ତରେ ଉଠିଲା ଥର ।

ଗାଁ ଆଡ଼କୁ ଚାଲିଛି ଏକ ମୁହାଁ ହୋଇ । ଗାଁର ରୂପ ଢ଼ରେ ବଦଳିଛି । କେତେଟା ଖାନଦାନ୍ ଘର ବର୍ଷା ପାଣିରେ ତିନ୍ତୁଛି । ଘର ତୋଳା ହୋଇଛି ଇଟା, ପଥର, ସିମେଣ୍ଟରେ । ଗାଁ ଭିତରେ କେତେଜଣ ପୁରୁଖା ଲୋକ ତାହାରି ଆଡ଼କୁ ବଲବଲ କରି ଅନାଉଥାନ୍ତି । କାହାରିକି କିଛି ସେ କହିନାହିଁ । କେହି ତାକୁ ବିଶେଷ ପଚାରି ନାହାନ୍ତି । କେବେଳ- "ଘର କେଉଁଠି?"

-- "ମୁଁ ବାରବୁଲା ଭିକାରୀ । ମୋର ତ ବସବାସ ନାହିଁ । ଯେଉଁଠି ରହିଲି ସେଇଠି ଘର । ଆଉ ମୋର ଘର କେଉଁଠି ହେବେ" । ବାସ୍ ଏତିକି । ଏଇଥିରେ ସେମାନେ ସେନ୍ତୁଷ୍ଟ । ନିଜ ଗାଁ ବୋଲି ବହୁତ କିଛି ଭରସା କରି ଆସିଥିଲା । କିନ୍ତୁ କାହା ଘରୁ ହେଲେ ଗଣ୍ଡିଏ

କି ମୁଠିଏ ପାଇ ନାହିଁ । ସେ ଗାଁରୁ ଆଣିଥିବା ଚାଉଳ ମୁଠିକ ମୁଣିରୁବାହାର କଲା । ସେଇଥିରେ ତା'ର ଉଦର ଭରିବ । ଗାଁ ମୁଣ୍ଡର ଥୁଣ୍ଟା ଘରଟିଏ । ସେଇଠି ସେ ମାଗିଥିଲା ପାଣି ମୁନ୍ଦାଏ । ମିଳିଥିଲା ପାଣି ମୁନ୍ଦାଏ । ଗୃହକର୍ତ୍ତା ପାତ୍ରଟିଏ ଧରି ବାହାରି ଆସିଥିଲେ । ବିଶୁ ପାଖରେ ତ ପାତ୍ର ନଥିଲା । ସେ କେ'ଣ ପାତ୍ରଟି ଆଣିବ ? ତାକୁ ସେ ସୁଯୋଗ ମିଳିବତ ? ନାଁ ...., ସେ ଆଜି ଦରିଦ୍ର, ଅଛୁଁଆ । ତାକୁ ଏ ପାତ୍ରଟିକୁ ହାତରେ ଧରିବାର ଭାଗ୍ୟ ମିଳି ନପାରେ ।

ଦିଅ ମା ଦିଅ । ମୋରି ହାତରେ ଟିକେ ଟେକି ଦିଅ । ହାତପାତି ଦେଇଥିଲା । ସେଇଠି ମଧ୍ୟ ଝରି ପଡ଼ିଥିଲା କୃତଜ୍ଞତାର ଅଶ୍ରୁଟୋପେ ।

ଫେରିଗଲା ଆମ୍ବତୋଟା ଆଡ଼କୁ । ଆମ୍ବ ଗଛତଳେ ସେ ଅବଶିଷ୍ଠ ସମୟ କଟାଇବ ।ଶ୍ମଶାନର ସବୁ ପ୍ରେତାତ୍ମାକୁ ଠୁଳକରି ସାଧୁ ପଧାନ ବିରୁଦ୍ଧରେ କରିବ ଅଭିଯାନ । ପଧାନେ ଆସୁଥିଲେ ସେହି ଆଡକୁ । ଚିହ୍ନି ପାରିଲେ ବୋଧେ ହୁଏ । ଖାଲି ହସଟିଏ ଦେଇଗଲେ । କୁଟିଳ ହସଟିଏ । ଛି ଛି କେଡ଼େ ବଦ୍‌ମାସ୍ ଲୋକଟାଏ, କେଡ଼େ ଚଣ୍ଡାଳ । ଏହାରି ତଣ୍ଟି ଚିପିବା ଉଚିତ । ହାତ ଉଠି ଗଲା । ପୁଣି ଥମିଗଲା । ସବୁ ପଧାନଙ୍କ ଅଲକ୍ଷ୍ୟରେ । ଏଇ କ'ଣ ପଧାନ ବୁଢ଼ାକୁ ଶାସ୍ତି ଦେବାର ଉପଯୁକ୍ତ ସମୟ ? ନାଁ, ନାଁ ସେ ଆଜି ରାତିରେ ତା'ର ବଧ୍ୟ ହେବେ । ସଂନ୍ଧ୍ୟାବେଳେ ଚୁପ୍ ଚୁପ୍ କରି ଘର ଭିତରକୁ ପଶିଯିବ ଏବଂ ରାତି ବେଶି ହେଲେ ସାଧୁ ପଧାନକୁ ନିଶ୍ଚୟ ହାଣିବ । କିନ୍ତୁ ସେ ......ସେ ଧରା ପଡ଼ିବ ନାହିଁ ତ ? ଯଦି କେହି ଶୁଣେ ? ଯଦି କେହି ଦେଖେ ? ତେବେ ତ ସର୍ବନାଶ । ଛାତି ଭିତରଟା ଦପଦପ ହୋଇ ଉଠିଲା । ଗୋଡ଼ ହାତ ଥର ଥର ଲାଗିଲା । ସେତେକେି ଆଉ ଜୋର୍ ନାହିଁ ଦେହେରେ । ବାରମ୍ବାର ମନେ ପକାଇଲା-- ଯେଉଁ କଥା ସେ ଭାବୁଛି ତାହା କ'ଣ ପ୍ରକାଶ୍ୟରେ କହି ପକାଉଛି? ନହେଲେ ତା'କୁ ଦେଖି ପଧାନ ବୁଢ଼ା ହସିଥାନ୍ତା କାହିଁକି ? ନାଁ ନାଁ ସେ କେବେ କହିନାହିଁ, ଠିକ୍ ମନେ ଅଛି-- ସିଦ୍ଧାନ୍ତକୁ ଆସେ । ମନରେ ନୂଆ ରକମର ସାହସ, ନୂଆ ଭାବନା, ନୂଆ ଆନନ୍ଦ--ଆଜି ସେ ପଧାନ ବୁଢ଼ାକୁ ମାରିବ । ଯିଏ କି ତା'କୁ ସର୍ବହରା କରିଛି, ଦୁନିଆର ଗରିବ ଲୋକ ମାନଙ୍କୁ ପୋକ ମାଛି ପରି ଦେଖିଛି । ଶହ ଶହ ଲୋକଙ୍କର ରକ୍ତ, ଝାଳରେ ଗଢ଼ିଛି ତାର ଧବଳ ପ୍ରାସାଦ, ଯେ କି କେତେ ଲୋକଙ୍କର ଅନ୍ତ ନାଡ଼କୁ ଶୁଖାଇ ଶୁଖାଇ ତା'ର ଧନ ଦ୍ରବ୍ୟକୁ ଶୋଷଣ କରିଛି । ସେହି ପଧାନ ବୁଢ଼ାର ଲୋହିତ ଲହୁରେ ସେ ଭାଙ୍ଗି ଦେବେ ତାର ଆତ୍ମାର ସନ୍ତାପ, ଦେଖାଇଦେବେ ଦୁନିଆକୁ ଗୋଟାଏ ନୂତନ ସହ୍ୟତା । ଯକ୍ଷୋକୁ ତକ୍ଷୋ-- ହାରାମଜାଦାକୁ ଟାଙ୍ଗିଆ ପଶା-- ଆଉ ଲଭିବ ପଧାନ ରକ୍ତର ମଧୁ ଆସ୍ୱାଦନ ।

ତୋଟା ତଳେ ବସିଲା । ଆମ୍ବ ଗଛର ମାଳେ ମାଳେ ସେଇଠି ଝଙ୍କାଳିଆ ପ୍ରକୃତି ଝୁଲେ । ବିଭତ୍ସଠ ଅନ୍ଧକାର ହସେ । ସେଇଠିବି ଝରିପଡ଼େ ଅସ୍ତାଚଳ ଭେଦୀ ସୁନେଲି ଜଗତ । ପୁଣି କେତେବେଳେ ଆମ୍ର କଳିର ସୁଗନ୍ଧ ସହିତ ପୁରି ଉଠେ କେମ୍ର କୋକିଳର ମୃଦୁ ଧ୍ୱନି । କେତେବେଳେ ଫଳବତୀ ହୋଇ ଏହି ଆମ୍ରମାଳ ଶହ ଶହ ଲୋକଙ୍କୁ ମଧ୍ୟ ବିନା ଆମନ୍ତ୍ରଣରେ ଅବାଞ୍ଛତଠେତ, ଅକାଂଚନ ମନେ ନେ କରି ହସି ହସି ଆତିଥ୍ୟ ପ୍ରଦାନ କରେ । ଶହ ଶହ ଲୋକ ତା'ରି ପଟେରେ ସଞ୍ଚିଲା ଧନକୁ ଖାଇ ଉଦର ଭରନ୍ତି, ମନରେ ଶାନ୍ତି ପାଆନ୍ତି ।ଶହ ଶହ ପିଲା ଡ଼ାଳ ମାଙ୍କୁଡ଼ି ଖେଳି ତା'ର ରଖିଲା ଖାଦ୍ୟକୁ ନଷ୍ଟ କରନ୍ତି । ତା'ର ହାତ ଗୋଡ଼ ଭାଙ୍ଗି ଦିଅନ୍ତି-ତାକୁ ନଷ୍ଟ କରି ଦିଅନ୍ତି । କିନ୍ତୁ କେଉଁଥିରେ ହେଲେ ତା'ର ଆପତ୍ତି ନଥାଏ । ପୁଣି ବି ଦିନ ଆସେ, ସେ ହୁଏ ନୀରସ, ହୟେର ବସ୍ତୁ । କୋଇଲି ପାଖରୁ ଆରମ୍ଭ କରି ସବୁ ପଶୁ ପକ୍ଷୀ ପର୍ୟ୍ୟନ୍ତ ଗୋଟି ଗୋଟି ହୋଇ ତାହା ପାଖରୁ ଦୂରେଇ ଯା'ନ୍ତି । ସେଥିରେ ବି ତାହାର ଆପତ୍ତି ନଥାଏ । ତଥାପି ବିଶୁଭଳି ଲୋକ ବେଳେ ବେଳେ ଏହାରି ତଳକୁ କେତେବେଳେ କେମିତି ଆସିଥାନ୍ତି । ହେଲେ କାହାରି ପ୍ରତି ତା'ର ସରାଗ ନଥାଏ । ଖାଇବାକୁ ତା ପାଖରେ କିଛି ନଥାଏ । ଖାଲି ଯାହା ଉଲୁସିଆ ପବନ ଟିକକ ସମ୍ବଳ । କେହି କେମିତି ତା'ରି ଆଡ଼କୁ ପଟେ ଦେଖାଇ ଶୋଇ ପଡ଼ିଲେ ସେ କେବେଳ ସକାଳେ ସୂରୁଯ ଆଡ଼କୁ ମୁଣ୍ଡ ହଲାଇ ତାହାରି ରକ୍ତରେ ରଙ୍ଗି ହୁଏ । ସନ୍ଧ୍ୟା ଆସିଲେ ପୁଣି ତାହାରି ଆଡ଼କୁ ଅନାଇ କିଛି ସମୟ ତାର ରୂପକୁ ଧରି ରଖି ଫୁଲିଯାଏ । ତା'ପରେ ଆସେ ଅନ୍ଧାର । ସେହି

ଅନ୍ଧାର ଭିତରେ ସଙ୍କୁଚିତ ହୋଇ ସେ ନିଜକୁ ଲୁଚାଇବାକୁ ଚେଷ୍ଟାକରେ । ପଥିକକୁ କୁହେ-- ସେ ତ ସବୁଦିନ ପାଇଁ ଏଇଆ । ତା ମଧ୍ୟରେ ନୂଆ ଆସିବ କେଉଁଠୁ ? ପଥିକ ଉଠେ । ପୁଣି କେଉଁଠିକି ଚାଲିଯାଏ । ହୁଏତ କାହାରି ପିଣ୍ଡା ତଳକୁ । ଆଜି ବି ବିଶୁ ତା'ର ଅତିଥି । ସବୁଦିନ ପରି ସେ ଏଇଆ କହିବ । ଅନ୍ୟ ପଥିକମାନେ ଏହି ବିଭତ୍ସ ଅନ୍ଧକାରକୁ ଡ଼ରି ଅନ୍ୟତ୍ର ସିନା ଚାଲିଯାଆନ୍ତି ମାତ୍ର ବିଶୁ ସେହି ବିଭତ୍ସ ପ୍ରକୃତିକୁ ଗୋଡ଼ତଳେ ଦଳି ଦେଇ ଥିଲା । ସେଇଠିକି ଯିବ ତା'ର ପୁରାତନ ଡ଼ାକରେ ନୂତନତ୍ୱର ପ୍ରତିଧ୍ୱନି ତୋଳିବାକୁ ।

ଧୀର ମନ୍ଥର ଗତିରେ କେତେବେଳୁ ଧରଣୀ ଉପରୁ ଆଲୁଅ ଖାଲି ହୋଇ ଗଲାଣି । ଚାରିଆଡ଼େ ଖାଲି ଅନ୍ଧକାରର ବୋଝ । ଆଗେଇ ଚାଲିଲା ବିଶୁ-ତାହାରି ମା'ର ସମାଧି କୋଳକୁ । ଶପଥ ନେଲା-- ମା ମୁଁ ତୋ'ରି ବିଶୁନି ଶପଥ କରି କହୁଛି, ସାଧୁ ପଧାନ ଉପରେ ନିଶ୍ଚୟ ପ୍ରତିଶୋଧ ନେବି । ତା'ରି ରକ୍ତରେ ଏହି ଶ୍ମଶାନ ଭୂଇଁକୁ ରଙ୍ଗା କରିବି । ବୀରଦେବ ପୁରର ନିରୀହ ଜନତା ମୁଖରେ ଖେଳାଇବି ହସର ଜୁଆର । କିମ୍ବା........ ମୁଁ ଯଦି ନପାରେ ତେବେ ତୋ' କୋଳକୁ ଫେରି ଆସିବି । ତୋରି ଉପରେ ପଡି ସଢ଼ି ଯିବି । ତୁ ମୋର ମା' । ଚିରଦିନ ପାଇଁ ତୋ'ରି କ୍ରୋଡ଼ରେ ଶାନ୍ତି ଲଭିବି ।

ସଂନ୍ଧ୍ୟା ବେଳର ଆଲୋକ ମାଳିନୀ; ଦୁଆର ଖୋଲା । କୋଠାଘର ହସି ହସି ଫାଟି ପଡୁଛି । ସେହି ହସ ସହିତ ତାଳ ଦେଇ ପ୍ରଥମେ ବିଶୁ କିଛି ହସିନେଲା । ତା'ପରେ ତା'ର କାର୍ଯ୍ୟ ଘର ମଧ୍ୟକୁ ପ୍ରବେଶ କରିବା । ସିଧା ସଳଖ ଟିକେ ଦୂରରୁ ଘର ମଧ୍ୟକୁ ଭଲକରି ଅନାଇ ନେଲା- ସମସ୍ତେ ଘର ଭିତରେ ଅଛନ୍ତି । ଦାଣ୍ଡ ଘର ଫାଙ୍କା । ତେଣୁ ଏହି ସୁବିଧାରେ ପ୍ରବେଶ କରିବା ସୁବିଧା ହେବ । ସେଇଆ କଲା । ପୁଣି କିଛି ସମୟ ପରେ ରନ୍ଧାବଢ଼ା, ଖିଆପିଆ-- ବାସନା ଚାଉଳର ଭାତ, ଭାକୁଡ଼ ମାଛର ଭଜା, ଛଞ୍ଚେଡ଼ା, କାଲିଆ । ତିନି ଦିନ ଭିତରେ ସେ ଖାଇଛି ଚାଉଳ ମୁଠାଏ । ତେବେ କ'ଣ ବାହାରକୁ ଯାଇ ଗଣ୍ଡେ ଭାତ ମାଗିବ । ନାଁ ନାଁ ସେ ଯିବ ନାହିଁ । କାରଣ ଭାତ ଗଣ୍ଡେ ମିଳିବା ତ ଦୂରର କଥା ତା'ର କାର୍ଯ୍ୟ ମଧ୍ୟ ଅସିଦ୍ଧ ରହିବ । ଇତି ମଧ୍ୟରେ ସମସ୍ତେ ନିଜ ନିଜର ଶୋଇବା ସ୍ଥାନକୁ ଚାଲି ଗଲେଣି । ତେଣୁ ଏହି ସମୟରେ ପଧାନ ବୁଢ଼ା କୋଠରୀରେ ପଶିଯିବାକୁ ହେବ । ଦାଣ୍ଡଘରୁ କୁରାଢ଼ୀ ଧରିଲା । ଆସ୍ତେ ଆସ୍ତେ ଯାଇ ପଧାନ ବୁଢ଼ାର ଖଟତଳେ ବସି ପଡ଼ିଲା । ତା'କୁ କେହି ଦେଖି ପାରି ନାହାଁନ୍ତି । ନିର୍ବିଘ୍ନରେ ସେ ଚାଲି ଆସିଛି । ଇତି ମଧ୍ୟରେ ସାଧୁ ପଧାନେ ସବୁ ଘରର କବାଟ ଦେବାକୁ ଯାଇ ପୁନରାୟ ଫେରି ଆସିଲେ । କରଜ ଖାତାରେ '୦' କୁ '୫', '୮' କୁ '୯', '୨' କୁ '୩' କରିବା ଇତ୍ୟାଦି କାର୍ଯ୍ୟପରେ କେଣ୍ଟେ ରୋଲ ଖାତାରେ ଆଚ୍ଛାକରି ଥୋକେ ଜାଲ ନାଁ ଚଢ଼ାଇ ଦେଇ ଶୋଇଲେ । କିଛି ସମୟ ପରେ ବିଶୁ ଭଲକରି ଲକ୍ଷ୍ୟକଲା-- ପଧାନେ ପ୍ରାୟ ଶୋଇ ଗଲେଣି । ଘୁଙ୍ଗୁଡ଼ି ମାରୁଛନ୍ତି । ଚୁପ୍ ଚୁପ୍ କରି ପ୍ରଥମେ କବାଟ ଗୁଡ଼ା ଫିଟାଇ ଦେଇଗଲା-- ବିଶୁ । କାରଣ ପଧାନେ ପାଟି କରି ଉଠିଲେ ସମସ୍ତେ ଉଠି ତାକୁ ଘେରିଯିବେ । ସେ ଶୀଘ୍ର ପଳାଇ ଯାଇ ପାରିବ ନାହିଁ । ପୁଣି ପଧାନଙ୍କ କୋଠରୀକୁ ପ୍ରବେଶ କରି ଠିକ ତାଙ୍କରି ବେକେ ସଳଖରେ କୁରାଢ଼ି ଟେକିଲା । ମନେମନେ କହୁଥାଏ ହେ ପଧାନେ ଏଥର ଠାକୁରଙ୍କୁ ସ୍ମରଣ କର । କିନ୍ତୁ-ଶେଷ କାର୍ଯ୍ୟଟି ବିଶୁ କରି ପାରିଲା ନାହିଁ । କିଏ ଯେପେରି ତା'ର ହାତକୁ ଟାଣି ଧରିଲା । କାହିଁକି ସେ ସାଧୁ ପଧାନଙ୍କୁ ହତ୍ୟା କରିବ ?

ସେ ତା'ର ସର୍ବସ୍ୱ ଲୁଟି ନେଇଛି ବୋଲି ତ? ତା' ମା'ର ମୃତ୍ୟୁର କାରଣ ହୋଇଛି ବୋଲି ତ ?

କିନ୍ତୁ ଅନ୍ୟ ଯେଉଁମାନେ ସମାଜରେ ଅଛନ୍ତି ସେମାନେ ତ ସାଧୁ ପଧାନଙ୍କୁ ଭଲ ବୋଲି କହିଛନ୍ତି । କେହି ହେଲେ ତା' ବିରୁଦ୍ଧରେ ଯାଇ ନାହାଁନ୍ତି ?କେହି ତା'କୁ ଗଣ୍ଡିଏ ପେଟ ପୁରା ମୁଠାଏ ଖାଇବାକୁ ଦେଇ ନାହାଁନ୍ତି ? ବହୁ ଲୋକ ତ ସାଧୁ ପଧାନ ଭଳି ତାକୁ ଦେଖି ଦେଖି ଥଟ୍ଟା କରିଛନ୍ତି, ହସରେ ଉଡ଼ାଇଛନ୍ତି ? ସେହି ସମସ୍ତ ଲୋକେ ତେବେ ଏ ମଣିଷ ସମାଜର କେଉଁ । ସେ ସେମସ୍ତଙ୍କୁ ଶାସ୍ତି ଦେଇ ପାରିବ ତ ? ସିଦ୍ଧାନ୍ତରେ ପହଞ୍ଚଠ ମଧ୍ୟ ପହଞ୍ଚି ପାରି ନଥିଲା ବିଶୁ । ପଛକୁ ଫେରିଥିଲା । କିନ୍ତୁ, ଆଗକୁ ଯାଇ ପାରି

ନଥିଲା । ମନରେ ଛୁଇଁଥିଲା କାଳ । ପୁରଣ୍ଣ ତିନି ଦିନରେ ଉପବାସ ପରେ ସେ ଯେଉଁ ସାହସ ନେଇ ଆଗେଇ ଆସିଥିଲା , ଯେଉଁ ଶକ୍ତି ତା' ମନରେ ଭରି ଯାଇଥିଲା ସେ ସବୁ ତିଳ ତିଳ ହୋଇ ସେଇଠି ଖସି ପଡ଼ିଲା । ଯେଉଁ କୁରାଢ଼ୀକୁ ସେ ମହାଅସ୍ତ୍ର ରୂପେ ପ୍ରତିଶୋଧର ବହ୍ନି ଜାଳିବ ବୋଲି ଉଠାଇ ଥିଲା-- ସେ ଖସି ପଡ଼ିଲା । ଧିରେ ଧିରେ ଫେରି ଆସିଲା ବାହାରକୁ । ସବୁ ସାହସ ସବୁ ଆନନ୍ଦ ତା'ର ଲୋପ ପାଇ ଯାଇଥିଲା । ଯେତେ ଆସ୍ତେ ଆସ୍ତେ ଆସିଲେ ମଧ୍ୟ ନିଜର କାନକୁ ଶୁଭୁଥିଲା ବେଶି । ଦାଣ୍ଡକୁ ଚାଲି ଆସିଲା । ଭାରି ଦୁର୍ବଳ ଲାଗୁଥାଏ । ସତକେ ଦେହରେ ରକ୍ତ ନାହିଁ । ଉପାସିଆ ମଣିଷ ଏବେ ଭୋକର ଦାଉରେ ନେଇଁ ନେଇଁ ଚାଲିଲା । ଦାଣ୍ଡର କୁକୁର ଗୁଡ଼ାକ ଭୋ ଭୋ ହୋଇ ଭୂକି ଉଠିଲେ । ମନରେ ରାଗ ହେଲା । ସେ କୁକୁର ଗୁଡ଼ାକୁ ପିଟି ପିଟି ମାରି ଦିଅନ୍ତା । ପୁଣି ମନ ଶାନ୍ତ ହେଲା । ଏ କୁକୁର ଗୁଡ଼ାକୁ ସେ ଗାଳି ଦେଉଛି କାହିଁକି ? ଏମାନେ ମଣିଷଠାରୁ ଢ଼େରେ ଉଚ୍ଚରେ । ଯେତେବେଳେ ମଣିଷ ମାନେ ମଣିଷଙ୍କର ଶୋଷଣରେ ଲାଗି ପଡ଼ିଥାନ୍ତି ସେତିକି ବେଳେ ଏହି ବୁଲା କୁକୁର ମାନେ କାହାଘରୁ ମୁଠେ ଅଧେ ଖାଇ ଗାଁ ଦାଣ୍ଡରେ ବୁଲି ବୁଲି ଗାଁକୁ ଜଗି ରହିଥାନ୍ତି । ସମୋନେ ସମୋନଙ୍କର କାର୍ଯ୍ୟ ଠିକ୍ ବଜାୟ ରଖିଛନ୍ତି ।

ଆସ୍ତେ ଆସ୍ତେ ଶ୍ମଶାନ ମାଟିରେ ଗୋଡ଼ ଦେଲା । ଧରଣୀର କାର୍ତ୍ତିକ ବୁକୁ କାକର ଭିଜା ହୋଇ ଭାରି ଥଣ୍ଡା ଲାଗୁଥାଏ । ଚାଲିଲା ବେଳେକୁ ବୁଦା ମୂଳେ ବେଙ୍ଗେଟାଏ ସାପଟାଏ ଖସ୍ ଖାସ୍ କରୁଥାନ୍ତି । ମା'ର ସମାଧି ଉପରେ ମୁଣ୍ଡ ରଖି ଲୋଟି ପଡ଼ିଲା । ସେଇଠି କେତେ କାନ୍ଦିଲା । କହିଲା -- ମା' ମୁଁ ମୋର ପ୍ରତିଜ୍ଞା ରଖି ପାରି ନାହିଁ । ତୋର ଋଣ ଆଉ ସୁଝି ପାରିବି ନାହିଁ । ମୁଁ ଦୁର୍ଭାଗା, ଆଜି ଦୀନ ଦରିଦ୍ର, ଭିକ୍ଷୁ, ତୋରି କୋଳରେ ଲୋଟିଯିବି ।

ମା'ଟି ମା'କୁ ବିଶୁ ଜୁହାର ହେଲା । କହିଲା-- ମା' ତୋରି କୋଳରେ ବୁଲି, ଖେଳି ମଣିଷ ହୋଇଥିଲି । ତୋର ମଧ୍ୟ ଋଣ ସୁଝି ପାରିବି ନାହିଁ । କେବେଳ ମୁଁ ମୋର ଏହି ଦେହଟାକୁ ତୋରି ପାଇଁ ସଞ୍ଚି ରଖିଛି, ତାକୁ ପାଇ ତୁ ସନ୍ତୁଷ୍ଟ ହେବୁ ।

ମା'ର ସମାଧି ଉପରେ ଶୋଇ ପଡ଼ିଲା । ଅବଶ ଦେହ ହାତ ଥଣ୍ଡା ଲାଗୁଥିଲା । ରାତିରେ କୁକୁର ଶିଆଳ, ହଟୋ କିଏ କେତେ ପାଟି କରି କରି ଡ଼ାକୁଛନ୍ତି । କାହାରିକୁ ତା'ର ଖାତର ନାହିଁ । ସେ ମା' କ୍ରୋଡ଼ରେ ନିଶ୍ଚଳ ନିରୁତ୍ତର । ସକାଳ ହୋଇଛି । ଦୀର୍ଘ ତମସାକୁ ଆଡ଼େଇ ଦେଇ ରବି ରଙ୍ଗରେ ରଙ୍ଗି ହୋଇଛି ଏହି ପୃଥିବୀଟା । ଝଲସି ଉଠିଛି ଚକ୍ରବାଳ । ଆକାଶ, ବାଦଲ ସବୁ ନିଜ ନିଜ ସ୍ଥାନକୁ ଆଦରି ଯାଇଛନ୍ତି, କର୍ମମୟ ଜୀବନ ପୁଣି କର୍ମତତ୍ପର ହୋଇ ଉଠିଛି । ପକ୍ଷୀ ସମାଜ ଉଡ଼ି ବୁଲିଛି ତା'ର ଖାଦ୍ୟ ଅନ୍ୱେଷଣରେ, ପଶୁ ସମାଜ ଘୂରି ବୁଲିଛି ଗୁଳ୍ମ ଠାରୁ ଆରମ୍ଭ କରି ମାଂସ ପର୍ଯ୍ୟନ୍ତ ସବୁ ଖାଦ୍ୟର ଅନ୍ୱେଷଣରେ । କିନ୍ତୁ ବିଶୁନିର ନିଦ ଆଉ ଭାଙ୍ଗିନାହିଁ । ସେ ତାହାରି ମା'ର କୋଳରେ ଶୋଇ ପଡ଼ିଛି । ତାହାରି ଦେହଟାକୁ ତା'ରି ମାଟି ମା'କୁ ଦେଇ ଦେଇଛି ଯା' ପାଖରୁ ନେଇଥିଲା ।

ଞ୍ଚଞ୍ଚଞ୍ଚ

ନାସ୍ତି ବାଣୀ

କେଡ଼େ ମେନ ଖୁସିରେ କୁଳୁ କୁଳୁ ହୋଇ ବହି ଯାଉଛି ବିଟପା । ସତକେ ତା'ର ଜଳକାଚବେଣୀଟା ବେଶ୍ ଅସ୍ତବ୍ୟସ୍ତ ହୋଇ ପଡୁଛି । ନୀଳ ଭୂଜଙ୍ଗୀ ପରି ପର୍ବତର ବକ୍ଷ ଉପରୁ ହସି ହସି ଗଡ଼ି ଆସୁଥିଲା ତଳକୁ । ମନ ତଳେ କେତେ ରଙ୍ଗୀନ ଆଶା, ସୁନେଲି ଭବିଷ୍ୟତର ପରିକଳ୍ପନା ଠୁଳ ହୋଇଥିଲା--ତା'ର । କେତେବେଳେ ସେ ସମୁଦ୍ରର ବକ୍ଷ ମଧ୍ୟରେ ମିଶିଯିବ, ଉତ୍ତାଳ ତରଙ୍ଗର

କାନ୍ଧରେ ହାତ ପକାଇ ଝୁଲି ଖେଳିବ, ପୁଣି ଡ଼େଇଁ ଡ଼େଇଁ ସମୁଦ୍ରର ବେଳା ଭୂମି ସ୍ପର୍ଷ କରିବ- ଅନୁଭବ କରିବ ଅନନ୍ତ ପ୍ରକୃତିର ଶୋଭା । ସେଇଥିରେ ତା'ର ଜନ୍ମ ହେବ ସାର୍ଥକ, ସେଇଥିରେ ସେ ଲାଭ କରିବ ତୃପ୍ତି । ସେଇଥି ପାଇଁ ସେ ବିଶ୍ରାମ ରହିତାହୋଇ ଛୁଟି ଚାଲିଛି ଆଗକୁ । ପଥରେ କେଉଁଠି ପଥରଟାଏ କି ପଟାଳ ମାଟିରେ ଝୁଣ୍ଟି ପଡୁଛି ସେ । ପୁଣି ଉଠି ପଡ଼ି ଅସ୍ତବ୍ୟସ୍ତ ହୋଇ ଧାଇଁ ଚାଲିଛି । ମନରେ ତା'ର ବେଳେ ବେଳେ ଜମି ଆସୁଛି ଦୁଃଖ-- ସମୟଟାକୁ ଆୟତ୍ତ କରି ପାରୁନାହିଁ । ସବୁବେଳେ ସମୟ ତାକୁ ଅତିକ୍ରମ କରି ଚାଲିଛି । ସମୟଟାକୁ ଧରି ରଖିବ କେମିତି ? ସେ ତ ଅଜୟ, ସେ ତ ନିର୍ବିକାର, ସେ ବାଧାଶୂନ୍ୟ । କେତେବେଳେ କେମିତି ବିଟପା ସମୟରେ ବାହୁ ଛାୟା ତଳେ ରହି ହସି ହସି ଶୁଖି ଯାଉଛି ତ ପୁଣି କେତେବେଳେ କାନ୍ଦି କାନ୍ଦି କୂଳ ଉଲଙ୍ଘନ କରୁଛି-- ନାଚି ନାଚି ଅଧିର ହୋଇ ପଡୁଛି ତାହାର ବକ୍ଷ ମଧ୍ୟରେ ।

ଅସ୍ତମିତ ସୂର୍ଯ୍ୟର ଗୋଧୂଳି ଲଗ୍ନରେ ହିମ ପ୍ରବାହମାନ ଆକାଶରେ ଉଡ଼ନ୍ତା ପକ୍ଷୀ ବାଦଲର ଉପରି ଭାଗରେ ପଇଁନ୍ତରା ମାରୁଥିଲେ । ଝିରି ଝିରି ହୋଇ ପର୍ବତ ଚୁଳରୁ ଝରି ଆସୁଥିଲା ହିମଧାରା । କେତେଟୋ ରଙ୍ଗୀନ ପ୍ରସ୍ତର ପଶ୍ଚିମ ସ୍ତମ୍ଭରେ ଖେଳେଇ ହୋଇ ପଡ଼ିଥିଲା । ସମୋନଙ୍କ ପଛରେ ଅପେକ୍ଷା କରିଥିଲା ଗ୍ରାସାକାଂକ୍ଷି ଲୋଳଜିହ୍ୱ ତିମିର ପଟଳ । ପର୍ବତର ଘନନୀଳ କାନ୍ତି ଏହାର ଦର୍ଶକ । ସମୋନେ ନିଶ୍ଚଳ, ନିରୁତ୍ତର । ସେତେକି ନିଜ ସ୍ଥିତି ଉପରେ ଅଟଳ ବିଶ୍ୱାସ । ଦୀର୍ଘଦିନ ପାଇଁ ନିଜର ନୀଳିମାକୁ ବଜାୟ ରଖିବେ । ସମୟ ବଜ୍ରର ଗୁରୁ ଗମ୍ଭୀର ସ୍ୱର ତାଙ୍କ ଉପରେ ଅଜାଡ଼ି ହୋଇ ପଡ଼ିଲେ ଦୃଢ଼ କଣ୍ଠରେ ଜବାବ ଦେବେ । କାହିଁକି ସମସ୍ତଙ୍କୁ ଭିକ୍ଷୁ କାଙ୍ଗାଳ କରିବା ପାଇଁ ତୁମ୍ଭର ଇଚ୍ଛା? କାହିଁକି ଉଚ୍ଚ ନୀଚ୍ଚର ଭେଦଭାବ ସୃଷ୍ଟି କରିବାକୁ ତୁମ୍ଭେ ବ୍ୟଗ୍ର ? କାହିଁକି ତୁମ୍ଭ ମଧ୍ୟରେ ପୁରି ରହିଛି ଧ୍ୱଂସ କରିବାର ମୋହ ? ଦିକ୍ ପଟାନ୍ତରର ଦୁର୍ଦମନୀୟତା ହସିଉଠିବା ?

ବିଟପାର କୂଳେ କୂଳେ ଲମ୍ବି ଯାଇଛି ସେତ୍ରେର ଅପରିମିତ ସମାହାର, ତା'ରି ପରକୁ ଗହୀର ବିଲର ଧାନ କ୍ଷେତେ, ଗାଁ ପରେ ଗାଁ ଲମ୍ବିଯାଇଛି ସେଇଠି । ଧୂଳିଆ ରାସ୍ତାଟି, ବ୍ୟସ୍ତହୋଇ ଧାଇଁ ଯାଇଛି ସେଇ ଆଡ଼କୁ । ମଣିଷର ବନ୍ଧନ ଦେଖି ସେ କାନ୍ଦି ଉଠିବ, କେତେ ଦୁଃଖୀ ରଙ୍କିର ଶରୀରକୁ ନିଜ ଉପରେ ରଖି ପୁଣି ଧାଇଁ ଯିବ କେଉଁ ରାଇଜକୁ । ଭେସଠର୍ନା କରିବ ଉତ୍ଫୁଲ୍ଲ ମନା କଳ ନିନାଦିନୀ ବିଟପାକୁ । ଦୁନିଆର ଦୁଃଖ ଦାରିଦ୍ର୍ୟର ମଞ୍ଚସଜ୍ଜା ବିରୁଦ୍ଧରେ ପ୍ରତିବାଦ କରି ପ୍ରକୃତିର ମଞ୍ଚସଜ୍ଜା ନିକଟରେ ଛିଡ଼ାହେବେ ଦୀର୍ଘ ପ୍ରଶ୍ନବାଚୀ ନେଇ । ଦୂର ଗାଁ ଗୁଡ଼ିକ ମୁହଁ ଅନ୍ଧାର ତଳେ ଝାପସା ଦିଶିଲେଣି । ନଈ ଏପଟକୁ ସେ ବନ୍ଧ ଉପରେ ଦୁଇଜଣ କିଏ ଗଡ଼ି ଆସୁଛନ୍ତି ଖୁବ୍ ଧିର ମନ୍ଥର ଗତିରେ । ସମୋନଙ୍କର ମନରେ ଯେପେରି ଭୟର ଲେଶ୍ ମାତ୍ର ନାହିଁ ।

ଅନ୍ଧାର ପ୍ରତି ଭ୍ରୂକ୍ଷେପେ ନାହିଁ । ସମାଜର ବାଦ ପ୍ରତିବାଦକୁ ସହି ସହି ଯେମିତିକି ଦେହେଟା ତାଙ୍କର ପଥର ହୋଇଯାଇଛି । ସେଇଥିପାଇଁ ଏ ଅନ୍ଧାର ମଧ୍ୟରେ ଗତି ତାଙ୍କର ଅଚଞ୍ଚଳ । ନନ୍ଦ ସାହୁ ଅଟକି ଗଲେ ରାସ୍ତା ଉପରେ କୋଳେ ଗୋଟାଏ କିଛି ଲାଭ ମିଳିବ । ଏ ଦୁର୍ଭିକ୍ଷରେ ଅଣ୍ଟାକୁ କନାଖଣ୍ଡେ ମିଳୁନାହିଁ କି ପେଟକୁ ଦାନା ଖଣ୍ଡେ ମିଳୁନାହିଁ । ଏ ଚାରି ପାଖରେ ଲୋକେ ତାଙ୍କରି ଉପରେ ଆଶା ଭରସା ରଖିଛନ୍ତ । ଗହଣା ଗାଣ୍ଠି ଜମିବାଡ଼ି ସବୁ ଯାଉ ପଛକେ ଗଣ୍ଡେ ଖାଇବାକୁ ମିଳୁ । ସାହୁଙ୍କର ମନରେ ଆନନ୍ଦ କାଲେ କିଏ ଗହଣା ଗାଣ୍ଠି ଖଣ୍ଡେ ଆଣିଥିବ ଧାନ ମୁଠେ ନେବାକୁ । କିଛି ଲାଭ ହେବେତ-- ସେଇଥିପାଇଁ ସେ ଏମାନଙ୍କୁ ଅପେକ୍ଷା କରିଛନ୍ତି ।

ପାଖକୁ ଆସିଗଲଣେି ସମୋନେ । ଖୁବ୍ ପାଖକୁ । ପିଲା ଦୁଇଟି ଦୁଇ ଭାଇ ସମୋନେ । ଏଇ ନରୁ ପଧାନର ପୁଅ ସମୋନେ । ବାପା ସମୋନଙ୍କର ଏ ଦୁର୍ଭିକ୍ଷରେ ଖାଇବାକୁ ନପାଇ ହଇଜାରେ ଯାଇଛି । ଚାରିଆଡ଼େ ତ ହଇଜା ଆମାଶୟ ଲାଗିରହିଛି । ଯିଏ ତ ଗଲା ଗଲା । ଯଉେଁମାନେ ବଞ୍ଚିରହିଛନ୍ତି ସମୋନଙ୍କୁ ରକ୍ଷା ମିଳୁଛି କଉେଁଠୁ । ଲୋକମାନେ ମରିଗଲେ, ଗାଁ ଜମିବାଡ଼ି ସବୁ ଗାଁ ମହାଜନ ମାନଙ୍କର । ପିଲା ଦୁଇଟିକି ଦଖେି ନନ୍ଦ ସାହୁଙ୍କର ସମୋନଙ୍କ ଉପରେ ବହୁେତ ରାଗ ହଲୋ । ଏତେ ଆଶା କରି ସେ ଛିଡା ହୋଇ ଥିଲେ କିଛି ମିଳିବ ବୋଲି । କିନ୍ତୁ ଏ ପିଲା ଦୁଇଟା ଭିକମାଗି ଫରେୁଛନ୍ତି ଗାଁକୁ । କିଏ ଜାଣିଥିଲା ଏ ସଂନ୍ଧ୍ୟାଟାରେ ଏପରି ଅଶୁଭ ଦର୍ଶନ ହବେ ବୋଲି ? ପୁଣି ସମୋନେ କ’ଣ ଚୁପ୍ ଚୁପ୍ ଚାଲିଯିବେ? ତାଙ୍କର ସବୁ ଯମେିତି ନଇେ କହେି ଗଣ୍ଡେ ଖାଇବାକୁ ଦଲେେ ନାହିଁ, ବାଟଯାକ ବାବୁ, ମୁଠେ ଖାଇବାକୁ ଦିଅନ୍ତୁ, ପଇସାଟାଏ ଦିଅନ୍ତୁ-- ଏଇମିତି ବକର ବକର ହବେେ । କି ଅନାର୍ଯ୍ୟ ଏଗୁଡ଼ାକ । କିରେ କାଙ୍ଗାଳ ପଲ! ତୁମ ଜମି କଅଣ ମାଗଣାରେ ନଲେୁ ? ତୁମ ବାପା ମା’ ଧାର କରଜ କରିଥିଲେ । ଦଇେପାରି ନଥିଲେ । ସଇେଥି ପାଇଁ ଜମି ନଲେୁ । ତୁମ୍ଭର ସଥିେରେ ହଲୋ କ’ଣ ? ଖାଇବାକୁ ନ ପାଇଲେ କଉେଁଠି ମରି ଯାଉନା । ଖାଲି ଦିଅ ଦିଅ । ଦହେରୁ ଝାଳ ଦଇେ କଳ କୌଶଳ ଖଞ୍ଜି ଧନକଲୁ, କ’ଣ ଦାନ କରିବା ପାଇଁ ? ଏହିଭଳି କେତେ କେଥା-- ସାହୁଏ ଚିନ୍ତା କରିଯାଉଥିଲେ ମନେ ମନେ ।

ପାଖରେ ପିଲା ଦୁଇଟିକୁ ଦଖେି ଟିକେ ହସିନଲେେ-- ସାହୁଏ । ସତକେି ସେ ହସରେ କ’ଣ ଗୁଡ଼ାଏ ଛପି ରହିଛି ,ଅଠା କାଣ୍ଡିଆ ଭଳି କ’ଣ ଗୁଡାଏ ଲାଖି ରହିଛି ସେ ହସରେ । ଛି....., ଛି......, ପାକୁଆ ପାଟିକୁ ହସଟା ଅନ୍ଧାର ମଧ୍ୟରେ କାଳିଆ ରଙ୍ଗରେ ଜୁଡୁ ବୁଡୁ ହୋଇ ଯାଉଛି । କମେିତି ଗୋଟାଏ ଦଖୋ ଯାଉଛି ସତେ ?

-- “କିରେ ଦୁଃଖା! ଆଜି କେତେ ଭିକ ମିଳିଲା” ?

-- “ନା ବାବୁ! କଉେଁଠୁ ଭିକ ମିଳିବ । ଆମ୍ବ ତୋଟାରେ କିଏ କଜୋଣି ଗଣ୍ଡେ ଖାଉଥିଲା । ମାଗିବାରୁ ସଇେ ଗଣ୍ଡିଏ ଦଇେଥିଲା” ।

-- ଯାହା ହଉେ ଦୁଃଖା ଏ ଦୁର୍ଭିକ୍ଷରେ ଦି ଭାଇ ଯାକ ଖୁସିରେ ଚଳି ଯାଉଛ । ବାସ୍ ସତେିକି । ଗରିବ ମାନଙ୍କ ପ୍ରତି ଏଇ ହଉେଛି ଶ୍ରେଷ୍ଠ ଆଘାତ । ଦର ଭୋକିଲା ପଟେରେ ଆତ୍ମା କାନ୍ଦି ଉଠୁଥିଲା । ସତକେି ସେ ଚର୍ମର ବନ୍ଧନ ଛିନ୍ନ କରି ଉଡିଯିବ, ବାପାର କଥା ମନେ ପକାଇ ଏହି ସାନ ଭାଇଟା ପାଇଁ ଦୁଃଖାର ଅନ୍ତରରେ କୋହ ଉଠୁଥିଲା । ଇଚ୍ଛା ହଉେଥିଲା କହିଦବୋକୁ-- “ସାହୁ ବାବୁ, ତୁମ୍ଭ ଭଳି ଲୋକେ ଏ ସଂସାରରେ ଥିବା ପର୍ଯ୍ୟନ୍ତ କହେି କବେେ ଖୁସିରେ ଚଳି ପାରିବ ନାହିଁ” । କିନ୍ତୁ ନୀରବ ରହିଥିଲା ସେ । କିଛି କହି ପାରିନଥିଲା । ପୁଣି ସାହୁଏ ପ୍ରଶ୍ନ କରିଥିଲେ-- “କିରେ! ଧାମରା ବନ୍ଦରରେ ତ ବଶେ୍ କାମ ମିଳୁଛି, ସଇେଠିକି ଚାଲି ଯାଉନା ଭଲରେ ଚଳନ୍ତ । ଏଠି ନୁଖୁରାଟାରେ କାହିଁକି ପଡ଼ି ରହିଛ?” । ଗାଁ ମୁଣ୍ଡର ଦୋହରା ବାଟରେ ଏକ ଆଶ୍ୱସ୍ତିର ନିଃସ୍ୱାସ ନଇେ ସାହୁଏ ବାଟ ଭାଙ୍ଗିଥିଲେ ।

ନିଜ ଗାଁର ଲୋକ ମାନଙ୍କ ହୃଦୟକୁ ଦୁଃଖା ବଶେ୍ ଚିହ୍ନି ପାରିଥିଲା । ସେ ଭଲ ଭାବରେ ଜାଣିଥିଲା -- ଏ ଗାଁରେ ଖାଇବାକୁତ ଗଣ୍ଡେ ମିଳିବ ନାହିଁ । ତାହା ବ୍ୟତୀତ ରହିବାକୁ ମଧ୍ୟ ତଳକୁ ଓଳାଟିଏ ବି ମିଳିବ ନାହିଁ । ସମୋନେ ଆହୁରି ଆଗକୁ ଚାଲିଯିବେ-- ଆର ଗାଁକୁ, ସଇେଠି ହୁଏତ ସମୋନେ ଟିକେ ଶାନ୍ତି ପାଇବେ-- ଏ ରାତିକ ପାଇଁ । ଭାଇଟି ତା’ର ଶୀତରେ ଥରି ଯାଉଥାଏ । ସାନ ଭାଇକୁ ପାଖକୁ ଟାଣି ନଇେ ତା’ର ହାତ ଧରି ଚାଲିଯାଇଥିଲା । ଜନ୍ମ ମାଟିର ମୋହ ତା’ର ଆଖିରୁ ଝରାଇ ଦଇେଥିଲା ପୁଳାଏ ଲୁହ-- ସଇେଠି ।

ଆର ଗାଁର ଘରଟିଏ । ମିଞ୍ଜି ମିଞ୍ଜି ହୋଇ ଆଲୁଅଟିଏ ଘର ମଧ୍ୟରେ ଦଖୋ ଯାଉଥାଏ । ପିଣ୍ଡା ଉପରକୁ ଦୁଇ ଭାଇ ଉଠିଲେ । ମନରେ କେତେ ଆଶା-- କାଳେ ମୁଠିଏ ଖାଇବାକୁ ମିଳିବ । ଦାଣ୍ଡ ପଥର ଉପରେ ଛିଡ଼ାହୋଇ ମାଗିଲା-- ମା’ ଗଣ୍ଡିଏ ଖାଇବାକୁ ମିଳିବ? “ସପେଟୁ ସ୍ୱରଟିଏ ଭାସି ଉଠିଲା-- କିଏ, କି,ରେ ଅଳପଇସ, କାଙ୍ଗାଳ କାହିଁକି ଏଠିକି ଆସିଛୁ ? ମଣିଷ, ମଣିଷକୁ ଟିକେ ଶାନ୍ତି ମିଳିବ ନାହିଁ

। ଯା’ ଯା’ ବାହାରି ଯା’ ଏଠୁ, କଉଁ ଗଛ ମୂଳକୁ ନହଲେ ଦାଣ୍ଡ ଧୂଳିକୁ ଅନାଇ-- ସଇେଠି ମାଗ ମିଳିବ” । କବାଟ ବନ୍ଦ ହଲୋ । ଦୁଃଖାର ଆଖିରୁ ଝରି ଆସିଥିଲା ଅନବରତ ଲୁହଧାରା ।

ଫରେି ଯାଇଥିଲା ଦୁଃଖା ଗାଁ ଭିତରକୁ । କ’ଣ ଗ ୋଟାଏ କ ୋଳାହଳ ଶୁଣା ଯାଉଛି କଜୋଣି-- “ଆଉଗଣ୍ଡେ”, “ଦି’ଟା”, “ମ ୋତେ ଦିଅ”, “ନା ନା ମ ୋତେ”, “ଟ ୋପେ ତ ୋରାଣି ଦିଅ” । କଣୌସେି ସଦୟ ବ୍ୟକ୍ତି ଗଣ୍ଡେ ଦାନ କରୁଛନ୍ତି ବ ୋଧହୁଏ-- ଦୁଃଖା ଜାଣିଲା । ଭାଇକୁ କାଖରେ ଜାକି ଦଉଡ଼ି ଗଲା ସଇେଠିକି । ସମସ୍ତେ ଭାତ ନଇେ ଫରେୁଛନ୍ତି । କିଏ କମେିତି ବସି ଖାଉଛନ୍ତି । ଆଗଇେ ଯାଇ ମାଗିଲା -- “ମ ୋତେ ମୁଠିଏ ବାବୁ!”

“କିଏରେ ଏତବେଳେ ଯାଏଁ କଉଁଠି ଥିଲୁ ? ସବୁତ ସରିଗଲାଣି, ଆଉ ଅଛି କ’ଣ?” ଆଖିଲୁହ ଆଖିରେ ଲିଭି ନଥିଲା ଦୁଃଖାର । ଆଦ୍ର କଣ୍ଠରେ ପୁଣି କହିଲା-- “ମୁଠିଏ ଭାତ ବାବୁ!” ଗୃହ କର୍ତ୍ତା ଭାରି ଦୟାଳୁ ଖାଇବାକୁ ଦି’ମୁଠା ଦଇେଥିଲେ । ନିଜ ପଟେକୁ ଦରପୂରା ରଖି ଭାଇକୁ ପଟେଭରି ଖୁଆଇଲା । କଉଁଠି ପୁଣି ରାତିଟି କଟାଇବେ ସେ ? ଖାଇବାକୁ ସିନା ଗଣ୍ଡେ ମିଳିଲା । ଗାଁ ମଝିର ଲିମ୍ବ ଗଛମୂଳେ ଭାଇକୁ ପାଖକୁ ଯାକିଆଣି ଶ ୋଇ ପଡ଼ିଲା ଧୂଳିରେ । ଘ ୋଡ଼ି ହବୋକୁ ଲୁଗା ନାହିଁ । ନିଜେ ଯମେିତି ହଲେ ଶୀତକୁ ସହିଯିବ । କିନ୍ତୁ ଭାଇର ନରମ ଚମ ସହିବ କମେିତି ? ବାପା ମା ପରା ତାରି ହାତରେ ଜଗାକୁ ମଣିଷ କରିବା ପାଇଁ ଛାଡ଼ି ଦଇେ ଯାଇଛନ୍ତି । ତା’କୁ ଏ ଭାଇ ବଞ୍ଚାଇ ରଖି ମଣିଷ କରି ପାରିବ ତ ?

ଶିତୁଆ ରାତିର ଲିମ୍ବ ଗଛ ଛାଇରେ ସେ କତେବେଳେ ଶ ୋଇ ଯାଇଛି ଜାଣେ ନାହିଁ । ଜଗା ଡ଼ାକିଲା- ଭାଇ!, ଭାଇ!!

-- ଏଁ

-- ବଳେ କତେ ହଲୋଣି । ଉଠ୍ କୁଆଡ଼େ ଯିବୁ ପରା ?

ଦିନସାରା ବୁଲି ବୁଲି ଥକ୍କା ଲାଗି ଯାଇଥିଲା ତା’କୁ । ଆଖିମଳି ମଳି ନିଦରୁ ଉଠିଲା । “ଜଗା ଆରେ କତେବେଳେ ହ ୋଇଗଲାଣି ସତେ ? ଟିକେ ସକାଳେ ଉଠିଥିଲେ କତେବୋଟ ଚାଲିଯାଆନ୍ତଣିେ ସମୋନେ । ଧିକ୍ ଏ ଜୀବନକୁ । କାହିଁକି ଏତବେଳେ ଯାଏଁ ଶ ୋଇଗଲି?” । ନିଜ ଉପରେ ନିଜେ ଗାଳି ବର୍ଷଣ କରିବାକୁ ଲାଗିଲା । “ଯଉଁଠି ଯମେିତି ଗଣ୍ଡେ ଖାଇବାକୁ ମିଳିବା କଥା, ସଠେୁତ ଆଗରୁ ଯାଇ ସମସ୍ତେ ମାଗିନଇେ ଯିବଣିେ । ଆଜି ଦିନକ ଉପାସରେ କଟିବ ସିନା” । ଭାଇକୁ ଗ ୋଟାଏ ହାତରେ ଧରି ଧିରେ ଧିରେ ଆଗକୁ ଚାଲିଲା । ମନରେ କତେେ ଚିନ୍ତାର ବଉଦ ଉଙ୍କି ମାରୁଥାଏ । ଆଗରେ କତେେ ବାଧା ବିଘ୍ନ ଛିଡ଼ା ହ ୋଇଥାଏ । ଗରିବ ମଣିଷ ଏଇ ଦୁଃଖା । ତା’ର ଶକ୍ତି କ’ଣ ତାକୁ ଦଳି ଦଇେପାରିବ ?

ଦିଗନ୍ତକୁ ଅନାଇଲା ଦୁଃଖା । ପୃଥିବୀ ବକ୍ଷରେ ଆକାଶଟା ମିଶିଯାଇଛି ସଇେଠିକି । ଏଇଠି ଦିଗର ଅନ୍ତ ହ ୋଇଛି । ତା’ର ଏ ପଟକୁ ସବୁଜ ପୃଥିବୀର ରଙ୍ଗ କଉଁଠି ଖଳେୁଛି । କଉଁଠି ନିଃସ୍ତବ୍ଧ ମହାଭୂଜଙ୍ଗୀ ପରି ନିଃଶ୍ଚଳ ତାହାରି ଶରୀର । ସତକେି କତେବେଳେ ଉନ୍ମାଦିନୀ ପରି ନାଚି ଉଠିବ ବିଭିଷିକାମୟୀ । ହସି ଉଠିବ ପୁଣି । ଧ୍ୱଂସ ହ ୋଇଯିବ ଏ ଦୁନିଆଟା । କିନ୍ତୁ ଦୁଃଖା ଭବିଷ୍ୟତର ଦିଗନ୍ତ ନାହିଁ । ପୃଥିବୀଭଳି ସେ ଖୁସି ହ ୋଇ ପାରୁନାହିଁ କି ବିଭୀଷିକାମୟ ମଧ୍ୟ ହ ୋଇ ପାରୁନାହିଁ । ନିଜ ଦହେରେ କ୍ଷୁଧିତ ଆତ୍ମା ଯମେିତି ଗ ୋଟାଏ ଚିକôାର କରି ତାକୁ ପରିହାସ କରୁଛି । ସବୁଠି ତା ପାଇଁ ସଂଗ୍ରାମର ଆହ୍ୱାନ । ସେ ସଂଗ୍ରାମ କରିବ । ଏଇ ସାନ ଭାଇଟି ପାଇଁ ସଂଗ୍ରାମ କରିବ । ଦହେକୁ ଖଣ୍ଡ ବିଖଣ୍ଡ କରି ସେ ତାକୁ ବଞ୍ଚାଇବ ।

କଉଁ ଏକ ଗାଁ ପାଖରେ ପହଞ୍ଚିଛନ୍ତି ସମୋନେ । କେତେ ମନ ଖୁସିରେ ଦୁଃଖୀ ଗାଁ ଭିତରେ ଭିକ ମାଗିଲା । ଗୋଟି ଗୋଟି ହୋଇ ସବୁ ଘର ତାଟ ପଡ଼ିଗଲା । ମୁଠାଏ ଚାଉଳ ଯାହା ମିଳିଲା ସେତିକି ନେଇ ସମୋନେ ଏ ଗାଁରୁ ନେଲେ ବିଦାୟ । ପୁଣି ଚାଲିଲେ ଅନ୍ୟ ଗୋଟାଏ ଗାଁକୁ । ଦେହେରେ ଶକ୍ତି ନାହିଁ । ବାଲିଆ ରାସ୍ତାରେ ଗୋଡ ବଳେ ବଳେ ହାଲିଆ ହୋଇ ଉଠୁଛି । ମୁଣ୍ଡ ଉପରେ ସୂର୍ଯ୍ୟ ରଶ୍ମି ଛିଡିକି ପଡୁଛି । ତଥାପି ସେ ଅନ୍ୟ ଗାଁକୁ ଯିବ । ନିଜକୁ ବଞ୍ଚାଇବା ପାଇଁ ନୁହେଁ । ଏହି ସାନ ଭାଇଟିକୁ ବଞ୍ଚାଇବା ପାଇଁ ।

ପୁଣି ସମୟ କ୍ରମେ କ୍ରମେ ଅତିକ୍ରମ କରୁଛି । ଅନ୍ଧକାରର ଆହ୍ୱାନ ପ୍ରାଣୀ ଜଗତକୁ ଅସ୍ତବ୍ୟସ୍ତ କରି ପକାଉଛି । କିନ୍ତୁ ଦୁଃଖୀର ସଙ୍ଗେ ମୁଠିକ ଚାଉଳ । ସେତିକି ଆଜି ଦିନର ସମ୍ବଳ । ନିରାଶ ହୋଇଛି ସେ ଆଜି । ଗତ ଦୁଇ ଦିନରେ ଥରେ ମାତ୍ର ଭାତ ପଟେପୁରା ଖିଆହୋଇଛି । ତାହା ପରେ ମାତ୍ର ଦୁଇମୁଠି ଚାଉଳ ସମେନଙ୍କ ପ୍ରାଣ ଏଥିରେ ଦୂରିଭୂତ ହବେ ତ ? ନା ସେ ନିଜର ସଂଗ୍ରାମ ଜାରି ରଖିବ । ଅନ୍ୟପନ୍ଥା କିଛି ନାହିଁ । ଟିକିଏ ଦୂରକୁ ଅନାଇଲା ଦୁଃଖୀ । ଟିକେ ଉଚ୍ଚ ଜାଗାରେ କେତେଟା ଆଲୁଅ ଜଳୁଛି । ବୋଧହୁଏ ସେଇଠି କିଛି ଖାଇବାକୁ ମିଳିବ । ସେଇଠିକି ଚାଲିଲେ ସମୋନେ । କଲେଜ୍‌ର ସୁଦୀର୍ଘ ପାଚେରୀଟି ଛିଡ଼ା ହୋଇଛି । ଝିଅ ପୁଅ ମାନେ ପଢ଼ାପଢ଼ିରେ ବ୍ୟସ୍ତ । ଗରିବ ମାନଙ୍କର ଦୁଃଖରେ ସମୋନେ ଦୁଃଖି ହୁଅନ୍ତି । ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରନ୍ତି ।

ଆଲୋକ ମାଳିନୀ । ଗୋଟାଏ ଧନୀ ନଗରୀ ଭଳି ଶୋଭାମାନ-- ଏହି କଲଜେ । ସୀମା ମଧ୍ୟକୁ ପ୍ରବେଶେ କଲେ ଦୁଇଭାଇ । ନାଲିଗୋଡ଼ି ରାସ୍ତା ଗୁଡ଼ିଏ ଉଚ୍ଚ ଉଚ୍ଚ ପ୍ରାସାଦ ଗୁଡ଼ିକର ସୂଚକ ହୋଇଥାଏ । ସମୋନଙ୍କ କଡ଼େ କଡ଼େ ଝାଉଁ ନଡ଼ିଆ ଗଛର ଧାଡ଼ି । କଉଁଠି କମିତି ଫୁଲଗଛ ଗୁଡ଼ିଏ ସଜ୍ଜାହୋଇ ଲଗା ଯାଇଛି । ସ୍ଥାନେ ସ୍ଥାନେ ବହୁଳ ଆମ୍ବ ଗଛର ତଳେ ଅନ୍ଧକାରର ସମସ୍ୟା । ଲକ୍ଷ୍ୟକଲା ଦୁଃଖୀ-- ଆଗରେ କିଏ ଦୁଇଜଣ ବାବୁ ଆସୁଛନ୍ତି । ଅପେକ୍ଷା କଲା ସମୋନଙ୍କୁ । ଚିହ୍ନିଲା ଦୁଃଖୀ- ତାଙ୍କ ଗାଁର ଦୁଇଜଣ ବାବୁ-- ଏ କଲଜ୍‌ରେ ପଢୁଛନ୍ତି! ଦୁଃଖୀ କହିଲା-- ବାବୁ! କାଲିଠୁ ଦି'ଟା ଖାଇବାକୁ ପାଇନାହୁଁ । ମୁଠିଏ ଖାଇବାକୁ ଦିଅ । "ଆରେ ଦୁଃଖୀ ନାଁ କିଏ ? ଆଛା, ଆଛା ଏଇ ଛାତ୍ରାବାସକୁ ଚାଲ, ବ୍ୟବସ୍ତା କରିଦବୁ" - ବାବୁ ଦୁଇଜଣ କହିଲେ । ତା'ପରେ ଅନାଇଲା ଦୁଃଖୀ-- ବାବୁମାନେ ରିକ୍ସା ଚଢ଼ି ଚାଲି ଯାଉଛନ୍ତି ।

ପୁଣି ଚାଲିଲେ ଦୁହେଁ ଛାତ୍ରାବାସ ମଧ୍ୟକୁ । ସେଇଠି ହୁଏତ ଦି'ମୁଠି ଖାଇବାକୁ ମିଳିବ । ଦି ପଇସା ପାଇବେ । କେତେ ଦୟାଳୁ ବାବୁ ଅଛନ୍ତି । ଆଉ ନ ହଲେ ବି ଖାଇବାକୁ ତ ଗଣ୍ଡେ ମିଳିବ । ଆଗଇେ ଗଲେ ଦ୍ୱାର ଦଶେକୁ ।

ପ୍ରହରୀର କଠୋର ଗଳା କମ୍ପି ଉଠିଲା-- "କିଏରେ ଏଠିକି ଆସିଛୁ ? ଏତେ ରାତିରେ କୁଆଡ଼େ ? ଯା, ଯା ବାହାରକୁ ପଳା" ।

-- "ବାବୁ! ମୁଁ ଭିକାରୀ । କାଲିଠୁ ଖାଇ ନାହୁଁ । ଗଣ୍ଡେ ଖାଇବାକୁ ମିଳୁ ।

-- ଆରେ କ'ଣ କହିଲୁ! ଖାଇବାକୁ ମିଳୁ"? ତୁ ଖାଇବାକୁ ଖୋଜୁଛୁନା,

ଚୋରି କରିବାକୁ ଆସିଛୁ ? ଯା, ଯା -ଆରେ ଯାଉଛୁନା ପୁଣି ମାଡ଼

ଦରକାର କରୁଛୁ"?

ଛାତିର ଗଭୀର ପ୍ରସ୍ଥରରେ ଧକ୍କା ଲାଗିଲା ଦୁଃଖୀକୁ । କେତେ ଆଶା ଭରସା ରଖି ଧାଇଁ ଆସିଥିଲା ସେ । ତବେେ କ'ଣ ଫେରିଯିବ ଏଠୁ ? ବାବୁ ମାନଙ୍କୁ ନିଜର ଦୁଃଖ ସମ୍ବନ୍ଧରେ ପଦେ କହି ପାରିବ ନାହିଁ ? ସେ ବାବୁ ଦୁଇ ଜଣକ ଆଉ ଫେରେ ନାହାଁନ୍ତି । ତବେେ କିପରି କ'ଣ କରିବ ସେ ? ଝରକା ପାଖରେ କ'ଣ ବାବୁ ମାନଙ୍କ ପାଖରେ ଗୁହାରି କରିବ ? କେତେ କାନ୍ଦି କାନ୍ଦି ମୁଠେ ଖାଇବାକୁ ସେଦିନ ଝରକା ପାଖେ ପାଖେ ବାବୁ ମାନଙ୍କୁ ମିନତି କଲା । ସମୋନଙ୍କ ପାଖରୁ ମଧ୍ୟ ସେ କେତେ ଗାଳି ଶୁଣିଛି, କେତେ ଧିକ୍କାର ।

ମନ ଗହୀରରେ କେତେ ଦୁଃଖ ଆସିଛି । କିନ୍ତୁ କାହା ଆଗରେ ସେ ଏ ସବୁକୁ ବଖାଣିବ । ଯେଉଁ ମାନଙ୍କ ପାଖରେ କହିବ ବୋଲି ସେ ଆସିଥିଲା, ସମୋନତେ କବେଠାରୁ ଚାଲିଗଲଣି ଆଉ କାହିଁ ଫେରିଲେ ନାହିଁ । ସତରେ ସେ ଆଉ କ'ଣ ବଞ୍ଚିପାରିବ ନାହିଁ ? ଆଉ ସେ ସହିପାରିବ ନାହିଁ ମଣିଷ ଜାତିର ଅହଙ୍କାର ?

ତବେ ସେ କ'ଣ ଫେରିଯିବ ? ନିଜେ ସିନା ମରିଯିବ । ହଲେ ତା' ହାତରେ ଯେଉଁ ସାନ ଭାଇଟିର ଭାର ଲଦା ହୋଇଛି, ତାର ଅବସ୍ଥା କ'ଣ ହବେ ? ସେ ମଣିଷ ହବେ କମେିତି ? ନା ନା ଯେତେ ବାଧାବିଘ୍ନ ଆସୁ ପଛେ ତା ସହିତ ଯୁଦ୍ଧ କରିବାକୁ ହବେ । ପୁଣି ଆଗଇେଲା ଦୁଃଖୀ ଆଗ ଝରକା ପାଖକୁ ।

--ବାବୁ! ପଇସାଟିଏ ମିଳୁ ।

ଗୋଟିଏ କୋଠରୀରେ କିଏ ଜଣେ ବାବୁ ପଢୁଛନ୍ତି । ପଚାରିଲେ --

-- "କିଏ ସେ" ?

-- "ବାବୁ କାଲିଠୁଁ କିଛି ଖାଇନୁ । ପଇସା ଗୋଟିଏ ମାଗୁଛି ।

ନିଜ ସ୍ଥାନରୁ ଉଠି ପଚାଶ ପଇସା ବଢ଼ାଇଦଲେେ-- ବାବୁ ଜଣକ । ମନେ ମନେ କ'ଣ ଚିନ୍ତା କରୁଥାନ୍ତି କଜୋଣି ଜଣାପଡୁଥାନ୍ତି ଖୁବ୍ ବ୍ୟସ୍ତଭଳି ।

ମୁହଁରେ ଥାଏ ଦୁଃଖୀର ବ୍ୟଗ୍ରତାର ଚିହ୍ନ । ପଇସାତକ ନଇେ ପଛକୁ ଫେରିଲା ସେ । ପୁଣି ଭାବିଲା ଖାଇବାକୁ ଗଣ୍ଡେ ମାଗିବ । ପଇସା ସିନା ମିଳିଲା, ଖାଇବାକୁ ପଇବ କଉେଁଠୁଁ ? ଏଥିରେ କ'ଣ ତାଙ୍କର ପଟେ ପୁରିବ ? ପୁଣି ଡ଼ାକିଲା-- ବାବୁ !

--କ'ଣ ? କିଛି ଦରକାର ଥିଲା ମୋ ପାଖରେ ।

-- ବାବୁ! ଗଣ୍ଡେ ଖାଇବାକୁ ମିଳୁ ।

-- ଆଗକୁ ଆସ ମୁଁ ଚେଷ୍ଟା କରିବି ।

-- ଦୁଃଖୀର ମନରେ ଆଶା ଜାଗ୍ରତ ହଲୋ । ଭିତରକୁ ଯିବାପାଇଁ ଚେଷ୍ଟାକଲା । ଦ୍ୱାର ପାଳ ସଇେଠି ଛିଡ଼ା ହୋଇଥିଲା । ଦୁଃଖୀ ଭରସି ପାରିଲା ନାହିଁ । ତାହାରି ଆଖି ବୋଧହୁଏ ଦୁଃଖୀ ଉପରେ ପଡ଼ିଲା । ପୁଣି ସେ ଚିକଠାର ଛାଡ଼ି କେତେ ଗାଳି ଗୁଲଜ କଲା । ବାହାର କରି ଦଲୋ ତାକୁ ପୁଣି ।

ପଛକୁ ଫେରିଲା ଦୁଃଖୀ । ଆଖିରେ ଭରିଥିଲା ଲୁହ । ମନରେ ଉଙ୍କି ମାରୁଥିଲା କେତେ ପଦ କଥା-ଚୋର ନା ଭିକାରୀ, ଯା' ଏଠୁ ଚାଲିଯା । ଆଗରେ ଅନ୍ଧାର ଗହଳି ଅପକ୍ଷୋ କରି ରହିଥିଲା । ଭାଇକୁ ପୁଣି ଗୋଟାଏ ହାତ ଧରି ସହେି ଅନ୍ଧାର ଭିତରକୁ ଚାଲିଗଲା । ଖୁବ୍ ଅନ୍ଧାର ଭିତରକୁ । ଯେଉଁଠି ଘନ ଅନ୍ଧାରର ବନ୍ଧନ ସ୍ୱାଭିମାନରେ ଝରିପଡ଼େ ।

ଝ୍ଚଝ୍ଚଝ୍ଚ

ଭ୍ୋଦଇେ ଖରା

ପ୍ରଚଣ୍ଡ ରୌଦ୍ରକ୍ଲିଷ୍ଟ ନିଦାଘର ଝାଞ୍ଜି ପରେ ଆସେ ବର୍ଷାର ରାଜୁତି । ଘନ ଘନ ମୌସୁମୀ ପ୍ରବାହରେ ପ୍ରବହମାନ ହୋଇଉଠେ ଧରିତ୍ରୀର ବକ୍ଷ ନବ ପଲ୍ଲବରେ ପଲ୍ଲବିତ ହୋଇ ସାରିଥାଏ ବୃକ୍ଷ ରାଜି । ଏଥକୁ ନାନା ଫଳ ପୁଷ୍ପ ଧାରଣ କରି ପ୍ରକୃତି ରାଣୀ ହସି ଉଠିଲା -- ଏକ ନବୋନ୍ମାଦନା ଓ ନବୋଲ୍ଲାସରେ । ସବୁଜ ଓଢ଼ଣା ଟାଣି ପୃଥିବୀ ରାଣୀ ନବ ବଧୂ ସାଜିଲା । ସବୁଜିମାରେ ଧରିତ୍ରୀ ଭରପୁର ହୋଇଗଲା । ଏକ ଅଫୁରନ୍ତ ଉସôବରେ ଉସôବେ ମୁଖର ହୋଇ ଉଠିଲେ ଜୀବ ଜଗତ ।

ମାଧ ଭୋରରୁ ଉଠି ବିଲ - ବାଡ଼ିକୁ ଚାଲିଯାଏ । ଦ୍ୱି-ପ୍ରହର ବେଳକୁ ଫେରେ । କ'ଣ ଦି-ଟା ଖାଇଦେଇ ପୁଣି କ୍ଷେତବାଡ଼ିକୁ ଚାଲିଯାଏ । ପାଣି କାଦୁଅରେ ଚବର ଚବର ହୋଇ କାମରେ ମାତିଯାଏ । ହିଡ଼ କତି, ମହି, ଧାନ ରୁଆ-ପୋତା, କାଦୁଅ ହଳ, ଭୋଳ ମରା ଆଦି କେତେ କାମ ଲାଗିଯାଏ । ସାଥି ସହଯୋଗୀ ମୂଲିଆ ଭାଇ ସହ କାମ କରୁ କରୁ ଖୁସି ଅଣ୍ଟେନାହିଁ କି ଦିନ ସରେନାହିଁ । ମନରୁ ସ୍ୱତଃ ଝରି ଆସେ କେତେ ମନ ମତାଣିଆ ସଙ୍ଗୀତର ମଧୁର ମୂର୍ଚ୍ଛନା-- ହେ ବନ ଗିରି ! ହେ ଲତା ଗିରି ! ମୋ କାନ୍ତ ଗଲେ ଖୋସି ମାରି, କହିବ ମୋ କାନ୍ତକୁ, ଆଣିବେ ତା ଛାଲଟାକୁ, ପିନ୍ଧିବି ତାକୁ ସାୟା କରି, କହିବ ମୋ କାନ୍ତକୁ ଆଣିବେ ତା ମୁଣ୍ଡଟାକୁ, ଖାଇବି ତାକୁ ଝୋଳ କରି, କହିବ ମୋ କାନ୍ତକୁ, ଆଣିବେ ତା ପୁଣ୍ଚୋଟାକୁ, ପିନ୍ଧିବି ତାକୁ ବ୍ଲାଉଜ୍ କରି..... । ପାଖ କିଆରୀରୁ ଚାଷୀ ଭାଇ ପାଳି ଧରେ । ଛୁଟି ଚାଲେ ହସର ଜୁଆର । କ୍ଳାନ୍ତି ଅପମୋଦନ ହୋଇଯାଏ । ଜଣାପଡ଼େ ନାହିଁ ସମୟଟା କେଉଁ ବାଟେ ଚାଲିଯାଏ । ତହିଁକି ସମୟଟା ଉଚ୍ଛର ହୋଇ ଯାଇଥାଏ । ଫେରିଲା ବେଳକୁ ଅବଗୁଣ୍ଠନବତୀ ସଞ୍ଜ ନଇଁ ଆସେ । ପଲ୍ଲୀ କୋଳରେ ପ୍ରକୃତି ରାଣୀ, ମିଟି ମିଟି ତାରା ରାଣୀର ଝିଲି ମିଲି ଆଲୁଅରେ ହସି ଉଠେ ।

ସ୍ୱାମୀ-ସ୍ତ୍ରୀ ଆଉ ନାଲି ଚା ଟିକିଏ ଧରି ଦାଣ୍ଡ ପିଣ୍ଡାରେ ବସି ପଡ଼ନ୍ତି, ଜମି ଆସେ ଖୁସିର ଆସର । ପରସ୍ପର ଟୁପୁରୁ ଟାପୁରୁ ହୋଇ ଗପ ସପରେ ମାତି ଯାଆନ୍ତି । ଆର ଘରେ ଡ଼ିବିରି ଆଲୁଅ ଜାଳି ଧଡ଼ିଆ ପାଠ ପଢ଼େ ମୁନି ଚୁଲୀ ମୁଣ୍ଡରେ ବସି ଚୁଲୀ ଫୁଙ୍କେ । ମୁନି ବୋଉ ଦାଣ୍ଡ ପିଣ୍ଡାରୁ ପାଟି କରି ଉଠେ- ରେ ! ଧଡ଼ିଆରେ ମନ ଦେଇ ପାଠ ପଢ଼, ହାକିମ ହେବୁ । ଆଉ କେତେ ଦିନ ଆମେ ଏମିତି ମୂଲ ଲାଗି ପରିବାର ଭରଣ ପୋଷଣ କରିବୁ । ଲୋ ମୁନି ଝଅଟ କ'ଣ ଦି-ଟା ଫୁଟାଇ ଦେ । ତୋ ବା ସହଳ ଖାଇ ଶୋଇବ । ଖଟି ଖଟି ଲୋକଟାର ବଳ ବୟସ ହଟି ଗଲାଣି, ତଣେିକି ସକାଳୁ ଉଠିଲେ କେତେ କାମ । ଲୋ ଝିଟି! ଚୁଲୀଟା ଯଦି ନ ଜଳୁଛି ଘସି ଦି ମୁହାଣେ ପୁଆଇ ଦେ ।"

ସହେି ପିଣ୍ଡାରେ ପିଣ୍ଡାରେ ବିଧାନ ସଭା ବସିଯାଏ । କେତେ ଯୁକତି-ତରକ, କଥା କଟାକଟି, ଶଷେରେ ବର୍ଷଟା ସାରା ପାଇଁ ବଜେଟ୍ ପ୍ରସ୍ତୁତ ହୋଇଯାଏ । ମନରେ କେତେ ଯେ ଭବିଷ୍ୟତର ସୁନେଲି ସ୍ୱପ୍ନ ସବୁ ନାଚି ଉଠେ । ଏଥର ଇନ୍ଦ୍ର ଦେବତା ପ୍ରସନ୍ନ ହୋଇଛନ୍ତି । ଭଲ ବର୍ଷା ହୋଇଛି । ଭଲ ଧାନ ଫସଲ କରୋଏ ହେବ । ଭଲ ଅମଳ ଗଣ୍ଡେ ମିଳିବ । ବର୍ଷକ ପାଇଁ ଚାଉଳ କରିବେ । ପୁନଇେ ପରବ, ଭୁଜା-ଭୁଜି, ପିଠା- ପଣା, ପାଇଁ ଅଲଗା ଧାନ ଚାଉଳ ରଖିବେ । ବିହନ ଗଣ୍ଡେ ପୁଣି ସାଇତି ରଖିବାକୁ ପଡ଼ିବ । ଖାଇ ପିଇ ବଳକା ଯାହା ରହିବ; ସଥେିରେ ସେମାନେ ଧଡ଼ିଆ ପାଇଁ ଲୁଗା କିଣିବେ, ଏଥର ଶୀତ ଲୁଗା ଆସିବ । ପୁନିର ଶାଶୁ ଘରକୁ ସାଦ ପଠାଇବେ । ବଡ଼ ଝିଅଟା ଏଥର ପ୍ରଥମ ପୋଖେତି ଖାଇବ । ସବୁ ଜିନିଷ ଠିକ୍ ଠାକ୍ ନ ଦେଲେ ପୁଣି ଯା- ଦେଢ଼େସୁର, ନଣନ୍ଦ ଅଛନ୍ତି । କଥାଟା ନାକରା ହେବ । ଆଉ ଯାହା ରହିବ ପୋଷ୍ଟ ଅଫିସ୍‌ରେ ପୋସ୍ ବୁକ୍ ଖୋଲି ଜମା ରଖିବେ । ନୋହିଲେ ମୁନିଟାର ବାହାଘର

କମେିତି ହବେ ? ଏ ବର୍ଷ ନହଲୋ ନାହିଁ । ଆର ବର୍ଷକୁ ତ ଚିନ୍ତା କରିବାକୁ ପଡ଼ିବ ? ଆଜି କାଲିକା କଥା ତ ଶୁଣୁଛ । ବଳେୁ ହୁସିଆର ନ ହଲେ ଝିଅଟା ଆମର ଅଭିଆଡ଼ି ରହିଯିବ । ଛାଡ଼, ଏତେ ସପେନକୁ ରାତି କାହିଁ ? ଚାଲିଲ! ଚାଲିଲ ! ତୁଣ୍ଡରେ କ'ଣ ଦି'ଟା ଦଇେ ଶ ୋଇ ପଡ଼ିବ । ରାତି ପାହିଲେ ତଣେେ କେତେ କାମ ।

ଏ ହଉେଛି ତାଙ୍କର ନିତି ଦିନିଆ ତେଲେ ଲୁଣର ସଂସାର । ଏହି ହଉେଛି ତାଙ୍କର କ୍ଷୁଦ୍ର କୃଷକ ପରିବାର ଆଉ କୃଷିକାରୀ ମଣିଷ କଇେ ପ୍ରାଣୀର କଥା । ମନଦ ୋଳା ଆନନ୍ଦରେ ନାଚି ଉଠୁଥାଏ । କୌଣସି ପ୍ରକାରରେ ସଂସାରଟା ଚଳି ଯାଉଥାଏ । ସଦେିନ ବର୍ଷାଟା କାହୁଁ ଥିଲା କେଜାଣି ହଠାତ୍ ରଣ ନ୍ଦୁନ୍ଦୁଭି ଭେରୀ ବଜାଇ ମାଡ଼ି ଆସିଲା । ତିନି ରାତି ତିନି ଦିନ ଅବିରାମ ଗତିରେ ବର୍ଷି ଗଲା । ସୂର୍ଯ୍ୟ କି ଖରା କହେି ଦଖେି ନାହିଁ । ଖାଲି ଢ ୋ-ଢ ୋ ଗର୍ଜନ କରି ଝମ୍ ଝମ୍ ବର୍ଷି ଗଲା । ତା' ସାଙ୍ଗକୁ ଝଡ଼ ତ ୋଫାନ । ସାଇଁ ସାଇଁ ବାଆ ପିଟୁଥାଏ । ପଖିଆ କି ଛତା ମୁଣ୍ଡ ଉପରେ ରହୁ ନ ଥାଏ । ବିଲ-ବାଡ଼ିକୁ କହେି ବାହାରି ପାରିଲେ ନାହିଁ । ଚିଲ-ଚିରିଗୁଣୀ ଠାରୁ ଇତର ପ୍ରାଣୀ ଯାଏଁ ଭୟରେ କିଏ କେଉଁଠି ପଶିଲେଣି । ମଣିଷ ଛୁଆ କଥା କିଏ ବା ପଚାରେ । ତେଲେ ଲୁଣର ସଂସାର ଉଚ୍ଛନ୍ନ ହ ୋଇଗଲା । ବଜାର ହାଟ ସଉଦାପାତି କିଛି ହ ୋଇ ପାରିଲା ନାହିଁ । ଦି-ଓଳି ଭଲରେ ଭାତ ଦି-ଟା ଫୁଟାଇ ଖାଇ ହଉେନାହିଁ । ଘସି-କାଠ ସବୁ ବର୍ଷାରେ ଭିଜି ଗଲାଣି । ଜାଳେଣି କାଠ ନାହିଁ । ଛୁଆ ପିଲା ଛିଙ୍କି ହଲେଣେି । ବଟିକାଟିଏ ବି ଆଣି ହଉେନାହିଁ । ବଂଶଟା ଯାକ ଚିନ୍ତାରେ ପଡ଼ିଗଲେ । ଏଭଳି ବର୍ଷା କହେି କବେେ ଦଖେିନାହିଁ । ଏବେ କ'ଣ କରିବେ ?

ଚତୁର୍ଦ୍ଦିଗ ବର୍ଣ୍ଣିଳ ଶ ୋଭାରେ ବିମଣ୍ଡିତ ହଲୋ । ବିଲ ବାଡ଼ି କ୍ଷତେ ପ ୋଖରୀ ଅହେତୁକ ଜଳ ରାଶିରେ ପୂର୍ଣ୍ଣକୁମ୍ଭ ହ ୋଇ ଉଠିଲା । ଏତବେଳେେ କାହୁଁଥିଲା କେଜାଣି ମଘେମାଳ ଖଣ୍ଡେ ପୁନଃରାୟ ଆକାଶରେ ଘ ୋଟି ଆସିଲା । ଜହ୍ନି ମଞ୍ଜିଆ ବାଦଲଟା ଅଧିକରୁ ଅଧିକ ଘନୀଭୂତ ହବୋକୁ ଲାଗିଲା । ସମସ୍ତେ ତ୍ରାହୀ-ତ୍ରାହୀ ଡ଼ାକ ଛାଡ଼ିଲେ । ଏଥର ଆଉ ରକ୍ଷା ନାହିଁ; ବନ୍ୟାଟା ନିଶ୍ଚିତ ପ୍ରାୟ । ବିଜୁଳି ଘଡ଼ଘଡ଼ି ମାରି ଚଉଦିଗ ଅନ୍ଧକାର ଦିଶିଲା । ଘଡ଼ ଘଡ଼ି ଶବ୍ଦରେ ମଦେିନୀ କମ୍ପିଲା । ଘନ ଘନ ବାରି ପାତରେ ପୃଥିବୀ ଜଳାର୍ଣ୍ଣବ ହଲୋ । କାଳ ରାତ୍ରିଟା ଘ ୋଟି ଆସୁଥାଏ । ଝଡ଼ ବତାସର ରାତି । ସାଇଁ ସାଇଁ ନିଶା ଗର୍ଜୁଥାଏ । ଟୁପୁରୁ ଟୁପୁରୁ ବର୍ଷା ସାଙ୍ଗକୁ ବେଙ୍ଗୁଲିର କେଁ-କେଁର ସ୍ୱର ଅନ୍ତରରେ ଭିତ୍ତି ସଂଚାର କରୁଥାଏ । ଭୟଟା ଆହୁରି ମାଡ଼ି ମାଡ଼ି ଆସୁଥାଏ । ସମସ୍ତେ ନନ୍ଦ ଲାଲା କୃଷ୍ଣଙ୍କୁ ସୁମରି ଇନ୍ଦ୍ର ଦବେଙ୍କୁ ଏ ତାଣ୍ଡବ ଲୀଳାରୁ କ୍ଷାନ୍ତ ରହିବାକୁ ଆକୁଳ ପ୍ରାର୍ଥନା କରୁଥାନ୍ତି । ହଲେେ କି ବର୍ଷା ଥମୁଥାଏ । ଆହୁରି ପ୍ରବଳରୁ ପ୍ରବଳତର ଖାଲି ବର୍ଷିଯାଉଥାଏ । ଆସନ୍ନ ବନ୍ୟାର ପ୍ରକମ୍ପ ଅନୁଭୂତ ହଲୋ । ଚିନି, କିର ୋସିନି ଧରି ସମସ୍ତେ ଦଉଡ଼ିଲେ । ଘ ୋ-ଘ ୋ ଗର୍ଜନରେ ନଦୀ କୂଳ ଲଘିଂବା ଆରମ୍ଭ କଲା । ଶଙ୍ଖ ହୁଳହୁଳି ନିନାଦରେ ଗ୍ରାମ ଉଛୁଳି ଉଠୁଥାଏ । ବନ୍ୟା ମାଡ଼ି ମାଡ଼ି ଆସୁଥାଏ । ଉପର ମୁଣ୍ଡର ନଦୀବନ୍ଧ ଟୁଳୁ ଟୁଳୁ ଦଖେି ଜୀବନ ବଞ୍ଚାଇବାକୁ ସମସ୍ତେ ତରତର ହଲେେ । ନଦୀବନ୍ଧ ଟଳମଳ ହଲୋଣି; ଏ କ୍ଷଣି ଭାଙ୍ଗିବ କି ପରିସ୍ଥିତି । ସମସ୍ତେ ସଜବାଜ ହଲେେ । ସଙ୍ଗା ବାନ୍ଧି ଗାଈ ମଇଁଷି ଧରି ଉଚ୍ଚ ସ୍ଥାନକୁ ପଳାୟନ କଲେ । ହ ୋ-ହ ୋ ହ ୋଇ ସମସ୍ତେ ଧାଇଁଲେ । ଚୁଡ଼ା-ମୁଢ଼ି ମୁଠେ ଗଣ୍ଠୁଳି କରି ଛୁଆ ପିଲା ଧରି ଭୟରେ ରହିଲେ ।

ଏଥର ବନ୍ୟା କରାଳ ମୂର୍ତ୍ତି ଧାରଣ କଲା । ଧୁସ୍-ଧାସ୍ ହ ୋଇ ବନ୍ଧଟା ଧସିଗଲା । କଳା ଭ୍ରମର ପାଣିଟା କାହୁଁ ଥିଲା କେଜାଣି ମାଡ଼ି କି ଅଇଲା । ଚାହୁଁ ଚାହୁଁ ଗାଁ ଦାଣ୍ଡ ଉଛୁଳି ଉଠିଲା । ଘର ଦ୍ୱାରେ ପାଣି ପଶି ଲହଡ଼ି ଖେଳିଲା ।

ମାଧ ଜିନିଷ ପତ୍ର ସଙ୍ଗାକୁ ଉଠାଇ ପଛେ ଧେଡ଼ିଆକୁ ଧରି ଯିବାକୁ କହିଲା । ବେଗେ ମୁନି ଆଉ ମୁନି ବୋଉକୁ ବନ୍ଧ ଉପରକୁ ପଠାଇଦେଲେ । ସାଥିରେ ଯିବାକୁ ମୁନି ବୋଉ ବାଧ୍ୟ କଲା । କିନ୍ତୁ ସେ ଭୁରୁଡ଼ି ଦେଖେଇ ସେମାନଙ୍କୁ ବିଦା କରି ଦେଇ ନିଜ କାମରେ ନିଜେ ମାତି ରହିଲା । ମାତ୍ର ଆସବାବ ପତ୍ର ସଜାଡୁ ସଜାଡୁ ପାଣିଟା ଦ୍ୱାର ବନ୍ଧ ଡ଼େଇଁ ସାରିଥିଲା । ଏଥକୁ ଉପାୟ ନ ପାଇ ଧେଡ଼ିଆକୁ ଗାମୁଛାରେ ପିଠିରେ ବାନ୍ଧି ସଙ୍ଗାକୁ ଉଠିଗଲା । ପାଣିଟା ବଢ଼ି ଉଠିଲାରୁ ଚାଳ ଫୁଟାଇ ଛପର ଉପରକୁ ଚଢ଼ିଗଲା । ହେଲେ ବର୍ଷା ଥମିବାର ନାହିଁ କି ବନ୍ୟା କମିବାର ନାହିଁ । ଏଥର ବନ୍ୟାପାଣି ଖୁଲୁ ଖୁଲୁ କରି ଘରଟାକୁ ଖୋଳି ପକାଇଲା । ଚାହୁଁ ଚାହୁଁ ଘରଟା ଭୁଶୁଡ଼ିପଡ଼ିଲା । ଛପରଟା ଭାସିବାକୁ ଲାଗିଲା । ମାଧ ଉପରେ ସେଇମିତି ବସିଥାଏ । ଚାଳଟାକୁ ଜାବୁଡ଼ି ଧରିଥାଏ । ଧେଡ଼ିଆ ପିଠିରେ ସେଇମିତି ପଡ଼ିଥାଏ । ଭାସି ଭାସି ମଝି ନଈରେ ଯାଇ ପହଁଞ୍ଚିଲା । ଆଖି ସାମ୍ନାରେ କେତେ ଜୀବ-ଜନ୍ତୁ, ଗାଈ-ଗୋରୁ ମଣିଷ ସବୁ ଭାସି ଯାଉଥାନ୍ତି । ସେମାନଙ୍କର କରୁଣ ଚିତ୍କାର ସାଙ୍ଗକୁ ବନ୍ୟାର କଳ-କଳ ଭୈରବୀ ନାଦ ଦେହର ଶିରା-ପ୍ରଶିରାରେ କମ୍ପନ ସୃଷ୍ଟି କରୁଥାଏ । ଲୁମ ମୂଳି ସବୁ ଟାଙ୍କୁରି ଉଠୁଥାଏ । ଦେହରେ ଆଉ ଜୀବନ ନଥାଏ । ଏଥର ଆଉ ନିସ୍ତାର ନାହିଁ; ମରଣଟା ତଣ୍ଟେ ସୁନିଶ୍ଚିତ- - ଭାବୁଥାଏ । ହଠାତ୍ ଗୋଟାଏ ଭଉଁରୀ ବୁଡ଼ାଇ ନେଇ ଲଗାଇଦେଲେ ଗୋଟାଏ ମସ୍ତବଡ଼ ଗଛଠେଇଁ । ମାଧ ଗଛ ଡ଼ାଳଟାକୁ ଧରି ନେଇ ଉପରକୁ ଚଢ଼ିଗଲା । ସକାଳ ହେଲାରୁ ଦେଖିଲା ଗଛ ଦେହରେ ଗୋଟାଏ ବିରାଟକାୟ ସାପ ଗୁଡ଼ାଇ ହୋଇ ରହିଛି । ଫଣାଟି ତା'ର ମିଞ୍ଜି ମିଞ୍ଜି ହୋଇ ଦିଶୁଛି । ଲାଞ୍ଜଟି ତଳକୁ ଓହଳି ରହିଛି । ଏଥର ସେ ଜାଣି ନେଲା ଯେ ଗଛ ଡ଼ାଳ ଭାବି ଯାହାକୁ ଧରି ସେ ଉପରକୁ ଆସିଛି ସେଇଟା ଥିଲା ଗୋଟାଏ ମସ୍ତବଡ ସାପର ଲାଞ୍ଜ । ଏଥର ଭୟରେ ଆଖି ବୁଜି ହୋଇଗଲା । ପାତି ମାଙ୍କଡ଼ ପରି ଗଛ ଡ଼ାଳଟାକୁ କୁଣ୍ଢାଇ ଦି-ଦିନ ରହିଲା । ବନ୍ୟା ବାହୁଡ଼ିଲା, ଭୋକ ଉପାସରେ ଦେହରେ ଜୀବନ ନ ଥାଏ । ଧେଡ଼ିଆ କଥା ମନେ ପଡ଼ି ଯିବାରୁ ପିଠିରୁ ଗଣ୍ଠୁଲି ଫିଟାଇ ଦେଖିଲା । ହେଲେ ଜଗୁଆ ଛୁଆଟାର ଦେହଟା କଞ୍ଚା ପାଣି ହୋଇ ଯାଇଥାଏ । ଦମ ବେସି କାନ୍ଦିଲା । ଉତ୍ତର ଆଡ଼କୁ ମୁଣ୍ଡ କରି ସେଇଠି ଶୁଆଇ ଦେଲେ । କଷ୍ଟେ -ମଷ୍ଟେ ଗାଁ କୁ ଫେରିଲା । ହେଲେ ଗାଁ ଟା ସାରା ଶୂନ୍-ଶାନ୍ । କିଏ କେତେ ମରି ହଜି ଯାଇଛନ୍ତି । ସାଥିରେ ଯାଇଛି ଚାଲି ଘର ଦ୍ୱାର ଜୀବନ-ଜୀବିକା, ସାହି-କୁଟୁମ୍ବ, ଆତ୍ମୀୟ ସ୍ୱଜନ, ପରିବାର ବର୍ଗ- ସବୁ କିଛି । ମୁଣ୍ଡରେ ହାତ ଦେଇ ସେଇଠି ବସି ପଡ଼ିଲା ।

ମହା ପ୍ରଳୟର ତାଣ୍ଡବ ପରେ ଚାରିଆଡ଼େ ଶ୍ମଶାନର ସ୍ତୁପୀକୃତ ପାହାଡ଼ । ସବୁଆଡ଼େ ଶୂନ୍-ଶାନ । ଖାଲି ଖାଁ-ଖାଁ ଲାଗୁଥାଏ । ଚିଲ ଚିରିଗୁଣୀ ବି କେହି ଦୃଷ୍ଟିରେ ପଡୁ ନଥାନ୍ତି । ସତକେ ବିନାଶ କାଳ ଉପସ୍ଥିତ । ଗାଁ ରେ ଅଣ୍ଡିଆ କୁଆଟିଏ ବି ନାହିଁ । ମାଧ କୁଆଡ଼େ ଯିବ ? କ'ଣ କରିବ ? -- କିଛି ଚିନ୍ତା କରି ପାରିଲା ନାହିଁ । ଖାଲି ଉପରକୁ ଚାହିଁ ଦୀର୍ଘ ନିଶ୍ୱାସଟିଏ ଛାଡ଼ିବା ବ୍ୟତୀତ ତାହାର ବା ଉପାୟ କ'ଣ ଅଛି କରି ପାରିବ -- ସେ ?

ବନ୍ୟା-ବାତ୍ୟା ପରେ ରିଲିଫ୍ ଆସିଲା । ହେଲେ ରିଲିଫ୍ ଚୁଡ଼ା-ଚାଉଳ ନେବା ପାଇଁ କେହି ହେଲେ ନଥା'ନ୍ତି । ଚାରିଆଡ଼େ ଭଙ୍ଗା କୁଡ଼ିଆ । ଗଛ-ପତ୍ର-ଡ଼ାଳ ପଡ଼ି ରାସ୍ତା ଅବରୋଧ । ଶବର ପଚା ଗନ୍ଧ ନାକରେ ବାଜିଲାଠୁଁ -- ଚମକି ପଡ଼ିଲା । "ଏଁ ଏଇଠି କାଳିଆ କଷରା ବଳଦ ଦୁଇଟା ମରିକି ପଡ଼ିଛନ୍ତି?" ମାଧର ଆଖିରୁ କେତେ ବେଳୁ ଲୁହ ତ ସୁଖି ସାରିଥାଏ । ଖାଲି ବୋକାଙ୍କ ପରି ଚାହିଁ ରହିଲା ।

କେତେ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସରକାରୀ କର୍ମଚାରୀ ଆସିଲେ । ଗାଁ ଗଣ୍ଡା ସବୁ ସଫା ହେଲେ । ସରକାରୀ ପ୍ରୋତ୍ସାହନରେ ନୂତନ ବସତି ସ୍ଥାପନ ହେବାଯାଏ ପଲିଥିନ୍ ଓ ଚୁଡ଼ା-ଚାଉଳ ସବୁ ଯୋଗାଇ ଦିଆଗଲା । କେହି କେହି ଯାହାର ଜୀବନ ବନ୍ୟା ଦାଉରୁ ରକ୍ଷା ପାଇ ଯାଇଥିଲା; ଗୋଟି ଗୋଟି ହୋଇ ଗାଁ କୁ ଫେରିଲେ । ହେଲେ ଏଇ ଲାଗେ ମୁନି ଓ ତା' ବୋଉ ନିଶ୍ଚୟ ଆସି ପହଁଞ୍ଚି ଯିବେ । ଧେଡ଼ିଆ କୁଆଡ଼େ ଗଲା ବୋଲି ପ୍ରଶ୍ନ ପଚାରିବେ । ତାଙ୍କୁ କି ଉତ୍ତର ଦେଇ ସାନ୍ତ୍ୱନା ଦେବେ । ହେଇ ସତକୁ ସତ

ମୁନି ଆଉ ମୁନି ବୋଉ ଖୋଜି ଖୋଜି ଆସି ହାଜର । ଧଡ଼ିଆ ବାପା ! ଧଡ଼ିଆ କାହିଁ ବୋଲି ପଚାରି ବସିଲେ । ମାଧ ସେତେବେଳକୁ ଜଡ଼-ନିର୍ବେଦ-ନିର୍ବାକ ମଣିଷଟିଏ ପାଲଟି ଯାଇଥାଏ ଯେମିତି ଧ୍ୟାନସ୍ଥ ଋଷିଶୃଙ୍ଗ ଧ୍ୟନରେ ବସିଥିଲେ । କେବଳ ହାତ ଠାରି ନଦୀ ମୁହାଣ ବରଗଛ ଆଡ଼କୁ ଧଡ଼ିଆକୁ ନିର୍ଦ୍ଦେଶ କଲା । ଏକ ହୃଦୟ ବିଦାରକ କରୁଣ ପରିବେଶ ଭିତରେ ସମସ୍ତେ ଝାଉଁଳି ପଡ଼ିଲେ । ମୁନି ବୋଉଟା ଖାଲି କୋଡ଼ି ଛେଚି ହୋଇ କାନ୍ଦୁଥାଏ । ମଣିଷର ସ୍ୱପ୍ନ ଦେଖା ସତକେ ସେତିକିରେ ସରିଗଲା । ଭୋଦେଇ ଖରଟା ମାଡ଼ି କି ଅଇଲା ।

ଝ୍ଚଝ୍ଚ

ଶେଷ କେଇପଦ କଥା

ବହୁ ପୁରାକାଳର କଥା । ଦେଶ ମାତୃକା ବକ୍ଷରୁ ପରାଧୀନତାର ରବି ଅସ୍ତମିତ ହୋଇ ନ ଥାଏ । ଅନ୍ଧକାର ଅଶିକ୍ଷା ଜନୀତ ହତାଶାରେ ଯେଉଁଠି ଜନତା ଉପେକ୍ଷିତ ହୁଏ, ଆମେ ସେ ଦେଶର ସନ୍ତାନ ସନ୍ତତି । ବିକାଶର ତଣ୍ଟି ରୋଧକରି ଫିରୀଙ୍ଗୀ ବେପାରୀ ଆମକୁ ଏଇମିତି ଲୁଟି ଚାଲିଥାନ୍ତି । ଭାରତ ବର୍ଷକୁ ପରାଧିନତାର ବେଢ଼ି ପିନ୍ଧାଇ ଇଂରେଜମାନେ ଆମକୁ ଶାସନ କରୁଥାନ୍ତି, ପରାଧିନତାର କୋରଡ଼ା ମାଡ଼ ଖାଇ ଖାଇ ଆମେ ପ୍ରାୟ କୁବ୍ଜ ପାଲଟି ଯାଇଥାଉ । ତାହାକୁ ପ୍ରତିରୋଧ ଅବା ପ୍ରତିବାଦ କରିବାର ଶକ୍ତି ଆମ ଭିତରେ ଏକଠା ହୋଇ ନଥାଏ । ଅନୁନୟ ବିନୟ ଜରିଆରେ ସବୁ ହାସଲ କରିବା ଯେଣୁ ସମ୍ଭାବପର ନଥିଲା; ଆମ ସମସ୍ୟା ସେଇମିତି ରହିଥାଏ । ରାସ୍ତାଘାଟ ଠାରୁ ଶିକ୍ଷା ସଭ୍ୟତା କ୍ଷେତ୍ରରେ ଅନଗ୍ରସର ହୋଇ ଆମେ ସବୁଠାରୁ ପଛରେ ପଡ଼ିଥାଏ । ଆମ ଦେଶରୁ କଞ୍ଚାମାଲ ସ୍ୱଳ୍ପ ମୂଲ୍ୟରେ ରପ୍ତାନୀ ହୋଇ ବିଦେଶରୁ ସେହି ଜିନିଷ ଆସି ଚଢ଼ା ଦାମ୍‌ରେ ଏଠି ବିକ୍ରି ହୁଏ । ପ୍ରଚଣ୍ଡ ଦାରିଦ୍ର୍ୟରେ ସମସ୍ତେ ସଢୁଥାନ୍ତି । ଶିଳ୍ପର ଅନୁନ୍ନତି ଦେଶ ପ୍ରଗତିର ଅନ୍ତରାୟ ହୋଇ ଛିଡ଼ା ହୋଇଥାଏ ।

ଆମ ଦାବୀକୁ ଭ୍ରୁକ୍ଷେପ ନ କରି ବିଦେଶୀ ଶାସକ ଉଦାସୀନ ରହେ । ଫଳରେ ଶିକ୍ଷାୟତନଟିଏ ଖୋଜିଲେ ହତାଶ ହେବାକୁ ପଡୁଥାଏ । ତାହା ସ୍ୱପ୍ନ ପରି ସୁଦୂର ପରାହତ ହୁଏ । ଏତେବେଳେ ଗାଁ ଗହଳିରେ ଶିକ୍ଷିତ ଯୁବକଟିଏ ପାଇବା ବଡ଼ ମୁସ୍କିଲ ମନେହୁଏ । କାଁ-ଭାଁ ସ୍କୁଲ୍ କଲେଜ୍‌ଟିଏ ଥାଏ । ଶିକ୍ଷା ଆହୋରଣ କରିବା ସବୁଠୁ କଷ୍ଟକର ବ୍ୟାପାର । ପାଠ ଶାଠ ପଢ଼ିବା ପାଇଁ ବହୁ ଅସୁବିଧା । ଲୋକଙ୍କର ଆର୍ଥିକ ଅବସ୍ଥା ମଧ୍ୟ ସେତେ ସ୍ୱଚ୍ଛଳ ନଥାଏ । ଉକôଟ ଦାରିଦ୍ର୍ୟ ସାଙ୍ଗକୁ ଦୂର ଦୂରାନ୍ତକୁ ଯାତ୍ରା କରି ପାଠ ପଢ଼ିବା ଏକ ବ୍ୟୟ ବହୁଳ ବ୍ୟାପାର । ଏତେବେଳେ ଗରିବ ବାପୁଡ଼ା ଟିଏ ପାଠ ପଢ଼ାଇବା ପାଇଁ ଯେ କେତେ ବଡ଼ ମାନସିକ ପ୍ରସ୍ତୁତି କରିଥାଏ, ତାହା ହୃଦୟଙ୍ଗମ ନ କଲା ଲୋକ ସହଜରେ ବୁଝି ପାରିବ ନାହିଁ ।

ସେଦିନ ମ୍ୟାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବାକୁ କୁଆଡ଼େ ରେଡ଼ିଓ ସମ୍ବାଦ ପତ୍ରରେ ଖବର ପ୍ରଚାର କରାଯାଇଥାଏ । ଆସନ୍ତା କାଲି ଫଳ ଘୋଷିତ ହେବାକୁ ସ୍ଥିର ହୋଇଥାଏ । ଏକଥା ପ୍ରଧାନ ଶିକ୍ଷକ ଡ଼ାକି କହିଲେ । ଧୀରୁକୁ ରାତିରେ ନିଦ ନଥାଏ । ବିଛଣାରେ ଏପଟ ସେପଟ ପଡ଼ି ଖାଲି ମୁରୁକି ମୁରୁକି ହସୁଥାଏ । ମନେ ମନେ ଭାବୁଥାଏ, ଏଥର ସେ କଲେଜ୍ ଯିବ । କଲେଜ୍ ପଢୁଆ ପିଲା ହୋଇ ସହରରୁ ଯେତେବେଳେ ଗାଁ କୁ ଫେରିବ, ତା'ର ଆଦର ବଢ଼ିଯିବ । ରାତା ରାତି ସେ ବାବୁ ହୋଇଯିବ । ଆହୁରି ପାଠ ପଢ଼ି ସେ ବଡ଼ ସାହେବ ହେବ । ଗୋରା ବାବୁଙ୍କ ସହିତ ମିଶିବ । ମନରେ କେତେ ଯେ ଆଶାର ସମ୍ଭାର ନେଇ ସେ ବିଛଣାରୁ ଉଠିଲା । ସେହଳ ନିତ୍ୟ

କର୍ମ ସଂପାଦନ କରି ସେ ଏକ ମୁହାଁକେ ସହର ଧରିଲା । ମାତ୍ର ପରୀକ୍ଷା ଫଳ କାଗଜରେ ତା ନାଁ-ଟା ନ ପାଇ ସେ ଭାଙ୍ଗି ପଡ଼ିଲା । ମୁଖ ମଣ୍ଡଳ ଝାଉଁଳି ଗଲା । କେତେ ଦୁର୍ଭାବନା ମୁଣ୍ଡକୁ ଛୁଁଇଲା । କାଳ କଥା ଗୁଡ଼ାକ ସବୁ ପାଟିରୁ ବାହାରି ପଡ଼ିଲା । କାହାକୁ ବା ସେ ତା'ର ଏ ପୋଡ଼ା ମୁଁହଟାକୁ ଦେଖାଇବ । ବାପା ତ ରାଗିକି ପଞ୍ଚମ ହେବେ । ସାହି ପଡ଼ିଶା ସବୁ ଛି-ଛାକର କରିବେ । କହିବେ ଅର୍ଥ ସବୁ ତୋଷରପାତ କଲା କିନ୍ତୁ ବାପା ମା'ଙ୍କର କି ଲାଭ ହେଲା?" ସାଙ୍ଗ ସାଥିମାନେ ଥଟ୍ଟା ପରିହାସ କରିବେ । ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନମାନେ ତାଚ୍ଛଲ୍ୟ କରି ଉଠିବେ । ନାନା ମତ ମନ୍ତବ୍ୟରେ ବିଚରା ଶରବ୍ୟ ହେବେ । ମୁହଁ ଉଠାଇ ସେ ବାଟ ଚାଲି ପାରିବ ନାହିଁ ।

ଲଜ୍ଜା ଅପମାନରେ ମୁଖ ମଣ୍ଡଳ ମଳିନ ପଡ଼ିଗଲା । କିଛି ଗୋଟାଏ ଉପାୟ ମୁଣ୍ଡକୁ ଢୁକିଲା ନାହିଁ । ବୁଦ୍ଧି ବାଟ କିଛି ଦିଶିଲା ନାହିଁ । ସେ ଭାବି ଭାବି ଗୋଟାଏ ତୋଟା ମାଳରେ ପହଞ୍ଚି ଗଲା, ଯେଉଁଠି ଶିଙ୍କୁଡ଼ିରେ ହାବୁଡ଼ି ପଡ଼ିଲା । ସେଇଠି ଆଣ୍ଠେଇ ପଡ଼ିଲା । କେତେ ଅତୀତ ବର୍ତ୍ତମାନ ହୋଇ ଛିଡ଼ା ହେଲେ । ପିଲା ଦିନର ସବୁ ସ୍ମୃତି ମନେ ପଡ଼ିଗଲା ।

ସେ ପିଲାଟି ବେଳୁ କେମିତି ଭାରି ଜିଦିଆ ଥିଲା । ଯାହା ଜିଦ୍ ଧରିଥିବ ସେୟା । ସେଥିରୁ ଟିକିଏ ବିଚ୍ୟୁତ ହେଲେ ମା'ର ଚୁଟି ଟାଣି ମୁଣ୍ଡ ବାଳ ସବୁ ସଫା କରିଦେବେ । ଚୁଡ଼ି ଟାଣି ଭାଙ୍ଗିଦେବେ । ତାହାରି ଜିଦ୍ ଯୋଗୁ ବାପା ମା ଦୁଃଖ କଷ୍ଟରେ ରହି ତାକୁ ପାଠ ପଢ଼ାଇବା ପାଇଁ ପ୍ରୋତ୍ସାହନ ଯୋଗାଇ ଦେଲେ । ତାହାର ଗଭୀର ଅଧ୍ୟବସାୟ ଓ କଠୋର ସାଧନା ଫଳରେ ଗୋଟାଏ ପରେ ଗୋଟାଏ ପରୀକ୍ଷା ଅତିକ୍ରମ କରି ସେ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନିତ ହୋଇଗଲା । ଡ଼ିବିରି ଆଲୁଅ ତଳେ ୟା-ତା ପାଖରୁ ପୁସ୍ତକ ଖଣ୍ଡେ ମାଗି ଆଣି ଯେ ପାଠ ପଢ଼ିବା କେତେ କଷ୍ଟକର ତାହା ବଖାଣି ନ ହେଲେ ବି ଚିରନ୍ତନ ସତ୍ୟ । ପରିବାରର ଅଭାବ ଅସୁବିଧା ସାଙ୍ଗକୁ ପାଠ୍ୟ ପୁସ୍ତକର ଅଭାବି ବିକ୍ରି ଭାରି ଯନ୍ତ୍ରଣା ଦାୟକ । ତଥାପି କଠୋର ପରିଶ୍ରମ କରି ସେ ମ୍ୟାଟ୍ରିକ୍ ପରୀକ୍ଷାରେ ଅବତୀର୍ଣ୍ଣ ହେଲେ । ମାତ୍ର ସବୁ ବିଧିର ବିଡ଼ମ୍ବନା । ଭାଗ୍ୟ ଏଥକୁ ସହାୟତା ଦେଲେ ନାହିଁ । ଅଳ୍ପକେ ସେ ଅକୃତ କାର୍ଯ୍ୟ ହୋଇଗଲା । ଲଜ୍ଜା ଅପମାନରେ ମଥା ଅବନତ ହେଲେ । କାହା ଆଗରେ ସେ ମୁହଁ ଟେକି ଛିଡ଼ା ହେବେ; ବାପାଙ୍କୁ କେମିତି ସାମ୍ନା କରିବ; ଇତ୍ୟାଦି ମନରେ ଅନେକେ ପ୍ରଶ୍ନର ଗୁଚ୍ଛ । ଏଥର ସେ ଅଣ୍ଟା ସଳଖି ଛିଡ଼ା ହେଲେ । କିଛି ଗୋଟାଏ ନିଷ୍ପତ୍ତି ନେବା ପୂର୍ବରୁ ଘରକୁ ପଛ କରି ସେ ଆଗକୁ ଧାଇଁଲା । ଆଖି ଯୁଆଡ଼କୁ ପାଇଲା ସିଆଡ଼କୁ ନାକ ସଳଖା ଚାହିଁଲା । ମନେ ମନେ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଥାଏ । ମନରେ ଥକାନ ଓ ଶରୀରରେ ଅନେକେ କ୍ଳାନ୍ତି ସେ ଅନୁଭବ କରୁଥିଲା । ଏହି ସମୟରେ ଯେଉଁଠି ସେ ପହଞ୍ଚି ଗଲା; ସେଠାରେ ଗୋଟାଏ ମାଲ୍‌ବାହୀ ଜାହାଜରେ ମାଲ୍ ସବୁ ବୋଝେଇ ହେଉଥାଏ । କାଲିକଟ ଡ଼କ୍‌ୟାର୍ଡ଼ ପରିସର - ଏ । କେଁଉଣସି ପ୍ରକାର ସେ ଜାହାଜର ଡ଼କ୍ ଉପରକୁ ଉଠିଗଲା । ସେଇଠି ଶୋଇ ପଡ଼ିଲା । ଉଠିଲା ବେଳକୁ ଯେ କେତେ ବେଳେ ହୋଇ ଯାଇଛି-- ତାହା ସେ ଜାଣି ପାରିଲା ନାହିଁ ।

ହଠାତ୍ ଜାହାଜର କ୍ୟାପ୍ଟେନ୍ ଖବର ପାଇ ମାଡ଼ି ଆସିଲେ । ଗୋଟାଏ ଗର୍ଜ୍ଜନ କରି କମ୍ପି ଉଠିଲେ । କହିଲେ-- "ଏ ପିଲା ତୁ କିଏ? ଏଠାକୁ କେମିତି ଆସିଲୁ ?" ଧୀରୁ ଭାଇର ପାଟି ଆଫା-ଆଫା ମାରି ନେଲେ । ସେ ଡ଼ରି ଯାଇ କାନ୍ଦି କାନ୍ଦି କହିଲା --" ମୁଁ ଜାହାଜରୁ ଡ଼େଇଁ ଆତ୍ମହତ୍ୟା କରିବି ପଛେ ଘରକୁ ଫେରି କାହାକୁ ମୁହଁ ଦେଖାଇ ପାରିବି ନାହିଁ । ଥର ଥର ହୋଇ ସବୁ କହିଲା । କ୍ୟାପ୍ଟେନ୍ ସାହେବଙ୍କର ଦୟା ଆସିଲା । ଅନ୍ୟ ଗତି ଗତ୍ୟନ୍ତର ବି କିଛି ନଥାଏ । ଜାହାଜ ଯାଇ ମଝି ଦରିଆରେ ଲହଡ଼ି ଖେଳୁଥାଏ । ଆଉ ବନ୍ଦରକୁ ଏବେ ପ୍ରତ୍ୟାବର୍ତ୍ତନ କରିବା ପ୍ରାୟତଃ ସମ୍ଭବପର ନଥିଲା । ଉପାୟ ଶୂନ୍ୟ ହୋଇ କ୍ୟାପ୍ଟେନ୍ ସାହେବେ ପିଲାଟାକୁ ଭରସା ଦେଲେ । ଜାହାଜ କୂଳ ଲଙ୍ଘି ଚାଲିଥାଏ ମଝି ପାରାବାରରେ । ହେଲେ, ଧୀରୁ ଭାଇ ଭାବନାରେ ଟିକେ ହେଁ ଭଟ୍ଟା ନ ଥାଏ ।

ଟିକି ପିଲା ବୋଲି ଯାହାକୁ ମଣନ୍ତି, ସେହି ଟିକି ପିଲାର ଭ୍ରୂଲତା ଚାଳନାରେ ଯମୁନା ନଦୀର ପ୍ରଳୟ ପୟୋଧି ଉତ୍ତାଙ୍ଗ ଜଳରାଶି ଦିନେ ଦ୍ୱିଧା ବିଭକ୍ତ ହୋଇ ଯାଇଥିଲା । ସବୁ ଅସମ୍ଭବ ସେଦିନ କେମିତି ସମ୍ଭବ ହୋଇଥିଲା । ସେହି ଟିକି ଗାଁ ର ଟିକି

ପିଲାଟି ଧୀରୁ ଭାଇ, ଯିଏକି ଏକ କ୍ଷୁଦ୍ର ସାଧାରଣ କୃଷକ ପରିବାରରେ ତା'ର ଜନ୍ମ ଜାତକ ଲଖୋଇଛି, ଆଜି ଜାହାଜରେ ସାରା ବିଶ୍ୱ ପରିଭ୍ରମଣ କରିବ । କେତେ ଦେଶ ବିଦେଶରେ ଜାହାଜ ଲଙ୍ଗର ପକାଇବ । ସବୁ ସେ ଦେଖିବ । ମନ ଭରି ଉପଭୋଗ କରିବ । ସାହେବୀ ଆଦବ କାଇଦା ସବୁ ସେ ଶିଖିବ । ବେଳେ ବେଳେ ଏକ ଅଜଣା ଆତଙ୍କର ଶିହରଣରେ ସେ ସିନା ଶିହରିତ ହୋଇ ଉଠୁଥାଏ, ହେଲେ ପୁଣି କ୍ଷଣକେ ନିଜର ସ୍ୱପ୍ନିଳ ରାଇଜକୁ ଫେରି ଆସୁଥାଏ । ମନରେ ଦେଖୋ ଯାଉଥାଏ ଅଫୁରନ୍ତ ଉସôବର ପାରାବାର ।

ଶେଷରେ ଜାହାଜ ଯାଇ ସୁଇଡ଼େନ୍ ସହରରେ ପହଞ୍ଚିଲା । ମାଲ୍ ସବୁ ନିଷ୍କାସିତ ହେବାକୁ ଲାଗିଲା । କ୍ୟାପ୍ଟେନ୍ କେଉଁ ଆଡ଼େ ଚାଲି ଯାଇଥାନ୍ତି କେଜାଣି ଫେରିଲା ବେଳକୁ ଇତି ମଧ୍ୟରେ ଅନେକେ ସମୟ ଅତିକ୍ରାନ୍ତ ହୋଇ ଯାଇଥାଏ । ଧିରୁ ଛାନିଆରେ ଗୋଟିଏ କୋଣରେ ବସି ପଡ଼ିଥାଏ । ଭୟରେ ସନ୍ତ୍ରସ୍ତ ଦୃଷ୍ଟିଭଙ୍ଗିରେ ଚାରି ଆଡ଼କୁ ଚାହୁଁଥାଏ । ମନେ ମନେ ଖାଲି କ୍ୟାପ୍ଟେନ୍ଙ୍କୁ ଖୋଜି ହେଉଥାଏ, ହେଲେ ଡ଼ରରେ କାହାକୁ କିଛି ପଚାରିପାରୁ ନଥାଏ ।

ଅନେକେ ସମୟ ପରେ, ବନ୍ଦର ବାହାରେ, ନିଜ ଖାତିରରେ, ଧୀରୁ ଭାଇ ପାଇଁ କେଁଣସି ପ୍ରକାରରେ ଗୋଟାଏ ଚଉକିଦାରି ଚାକିରୀ ଯୋଗାଡ଼ କରି- କ୍ୟାପ୍ଟେନ୍ ଫେରିଲେ । ସେଇଟା ଥାଏ ଗୋଟାଏ ପ୍ଲାଷ୍ଟିକ୍ ଫ୍ୟାକ୍ଟରୀ; ଯେଉଁଠିରେ ଧୀରୁ ଭାଇ ଏଣିକି ନିଜ ଜୀବନ ଖୋଜିବ । କ୍ୟାପ୍ଟେନ୍ ସସ୍ନେହରେ ଡ଼ାକି କହିଲେ "ଧୀରୁ-- ମନ ଲଗାଇ କାମ କରିବ । ଧୀରେ ଧୀରେ ସବୁ ଶିଖି ଯିବ । ହେଲେ ଶିଖିବାର ମନୋବୃତ୍ତି ରହିଲେ ହେଲା । କାହାକୁ ଠକିବ ନାହିଁ କି ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କରିବ ନାହିଁ । ଅନ୍ୟକୁ ଠକିବା ଅର୍ଥାତ୍ ନିଜକୁ ଠକିବା । ମନେରଖ ସଚ୍ଚୋଟ ପଣିଆ ମଣିଷର ସବୁଠାରୁ ମହାର୍ଘ୍ୟ ଅସ୍ତ୍ର; ଜୀବନରେ ସଫଳତାର ଏହା ଏକମାତ୍ର ଚାବିକାଠି । ତୁମେ ଆଦୌ ବ୍ୟସ୍ତ ହେବେ ନାହିଁ । ମୁଁ ଏଠାକୁ ପୁନଶ୍ଚ ଫେରିବା ବେଳକୁ ଦୁଇ ବର୍ଷ ଲାଗିଯିବ । ଫେରିଲେ ତୁମ ପାଇଁ ପାସ୍ ପୋର୍ଟ, ଭିସା ଆଦି ଯୋଗାଡ଼ କରି ଆଣିଥିବି, ତୁମର ମନୋଭାବ ବି ଟିକିଏ ବଦଳି ଯାଇଥିବ । ତୁମକୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଇ ନେବି । କ'ଣ କହୁଛ କୁହ ?" ଧୀରୁ ଭାଇ ସହମତି ଜଟାଇ ମୁଣ୍ଡ ଟୁଙ୍ଗାରିଲା ।

ଏବେ ଧୀରୁ ଭାଇ ଗୋଟାଏ ନାମୀ ଦାମୀ କମ୍ପାନୀର ଚଉକିଦାର । ଏଠି ନିତି ସେ କେତେ ନୂଆ ଲୋକ ଦେଖେ । କମ୍ପାନୀର ସମସ୍ତ କାରବାର ଉପରେ ତୀକ୍ଷ୍ଣ ନଜର ରଖେ । ସହଜେ ତ ପାଠ-ଶାଠ ଦୁଇ ଅକ୍ଷର ପଢ଼ିଛି । ସବୁ କିଛି ବୁଝେ । ଆହୁରି ଏଠି ସେ ଭଲ ଭାବେ ଇଂରଜୀ ଶିଖିଗଲାଣି, ଏଥର ସମସ୍ତଙ୍କ ସହ ମିଶି ଗଲାଣି । ଆଉ ତା'ର କିଛି ଅସୁବିଧା ହୁଏ ନାହିଁ । ବସାରେ ଆସି ପହଞ୍ଚିଲେ ଥକ୍କା ହୋଇ ଶୋଇଯାଏ । ବାପା-ମା କଥା ମନେ ପଡ଼ିଲେ କେବେ କେବେ କାନ୍ଦି ଉଠେ । ମାତ୍ର କମ୍ପାନୀ ଭିତରେ ଥିଲେ ଉଚ୍ଚକିତ ସ୍ୱପ୍ନର ଆସ୍ତରଣ ଜମାଟ ବାନ୍ଧେ । ଅହରହ ସେ ସ୍ୱପ୍ନରେ ମସ୍ଗୁଲ ହୋଇ ତହିଁରେ ବୁଡ଼ି ରହେ ।

ନୀରବରେ ଭାବେ ସେ ବି ଗୋଟାଏ ଫ୍ୟାକ୍ଟରୀ କରନ୍ତା, କେତେ ଗାଡ଼ି ମୋଟର ଚାକର ବାକର ଲଣ୍ଡ ଭଣ୍ଡ ହୁଅନ୍ତେ । ତା ଦେଶରେ ଅଗଣିତ ନର ନାରୀ କର୍ମ ସଂସ୍ଥାନ ପାଆନ୍ତେ । ନିଜ ଦେଶରେ ଗଚ୍ଛିତ ପ୍ରଚୁର କଞ୍ଚାମାଲ ସୁଲଭ ଦରରେ ମିଳି ପାରନ୍ତା । ଫଳରେ ସେହି ଦେଶରେ କଞ୍ଚାମାଲରେ ପ୍ରସ୍ତୁତ ସାମଗ୍ରୀ ସେହି ଦେଶରେ ରହନ୍ତା । ଲୋକେ ଶସ୍ତାରେ ହାତ ପାହାନ୍ତାରେ ସବୁ କିଛି ଦ୍ରବ୍ୟ ପାଇ ପାରନ୍ତେ । ମାତ୍ର ତା ନିଜ ଦେଶରୁ ଆସୁଥିବା କଞ୍ଚାମାଲରେ ପ୍ରସ୍ତୁତ ସାମଗ୍ରୀ ପୁନରାୟ ଚଢ଼ା ଦାମ୍ରେ ଭାରତରେ ବିକ୍ରୀ ହେବେ --ଏହା ବଡ଼ ଲଜ୍ଜାଜନକ କଥା । ଏଭଳି ଏଣୁ-ତେଣୁ ଅନେକେ ଭାବନା ତାକୁ ଆନ୍ଦୋଳିତ କରେ । ମାତ୍ର ତାହାର ବାସ୍ତବ କାର୍ଯ୍ୟକାରୀତା ନେଇ ମନରେ ଶଙ୍କା ଉପୁଜେ । ସେ ପୁଣି ଗୁମ୍ସୁମ୍ ହୋଇଯାଏ ।

ଙ୍ଘ ଙ୍ଘ ଙ୍ଘ ଙ୍ଘ

କ୍ୟାପ୍ଟେନ୍ ବୋଧହୁଏ ଭୁଲି ଯାଇଥାନ୍ତି ପିଲାଟିର କଥା । ସେ ସୁଇଡ଼େନ୍ ଫେରିଲା ବେଳକୁ ଏହା ଭିତରେ ସାତ ବର୍ଷ ବିତି ଯାଇଥାଏ । ଧିରୁ ଭାଇ କ୍ୟାପ୍ଟେନ୍ଙ୍କୁ ଦେଖି ଆତ୍ମବିଭୋର ହୋଇ ଉଠିଲା । ସତେକି ସବୁଠୁ ଆପଣାର ଲୋକଟାକୁ ଏଥର ସେ ପାଇଗଲା । ସ୍ୱ ଦେଶକୁ ଫେରିବାର ସ୍ୱପ୍ନରେ ସେ ବିଭୋର ହୋଇ ଉଠୁଥାଏ । କ୍ୟାପଟେନ୍ଙ୍କ ପାଖରୁ ଇସାରା ପାଇ ସ୍ୱଦେଶେ ପ୍ରତ୍ୟାବର୍ତ୍ତନ କରିବାର କ୍ଷୀଣପ୍ରଭା ଆଲୋକ ରାଶି ଉକୁଟି ଉଠିଲି । ଆଶାର କିରଣ ଉଦ୍‌ଗୀରଣ ହେଲା । ସେ ନିଜ ସମାନ ପତ୍ର ସବୁ ପ୍ୟାକ କରି ଜାହାଜରେ ବସି ପଡ଼ିଲା ।

ଶେଷରେ ଜାହାଜ ଆସି କାଲିକଟ ବନ୍ଦର ଛୁଇଁଲା । ବହୁ ପ୍ରତିକ୍ଷୀତ ସ୍ୱଦେଶେ ପ୍ରତ୍ୟାବର୍ତ୍ତନ କରିବାର ଯେଉଁ ଉତ୍କଣ୍ଠା ଓ ବ୍ୟଗ୍ରତା ଥିଲା ତା'ର ପରିସମାପ୍ତି ଘଟିଲା ।

କ୍ୟାପ୍ଟେନ୍ ଧୀରୁର ମସ୍ତକରେ ଶେଷ ସ୍ପର୍ଶ ଦେଲେ, ତା'ର ପିଠି ମୁଣ୍ଡ ଥାପୁଡ଼ାଇ ଦେଇ ନିଜର କୋମଳ ହସ୍ତ ଚନ୍ଦ୍ରିକାରେ ଏକ ମୃଦୁ୍ୟ ଶିହରଣର ରଖୋଟିଏ ଟାଣି ଦେଲେ । ପାଟିରୁ ଝରି ପଡ଼ିଲା କେଇପଦ ମିଠା କଥା, ଶେଷ କଥା ଅଥଚ ଗଭୀର ଆତ୍ମୀୟତାର ଆନ୍ତରିକତାର ଅଭୁଲା ସ୍ମୃତି, ଅଭୁଲା କଥା, --"ଧୀରୁ ! ସିଧା ମା' ବାପା ପାଖକୁ ଫେରିଯାଅ । ସେମାନେ ତୁମକୁ ଚାହିଁ ରହିଥିବେ । ନିଜ ଉପରେ ନିଜର ଆତ୍ମ ପ୍ରତ୍ୟୟ କେବେ ହେରାଇବ ନାହିଁ । ଉଚ୍ଚ ହେବୋ ପାଇଁ କର ଯେବେ ଆଶା, ଉଚ୍ଚ କର ଆଗ ନିଜ ଅଭିଳାଷ ।

ମନେ ମନେ ସେ କ୍ୟାପ୍ଟେନ୍ଙ୍କୁ ଅନେକେ ବଧାଇ ଓ କୃତଜ୍ଞତା ଜଣାଇଲା । ହେଲେ ଲାଜରେ ହୃଦୟର ଅଭିବ୍ୟକ୍ତି ସବୁତକ ପରିପ୍ରକାଶ ହୋଇ ପାରୁ ନ ଥାଏ । ସେ ଧୀର ଅଥଚ ସନ୍ତ୍ରରପଣତାର ସହକାରେ କ୍ୟାପ୍ଟେନ୍ଙ୍କ ପାଦଧୂଳି ନେଇ ମଥାରେ ମାରିଲା । ସେଠୁ ସିଧା ଘରକୁ ଧାଇଁଲା । ପରିବାର ଆତ୍ମୀୟ ସ୍ୱଜନ ଧୀରୁକୁ ଦେଖି ଖୁସିରେ ଆତ୍ମହରା ହୋଇ ଉଠିଲେ । କୋଳା କୋଳି, କନ୍ଦା କନ୍ଦିର ପର୍ବ ତହିଁକି ଚାଲିଲା । ଧିରୁ ବିଦେଶେ ଅନୁଭୂତି ସବୁ ଗୋଟି ଗୋଟି ବଖାଣି ବସିଲା । ଏଥର କ୍ୟାପ୍ଟେନ୍ଙ୍କ କଥା ମନେ ପଡ଼ି ଯିବାରୁ ସେ ବ୍ୟସ୍ତ ହୋଇ ଉଠିଲା । କିଛି ଗୋଟାଏ କରିବା ଚିନ୍ତାରେ ଗୁମୁରି ଉଠିଲା ।

ବିଦେଶେରୁ ସଂଗୃହୀତ ସ୍ୱଳ୍ପ ବଳକା ସଂଚିତ ପୁଁଜିକୁ ଆଧାର କରି ସେ ସର୍ବ ପ୍ରଥମେ ଏକ ଅଣ୍ଡା ଦୋକାନ ଖୋଲିଲା । ତହିଁରୁ ଉପାର୍ଜିତ ଅର୍ଥରେ ଆଉ ଗୋଟାଏ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଲା । ତହିଁ ଉତ୍ତାରୁ ବିଦେଶାଗତ ଅନୁଭବ ଓ ଅନୁଭୂତି ସମସ୍ତକୁ ବିନିଯୋଗ କରି ଛୋଟ ପ୍ଲାଷ୍ଟିକ୍ ଫ୍ୟାକ୍ଟୋରୀ ବସାଇଲା । ଯେତେବେଳେ କେଉଁଣସି ବ୍ୟବସାୟିକ କ୍ଷତି ସହି ନ ପାରି ସେ ହତୋସôାହିତ ହୋଇପଡେ,ସେତେବେଳେ ତା'ର କ୍ୟାପ୍ଟେନ୍ କଥା ମନେ ପଡ଼ିଥାଏ । ପୁଣି ନବ ଉନ୍ମାଦନାରେ ସେ ମାତିଯାଏ । ନୂତନ କର୍ମ ପ୍ରେରଣାରେ ସେ ତତ୍ପର ହୋଇଉଠେ । କ୍ରମଶଃ ଗୋଟାଏ ପରେ ଗୋଟାଏ ସହସ୍ର ଶିଳ୍ପ ପ୍ରତିଷ୍ଠାନ ସେ ଖୋଲି ପକାଇଲା । ଉପରକୁ ଉଠି ଚାଲିଲା ଯେ ଉଠି ଚାଲିଲା ଏକାଥରକେ ନଭଶ୍ଚୁମ୍ଭୀ ଅଟ୍ଟାଳିକାରେ ଯାଇ ଜୀବନ ବିତିଲା । ଆଜି ଏକ ଆଟାଚି ପରିପୂର୍ଣ୍ଣ ଟଙ୍କା ଯଦି ତାଙ୍କ ହାତକୁ ଖସି ବିଚ୍ଛୁରି ପଡ଼େ, ତାହାକୁ ସାଉଁଟିବା ପାଇଁ ଯେତିକି ସମୟର ଆବଶ୍ୟକତା ଅଛି, ସେତିକି ସମୟରେ ତା ଠାରୁ କେଇ ଗୁଣା ବେଶି ଅର୍ଥୋପାର୍ଜନ କରିବାରେ ସେ ସମର୍ଥ । ତେଣୁ ସେ ବିଶିଷ୍ଟ ଶିଳ୍ପପତି । ଶ୍ରେଷ୍ଠ ଧନୀ । ବିସ୍ମୟ ବ୍ୟକ୍ତିତ୍ୱ ।

ଆଜି ବିଶ୍ୱାସ କରି ହୁଏନା; ଏଭଳି ମଣିଷର କ୍ରମ ବିକାଶ କି ସତରେ ସମ୍ଭବ? ତେବେ କ'ଣ ସବୁ ସମ୍ଭବ; ଯଦି ଉଚ୍ଚାଭିଳାଷ ଓ ତାକୁ କାର୍ଯ୍ୟକାରୀ କରିବାର ଏ୍ୟ÷କାନ୍ତିକ ପ୍ରଚେଷ୍ଟା ଓ ସାଧନ ମଣିଷ ପାଖରେ ଥାଏ ? ସେଦିନ ଅତିଥି ଶାଳାରେ ଧିରୁ ଭାଇ ବସି ପଡ଼ିଥାନ୍ତି । କ୍ୟାପ୍ଟେନେ ପରିଧାନରେ ପରିହିତ ତୈଳ ଚିତ୍ରଟା ଆଡ଼କୁ ଖାଲିଦୃଷ୍ଟି ନିବଦ୍ଧ ଥାଏ । ଆଖିôରୁ ଝରି ପଡୁଥାଏ

କୃତଜ୍ଞତାର କଇେ ଟେ ାପା ଅଶ୍ରୁ । ଅଲକ୍ଷ୍ୟରେ ହାତ ଦୁଇଟା ହଠାତ୍ ଉପରକୁ ଉଠିଗଲା । କାହାକୁ ପ୍ରଣାମ କରି ପୁଣି ଫେରି ଆସିଲା ପୂର୍ବ ସ୍ଥିତିକୁ । ହଲେେ ତାଙ୍କର ମନପେଡ଼ି ଯାଉଥାଏ ସହେି ଶଷେ କଇେ ପଦ କଥା, ଯାହା ଅଭୁଲା ସ୍ମୃତି; ଅଭୁଲା କଥା ।

ଝ୍ଚଝ୍ଚଝ୍ଚ

ଅସ୍ତାଚଳର ସୂର୍ଯ୍ୟ

ଗେ ାଧୂଳିର କ୍ଷୀଣପ୍ରଭ ରବି । ଅସ୍ତାଚଳର ସିଂହାସନ ବ୍ୟସ୍ତଥିଲା ବୁଣିବାରେ ରକ୍ତ ମୁରୁଜର ନୀଡ଼ ।ସୁନା ପତିରିଆ ଖରା ତଳେ ଛିଡ଼ା ହେ ାଇ ହସି ଉଠିଲେ ବୃଦ୍ଧ ସୂର୍ଯ୍ୟମଣି-ସଇତାର ଭାଇ । ଅସ୍ତାଚଳର ଦେ ାଳିରେ ସୂର୍ଯ୍ୟଦବେ ମନଭରି ଉଡ଼ିଯାଉଛି । ସଜାଗ ରବି କରର ଜାଦୁଗରି ସୃଷ୍ଟି କରିଛି କ୍ରୀଡ଼ାଭୂମି । ଭାବୁଥିଲେ ସେ -- ଏଇ ଯେ ସହେି ବିବିକ୍ତା ଧରଣୀ କ୍ଷଣ ମାତ୍ରର ପଟାନ୍ତରରେ ତମସାର ଭକ୍ଷ ହବେ । କିନ୍ତୁ ଏଇ ଯେ ସୁେନେଲି ଆକାଶ ମୁଗ୍ଧ ସୂର୍ଯ୍ୟଜାଳ-- କ'ଣ ବିନିଷ୍ପ୍ରଭ ହେ ାଇ ରହି ପାରିବ ? ସେ ମଧ୍ୟ କାଳ ରାତ୍ରିର କାଳରେ ଲୀନ ହବେ । ନିଜ ଦହେକୁ ଅନାଇଲେ ସୂର୍ଯ୍ୟ ମଣି--- ସେଠି ସହେି ଅସ୍ତାଚଳର ରବି । ତାଙ୍କ ଦହେରେ ସୂର୍ଯ୍ୟର ପ୍ରଖର ଜାଳ ଧିମଇେ ଯାଇଛି । ଦହେର ଉଷ୍ଣତା କମି ଯାଇଛି । କିନ୍ତୁ ମୃତ ସୂର୍ଯ୍ୟର ପରେ ପୁଣି ଜନ୍ମ ନବେ ଏକ ନୂତନ ସୂର୍ଯ୍ୟ, ନୂତନ ଯୌବନର ପ୍ରଦୀପରେ ଦୀପ୍ତ ହେ ାଇ ଅମା ରାତ୍ରିର ବିରୁଦ୍ଧରେ କରିବ ଅଭିଯାନ । ନତେୃତ୍ୱର ଉଦ୍ଦାମ ସଙ୍ଗୀତ ଗାନ କରି ଧରଣୀକୁ ନବ ଆଲେ ାକରେ ଉଦ୍ଭାଷିତ କରିବ । ନିଜର ଭାଗ୍ୟ ନଇେ ଆଗଇେ ଚାଲିବ । ସଇତା ଏଇ ନବ ଶକ୍ତିର ଉସôେ ।

ମନକୁ ସ୍ଥିର ରଖି ନିଜକୁ ବୁଝାଇ ଦିଅନ୍ତି --- ଏ ତ ନିତି ଦିନିଆ ସଂସାରର କଥା । ଘର କରି କେତେ କଳି ଝଗଡ଼ା ପ୍ରତ୍ୟହ ଘଟେ । ପୁଣି ଏତେ ସତ୍ତ୍ୱେ ବି ପରସ୍ପର ଆପେ ାଷ ବୁଝାମଣା ଭିତରେ ପୁଣି ହସର ଜୁଆର ଛୁଟେ । ସ୍ନହେ ମମତାର ଫଲ୍ଗୁ ପ୍ରବାହିତ ହୁଏ । ସତେ କି କାହାରି କିଛି ହେ ାଇ ନାହିଁ; ସବୁ କମେିତି ଠିକ୍ଠାକ୍ । ତଣେୁ ସେ କାହିଁକି ଏତେ ବ୍ୟସ୍ତ ହବେେ ? ତାଙ୍କର ଏତେ ଦୁଃଖ କରିବାର କ'ଣ ଅଛି ?

ହଠାତ୍ ଭାବନାର ଅନ୍ତ ଘଟିଲା । କାହାର ଯମେିତି ପାଟି ଶୁଣି ସେ ଚିହିଁକି ଉଠିଲେ । ସଇତା ହଠାତ୍ ଝିଙ୍ଗାଡ଼ି ଉଠିଲା--- "କାମିନୀର ଦହେ ପା ଭଲ ରହୁ ନାହିଁ । ସେ ଏତେ କାମ କରି ପାରିବ ନାହିଁ କି କାହା କଥା ସହି ପାରିବ ନାହିଁ । ସିଧା କଥା -- ଆମେ ଭିନେ ହବୁେ । ଆଜି ଠାରୁ ହାଣ୍ଡି ଚାଉଳ ଅଲଗା ହବେ । ତଣେିକି ତୁମ କଥା ତୁମର ଆମ କଥା ଆମର" ।

ସୂର୍ଯ୍ୟ ମଣିର ମୁଣ୍ଡଟା ଝାଇଁ ଝାଇଁ ହେ ାଇଗଲା । ଏ କ'ଣ ଟେ ାକାଟା କହିଗଲା ସେ ଭିନେ ହବେ । ଭିନେ ହଉେ । କିନ୍ତୁ ସଇତା ଅଲଗା ହବେ କାହା ପାଖରୁ.......? ଯାହାର ରକ୍ତ ଦୁଇଟା ରକ୍ତ ହେ ାଇଛି । ଯାହାର ନାଡ଼ି ଦୁଇଖଣ୍ଡ ହେ ାଇଛି । ଯାହାର ରକ୍ତ ମାଉଁସରେ ଏତେ ଟିକିଏ ପାର୍ଥକ୍ୟ ନାହିଁ -- ସଇେ ଭାଇ-ଭାଉଜ ଆଉ ଭଉଣୀ ମୁନି ପାଖରୁ ? ନାଁ --ନାଁ ସେ କଥା ହବେନାହିଁ । ସଇତା ମଣିଷ ହଉେ । ଏ ଘର ତା'ର । ସେ ମଣିଷ ହେ ାଇଛି । ଏ ଘରର ଦାୟିତ୍ୱ ସେ ବୁଝିବ । ମେ ାର ଆଉ କିଛି ନାହିଁ । ମେ ାର ବଳ -ବୟସ ସରିଗଲାଣି । ମୁଁ କାହିଁକି ଅଜଥାରେ କାହା ଉପରେ ବେ ାଝ ହବେି ? ସେ ପଛେ ଏ ଘରେ ରହିବେ ନାହିଁ । କିନ୍ତୁ ଏ ଘରର କାନ୍ଥ ଦିଆଯିବ

ନାହିଁ କି ମଝିରେ ପୋଚରୋ ବସିବ ନାହିଁ । ଏ ଘର ସଇତାର । ସଇତା ଏକା ରହୁ । ସଇତାର ସୁଖ ପାଇଁ ସେ ସବୁ କିଛି ପରିତ୍ୟାଗ କରିବାକୁ ପ୍ରସ୍ତୁତ । ଏପରିକି ଏ ଜନ୍ମ ମାଟିର ମୋହ-ମାୟା-ମମତାକୁ କାଟି ଦେଇ ସେ ଚାଲିଯିବେ କୁଆଡ଼େ --- ଯୁଆଡ଼କୁ ଆଖି ପାଇବ; ଯେଉଁଠି ମନ ସ୍ଥିର ହବେ ।

ଏହିପରି ଅନେକ ଭାବନାରାଜି ଭାବ ସମୁଦ୍ରର ଲହଡ଼ି ଦୋଳାରେ ଆସି ଦୋଦୁଲ୍ୟମାନ ଅବସ୍ତାରେ ଖେଳି ବୁଲିବାକୁ ଲାଗିଲେ । ଯାହାର କୂଳ-କିନାରା କିଛି ମିଳିବାକୁ ନାହିଁ । ହଠାତ୍ ମୁଣ୍ଡଟା ଚକ୍କର କାଟି ଦେଲା କି କ'ଣ; ସେ କାହାକୁ କିଛି ନ କହି ସେଇଠି ବସି ପଡ଼ିଲେ । ରାତି ଯେ କେତେ ହୋଇଗଲାଣି ଆଉ ମାଲୁମ ନାହିଁ । ଘରେ ଚୂଲି-ଚାଉଳ କିଛି ଜଳି ନାହିଁ । ରୋଷେଇ ପତର ସବୁ ବନ୍ଦ । ଭିନେ ହେବାର ସିଦ୍ଧାନ୍ତଟା ଅମୂଳକ ହେଲେ ହେଁ ଚୂଡାନ୍ତ ନିଷ୍ପତ୍ତିଟା ନ ହେବା ଯାଏଁ କିଛି ହେବ ନାହିଁ । ସାନ ବୋହୂ ଗମ୍ଭିରୀ ଘରେ ଗୁମାନ ମାରି ଶୋଇଛନ୍ତି । ଚୁଡ଼ା-ମୁଢ଼ି ମୁଠେ ଖାଇବାକୁ ପନôୀ ବାଧ୍ୟ କଲା ରୁ ଖାଇବି ନାହିଁ କହି କଥା ଟାଳି ଦେଲେ । ସେଅଳ ଶୟନ କକ୍ଷକୁ ଯାଇ ବିଶ୍ରାମ ନେଲେ । କେତେ ଚିତ୍ର ଆଖି ସାମ୍ନାରେ ଝଟକି ଉଠିଲା ।

ସେଦିନ ବୋଉ ମରିଗଲା ବେଳେ କହି ଯାଇଥିଲା-- ସୁରୁଯାରେ ! ତୋତେ ସେଇତା ଲାଗିଲା । ଟିକି ଛୁଆଟା କିଛି ଜାଣି ନାହିଁ । ତାକୁ ବୁଦ୍ଧି -ଅକଲ ଶିଖାଇବୁ । ସମାଜରେ ଅନ୍ୟମାନଙ୍କ ପରି ତାକୁ ଜଣେ କରି ଗଢ଼ିବୁ । ତା'କୁ ଦୁଃଖ କ'ଣ ଜାଣିବାକୁ ଦେବୁ ନାହିଁ ।

ବୋଉଲୋ ! ଆଜି ବି ତୋର ପ୍ରତିଟି କଥା ମୋର ମନେ ଅଛି । ଯାହା ସ୍ମୃତି ହୋଇ ଅହରହ ମୋ ଚାରିପଟେ ଘୂରି ବୁଲୁଛି । ତାହାକୁ ମୁଁ ଅକ୍ଷରେ ଅକ୍ଷରେ ପାଳିଛି । ସଇତାକୁ ଏଡୁଟରୁ ଏଡୁଟେ କରିଛି । ଆଜି ସେ ବେଶ୍ କ୍ଷମ । ନିଜ ଗୋଡ଼ରେ ନିଜେ ଚାଲିବାକୁ ସକ୍ଷମ । ମୁଣ୍ଡକୁ ହାତ ପାଇ ଗଲାଣି । ଏ ବୃଦ୍ଧ ସ୍ତବିର ଅଥର୍ବ ଭାଇଟା ଠେଇଁ ତା'ର ଆଉ କି ଲାଭ ? ମୋର ପ୍ରୟୋଜନୀୟତା ସବୁ ଶେଷ ହୋଇଛି । ତୋ କଥା ମୁଁ ସବୁ ରଖିଛି । ସେଦିନ ପର ଝିଅ କହେ ଆସିଲେ ସେଇତାକୁ ଅବହେଳା କରିବ ବୋଲି ମୋର ବିବାହ ଘର ପ୍ରସ୍ଥାବଟାକୁ ଅନେକ ଦିନ ଟାଳି ଦେଇ ଆସିଥିଲି । ଖାଲି ମାମୁ ବାଧ୍ୟ କଲେ ବୋଲି ନା; ବାସନ୍ତୀକୁ ବୋହୂ ବେଶରେ ସଜାଇ ଘରକୁ ଆଣିଲି । ହେଲେ ତାକୁ ଚତୁର୍ଥୀ ରାତିରେ ରୋକ୍ଠୋକ୍ କହି ଦେଇଥିଲି-- "ସଇତା ମୋର ଭାଇ ନୁହେଁ ପୁଅ । ତାକୁ ମା-ବାପାର ଅଭାବ କେବେ ମୁଁ ଜାଣିବାକୁ ଦେଇନାହିଁ । ତା ମନ ନେଇ ଚଳିବ । କେବେ ହେଁ ତା ମନରେ କୌଣସି ଆଘାତ ଦେବ ନାହିଁ ।"

ସେହିଦିନୁ ବାସନ୍ତୀଟା ଏମିତି କ'ଣ ବୁଝିଲା କେଜାଣି ସଇତାକୁ ଭାରି ଆଦର କଲା । ସଇତା ବି ତାକୁ କେମିତି ଗୋଟାଏ ଆଦରି ନେଲା । ଆପଣାର ପଣିଆଟାକୁ ଗୋଟା ପୁଣି ଅଜାଡ଼ି ଦେଲା । ତା'ର ସମସ୍ତ ଅଳି ଅର୍ଦ୍ଦଳିକୁ ସେ ଅକ୍ଳେଶରେ ସହିଯାଏ । କେବେ କିଛି ପ୍ରତିବାଦ କରିନାହିଁ କି ମୋତେ ଅଭିଯୋଗ କରିବାର ସୁଯୋଗଟିଏ ଦେଇ ନାହିଁ । ଗୋଟିଏ କନ୍ୟା ସନ୍ତତିର ସେ ଜନନୀ । ହେଲେ ହେଁ ପୁତ୍ର ସନ୍ତାନଟିଏ ପାଇଁ ସାହି ପଡ଼ିଶା କେଣ କମ୍ତି ବାଧ୍ୟ କରିଛନ୍ତି । କିନ୍ତୁ ବାସନ୍ତୀ କହେ --

"ସଇତା ମୋର ବଡ଼ ପୁଅ । ଝିଅଟିକୁ ବାହା ଦେଇଦେଲେ ପରେ ସେହି ମୋର ସାହା ଭରସା ହବେ । ଆଉ ପୁତ୍ର ସନ୍ତାନ ମୋର ଲୋଡ଼ା ନାହିଁ ।

ସେଇ ସଇତା ଆଜି ବଡ଼ ହୋଇଛି । ସମସ୍ତ ଅଭାବ ଅସୁବିଧା ସତ୍ତ୍ୱେ ତାକୁ ପାଠ ଦି ଅକ୍ଷର ପଢ଼ାଇଛି । ସେ ଏବେ ଗାଁ ସ୍କୁଲ୍‌ରେ ଶିକ୍ଷକ । ଭଲ ପାତ୍ରୀଟିଏ ଦେଖି ମଧ୍ୟ ତା'କୁ ବାହା କରେଇ ଦେଇଛି । ମନରେ କେତେ ସ୍ୱପ୍ନ ଥିଲା ନୂଆ ବୋହୂଟିଏ ଆସିବ । ନଣନ୍ଦ, ଯା'- ଦେଢ଼ଶୁରଙ୍କୁ ନିଜର କରିନେବ । ଆମର ସବୁ ଦୁଃଖ ଚାଲିଯିବ । ଘରଟା ହସି ଉଠିବ ।

କିନ୍ତୁ ହେଲେ। କ'ଣ ? ସାନବୋହୂ କହୁଛି ଭିନହେବେ, ଟୋକୋଟା ବି ତା' କଥାରେ ପୋଳି ଧରୁଛି । ଆମକୁ ଆଉ ତୋ ପାଇଁ ଆଜି ବୋଝ ହୋଇ ଉଠିଛୁ ।

କିନ୍ତୁ ମୁଣ୍ଡ ଝାଳ ତୁଣ୍ଡରେ ମାରି ପଟେପୂରା ଦି-ଓଳି ଦି-ମୁଠା ନିଜେ ନ ଖାଇ ତାକୁ ଯେଉଁ ବଞ୍ଚାଇ ରଖିଥିଲି, ସେ ସମସ୍ତ ତ୍ୟାଗ ଓ ଅସୁମାରୀ ଉଦ୍ୟମ-- କ'ଣ ସବୁ ଗୋଟିଏ ଝାଞ୍ଜରେ ବୁଦ୍ ବୁଦ୍ ପରାଏ ବିଲୀନ ଭଜିବ? ଜୀବନର ରଣକ୍ଷେତ୍ରେ ଜୁଝି-ଜୁଝି, ଅଶାନ୍ତି ଅସନ୍ତୋଷର ଦାବାନଳେ ଝଳି ଝଳି ତାକୁ ଯେଉଁ କୃତିତ୍ୱର ମହାମନ୍ତ୍ର ଶିଖାଇଲି ସେ ସମସ୍ତ କ'ଣ ବେକାର ଯିବ ? ତ୍ୟାଗ ଓ ମହନୀୟତାର ଏ ଯେଉଁ ସୁଦୀର୍ଘ ପ୍ରାଚୀର ଗଢ଼ିଲି-- ତାହା କ'ଣ ଏମିତି ଦମକାଏ ପବନରେ ଦୋହଲି ଯିବ ? ନାଁ--ନାଁ ଏପରି ହେବାକୁ ସେ ଦେବେ ନାହିଁ । ବାସନ୍ତୀଟା ବି ଏ ସବୁକୁ ସହି ପାରିବ ନାହିଁ । ତା'ର ମାତୃତ୍ୱ କାନ୍ଦି ଉଠିବ । ତା'ର ପାଣ୍ଡୁର ମଳିନ ଶରୀର ତଳେ ଲୁକ୍କାୟିତ ପ୍ରାୟ କୋମଳ ହୃଦୟଟି ବିଳାପ କରି ଉଠିବ । ସଇତା ଯେ ତା'ର ବଡ଼ପୁଅ । ତବେ ଏବେ ମୁଁ କ'ଣ କରିବି ? କ'ଣ କରିବା ଉଚିତ୍ ? କାହିଁ କିଛି ବୁଦ୍ଧିବାଟ ତ ଦିଶୁ ନାହିଁ । ନାଁ କିଛି ସିନ୍ଧାନ୍ତ ବି କରି ହେଉ ନାହିଁ ।

ଏଥର ସୂର୍ଯ୍ୟମଣି ଆସ୍ତେ କରି ବିଛଣାରୁ ଉଠିଲେ । ଚାରି ଆଡ଼କୁ ଥରୁଟିଏ ଆଖି ପୁରାଇ ଆଣିଲେ । ବାସନ୍ତୀ, ମୁନି ସମସ୍ତେ ନିଘୋଡ଼ ନିଦରେ ଶୋଇ ପଡ଼ିଛନ୍ତି । ଭାବିଥିଲେ --- ସମସ୍ତଙ୍କୁ ଶେଷଥର ପାଇଁ ଥରୁଟିଏ ଗେହ୍ଲେ କରି ଦେଇ ଯିବେ । ନାଁ-- ଏପରି କଲେ ସମସ୍ତେ ଉଠି ପଡ଼ିବେ । କଥା ସରିଯିବ । ସେ ଛାଡ଼ି ଯାଇ ପାରିବେ ନାହିଁ, ଏଥର ଉଠି ଛିଡ଼ା ହେଲେ । କାଗଜଟିଏ ବାହାର କରି ଚିଠିଟିଏ ଲେଖିଲେ-- ସଇତାରେ ! ତୋରି ଭାଇ ତୋରି ସୁଖ ପାଇଁ ଏ ଘର ଛାଡ଼ି ଚାଲି ଯାଉଛି । ସାଥିରେ କିଛି ନେଉ ନାହିଁ । ସବୁ ଛାଡ଼ି ଯାଉଛି ସବୁ ତୋର ଏ ଘର -ଦ୍ୱାର, ଜମି-ବାଡ଼ି, ଟଙ୍କା-ପଇସା ସବୁ କିଛି, ଆଉ ତୋ ଭାଉଜ ମା ଏବଂ ମୁନି । ଗଲା ବେଳେ କେବଳ ଏତିକି ତୋତେ କହି ଦେଇ ଯାଉଛି -- ତୋ ଭାଉଜ ମା'ଟା କାନ୍ଦି କାନ୍ଦି ଶୋଇ ପଡ଼ିଛି । ତୋତେ ଛାଡ଼ି ସେ ବଞ୍ଚି ପାରିବ ନାହିଁ । ତାକୁ ଟିକେ ବଞ୍ଚେଇ ରଖିବୁ । ତୋର ଆଉ ଅଲଗା ହେବା ଦରକାର ନାହିଁ । ମା'କୁ ଦେଇଥିବା କଥା ମୁଁ ରଖିଛି । ତଣେକି ଯାହା ଭାଗ୍ୟରେ ଥିବ ତାହା ହିଁ ହେବ । ଈଶ୍ୱର ତୋତେ ସୁବୁଦ୍ଧି ଦିଅନ୍ତୁ । ମୋର ଆଶୀର୍ବାଦ ସଦା ସର୍ବଦା ତୋ ଉପରେ ରହିଛି ଆଉ ରହିଥିବ ମଧ୍ୟ

ଇତି

ତୋର ଭାଇ,

ସଇତାର କବାଟ କଣରେ ଥରେ ସେଇତାକୁ ଅନାଇଲେ । ନିଶ୍ଚିତ ନିଦରେ ଶୋଇଛି ସଇତା । ପାଖରେ ତାଙ୍କରି ବୋହୂ । ଚିଠିଟି ଭିତରକୁ ପକାଇ ଫେରେ ଆସିଲେ । ମୁନିର ଗାଲରେ ଛୋଟ ଚୁକଟିଏ ଦେଲେ । ଆଉ ସେ ଭାବୁଥିଲେ -- ଆରେ ! ଘରେ ତାଙ୍କର ଯେ ବୃଦ୍ଧା ପନôୀ । ତା'କୁ ସେ କ'ଣ ସାଙ୍ଗରେ ନେବେ ନାହିଁ ? କ'ଣ ତାଙ୍କ ଦେହରେ ଉଷ୍ଣତା କମି ଯାଇଛି ବୋଲି ? ଚମଡ଼ା ରୁକ୍ଷ ହୋଇଯାଇଛି ବୋଲି ? କାମିନୀ ତ ପୁଣି ପାଖରେ ସେଇତାକୁ ପାଇବା ପାଇଁ ଏବଂ ଏକା ଏକା ତାହା ଉପରେ ନିଜର ଅଧିକାର ଜାହିର କରିବା ପାଇଁ ଅନବରତ ସଂଗ୍ରାମ ଜାହିର କରିଛି । ନାଁ-ସେ ତାଙ୍କର ବୃଦ୍ଧା ପନôୀକୁ ହଇରାଣରେ ପକାଇବେ ନାହିଁ । ଯାହାର ଗୋଟାଏ ନିର୍ଦ୍ଦିଷ୍ଟ ଗତି ନାହିଁ; ସେ ଅନ୍ୟକୁ ସାଙ୍ଗ କରିବ କାହିଁକି ?

ଆଜି ବର୍ଷା ରାତି । ସେଦିନ ବି ଥିଲା ବର୍ଷା ରାତି; ଯେଉଁଦିନ ବାସନ୍ତୀ ନବବଧୂ ସାଜି ଆସିଥିଲା, ଏ ଘରକୁ ନୂଆ କରି । ସେଦିନ ସେ ପାଖରେ ଥିଲା ଆଜି ବି ପାଖରେ ଅଛି । କିନ୍ତୁ ଆଜି ବାହାରେ ବର୍ଷା; ଭିତରେ ବି ବର୍ଷା । ଅନ୍ତରରେ ଗଭୀର କ୍ଷତ ତୀବ୍ର ମାନସିକ ଯନ୍ତ୍ରଣା । ଓଃ........... ଭାରି ଅସହ୍ୟ ........ ଭୀଷଣ କଷ୍ଟ ନା ଆଉ ନୁହେଁ ।

ଏଥର ସୂର୍ଯ୍ୟମଣି ଗୋଡ଼ ଚାପି ଚାପି ବାହାରିଗଲେ ଘରୁ । ଗାଁ ମୁଣ୍ଡରେ ଜନ୍ମ ଭୂଇଁକୁ ଶେଷ ପ୍ରଣତି ଜଣାଇବା ଉଦ୍ଦେଶ୍ୟରେ ମାଟି ମୁଣ୍ଡାଏ ମୁଣ୍ଡରେ ଲଗାଇଲେ । ଆଉ ସେ ପଛକୁ ଫେରି ଚାହିଁଲେ ନାହିଁ । ଏଥର ଚାଲିଲେ ଦୂରକୁ ଦୂରକୁ । ବହଳ ଅନ୍ଧକାରର ପଟେ ଭିତରେ ସେ ମିଳେଇ ଗଲେ ।

ଞ୍ଚଞ୍ଚଞ୍ଚ

ସରଗ ତଳେ

ଦୂର ଦିଗ୍‌ବଳୟର ନୂଆଁଣିଆ ଆକାଶ ବୁକୁରେ ଉଙ୍କି ମାରୁଥିଲେ ଅସ୍ତଗାମୀ ସୂର୍ଯ୍ୟର କେତୋଟି ଆଲୋକ ରେଖା । ନଦୀ ପଠାର ଦହଲା ତଣ୍ଡୀ ଗୁଡ଼ାକ ମୁଣ୍ଡ ହଲାଇ ନାଚୁଥିଲେ ସ୍ରୋତସ୍ୱିନୀ ସ୍ୱରର ତାନେ ତାନେ । ସତେକି ସଂନ୍ଧ୍ୟା ଦେବୀଙ୍କ ସାନିଧ୍ୟ ନିମନ୍ତେ ବ୍ୟସ୍ତ । ପୁଣି ଟାଙ୍ଗରା ପଡ଼ିଆରେ ଛତରା ଗଛଟାର କ୍ରୋଡ଼ ପଞ୍ଜରରେ ରବିମାନ ଥିଲେ କେତେଟା ଆଲୋକ ବିଧୁରା ପରିବାର । ସତେକି ଆଗାମୀ ସଂଖ୍ୟାର ଆଗତ ଜୀବନ ଯାପନ ପାଇଁ ସନ୍ଦିହାନ, ଭୟଭୀତ, ବ୍ୟାକୁଳିତ-- ସମୋନେ । ସତେକି ଏ ଦୁନିଆଟା ସପକ୍ଷ ବାଦୀ ଓ ବିପକ୍ଷ ବାଦୀର ପ୍ରତିମୂର୍ତ୍ତି । ଗୋଟିଏ ପଟେ ଆଗତକୁ ସ୍ୱାଗତ । ଅନ୍ୟପଟେ ଆଗତକୁ ପ୍ରାଣର ତିକ୍ତ ଅଭିବ୍ୟକ୍ତି ।

ବୀର କୁମାର ପୁରର ନରମା ଛାତି ଭିତରକୁ ଫୁଲି ଫୁଲି ଲମ୍ବି ଯାଇଛି ଧୂଳିଆ ରାସ୍ତାଟା ତା'ର ସଂଗ୍ରାମୀ ଜୀବନର ତିକ୍ତ ଅଭିଜ୍ଞତାରେ ସିକ୍ତ ହୋଇ, ଆଉ ତାହାରି ଉପରେ ଧୂଳିଆ ପାଦକୁ ବଢ଼ାଇ ଚାଲିଛନ୍ତି ରବି ନନ୍ଦନ, ମୁଣ୍ଡରେ ବୋଝକରି ସେହି ତିକ୍ତ ଅଭିଜ୍ଞତାର ଯୁକ୍ତି ଉପହାର । ସେ ବ୍ୟଗ୍ର-- ଉତ୍ତ୍ୟକ୍ତ-ଭ୍ରାନ୍ତ । ଏ ସଂଗ୍ରାମୀ ଦୁନିଆର ଅଗ୍ନିଧାସରେ ସେ ତ୍ରସ୍ତ, ବିତ୍ରସ୍ତ । ମନର ଚଞ୍ଚଳତାକୁ ଗୁରୁ କରି ସେ ଆଗେଇ ଚାଲିଛନ୍ତି-- ଏହି ସଂଗ୍ରାମୀ ଦୁନିଆର ଭଷ୍ମ କୁଣ୍ଡକୁ । ଚାହାଁନ୍ତି ସେ ପ୍ରତିଧ୍ୱନି ଦେବାକୁ ସଂଗ୍ରାମୀ ଖଡ୍ଗର ଝଙ୍କାର ଶବ୍ଦ ସହିତ । ନତୁବା ଲୁଚାଇବେ ସେଇଠି ସଂଗ୍ରାମୀ ମନର କ୍ଷୁଆ ଚୋରିକୁ ।

ମନରେ ଗୋଟିଏ ପ୍ରରେଣା, ଗୋଟିଏ ଧାରଣା ମନ ତଲବାରର ମୁନରେ- ହଟିଯାଅ, ହଟିଯାଅ ମଣିଷର କାଳରୂପି କୁସଂସ୍କାରବାହୀ ସମାଜ । ମନଇଚ୍ଛା ଏ ମଣିଷ ଜାତିଟାକୁ ଭୁଲେଇଛି ଦୁର୍ବଳତାର ସୁଯୋଗ ନେଇ, ଦୁର୍ଯୋଗ ଦୁଆର ଖୋଲି, ଅଯୋଗ୍ୟ ଦରିଆ ଆଡ଼କୁ ଟାଣି ନେଇଛି । ବଶେ୍ ତୁମ୍ଭର ଏଇଠି ଇତି ଅବଶ୍ୟମ୍ଭାବୀ; ଏଇଠି ଅଟକି ଯାଅ, ରକ୍ତର ଉଷ୍ଣତା ପତଳେଇ ଆସିଲା । ଚିନ୍ତାମଗ୍ନ ମଣିଷର ମନ ପକ୍ଷୀ ଉଡ଼ି ବୁଲିଲା ଖଣ୍ଡ ଗିରିର ଗୁହା ଉପରେ ଅଶୋକ ସ୍ତମ୍ଭର ଖୋଦିତାନୁଶାସନରେ ପୁରୀର ନବଶତ୍ରୁମ୍ଭୀ ଦେଉଳର ଶାନ୍ତ, ମଧୁର କ୍ରୋଡ଼ ଉପରେ କୋଣାର୍କର ଜୀବନ ପ୍ରତ୍ୟୟ ମୂର୍ତ୍ତୀମାଳ ଉପରେ । ପୁଣି ପ୍ରକୃତିର ପ୍ରହସନରେ ଭାସିଯାଇଥିବା ହୀରୋସୀମା ଓ ନାଗାସାକି ଉପରେ ।

ହାୟରେ ମଣିଷ! ଧନ୍ୟ ତୋର ବିଜ୍ଞାନର ଉପକାର । ଧନ୍ୟ ତୋର ଆଜିର ପଥର ଭିକାରୀ, କଳା ଓ ସଂସ୍କୃତି । ହସର ଜୁଆର ଆଉ ଅନ୍ଧାରର ଆସନ୍ନ ଆଭାସ ତାଳ ଦେଲା ଭାବନା ରାଜ୍ୟର ଅତୁଆ ସୂତାଖିଅ ସହିତ ଆଷାଢ଼ର ମେଘୁଆ ପ୍ରକୃତି, ନଈ କୂଳିଆ ଶୀତୁଆ ପବନ ଅରମ୍ଭ କରି ସାରିଥିଲା ମୁଣ୍ଡ ପିଟିବାକୁ ଚାରିଆଡେ । ପାଦର ଗତି ହେଲା ଚଞ୍ଚଳ- ଆସ୍ତେ, ଆସ୍ତେ ।

ଗାଁ ମୁଣ୍ଡ-- ବୀର କୁମାର ପୁରର ଆରମ୍ଭସ୍ଥଳୀ । ଅଟକି ଗଲେ ସେଇଠି । ଉଦ୍ଦେଶ୍ୟହୀନ ଭାବେ ଉପରକୁ ଅନାଇଲେ ଦେଖିଲେ ବୁଢ଼ା ବରଗଛଟା ଗୋଡ଼ହାତ ଲମ୍ଭେଇ ଛିଡ଼ା ହୋଇଛି । କେଉଁ ଦିନରୁ ହେଲାଣି କେଜାଣେ ତା'ର ଜନ୍ମ ବୃତ୍ତାନ୍ତ କହିବା ପାଇଁ ସମସ୍ତେ ଅକ୍ଷମ । ରାଇଜଯାକର ପକ୍ଷୀ ପଲଙ୍କର ବସା ସେଇଟା । ବଣି, ଟେଟେଇଁ, ପୁଚୁଳି, ବଗ, କୁଆ, ଭଜଭଜଳିଆ ଆଦି ସବୁ ଜାତିକା ଚଢ଼େଇ ବସା ଏଇଟା । ଫଡ଼ ଫଡ଼ ହୋଇ ଉଡ଼ିଗଲେ ବାଦୁଡ଼ି ଦୁଇଟା ଠିକ୍ ତାଙ୍କ ମୁଣ୍ଡ ଉପରେ । ଚିନ୍ତା ଭାଙ୍ଗିଗଲା ଗୋଟାଏ ଆଡୁ । ସତେ ଯେପେରି ପକ୍ଷୀ ଗୁଡ଼ାକ ଉପହାସ କରୁଛନ୍ତି ତାଙ୍କୁ, ତାଙ୍କର ହା ହତାସମୟ ଜୀବନକୁ । ବିନତୋଙ୍କର ବଂଶ ଥିଲା ଆଭିଯାତ୍ୟପୂର୍ଣ୍ଣ ଧନୀକ ପରିବାର, ମାତ୍ର ସେ ଦେରିଦ୍ରତା ଆଡ଼କୁ ଢ଼ଳି ପଡ଼ିଛନ୍ତି । ସେ ହେଉଛନ୍ତି କେତେ ହେନ୍ତସନ୍ତ, କେତେ ହୀନିମାନ ଏ ଦୁନିଆରେ । ଆଉ ପକ୍ଷୀ ଗୁଡ଼ାକ ସମାଜରୁ ଉଶୃଙ୍ଖଳ ହୋଇ ଯାପୁଛନ୍ତି ସରଳ ଜୀବନ । ହାୟ ଭଗବାନ୍! ଏହି ପକ୍ଷୀମାନଙ୍କଭଳି ଜନ୍ମ ନ କଲ କାହିଁକି ? ପକ୍ଷୀ ହେବାକୁ ଇଚ୍ଛା ହେଲା । ଇଚ୍ଛା ହେଲା ଗୋଡ଼ ଦୁଇଟିକୁ ଏକ କରି ହାତ ହଲାଇ ଉଡ଼ିଯିବାକୁ ।

କିନ୍ତୁ .......... କ'ଣ ସେ ହୋଇପାରିବ ପକ୍ଷୀ ? ମନ ଫେରିଲା ସେ ଆଡୁ ।

ପୁଣି ଚାହିଁଲେ ପୋଖ ଶ୍ମଶାନର ପାଉଁଶ ଗଦାକୁ । ଏଇ ଚିତା ଜଳୁଛି ଜୁକୁ ଜୁକୁ ହୋଇ । ସନିଆଁ ମା ପୋଡ଼ା ହୋଇଥିଲା କାଲି । ବିଚାରୀ ହତଭାଗିନୀ ପୁଅ ପାଟି କହେ ନାହାଁନ୍ତି । ବୁଢ଼ୀ ଟୋପେ ପାଣି ପାଇଲା ନାହିଁ ଶଷେକୁ । ସେମିତି ଜ୍ୱରରେ ହେନ୍ତ ସନ୍ତ ହୋଇ କେତେ ଦିନକେ ପିଣ୍ଡଠାରୁ ଅଲଗା ହୋଇଗଲା । ଶଷେକୁ ତା'ର ପୁତୁରା ଗୁନିଆଁ ଜମିବାଡ଼ି ପାଇବା ଆଶାରେ ତାକୁ ଖାଲି ପୋଡ଼ି ଦେଇ ଯାଇଛି । ଆଉ ଜାତି ଭାଇଙ୍କୁ ବକ୍ତେ ଖୁଆଇଛି । ନ ହେଲେ ସେତିକି ବି ହୋଇ ନଥାନ୍ତା । ପୁଣି ତାହାରି ପାଖକୁ ଟିକିଏ ଛାଡ଼ି ପଡ଼ିଛି ବୁଢ଼ାଟିଏ-- ସେ ଗାଁର । ଧନରନôଢ଼ରେ ଥିଲା ତା'ର ଯୌବନରେ । ଧନ ଥିବା ସମୟରେ ଲୋକଙ୍କୁ ମାରିପିଟି ଶାସନ କରୁଥିଲା । ପୁଣି ସେ ମେଲା ମଳ ମୂତ୍ରରେ ପଡ଼ି ପଡ଼ି । ପୁଅ ବୋହୂ ଅଲଗା କରି ଦେଇଥିଲେ ମେଲା ବେଳେକୁ ।

କୁକୁର ଗୁଡ଼ାକ ଭୋ ଭୋ ହୋଇ ଭୁକି ଉଠିଲେ; ଶାଗୁଣା ପଲକ କେଁ କାଁ ହୋଇ ଉଡ଼ିଗଲେ-- କ୍ଷଣକ ପାଇଁ । ପୁଣି ଶୁଭିଲା ହାଡ଼ର ଚର୍ବଣ-ରଡ଼-ରଡ଼୍ -ମସ୍ । ଛି, ଛି କେଡ଼େ ବିଭସô ପ୍ରକୃତି । ମଣିଷର ମାଂସ ପ୍ରତି ଏଗୁଡିକ କେଡ଼େ ଲୋଭୀ ? ଧିକ୍ ଏ ନର କଙ୍କାଳ ପ୍ରିୟ ଜାତିଟାକୁ ।

ଆଖି ବୁଲେଇଲେ ପଛକୁ । ଗାଁ ଆଡ଼କୁ ଗତି ହେଲା । ଭାବ ରାଶିରୁ କେତେଟା ଅଟକି ଗଲେ ସେହି ଗଛ କୋରଡ଼ରେ । ବାଦଲ ରାଶିର ଜମାଟଖାନା । ଆଜି ଏଇ ଆକାଶଟା କଳା-ଧଳା ଘୋଡ଼ାର ସବାର ହୋଇ ଗାଁ ରାସ୍ତାରେ ନେରତ୍ତନବ୍ୟସ୍ତ-- ଏହି ଚାନ୍ଦ । ଜଗଇେ ସାହୁର ବାଡ଼ି ପଟୁ ଓସାସିଆ ପବନରେ ଭାସି ଆସିଥିଲା ମଲ୍ଲୀର ସୁଗନ୍ଧ । ଆଉ ନନ୍ଦ ସାହିରୁ ନନ୍ଦ ବୁଢ଼ାର କୀର୍ତ୍ତନ ସ୍ୱର । ବେଶ୍ ଖାପ ଖାଉଥିଲା ଦୁଇଟା ଯାକ । ଆଗେଇ ଚାଲିଲେ ରବିନନ୍ଦନ ଆଗକୁ ।

ଏଇଠି ରବିନନ୍ଦନଙ୍କ ଘର । ନଡ଼ିଆ ଗଛ ଦୁଇଟା ମୁଣ୍ଡ ଟେକି ଠିଆ ହୋଇଛନ୍ତି ତାଙ୍କ ବାପାଙ୍କ ଅମଳରୁ । ସେଇଟା ମାଳତୀ ଲତାଟା, ଫୁଲ ପେନ୍ଥୋରେ ଭେରତ୍ତି ହୋଇ ତାଙ୍କୁ ଅନାଇଛି । ଟିକିଏ ଛାଡ଼ି ଲେଙ୍କେଡ଼ି ଆମ୍ବ ଗଛଟା । ମରୁ ମରୁ ବଞ୍ଚିଛି-- ସେ, ଏଇ ରବି ନନ୍ଦନଙ୍କର କେତେ ହେପୋଜତ୍ରେ । ଏଇ ସାଲ ଭଲ ଫଳ ହୋଇଛି-- ମଥା ନଇଁଛି ଲାଜରେ ।

ଗୁହାଳ ଘରୁ କାଳିଆ, ବଳିଆ, ଶବ୍ଦ କରି ଉଠିଲେ । ପାଦ ଶବ୍ଦ ଶୁଣି ଦାଣ୍ଡ ପିଣ୍ଡାରୁ 'ବୁଲା'-କୁକୁରଟା ଦଉଡ଼ି ଆସି ଲାଙ୍ଗୁଡ଼ ଘସିଲା । ଗୋଡ଼ ମଧ୍ୟରେ ପଶି ପାଟିରେ ଦେହ ଘସିବାକୁ ଭାରି ଭଲପାଏ ସେ । ରବି ନନ୍ଦନ ତାକୁ ଚାପୁଡ଼ାଟାଏ ଦେଇ ପଶିଲେ ଘରେ । ସବୁ ଆଜି ଅସଂଯତ ଲୁଗାପଟା, ଟୋକେଇ, ପାଛିଆ ସବୁ ଗୁଡ଼ାକ ଆଜି ଅସଜ୍ଜିତ । ସତେ ଯେପରି ତାଙ୍କର ଦାରିଦ୍ରତା ସପକ୍ଷରେ ଏଗୁଡ଼ା ନାଚି ବୁଲୁଛନ୍ତି । କିମ୍ବା ଉପହାସ କରିବାକୁ ପ୍ରସ୍ତୁତ ହୋଇଛନ୍ତି । ଓସାରି ଆକଣ୍ଠରେ ଡ଼ାକିଲେ -ଛନ୍ଦା! ଇତସ୍ତତ ହୋଇ ଆଗେଇ ଆସିଲେ ଛନ୍ଦା, ଆଗେଇ ଆସିଲା ଉଦ୍‌ବିଘ୍ନତାର କେତୋଟି ହାସ୍ୟରେଖା ।

ସମ୍ମୁଖରେ ବିଷର୍ଣ୍ଣ ବଦନ ସ୍ୱାମୀ । ମୁଖର ଢ଼ଙ୍ଗ ବଦଳିଲା । ଚକ୍ଷୁ ହେଲେ ପ୍ରଶ୍ନିଳ । ମନରେ ଉଠିଲା ପ୍ରଶ୍ନର ଝଡ଼-- ତୁମେ ତ ଢ଼ରେ ଡ଼ରେ ପର୍ୟ୍ୟନ୍ତ ବାହାରର କର୍ମମୟ ଜୀବନକୁ ଆଦରି ନେଉଛ ? କର୍ମମୟ ବର୍ତ୍ତମାନକୁ ନେଇ ଆଗେଇ ଚାଲୁଛ, ଭୁଲୁଛ ଅତୀତକୁ । କିନ୍ତୁ, ମୁଁ ..................?

--ଛନ୍ଦା! ଟିକେ ଚାହା କରି ଆଣତ ।

ଛନ୍ଦା ଚାଲିଗଲେ ରୋଷ ଘରକୁ । ଦାଣ୍ଡ ଘରକୁ ଟିକିଏ ଛାଡ଼ି ରୋଷଘର । ଭାରି ସଂଙ୍କୀର୍ଣ୍ଣ ଘରଟିଏ । ଧୂମ ପଟଳ ଘରେ ଏପାଖ ସେପାଖ ଉଡ଼ି ଛପର ଫୁଟାଉଛି । ପୁଣି କୁଣ୍ଡଳୀ ହୋଇ ଉଡ଼ିଯାଉଛି ଦୂର ରାଇଜକୁ । ସେହିଘରେ ଅହରହ କର୍ମରତା ଥାନ୍ତି ଛନ୍ଦା-- ମାଣିକ ପୁରର ନବ ମହାନ୍ତିଙ୍କ କନ୍ୟା । ଛ'ଟି ବରଷ ତଳେ ସେ ହାତ ଧରିଥିଲେ ଏହି ରବି ନନ୍ଦନଙ୍କର । ସେତେବେଳେ ଥିଲା ପୂର୍ଣ୍ଣ ଯୌବନ । ବର୍ତ୍ତମାନ ମଧ୍ୟ ସେହି ଯୌବନଟା ଦେହ ମଧ୍ୟରେ ଆଗ ଭଳି ଢ଼ଳଢ଼ଳ ହଉଛି । ଏ ଘରକୁ ଆସିବାର କେତୋଟି ବରଷ ପରେ ଶ୍ୱଶୁର ଗଲେ ସେ ପୁରକୁ । ପୁଣି ଆଉ କେତେଟା ମାସ ପରେ ବାପା, ମୂଳରୁ ତ ସେ ମାତୃହୀନା । ସ୍ୱାମୀ ହିଁ ଏକମାତ୍ର ସମ୍ବଳ । ଏଘରକୁ ଆସିବା ବେଳେ ଏ ଘରର ଅବସ୍ତା ଥିଲା ମଧ୍ୟମ ଧରଣର; ମାତ୍ର ଏବେ ସ୍ୱାମୀ, ସ୍ତ୍ରୀ ଦୁହେଁ ଦରିଦ୍ରତାଟାର ବୋଝଟାକୁ ଭଲ ଭାବରେ ମୁଣ୍ଡାଇ ଚାଲିଛନ୍ତି । କେବେ ଛନ୍ଦା ଖରାପ ପାଇନାହାଁନ୍ତି ରବି ନନ୍ଦନଙ୍କୁ, ବରଂ ମନ ପ୍ରାଣ ଦେଇ ସେବା କରିଛନ୍ତି । ଦୁଃଖ-ସୁଖରେ ଭାଗୀଦାର ହୋଇଛନ୍ତି ।

ରବିଙ୍କ ପାଖରେ ଚାହା ରଖିଲେ-- ଛନ୍ଦା, ପୁଣି ଚକ୍ଷୁ ପ୍ରଶ୍ନିଳ-- କାହିଁକି ଏତେ ଦୁଶ୍ଚିନ୍ତା, ଏତେ ଦୁଃଖ ? ଯଦି ସମାଜରେ ଏ ଦରିଦ୍ରତା ଭିତରେ ଚାଲି ନପାରିବ ତେବେ ଆଗେଇ ଚାଲ ଶୃଙ୍ଖଳ ହୀନ ଦୁନିଆକୁ । ମୁଁ ତୁମ୍ଭରି ସଙ୍ଗେ ଥିବି । ସେଇଠିକି ତ ଯିବା-- ଯେଉଁଠି ମଣିଷ ପରର କେତେ ଉପକାର କରି ସାମାନ୍ୟ କେଇଟା ମୋହରରେ ପରିଶ୍ରମତକ ଧନୀ ଗୋଡ଼ରେ ସମର୍ପି ଦିଏ ଏବଂ ରୁହେ ଗଛ ମୂଳରେ; କିନ୍ତୁ ଖୁସିରେ କିମ୍ବା ରହେ ବନ ଗହନର ତଳେ, ଯେଉଁଠି ଜଙ୍ଗଲି ମଣିଷ ପ୍ରକୃତିର ବିରୁଦ୍ଧରେ କରେ ଅଭିଯାନ; ରାତ୍ରିରେ ଆଶ୍ରୟ ନିଏ ପଥର ଖୋଲରେ, ଚାହିଁ ରହିଥାଏ ପଥର ଉହାଡ଼ୁ ପାହାନ୍ତି ଆଲୁଅର ଅଭିନନ୍ଦନକୁ । ତାପରେ ଆରମ୍ଭ କରେ ପୁଣି ତା'ର କର୍ମମୟ ଜୀବନ । ଆମ୍ଭେ କ'ଣ ପାରିବା ନାହିଁ ସେମିତି ? ମାତ୍ର ମୁହଁ ଖୋଲି କହି ପାରି ନଥିଲେ ଛନ୍ଦା ।

ଚାହା ଖାଉ ଖାଉ ଆରମ୍ଭ କଲେ ରବି ନନ୍ଦନ-- ସେ ଖୁବ୍ ବ୍ୟସ୍ତ ଆଜି କେତେକେ କାମ ପାଇଁ, କହୁ କହୁ ଆଖି ପଡ଼ିଗଲା ଖଟଟି ଉପରେ -ବହୁ ଦିନର ପୁରୁଣା ଖଟଟି, । ଦେହଟା ଯାକ କଳା ପଡ଼ିଗଲାଣି । କେତେ ଖଣ୍ଡି କାଠ ଭାଙ୍ଗି ପଡ଼ିଲାଣି । ତାରି ଭିତରେ ଥିବା ଖଣ୍ଡିଏ ଚିଠି ଉପରେ ପଡ଼ିଲା ନଜର । ଆଗ୍ରହ ହେଲେ ପଢ଼ିବାକୁ ।

ବିନୋଦ-- ରବି ନନ୍ଦନଙ୍କର ପିଲା ଦିନର ସାଙ୍ଗ ତାହାରି ଚିଠି--ଏ । ପ୍ରାୟ ସେ ସେବୁଦିନେ ଗପ-ସପ ହେବାକୁ ଆସେ ଏଠିକି । ଆଜି ନପାଇ ଫେରି ଯାଇଛି । ବିଚରା ବହୁତ ବ୍ୟସ୍ତରେ ପଡ଼ିଛି । ସୁସ୍ଥ, ସବଳ, ସୁଠାମ ଯୁବକ । କେତେ କଷ୍ଟରେ ପଇସା ଦୋଟି

ରଢ଼ୋଜଗାର କରେ । ଧନ ଦୌଲତ ତାର ମନ୍ଦ ନୁହେଁ । ମାତ୍ର ଏଇ କେତେ ଦିନ ହେବ ପ୍ରକୃତିର ଧିକ୍କାରରେ ଅସ୍ତ ବ୍ୟସ୍ତ ହୋଇ ପଡ଼ିଛି । ଭାଇଟିଏ ତା'ର ରୋଗାକ୍ରାନ୍ତ-- ଜୀବନ ସଂଙ୍କଟାପନ୍ନ ।

ବେଶି ସମୟ ଭାବାପନ୍ନ ନହୋଇ ଆରମ୍ଭ କଲେ ତାଙ୍କର ଦର୍ଶନ ତତ୍ତ୍ୱ । କହି ଚାଲିଲେ ଛନ୍ଦାଙ୍କୁ ତାଙ୍କର ମନର ବେଦନା ଆଉ ସମାଜର ଅଧଃପତନ ସଂପର୍କରେ--

ମଣିଷ ଜୀବନର ଗତି ଆଜି କୁଆଡ଼େ ମୁଁ ଜାଣିପାରେନା । ନୀତି ଯାଇଛି, ଧର୍ମ ଯାଇଛି ,ଯାଇଛି ସଂସ୍କୃତି । ମାତ୍ର ରହିଛି ଦୁର୍ନିତିର କରାଳ ଛାୟା ଏବଂ ବିଜ୍ଞାନର ମରୀଚିକା । ଚାରିଆଡ଼େ ଗଢ଼ି ଉଠିଛି କଳ କାରଖାନା, ଚାରିଆଡ଼େ ବାଷ୍ପ ଚାଳିତ କଳ । ଯୁଗର ଗତି ପାଇଁ କଳ୍ପନା କରୁଛି କିଏ । ମାତ୍ର, କାଳ-କୋଳରେ ରୁଦ୍ଧି ହୋଇ ମରିବାଟା ସାର ହେଉଛି । ବିଜୁଳି ଆଲୋକରେ ଝଲସୁଥିବା ମନାକର୍ଷଣକାରୀ ଚଳଚିତ୍ରର ନଗ୍ନଚିତ୍ର ଗୋଟିଏ ପଟେ । ଅନ୍ୟପଟେ ଭେକେହୀନ ବିପୁଳ ଜନତାର ହା ହା ଚିତ୍କାର ଟଙ୍କାର ଭୋକିଲା ମଣିଷ ପାଇଁ ଶୁଖିଲା ରୁଟିର ଆହ୍ୱାନ । ସମୋନେ ଗୋଟିଏ ପଟେ ରହି ଟାଣୁଛନ୍ତି ଏ ମଣିଷ ଜାତିଟାକୁ ଗୋଟିଏ ଉଲଂଘ କାଳରଖୋ ଉପରକୁ । ମାନୁଛି ଛନ୍ଦା ! ଯୁଗ ଆଗେଇ ଚାଲିଛି । ସେ କେବେ ପଛାଇ ଯାଏ ନାହିଁ । ବୈଜ୍ଞାନିକକୁ ଆଗରେ ରଖି ତା'ର ପଛରେ ଅଛି ଯେଉଁ ହା ହତାଶର ନିଆଁ- କୁହେଳିକା ସେ ବି ଅଟକିବ ନାହିଁ । କିନ୍ତୁ ଗତି କୁଆଡ଼େ ? ସଭ୍ୟ ମାନବର ଉଦ୍ୟାନ, ପରମାଣୁ ବୋମା ଭିତରକୁ ନା ଇରାକ୍ ଓ ଆଫଗାନିସ୍ଥାନର ମଶାଣି ପଦାକୁ; ନା...... ଏ ତୃତୀୟ ବିଶ୍ୱଯୁଦ୍ଧର କଳ୍ପନା ରାଜ୍ୟକୁ?

ଭୁଁ ............... ଅଁ ............. ଅଁ............... ଅଁ ଅପେକ୍ଷା ନକରି ଉତ୍ତର ଦେଲା ନିକଟବର୍ତ୍ତୀ ଯୁଦ୍ଧ ଉଡ଼ାଜାହାଜ କାରଖାନାର ଗୋଟିଏ ଇଙ୍ଗିତ । ପରେ ଯନ୍ତ୍ର ଶବ୍ଦକୁ ଆଡ଼େଇ ଦେଇ ପ୍ରବେଶ କଲା ଗୋଟିଏ ନିସ୍ତବ୍ଧ ରାଜତ୍ୱର ପରିକ୍ରମା ।

ଘର ମଧ୍ୟରେ ଦୁଇଟି ପ୍ରାଣୀ । ସମସ୍ତେ ଭାବାପନ୍ନ । ଦର୍ଶନ ତତ୍ତ୍ୱର ରନ୍ଥ ସାଉଁଟିବାରେ ବ୍ୟସ୍ତ । ତାହାରି ମଧ୍ୟରେ ପ୍ରବେଶ କଲେ ବିନୋଦ । ଝଲସି ଉଠିଲା ଚିନ୍ତାମଗ୍ନ ମଣିଷର କ୍ଷୀଣ ହାସ୍ୟରୁ ଝଲକାଏ । ଇଙ୍ଗିତ ଦେଲେ ରବିନନ୍ଦନ ବସିବାକୁ । ପୁଣି ଯୋଗହେଲା କଥୋପକଥନର ସୁଆ-- ତୁମ୍ଭର ବହୁତ ଡ଼େରି ହୋଇଗଲା ରବି!

--ନା ଭାଇ ! ବାପା ଖଣ୍ଡପଡ଼ା ଚୌଧୁରୀଙ୍କ ଠାରୁ ୨୦୦ ଟଙ୍କା କରଜ କରିଥିଲେ । ତାକୁ ବଢ଼ାଇ ସୁଧ ମୂଳ ସହିତ ୩୦୦ ଟଙ୍କା ତାଗିଦ କରି ଦେଇ ଯାଇଥିଲେ । ସେହି ଟଙ୍କା ଦେବାକୁ ଯାଇଥିଲି । ଆଚ୍ଛା ବିନୋଦ ତୁମ୍ଭର ରୋଗାକ୍ରାନ୍ତ ଭାଇଙ୍କ ହାଲ୍ କ'ଣ ?

--ନା ଅବସ୍ଥା ସେତେ ଭଲ ନୁହେଁ । ଡ଼ାକ୍ତର ଖାନାରେ ତାଙ୍କୁ ବହୁତକଷ୍ଟରେ ଭର୍ତ୍ତି କରିଦେଇ ଆସିଛି । ଡ଼ାକ୍ତର ଚାହୁଁଛନ୍ତି ୧୦୦ ଟଙ୍କା କିଳା ପୋତେଇ । ସେତିକି ଦେବାକୁ ହେବ ତାଙ୍କୁ । ନ ହେଲେ ମୋ ଚୁଟି ତାଙ୍କ ହାତରେ । ଗୋଟିଏ ପଟେ ଭାଇର ଜୀବନ । ଆଉ ଗୋଟିଏ ପଟେ ଦୁର୍ନିତିର ବୋଝ । ବିନୋଦ କହିଲେ ରବି ମୋର ୨୦୦ ଟଙ୍କା ଦରକାର । ନ ହେଲେ ଭାଇଙ୍କୁ ବଞ୍ଚାଇବା ଅସମ୍ଭବ ହୋଇପଡ଼ିବ । କେଉଁଠି କିଛି ନ ପାଇ ତୁମ୍ଭରି ପାଖକୁ ଚାଲି ଆସିଛି ।

ସଙ୍ଗେ ସଙ୍ଗେ ବଳକା ସମୁଦାୟ ସମ୍ବଳ ୧୫୦ ଟଙ୍କା ବିନୋଦଙ୍କ ହାତକୁ ବଢାଇ ଦେଇଥିଲେ ସେ ।

ଏହା ମଧ୍ୟରେ ଦୁଇମାସ ବିତି ଗଲାଣି । ରବିନନ୍ଦନ ଦେଇଥିବା ଟଙ୍କାରେ ପ୍ରାୟତଃ ସନ୍ତୁଷ୍ଟ ହୋଇ ନଥିଲେ ଚୌଧୁରୀଏ । ରବିନନ୍ଦନଙ୍କ ବାପା ଥରେ କୁଆଡେ କେଇପଦ କଟୁକଥା କହିଦେଇ ଥିଲେ ଚୋଧୁରୀଙ୍କୁ । ତାଙ୍କର ରାଗ ଥିଲା ଏ ଘରଟା ଉପରେ ।

ସେଦିନ ଶ୍ରାବଣର ନିଃସ୍ତବ୍ଧ ସକାଳ । ୨୮୪୦ ଟଙ୍କା ୫୦ ପଇସାର କୋରକ ଆଣି ହାଜର କଲେ ଚୌଧୁରୀ । ଘରେ କପର୍ଦ୍ଦକ ମଧ୍ୟ ନ ଥିଲା । ଚଳନ୍ତି ଅଚଳନ୍ତି ସମସ୍ତ ଜିନିଷ ହେଲା ନିଲାମ । ରବି ନନ୍ଦନଙ୍କ ମୁଣ୍ଡରେ ଚଢ଼ିଲା ରକ୍ତ । ଯେପରିକି ସେ ଚୌଧୁରୀଙ୍କୁ ଟିକି ଟିକି କରି ଚିରି ପକାଇବେ । କିନ୍ତୁ ସେ କିଂକର୍ତ୍ତବ୍ୟବିମୁଢ଼ ହୋଇ ରହିଗଲେ । ପୁଲିସ୍ ସିପାହୀ ମାନଙ୍କ ଉପସ୍ଥିତିରେ ଘରୁ ସବୁ ଟିକ୍‌ନିକ୍ ପଦାର୍ଥ ବାହାର କରି  ନିଲାମ କରାଇଦେଲେ । କୋରକର ମୂଲ୍ୟ ସହିତ ତଥାପି ପଦାର୍ଥର ମୂଲ୍ୟ ସମାନ ହେଲା ନାହିଁ । ଘର ଖଣ୍ଡିକ ଏବଂ ଡିହଟି ମଧ୍ୟ ନିଲାମ ହେଲା । ସେତିକି ଛାଡ଼ି ଯିବାକୁ ବହୁତ ଅନୁରୋଧ କରିଥିଲେ ରବି ନନ୍ଦନ । କିନ୍ତୁ କିଛି ଫଳହେଲା ନାହିଁ । ସବୁ ହେଲା ନିଲାମ ।

ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । କିଏ ବା ଦେବେ ଅଭୟ । ସମସ୍ତେ ତ କାମୁଡ଼ା କୁକୁର ଏ ସମାଜର । ଘରୁ ବାହାରି ଗଲେ । ଏବେ ସମ୍ବଳ ହୀନ, ଅସହାୟ ମଣିଷଟିଏର ରୂପ ରୂପାନ୍ତରରେ ରୂପାନ୍ତରିତ ହୋଇ ଗଲେ ରବିନନ୍ଦନ ।

--ଛନ୍ଦା ! ତୁମେ କାହିଁକି ଏକା ରହିବ ?  ତୁମର ଏ ବାହାର ଦୁନିଆରେ ଚଳିବାକୁ ବହୁତ ଅସୁବିଧା ହେବେ ! ତୁମ୍ଭେ ତୁମ୍ଭର ବାପ ଘରକୁ ଚାଲିଯାଅ ।

--କେଉଁଠିକି ଯିବି ? ବାପା, ମା, ଭାଇ, ଭଉଣୀ ତ କେହି ନାହାଁନ୍ତି । ମୁଁ କ'ଣ ଯାଇ ପାରିବି ଦାଦି ଖୁଡ଼ୀଙ୍କ ପାଖକୁ ଯେଉଁ ମାନଙ୍କ ମୁହଁରେ ଫୁଟି ଉଠେ ମୋ ପାଇଁ ସହସ୍ର ବ୍ୟଙ୍ଗ ବିଦ୍ରୂପୋକ୍ତି । ଯେଉଁମାନେ ପିତାଙ୍କର ସର୍ବସ୍ୱ ହସ୍ତାନ୍ତର କରି ନେଇ ମୋତେ କୁଟିଳ ଅକ୍ଷେପ କରିବାକୁ ଭୁଲି ନାହାଁନ୍ତି । ହଜାର ହଜାର ଗରିବ-- ସମାଜର ଏହି ଜାଲ୍ ଜୁଆ ଚୋରିକୁ ଏଡ଼ାଇ ଦେଇ ପାରିଛନ୍ତି । ହସି ହସି ଆଉ କେତେକେ ମଧ୍ୟ ସମାଜର ଏହି ନଗ୍ନ ଚରିତ୍ର ତଳେ ମୁଣ୍ଡ ପୋତି ଦୂରେଇ ଯାଇଛନ୍ତି ସମାଜର ନିର୍ଯ୍ୟାତନା ଠାରୁ ! ଆଖିରେ ଭରିଛନ୍ତି ଲୋତକର ଧାରା । ପଚାସଢ଼ା ମୁଠେ ଖାଇବାକୁ ନପାଇ ଲିଭି ଯାଇଛନ୍ତି ଦୁନିଆ ବକ୍ଷରୁ । ସେମାନେ ତ ମଣିଷ? ସେହି ମାନଙ୍କ ଭଳି ବରି ନେବୋ ସ୍ୱଚ୍ଛ, ପବିତ୍ର ଫାଙ୍କା  ଜୀବନ ।

--ମିଶି ପାରିବ ତ ଛନ୍ଦା ସେମାନଙ୍କ ସହିତ ?

-- ହଁ ମିଶି ପାରିବି । କେବଳ ମୋତେ ଦୂର ନ କଲେ ହେଲା ଏ ଶ୍ରୀ ପଦରୁ ।

ଦୁହେଁ ଚାଲିଥାନ୍ତ ଆଗକୁ ଆଗକୁ ଢ଼ରେ  ଆଗକୁ । ଚିନ୍ତାକଲେ ରବି ନନ୍ଦନ-- ଏ ବିପର୍ଯ୍ୟୟ ବେଳେ ତେବେ ସେ କ'ଣ ବିନୋଦକୁ ମାଗିବେ ଆଶ୍ରୟ? ଦେବେ ତ ସେ ? ବନ୍ଧୁ-ସେ ପୁରୁଣା ଦିନର ବନ୍ଧୁ ।

ଶ୍ରାବଣର ଶୁକ୍ଳ ତିଥିରେ ଚାନ୍ଦ ମେଘେକୁ ମେଘେ ବୁଲି ପୁଚି ଖେଳେରେ ବ୍ୟସ୍ତ । ସମୁଦ୍ରର ଜୁଆର ପରେ ଭଟ୍ଟା ଆସିବା ଭଳି ଆଲୋକ ପରେ ଛାଇ, ଛାଇ ପରେ ଆଲୋକ ଆସି ସେମାନଙ୍କର ଦେହେ ସ୍ପର୍ଶ କରି ଚାଲି ଯାଉଥାନ୍ତି ।

ଏଇ ତ ବିନୋଦର ଘର । ରବିନନ୍ଦନ ଡ଼ାକିଲେ-- "ବିନୋଦ!" ବାହାରକୁ ଆସିଲେ ସେ ଆଗରୁ ସବୁକଥା ତ ଶୁଣିଥିଲେ । ତଥାପି ମିଥ୍ୟା ହସର ଇଙ୍ଗିତକୁ ସାଙ୍ଗ କରି କୂଟନୀତିରେ ପ୍ରହାର କଲେ ।

-- "ରବି ! ମୁଁ ଟିକେ କଟକ ଯାଉଛି, ବହୁତ ଜରୁରୀ କାମ ଅଛି, ଆସିଲେ କଥା-ବାର୍ତ୍ତା ହେବୋ ।" ତାହା ପରେ ସେ ବାହାରି ଯାଇଥିଲେ । କିନ୍ତୁ, ସେମାନଙ୍କ ପାଇଁ କିଛି ବ୍ୟବସ୍ଥା କରିଥାନ୍ତେ ଭଲା ?

ରବି ନନ୍ଦନ ସବୁକଥା ବୁଝି ପାରିଲେ । ଏ ଦୁନିଆଟା ବିଶ୍ୱାସ ଘାତକତାର ଦୁନିଆ । କାହାରି ଦୋଷ ଏଥିରେ କିଛି ନାହିଁ । ସବୁ ଭାଗ୍ୟର ଦୋଷ । ଆଉ ଆଶ୍ରୟ ଟିକେ ପାଇଁ ହାତ ପାତିବ କାହାକୁ ? ସବୁଠାରୁ ଶ୍ରେଷ୍ଠ ଆଶ୍ରୟ ତ ଗଛମୂଳ ।

ପର ଦିନର ମଧୁର ସକାଳ । ପୂର୍ବାକାଶରୁ ଉଇଁ ଆସିଲା ଅନ୍ତିମ ସୂର୍ଯ୍ୟ ଝିଲିମିଲି ହୋଇ । ମଞ୍ଚୋଏ ପକ୍ଷୀ ଉଡ଼ିଗଲେ ଦୂର ଦୁନିଆକୁ ଖାଦ୍ୟ ସଂଗ୍ରହାର୍ଥେ, ନିକଟସ୍ଥ ଉଡ଼ାଜାହାଜ କାରଖାନାରୁ ଭାସି ଆସିଲା ଦିବସର ପ୍ରଥମ ଇଙ୍ଗିତ । କର୍ମମୟ ମଣିଷ ହେଲେ ଚଳଚଞ୍ଚଳ । ମନରେ ଉଠିଲା କେତେ ସାହସ, କେତେ ଉଦ୍ଦୀପନା । ସେହି ହେବେ ଜୀବନ ନିର୍ବାହର ଶ୍ରେଷ୍ଠ ସହାୟ ।

ଉଡ଼ାଜାହାଜ କାରଖାନାରେ ଶ୍ରମିକ ରବିନନ୍ଦନ ଆଉ ପାଖରେ ତାଙ୍କର ପତ୍ନୀ । ଦେହରେ କ୍ଲାନ୍ତି ନାହିଁ, ମନରେ ଶାନ୍ତି ନାହିଁ । ମାତ୍ର ଖାଲି ବିଷାଦ । ପୁରାମୁଠେ ଖାଇବାର ଅଭାବ, ମୁଣ୍ଡ ଗୁଞ୍ଜିବାକୁ ଘରର ଅଭାବ । କେବେ କେମିତି ଆଖିରୁ ଝରି ପଡ଼େ ଲୁହ । ଶ୍ରାବଣର ଧାରା ଆଉ କେତେ ସହନ୍ତା ଏ ଗରିବ ସମାଜର ଦେହଗଞ୍ଜ । ସେ ବି କାନ୍ଦିଲା । ବରଗଛ ଶ୍ରାବଣର ଏ ଧାରାକୁ ଅଟକାନ୍ତା ଅବା କିପରି ? ଶରଦ୍ଦି ଜ୍ୱର ହେଲା ଦୁହିଁଙ୍କୁ । କ୍ରମଶଃ ନିମୋନିଆଁ । ଦୁଇଓଳା ମୁଠେ ଖାଇବାକୁ ନାହିଁ । ଔଷଧର ପ୍ରଶ୍ନ ଆସିଲା କୁଆଡୁ ।

ରବିନନ୍ଦନ ମାଗିଲେ ପାଣି ଟୋପେ ।

ଭାରି......ଶୋ..... ଷ-- ଏଥର ଢ଼ଳି ପଡ଼ିଲେ । ଆଉ ନ ଥିଲେ ସେ ପିଇବାକୁ । ଛନ୍ଦାଙ୍କ ଆଖିରେ ନଥିଲା ଲୁହ । ଦେହ ହୋଇ ଆସିଥିଲା ଶିଥିଳ । ସେ ବି ଢ଼ଳି ପଡ଼ିଲେ ତାଙ୍କର ନିର୍ଜୀବ ଛାତି ଉପରେ ।

ଦୁଇଟା ପ୍ରାଣ, ଦୁଇଟି ଦେହ ଥିଲା ଏକା । ଆଜିବି ଏକ ଏକ । ହୋଇ ଉଠି ଯାଇଛନ୍ତି କାଳ ନର୍ତ୍ତନମୟ ସମୁଦ୍ର ବକ୍ଷରୁ । ଏକ ହୋଇ ଉଡ଼ି ଯାଇଛନ୍ତି ବଲୋ ଭୂମିକୁ-- ପାର୍ଥିବରୁ-ଅପାର୍ଥିବକୁ-- ଯାହା ଚିରନ୍ତନ ଶାଶ୍ୱତ ।

## ନୀଳ ଗଗନର ପଥିକ

ମୋଡ଼ି ମୋଡ଼ି ହୋଇ ପାହାଡ଼ ଚୂଡ଼ା ବଢ଼ିଯାଇଥିଲା ଉପରକୁ -- ଢ଼ରେ ଉପରକୁ । ସେଇଠି ସେ ଆକାଶ ଛୁଁଏ, ମେଘର ବାଟ ଅଟକାଏ, କେତେ ପଶୁ ପକ୍ଷୀଙ୍କ ବସା ହୁଏ । ପୁଣି ଆକାଶଟା ବି ନଇଁ ପଡ଼େ ସେଇଠି ମନରେ କେତେ ମିଶିବାର ଆଶା, ଭରସା, ଉଦ୍ଦୀପନାକୁ ନେଇ । ପାହାଡର ପାଦ ଉପରେ କେତେ କେତେ ଗଛ ଲତା, ଫୁଲର ମାଳ-ଲହ ଲହକା ଫସଲର ମନହରା ପ୍ରକୃତି । ମକା ଫସଲ ଗୀତ ଗାଏ, ବାଜରା ବାଜା ବଜାଏ ଓ ତାହା ପରେ ସେହି ଗୀତ ଓ ବାଜାକୁ ମନଦେଇ ଶୁଣୁଥାନ୍ତି ବଣର ବାଘ, ଭାଲୁ, ବିଲୁଆ, ହରିଣ, ସମ୍ବର, ଗଣ୍ଡା ଆଦି ସବୁ ଜାତିର ପଶୁ । କିଏ କେଉଁଠି ହଣ୍ଡୋଳ ଛାଡ଼େ, କିଏ କେଉଁଠି କାହାକୁ ଚିରି ଦିଏ, କିଏ ପୁଣି ଆର୍ତ୍ତନାଦ କରି ଦୂରେଇ ଯାଆନ୍ତି । ସମସ୍ତଙ୍କଠାରେ ଏକମାତ୍ର ବଞ୍ଚିରହିବାର ବାସନା । ତଳ ମାଳର ପଥର ଖାଲିଆ ଗୁବି ଗୁବିକା ହୋଇ ଉପରକୁ ମୁଣ୍ଡ ଟେକେ । ତା'ର ମଧ୍ୟ ଚିର ଦିନ ପାଇଁ ବଞ୍ଚିରହିବାର ଆଶା, ପାହାଡ଼ର ଶିଖର ଭଳି ବଢ଼ିବାର ଭରସା । ସବୁ ଗୁଡ଼ାକ ସମୟ ଉପରେ ଲଦିଦେଇ ମଣିଷ ଛୁଆକୁ ପଟେ ମଧ୍ୟରେ ଜାକିରଖେ । ସେଠେ ଆଉ ବାଘ, ଭାଲୁଙ୍କ ଆଖି ପଡ଼େ ନାହିଁ । ଅନ୍ଧାର ମାଡ଼ି ଆସିଲେ ମଣିଷ

ଛୁଆ ଆଖି ବୁଜେ । ଆଲୁଅ ଆସିଲେ ଆଖି ଖୋଲେ । ଦେଖେ ତା'ର ସୁନାର ଦୁନିଆ । ବାଟ ଫିଟାଏ ଡଳକୁ । ଲତା ପତ୍ର କାଟି କାଟି ପୋଡୁ ଚାଷ କରେ । ଚାଷ ହୁଏ, ବର୍ଷକ ପାଇଁ ସମ୍ବଳ ରଖେ । ନିଅଣ୍ଟ ପଡ଼ିଲେ ପ୍ରକୃତିର ଗନ୍ତାଘରୁ ସମ୍ବରଟେ କି ମିରିଗଟେ ନହଲେ ବା ପକ୍ଷୀ ଗୋଟେ ମାରି ଆହାର କରେ । ଚଇତ ପରବ ଆସେ, ପୁଷ ପରବ ଆସେ, ବର୍ଷୋଖୀ କାର୍ତ୍ତିକ ଗୋଟି ଗୋଟି ହୋଇ ଗଡ଼ି ଗଡ଼ି ଚାଲିଯାଏ । ସବୁବେଳେ ତାହାର ମନରେ ଆନନ୍ଦ । ସ୍ୱଚ୍ଛ, ସୁନ୍ଦର ଜୀବନର ଅଧିକାରୀ ସେ । ତା'ରି ପଡ଼ଙ୍କର କୁଡ଼ିଆରେ କେଡ଼େ ଅନ୍ଧାର, ଜହ୍ନରାତି ହାଣ୍ଡିଆର ଉଚ୍ଛୃଙ୍ଖଳ ବାସନାରୁ ଆହାର କରେ । ମାଦଳ, ଚାଙ୍ଗୁର ଚାରୁ ବାଦ୍ୟରେ କାନ ହୁଏ କାତରା । ସେଇଠି ବି ପୁରି ରହିଛି ଏ ମାନବର ବଞ୍ଚିରହିବାର ବାସନା ।

ଦୂର ରାଇଜକୁ କେତେବେଳେ କେମିତି ଆଖି ପକାଇଲେ ଆଖି ଆଗରେ ନାଚିଉଠେ ଖାଲି ଝାପ୍‌ସା ଦୁନିଆଟା । ଦିଗ୍‌ବଳୟଟା ନାଚି ନାଚି ହାଲିଆ ହୁଏ । ଅନ୍ଧାରି ଜଗତ ନଇଁ ପଡ଼ିଲେ ସେ ତା'ର ପଥର ଗୁହାକୁ ଚାଲିଯାଏ । ଆଉ ଏଇ ଦିଗ୍‌ବଳୟଟାବି ଘୁଞ୍ଚିଯାଏ ପଛକୁ । ସେଇଠି ଲୁଚିଯାଏ । ଏହିପରି କେତେ ଦିନ, ମାସ ଓ ବର୍ଷ କଟାଇ ଦିଏ ଏହି ବଣୁଆ ମଣିଷ ନୂତନ ରାଜ୍ୟ, ନୂତନ ପଦାର୍ଥର ଅନୁସନ୍ଧାନରେ । ପାଏ ନାହିଁ । ଯୁଆଡ଼େ ଚାହିଁଲେ ଧବଳ ପ୍ରାଚୀରର ଘେରୋ । ସେହି ପିଞ୍ଜରା ମଧ୍ୟରେ ସେ ପଶିଛି । ବାହାରି ଯିବାର ଉପାୟ ନାହିଁ । ଅନ୍ଧାର ଏଡ଼ାଇ ସୂର୍ଯ୍ୟ ଏ ମାଟିକୁ ରଙ୍ଗା କଲେ ଗଛର ଫଳ ଭାବି ସେହି ମଣିଷ କେତେଥର ତା'କୁ ଧରିବାକୁ ଦଉଡ଼ି ଯାଇଥିବ । କିନ୍ତୁ ତାକୁ ପାଇବା ଦୂରହୋ ବୋଲି ଜାଣି ଫେରି ଆସିଥିବ । ପୁଣି ନିଜ ପେଟର ତାଡି ସଙ୍ଗେ ମାତି ଉଠି ଡ଼ଙ୍ଗେଁ ଡ଼ଙ୍ଗେଁ ଚାଲି ଯାଇଥିବ କେଉଁ ଠିକି ହୁଏତ ନିଜର ପେଟ ପାଇଁ ଖାଦ୍ୟର ଅନ୍ୱେଷଣରେ । ବାଟରେ କେଣ୍ଟା ଖୁଞ୍ଚଠାରୁ ଆରମ୍ଭ କରି ପଶୁ ପକ୍ଷୀ ପର୍ଯ୍ୟନ୍ତ ସବୁ ତାକୁ ବାଧା ଦେଇଥିବେ । ନଖ, ଦାନ୍ତ ଦେଖାଇ ଦଉଡ଼ି ଆସିଥିବେ ତାହାରି ରକ୍ତର ସ୍ୱାଦୁ ଆସ୍ୱାଦନ ନିମନ୍ତେ । ଜଙ୍ଗଲ, ପାହାଡ଼ ପର୍ବତର ପାହାଡ଼ ମଣିଷ ଏତେ ସହଜରେ ତାର ରକ୍ତ ମାଂସକୁ ଜୀବଜନ୍ତୁଙ୍କୁ ବାଣ୍ଟିଦେଇ ପାରେ ନା । ସମାଜର ଲଗାମଛଡ଼ା ମାନବ କ'ଣ ଏହି ଭୟରେ ଭୟଭୀତ ହୋଇଯିବ? ପଥର ଖୋଲରେ ଲୁଚି ରହି ପଚି ସଢ଼ି ମରିଯିବ ? ନା ଟାଙ୍ଗିଆ, ଧନୁର ବଳରେ ସେ ବଳୀୟାନ, ଦୁର୍ଦ୍ଦଶ । କେତେ ଜନ୍ତୁଙ୍କର ନଖ ଦାନ୍ତକୁ ଭାଙ୍ଗି ଚୁନା କରେ । ଯେଉଁ ବାଘ ଭାଲୁ ମଣିଷ ରକ୍ତର ସ୍ୱାଦ ବାରିବାକୁ ଜିଭ ବଢ଼ାଇଥାନ୍ତି ସେଇମାନେ ନିଜେ ନିଜେ ତାଙ୍କର ରକ୍ତ ମାଂସକୁ ଦେଇଯାନ୍ତି ମଣିଷର ଖାଦ୍ୟ ରୂପେ । ପ୍ରକୃତିର ଧିକ୍କାର ଉପରେ ଧିକ୍କାର ଖାଇ ଏଇ ବଣୁଆ ମଣିଷ ଢ଼େରେ ସାହସୀ, ଦୁର୍ଦ୍ଦଶ ।

ତାମ୍ର ଶିଖରର ତାମ୍ରପଟି ଚୂଡ଼ା ମୁଣ୍ଡ ଟେକିଥିଲା ଉପରକୁ । ଧିର, ନିଶବ୍ଦ, ଗମ୍ଭୀର । ପଶ୍ଚିମର ଦିକ୍‌ଚକ୍ରବାଳରେ ଅଜାଡ଼ି ପଡ଼ିଥିଲା ଅରୁଣୀର ରକ୍ତ ଅରୁଣିମା । ସୁନାର ଜଗତ ମନ ପୂରାଇ ହସୁଥିଲା ସତେକି, ଫାଟିଯିବ ଲୋଟିଯିବ କେଉଁ ଅଦୃଶ୍ୟ ଭାଗ୍ୟର ଅନ୍ତରାଳରେ । ପର୍ବତର ନିମ୍ନ ଦେଶେରେ ଶାଗୁଆ ଜଙ୍ଗଲଟା ବି ରକ୍ତ ଅରୁଣୀକୁ ପାଇବା ପାଇଁ ଢ଼େରେ ବାଟ ଲମ୍ବିଯାଇ ଥିଲା । ସେହି ଜଙ୍ଗଲ ପଛକୁ ବୁଦି ବୁଦିକା କଣ୍ଟା ଗଛର ବିଶୃଙ୍ଖଳ ଦଳ କାହାର ଅନ୍ୱେଷଣ କରୁଥିଲେ । ତାମ୍ର ଶିଖରର ପ୍ରସ୍ତର ଶରୀର ଉପରେ କଳରୋଳରେ ନିର୍ଝରିତ ଅରଙ୍ଗା ଝରଣୀ । ସେହି ପାଖକୁ ସରଙ୍ଗା ନଦୀ ବହିଯାଇଛି । ଏହି ସରଙ୍ଗା ନଦୀର କୂଳେ କୂଳେ ପରଜା ଜାତିର ବସା । ପୂର୍ବର ଭ୍ରମ୍ୟମାଣ କଳା ଟାଉଁସିଆ ଚମଡ଼ାର ଲୋକେ ଏଇ ପରଜାଦଳ ଦିନେ ଏକାଠି ହେବୋପାଇଁ ଚିନ୍ତା କରିଥିଲେ । ଖାଇବା ପିଇବାର ସୁବିଧା ପାଇଁ ଜୀବଜନ୍ତୁଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଲୋଡ଼ିଥିଲେ ଦଳ -- ଏହି ସମାଜ । ଲଙ୍ଗଳା ମଣିଷ ଏହି ଜଙ୍ଗଲର କଣ୍ଟା ବୁଦାକୁ କାଟି କାଟି ତାହାରି ମଧ୍ୟରେ ବାଟ ଫିଟାଇଛି । ଜୀବ ଜନ୍ତୁଙ୍କୁ ମାରି ପ୍ରତ୍ୟହ ତା'ର ଉଦର ଭରଣ କରେ । କିନ୍ତୁ ସେଇଥିରେ ସେ ସ୍ଥିର ନୁହେଁ । ସେ ଚାହେଁ କିଛି ନୂତନ ପଦାର୍ଥର ଅନୁସନ୍ଧାନ, ଉନ୍ନତ ଜୀବନ ଯାପନର ପ୍ରଣାଳୀ, ସେଇଥି ପାଇଁ ସେ ଯୁଗେ ଯୁଗେ ଅଧ୍ୟାବସାୟୀ ।

ରୁଣୁ........ଝୁଣୁ............ଝୁଣୁରୁ........ଝୁଣୁରୁ....ଝୁଣ...ଝମ ...ଝମର....ଝମର...ଝମର ଝମ...ଝମ ପର୍ବତର ନୃତ୍ୟମୟୀ ସାନ୍ଧ୍ୟ ପ୍ରକୃତିର ତାଳେ ତାଳେ ପୂରି ଉଠୁଥିଲା ଝୋଲାର କୂଳେ କୂଳେ ନୃତ୍ୟ ରତ୍ତା ସହ୍ଲାମିନାଦିର କର୍ଣ୍ଣ ନିକ୍ୱଣ ଅସ୍ତଗାମୀ ସୂର୍ଯ୍ୟର କ୍ଷୀଣାଲୋକରେ ସୁନ୍ଦର ଦେଖା ଯାଉଥିଲା ପୃଥିବୀ । ସହ୍ଲାମିନାଦିର ମନରେ ନୂତନ ଉସôାହ, ନୂତନ ଉଦ୍ଦୀପନା । କ୍ଳାନ୍ତିହୀନ ନାଚ ପରେ ତା'ର କଳା ମଚ ମଚ ଦେହ ଉପରେ ଜମି ଯାଇଥିଲା ସ୍ୱେଦର ଏକ ଆସ୍ତରଣ । ହସ ହସ ମୁହଁ ବଳିଲା ବଳିଲା ଦେହକୁ ଖୁବ ମାନୁଥିଲା । ହାତ ହଲାଇ ଏ ପଥରରୁ ସେ ପଥର ସେ ପଥରରୁ ଏ ପଥର ପୁଣି ତଳକୁ ଏହିପରି ତା'ର ନୃତ୍ୟନ୍ୟାସ ଥିଲା ସୀମାହୀନ । ବଣର ବାଘ ଭାଲୁକୁ ତା'ର ନଥିଲା ଡ଼ର । ପିଠିରେ ଝୁଲୁଥିଲା ଧନୁଶର । ମନରେ ଅପୂର୍ବ ଆନନ୍ଦ ଏବଂ ସାହସ । ସେ ନୂଆ ନୂଆ ଜିନିଷ ଆବିଷ୍କାର କରିଛି । ଠସର ଖୋଳରେ କାଇଞ୍ଚ ରଖି ତିଆରି କରିଛି ନୂପୁର, ଦେହରେ ଝୁଲାଇଛି ପତ୍ରମାଳ, ମୁଣ୍ଡର କଣେକୁ ହାତରେ ସିଆଳି ନଈରେ ବାନ୍ଧିଛି । ଆଜି ସେ କେତେ ସୁନ୍ଦର ଦେଖା ଯାଉଛି । ଆଗରୁ ପରଜା ଜାତିରୁ କହେିହଲେ ଏପରି ଜାଣି ନଥିଲେ । ସେ ଆଜି ସୁନ୍ଦର ସ୍ୱରରେ ଗୀତ ଗାଇ ପାରୁଛି । ସତେ ତା'ର କଣ୍ଠ ତା ଦେହ ସାଙ୍ଗକୁ କିପରି ମାନୁ ନଥିବ ? ହୁଏତ ଏ ପରଜା ଦଳର ଅଧିକାରୀ ଯିଏ, ତାହାରି ପୁଅ ଆସି ବାହାହବୋ ପାଇଁ ତାକୁ ଅନୁରୋଧ କରିବ । ସବୁ ଲୋକେ ତାକୁ ଘେରିଯିବେ । ଉପରକୁ ଟେକି ଧରିବେ । ସମୋନେ ମଧ୍ୟ ସେହି ପ୍ରସ୍ତାବ ଦେବେ । କିନ୍ତୁ ସେ ଅଧିକାରୀର ପୁଅ ଡ଼ିମାକୁ ବାହା ହବେ ନାହିଁ । ସେ ମେଦୁଆଟା । ସଲପ ଗଛରେ ତା'ର ବସା । ବାପ ମା'କୁ ବି ପିଟେ । ତବେେ ସେ ବାହା ହବେ ଘୁମା ପରଜାର ପୁଅ ହୁମାକୁ । ହୁମା ତା'ର ପିଲା ଦିନର ସାଙ୍ଗ, ଭାରି ଶିକାରୀ । ପିଲାଦିନେ ପେରା ହୁମା ତାକୁ ଭାଲୁ କବଳରୁ ରକ୍ଷା କରିଥିଲା । ଆକାଶର ଭସା ବାଦଲ ପରି ମନରେ ଭାସିଯାଏ କେତେ କଳ୍ପନା । ସାଗରର ଉତ୍ତାଳ ତରଙ୍ଗମାଳା ପରି କେତେ କେତେ ଚିନ୍ତାସବୁ ଡ଼ଇଁ ଡ଼ଇଁ ମହା ଉଲ୍ଲାସରେ କୂଳ ପାଖକୁ ଧାଇଁ ଆସୁଛନ୍ତି । କିନ୍ତୁ କିଏ ସମୋନଙ୍କ ମଧ୍ୟରୁ ପହଞ୍ଚୁଛି । କିଏ ବା କୂଳ ଛୁଇଁବା ପୂର୍ବରୁ ବିଲୀନ ହୋଇ ଯାଉଛି । ତଥାପି ସମୋନେ କ'ଣ କର୍ମ ବିରହିତ ?

ସୁନା ଟିପାର ପୃଥିବୀ ଏବେ ବି ଫିକା ପଡ଼ିନାହିଁ । ସୂର୍ଯ୍ୟ ଦବେତା ପଶ୍ଚିମ ଭାଲରେ ଲୁଚିଯାଇ ନାହାନ୍ତି । ଅନ୍ଧାର ବି ଡ଼ରେ ଦୂରରେ ଦୂରେଇ ରହିଛି । ମାତ୍ର କର୍ମରହିତ ହଲେଣି ସମୋନେ-- ଏଇ ପରଜା ଦଳ । ଯେ ଧରା ବକ୍ଷରେ ଜୀବନ ଯାପନ କରନ୍ତି ଧାରାବାହିକ ଜୀବନ-- ଶିକାର କରିବା, ପତ୍ରର କୁଡ଼ିଆ କରିବା, ବଣ ବୁଦା ପର୍ବତ କୋଳରେ ଡ଼ଇଁ ଡ଼ଇଁ ବୁଲିବା । ପର୍ବତ ଉପରୁ ଗୋଟି ଗୋଟି ହୋଇ ଗଡ଼ି ଆସିଲେ ପରଜା ଲୋକେ । ଆଗରେ କିଛି ପୁରୁଷ, ତାହାପରେ ସ୍ତ୍ରୀମାନେ ,ତାହାପରେ ପିଲାମାନେ ଏବଂ ସର୍ବ ଶଷେରେ ପୁରୁଷମାନେ । ଅନ୍ଧାର ମାଡ଼ି ଆସିଲେ ପଥର ଖୋଲିଆରୁ ବାଘ, ଭାଲୁ ଗଡ଼ି ଆସିବେ । ସମୋନଙ୍କ ଦାଉରୁ ରକ୍ଷା ପାଇବା ରାତ୍ରିରେ କଷ୍ଠକର ହବେ । ତଣ୍ଣେ ଶୀଘ୍ର ଯାଇ ଝୋଲା କୂଳରେ ପହଞ୍ଚିବା ଉଚିତ । ରାତ୍ରରେ ଖାଦ୍ୟ ପାଇଁ କିଛି ଅସୁବିଧା ହବେ ନାହିଁ । ସାଙ୍ଗରେ ଆସିଛନ୍ତି ଦୁଇଟା ମିରିଗ,ଦି'ଟା ସମ୍ବର ଏବଂ ଗୋଟାଏ ପୋଢ଼ । ମିରିଗ ମାଉଁସ କଅଁଳିଆ ଏବଂ ମିଠା ସମ୍ବର ମାଉଁସ ତାହାଠାରୁ ଟିକେ କେମ୍ ଭଲ । କିନ୍ତୁ ପୋଢ଼ର ମାଉଁସ ଭାରି ଟାଣ ।

ଗୋଡ଼ କ୍ରମଶଃ ଚଞ୍ଚଳ ହଉେଛି । ଗଡ଼ାଣିଆ ଭୂମିରେ ସେମୋନେ ଚାଲିଛନ୍ତି । ପର୍ବତ ଉପରୁ ଝୋଲା ଆଡ଼କୁ ଅନାଇଲେ ଭାରି ଆକାଶିଆ ଲାଗେ । ତଥାପି ସମୋନଙ୍କର ଡ଼ର ନାହିଁ । ସବୁଦିନେ ସଇେଠି ସମୋନେ ଖେଳନ୍ତି, ବୁଲନ୍ତି । ଏହି ପର୍ବତ ସମୋନଙ୍କର ଜନ୍ମଭୂମି । କ୍ରମେ ନିକଟ ହୋଇ ଆସିଲା ନୂପୁରର ଧ୍ୱନି ଝମ୍-ଝମ୍-ଝମ୍ । ହଠାତ୍ ଅଟକି ଗଲେ ପରଜା ଜାତି । କଉେଁଠି କି ଶବ୍ଦ ହଉେଛି; ସମସ୍ତେ ତରସ୍ତ ନୟନରେ ଚାହିଁଲେ । କାଳେ କୁଆଡ଼େ ଗୋଟାଏ ନୂଆଜନ୍ତୁ ହାବୁଡ଼ି ଥିବ । କିମ୍ବା ଡୁମା ଦବେତା ଆସିଥିବ ମଣିଷ ବଳି ଖାଇବାକୁ । ହାମିନାଦୀ ଏମାନଙ୍କୁ ଦଖେି ଖୁବ୍ ଜୋରରେ ନାଚିବାକୁ ଆରମ୍ଭ କରି ଦଇେଥିଲା । ପୁଣି ନାଚ ସଙ୍ଗେ ସଙ୍ଗେ ଗୀତ ମଧ୍ୟ ଗାଇଲା । ହଠାତ୍ ଗୋଟାଏ ବୁଢ଼ୀ ପାଟି କରି ଉଠିଲା--ଏ--ଏ ସହ୍ଲାମିନାଦି ଝୋଲେ ଗୋନି ନାଚି--ଏ, ଅ--ଅ । ସମସ୍ତେ ବୁଝିଗଲେ ଝୋଲା କୂଳରେ ସହ୍ଲାମିନାଦି ଗାଉଛି ଏବଂ ନାଚୁଛି । ଆସ--ଆସ । ସମସ୍ତେ ସେହି ବୁଢ଼ୀର ପଛେ ପଛେ ଧାଇଁ

ଚାଲିଲେ । କଣ୍ଟା ବୁଦା କେହି ସେମାନଙ୍କୁ ଅଟକାଇ ପାରୁ ନାହାନ୍ତି । ସମସ୍ତଙ୍କ ମନରେ ନୂଆ ପ୍ରକାର ଫୁର୍ତ୍ତି, ନୂଆ ଆନନ୍ଦ-- ତାଙ୍କରି ଜାତିର ଝିଅ ନୂଆ ଜିନିଷ ଦେଖି ପାରିଛି । ଯା'ର ଶବ୍ଦ ଶୁଣିବାକୁ ଭାରି ଭଲ ଲାଗୁଛି ।

ସମସ୍ତେ ଗୋଟି ଗୋଟିହୋଇ ପହଞ୍ଚିଗଲେ ସହ୍ଲାମିନାଦିର ପାଖରେ । ସହ୍ଲାମିନାଦି ଏମାନଙ୍କର ଭାବ ଦେଖି ହସି ହସି ଫାଟି ପଡୁଥାଏ । ପରଜା ଲୋକେ ସବୁ ଦେଖିଲେ । ସହ୍ଲାମିନାଦି ବେକେରେ କାଇଁଚମାଳି, ଅଣ୍ଟାରେ ପତ୍ରମାଳ ଝୁଲାଇଛି, ମୁଣ୍ଡର ଚୂଳକୁ ସିଆଳି ନଇରେ ବାନ୍ଧି ସୁସଜ୍ଜିତ କରିଛି । ଭାରି ସୁନ୍ଦର ଦେଖା ଯାଉଛି । ତାହାପରେ ନିଜ ନିଜ ଦେହକୁ ଦେଖିନେଲେ ଛି,ଛି କେଡ଼େ ଖରାପ ସେମାନେ ଦେଖାଯାଉଛନ୍ତି । ଦେହରେ ଆଭରଣ ନାହିଁ, ସେମାନେ ଉଲଗ୍ନ । ମୁଣ୍ଡରେ କେଶ ଅବିନ୍ୟସ୍ତ । ପୁଣି ଗୋଡ଼କୁ ଅନାଇଲେ । ଦେଖିଲେ ଗୋଟାଏ ନୂଆ ଜିନିଷ କ'ଣ ବନ୍ଧା ହୋଇଛି । ସେଇଟିକୁ ଚିହ୍ନି ପାରିଲେ ନାହିଁ । ବୁଢ଼ୀଟି ପଚାରିଲା-ଏ ସହ୍ଲାମିନାଦି, ଏ-ଏ-ଇ ? ଏ କ'ଣ ? ସହ୍ଲାମିନାଦି କିଛି କହିଲା ନାହିଁ । କାରଣ ସେ ପରଜା ମାନଙ୍କର କୌତୁକ ଦେଖିବା ପାଇଁ ଇଚ୍ଛା କରୁଥିଲା । କିଛି ସମୟ ପରେ ସେମାନେ ବ୍ୟସ୍ତ ହେବାରୁ କହିଲା -- ପୋକେକ ବସେ ଗୁନ୍ଜ ଜାବାଦ । ଅର୍ଥାତ୍ ପୋକର ବସାରେ ସେ ଗୁଞ୍ଜ ରଖିଛି । ଏବଂ ଏହି ସୁନ୍ଦର ଆବାଜ ତାହାରି । ସମସ୍ତେ କୋଳାହଳରେ ମାତି ଉଠିଲେ । ପର୍ବତ ଭୂଇଁ ମୁଖରିତ ହୋଇ ଉଠିଲା । ସମସ୍ତେ ସହ୍ଲାମିନାଦିକୁ ଟେକି ଧରିଲେ । ନାଚି ନାଚି ଥକି ଗଲେ ବଣୁଆ ଲୋକେ । ପରଜା ଜାତିର ଝିଅ ଆଜି ନୂଆ ଜିନିଷ ଦେଖିଛି । ସେ ଜାତିର ଗର୍ବ । ସମସ୍ତେ ଏକ ସାଙ୍ଗରେ କହି ଉଠିଲେ ଏକା ଅଧିକାରୀର ପୁଅ ପାଇଁ ଲୋଡ଼ା । ଡ଼ିମା ଏକଥା ଶୁଣି ନାଚି ଉଠିଲା - ସହ୍ଲାମିନାଦିକୁ ସେ ବାହା ହେବେ । ଆଶା ଭରସାରେ ଛାତି ତାର କୁଣ୍ଡମୋଟ । କିନ୍ତୁ ସହ୍ଲାମିନାଦି କହିଲା ନେଁ -ନାଁ । ସମସ୍ତେ ବୁଝିଲେ ସହ୍ଲାମିନାଦି ଏ କଥାରେ ରାଜି ନୁହେଁ । ସେ ମନା କରୁଛି । ତା'ର କଣ୍ଠରେ ଥିଲା ଅସମ୍ଭବ ଦୃଢ଼ତା । ଜାତିର ଗର୍ବ ସେ । ତା'ର କଥାରେ ପ୍ରତିରୋଧ କରିବାକୁ କେହି ଇଚ୍ଛା କଲେ ନାହିଁ । ଅନ୍ଧାର ଏହି ବଣୁଆ ଜାତିର ଆନନ୍ଦରେ ଭାଗ ନେବାକୁ ଦଉଡ଼ି ଆସୁଥିଲା । କେତେବେଳେ ସୁନା ପୃଥିବୀଟା ଧୂସର ପାଲଟି ଗଲାଣି କାହାକୁ ସେକଥା ମାଲୁମ ନାହିଁ । ସେ ନେଏଁ, ଏଇ-ଅ - ଅଧିକାରୀ କହିଲେ - ସେ କଥା ବର୍ତ୍ତମାନ ନୁହେଁ; ଆସ ! ଆସ ସମସ୍ତେ । ସେହି କଥାରେ ସମସ୍ତେ ହଁ ଭରିଲେ । ଧାଡ଼ି ବାନ୍ଧି ଚାଲିଲେ ସେମାନଙ୍କ ପଥର ଖୋଲିଆ ଆଡ଼କୁ । ସମସ୍ତଙ୍କ ଆଗରେ ସେହି ସହ୍ଲାମିନାଦି ।

ଗୋଧୂଳୀ ଲଗ୍ନର ଧୂସର ଜଗତ ଅନ୍ଧକାରର ଗନ୍ତାଘର ପାଲଟି ଯାଇଥିଲା ପଲ୍ଲୀମାଳରେ ପହଞ୍ଚିବା ବେଳକୁ । ପୌଷର କାଠୁଆ ଶୀତରେ ମନୁଷ୍ୟର ଚର୍ମତଳେ ଥର ଜମି ଆସୁଥିଲା । ବଣର ଲଙ୍ଗଳା ମଣିଷ ପିନ୍ଧିବା ପାଇଁ ଲୁଗା ପାଇବ କେଉଁଠୁ-ଯେ ପୁଣି ଲୁଗାର କଳ୍ପନା ମଧ୍ୟ ଥରେ ହେଲେ ନିଜ ମନକୁ ଆଣିନାହିଁ । ତେବେ କ'ଣ ସେ ଶୀତରେ ଥରି ଥରି ମରିଯିବ, ସଢ଼ିଯିବ ଏହି ସବୁଜ ପର୍ବତର ତଳେ ? କେଉଁ ଦିନଠୁଁ ତା'ର ଲୋମଗୁଡ଼ା କାଳ ବକ୍ଷରେ ଧୋଇ ହୋଇ ଯାଇଛି । ଲାଙ୍ଗୁଡ଼ ବି ଛିଡ଼ି ଯାଇଛି । ଛୋଟ ଛୋଟ ପିଲାମାନେ ନିଜ ନିଜ ମା କୋଳରୁ ଜୁଳୁ ଜୁଳୁ କରି ଅନାଇ ରହିଥାନ୍ତି ଖାଦ୍ୟ ଉପରକୁ । ବଡ଼ ବଡ଼ ଲୋକମାନେ କାଠ, ପତ୍ର, ସାଉଣ୍ଟି ଆଣିଲେ । ଦଳର ସବୁଠାରୁ ବଡ଼ ମଣିଷମାନେ ହରଡ଼ କାଠକୁ ଘସି ନିଆଁ ବାହାର କଲେ । ତା' ପରେ ଲାଗିଲା ଡ଼ାହି । ଡ଼ାହି ଚାରିପଟେ ସମସ୍ତେ ବସିଗଲେ । ଆଣିଥିବା ଖାଦ୍ୟ ବସ୍ତୁକୁ ଟିକେ ନିଆଁକୁ ଦେଖାଇ ଦେଇ ପଥର ଆୟୁଧରେ ଚିରି ଖଣ୍ଡ ଖଣ୍ଡ କଲେ । ଦଳର ସଂଖ୍ୟା ଆନୁଯାୟୀ ଭାଗ ହେଲା । ଦଳର ଶ୍ରେଷ୍ଠ ଯିଏ ପ୍ରଥମେ ଖାଇବାର କଥା । କିନ୍ତୁ ଆଜିର ନୀତି ଭିନ୍ନ । ସହ୍ଲାମିନାଦି ଜାତିର ଗର୍ବ ହୋଇ ଥିବାରୁ ସେ ପ୍ରଥମେ ଖାଇବ । ଅଧିକାରୀ ନିଜେ ଗୋଟାଏ ମିରିଗ ଗୋଡ଼ ନେଇ ସହ୍ଲାମିନାଦିକୁ ଦେଲେ । ସହ୍ଲାମିନାଦି କହିଲା ନାଁ ମେଁ ନେ ହୁମା ଦିକୁ- କେବଳ ମୋତେ ନୁହଁ ହୁମାକୁ ମଧ୍ୟ । ସମସ୍ତେ ଏହାର ଅର୍ଥ ଭଲ ଭାବରେ ବୁଝି ପାରିଲେ ନାହିଁ । ବୋକା ପରି ଚାହିଁ ରହିଲେ । ପୁଣି ସେ କହିଲା- ସେ ମେ ମଦ- ସେ ମୋର ମରଦ । ଏହି କଥାରେ ସେହ୍ଲାମିନାଦିର ଉଦ୍ଦେଶ୍ୟ ସମସ୍ତେ ବୁଝି ପାରିଲେ । ଅଧିକାରୀର ଆଖିରେ ନାଲି ରଙ୍ଗ ଚଢ଼ି ଆସିଥିଲା । ସେ ଚିତ୍କାର କରି କହି ଉଠିଲା -ଏ ପରଜେ ଧରର୍ ଗୋଜ୍ ଲଗେଁ-- ହେ ପରଜା ମାନେ ପଥରର ଗୋଜ ଧର ଏବଂ ଏମାନଙ୍କୁ ପିଟ । ଜାତିର ଅଧିକାରୀ, ମୁଖ୍ୟ ଏହି ଦଳପତି । ତା'ର କଥା ମାନିବା ପାଇଁ

ଜାତିର ନିୟମ । ନହଲେ ଡୁମା ଦେବତା ରାଗିବ । ବଣେ ମଣିଷ ବଳି ଖାଇବ । ସମସ୍ତେ ଧରିଲେ ପଥର ଆୟୁଧ । ସହ୍ଲାମିନାଦି ହୁମାକୁ ଡ଼ାକିଲା । ତାହାରି ପାଖକୁ ଦଉଡ଼ି ଗଲା । ହୁମା ବି ଧରିଲା ଧନୁଶର । ସହ୍ଲାମିନାଦିକୁ ପାଖକୁ ଆଉଜାଇ ନେଲା ସେ । ତା ମୁହଁରେ ବୋକ ଦେଲା । କହିଲା-- ତାହାରି ପାଇଁ ସେ ତା'ର ଜୀବନ ଦେବାକୁ ପ୍ରସ୍ତୁତ ଅଛି । ଧନୁରେ ଗୁଣ ଦେଲା ହୁମା । କିନ୍ତୁ ସହ୍ଲାମିନାଦି ବାଧା ଦେଲା । ଯେଉଁ ଜାତିରେ ସେମାନେ ଏତେ ବଡ଼ ହୋଇଛନ୍ତି, ଯେଉଁ ଜାତିରେ ସେମାନେ ବୁଦ୍ଧି ଶିଖିଛନ୍ତି ଯେଉଁ ଜାତି ଭିତରେ ରହି ଦେଖିଛନ୍ତି ସୁନେଲି ଭବିଷ୍ୟତର କଳ୍ପନା -- ସେହି ଜାତିଟାକୁ କ'ଣ ସେମାନେ ଟିକିଏ ମାତ୍ର ଦୋଷ ପାଇଁ କ୍ଷତ ବିକ୍ଷତ କରି ଦେବେ ? ଜାତିଠାରୁ ଏ ପର୍ଯ୍ୟନ୍ତ ଯେଉଁ ସ୍ନେହ ପାଇ ଆସିଛନ୍ତି ତାହାର ପରିଣାମ କ'ଣ ଏଇଆ ହେବ ? ପରଜାମାନେ କ'ଣ କ୍ଷତ ବିକ୍ଷତ ହୋଇ ମରିଯିବେ ? ନା ସେ କଥା ହେବ ନାହିଁ, ସେମାନଙ୍କୁ ଦୁଃଖ ମଧ୍ୟରେ ବୁଡ଼ାଇ ଦେବାକୁ ଚାହାନ୍ତି ନାହିଁ ସେମାନେ । ବରଂ ସେମାନଙ୍କ ପାଖରୁ ଦୂରେଇ ଯିବା ଉଚିତ । ସବୁ କଥା ଗୋଟି ଗୋଟି କରି ବୁଝାଇ ଦେଲା ହୁମାକୁ । ଏ କଥାରେ ହୁମା ଦାନ୍ତରୁ ରଡ଼ି କମି ଆସିଲା । ସେ କେବଳ ସହ୍ଲାମିନାଦିର ପ୍ରସ୍ତାବ ପାଇଁ ଅପେକ୍ଷା କରି ରହିଥିଲା । ସହ୍ଲାମିନାଦି କହିଲା --ହୁମା-ଏ-ଚଲେ-ଟୋଙ୍ଗା କି ଉତ୍ତରରେ ତେନେ ରେହ--ପର୍ବତର ସେପଟକୁ ଚାଲ ଯିବା, ସେଇଠି ରହିବା । ହୁମା ବି ଏହି କଥାରେ ହଁ ଭରିଲା ।

ଘନ ତମସାର ତାମସୀ ରାତ୍ରି ଝିଲ୍ଲୀ ଶବ୍ଦର ପ୍ରତି ଶବ୍ଦାୟିତ ସେହି ଅନ୍ଧକାରର ଘନ ଆସ୍ତରଣ । କାଳ କରାଳ ପ୍ରାୟ କୃଷ୍ଣ ପଟଳର ଅନ୍ତ ମଧ୍ୟକୁ ଲମ୍ଫଦେଲେ ଆଶାୟୀ ଦମ୍ପତି । ଆଜି ଦୁଇଟି ମନରେ ଅପୂର୍ବ ଆନନ୍ଦ, ଅପୂର୍ବ ସାହସ । ସତେକି ସେମାନେ ଅସୀମ ଆକାଶର ବାଦଲ, ନୀଳ ବାରିଧିର ଉତ୍ତାଳ ତରଙ୍ଗ । ଆଗରେ ସୁନ୍ଦର ଭବିଷ୍ୟତ, ପଛରେ ଜନ୍ମ ମାଟିର ମୋହ, ପୁଣି ମନରେ ଖେଳୁଛି ମିଳନର ଦ୍ୱନ୍ଦ, ମିଳନର କୃତ୍ୟ, ମିଳନ-ଦୁଇଟି ପ୍ରାଣର ସୀମାହୀନ ଅନୁଭୂତି । ଦୁହେଁ ଚାଲିଛନ୍ତି ସମାନ ଗତିରେ । ମନରେ ଶାନ୍ତି ନାହିଁ, ଆଖିରେ ନିଦ ନାହିଁ ଖାଲି ସୁଦୂର ପ୍ରସାରି ଆଶାର ପ୍ରାଚୀର । ପଛରେ କେତେ କେଣ୍ଟାବୁଦା ପାଦର ରକ୍ତକୁ ଶୋଷଣ କରିଛି । କେତେ ପଥର ଗୋଡ଼ ଆଙ୍ଗୁଠିର ମଠାସକୁ ଚଟଣୀ କରିଛି । ତଥାପି ଦୁଃଖ-କଷ୍ଟ ମନରେ ଲଗାମ ଦେଇ ପାରି ନାହିଁ । ନୂତନ ଆଶା ଭରସାରେ ସେମାନେ ଉଜ୍ଜୀବିତ ।

ମନରେ ପଡ଼ିଲା ଜନ୍ମ ମାଟିର ମୋହ, ଜନ୍ମ ମାଟିର ଅବଦାନ । ତାରି ଉଦ୍ଦେଶ୍ୟରେ ସହ୍ଲାମିନାଦି ପଛକୁ ଅନାଇଲା । ଝୋଲା କୂଳେ କୂଳେ ଲମ୍ବି ଯାଇଛି ସବୁଜ ଅରଣ୍ୟ । ଏହି ଅରଣ୍ୟକୁ ଛାଡ଼ି ସେମାନେ ଏହାର ଚିର ନିର୍ବାସିତ ହେବେ । ଏହି ଝୋଲାର ପାଣି, ଏହି ଅରଣ୍ୟର ବତେକେଳି, ନୁଣିକେଳି ପ୍ରାୟ ଆଉ ସେମାନଙ୍କର ଜିଭରେ ଲାଗିବନାହିଁ । ଆଉ ବି ସେମାନେ ମନ ଖୁସିରେ ନାଚି ପାରିବେ ନାହିଁ । ଜନ୍ମ ମାଟିର ବୁକୁପରେ । ଭଲକରି ଚାରିଆଡ଼କୁ ଅନାଇଲା । ସବୁଆଡ଼େ ଅନ୍ଧକାର ଘେରା । କେଉଁଠି କିଛି ହେଲେ ଦେଖା ଯାଉନି । ହୁଣ୍ଡା, ହାଉଡ଼ା ପରଜା ଜାତି ରହି ଗଲେଣି ବହୁ ଦୂରରେ ।

ଏଁ....ଏଁ...ଏଁର୍‌ର୍, ହଠାତ୍ ସହ୍ଲାମିନାଦି ଚିତ୍କାର କରି ଉଠିଲା । ହୁମାର ବକ୍ଷକୁ ଜାବୁଡ଼ି ଧରି ଦେଖାଇ ଦେଲା-ଟିକିଏ ଦୂରରେ ଦୁଇଟି ଜଳିଲା ପଦାର୍ଥ । ପ୍ରାୟ ଚିତାପଟିଆ ବାଘର ଦୁଇଟି ଚକ୍ଷୁ ଲୁହ ଲହୁରେ ପିଟାପୋଡ଼ା ସେହି ମାନଙ୍କର ରକ୍ତ ମାଂସ ଉଦ୍ଦେଶ୍ୟରେ ଜଳି ଉଠିଛି । ସେ ଆଗେଇ ଆସିଛି ସେମାନଙ୍କର କଳ୍ପନାର ରଂଗ ମଞ୍ଚକୁ ଧୂଳିରେ ମିଶାଇ ଦେବାପାଇଁ । ହୁମାର ଦୂରନ୍ତ ସ୍ୱପ୍ନ ସେଇଠି ଝୁଙ୍କି ପଡ଼ିଲା । ହାୟ ! ହାୟରେ ସୃଷ୍ଟିର ସ୍ରଷ୍ଟା ! କେତେ ଦୁର୍ବଳ କରି ଏ ମଣିଷ ଜାତିଟାକୁ ଜନ୍ମଦେଲୁ, କେଡ଼େ ଅଭିଶପ୍ତ କରି ଗଢ଼ି ଦେଲୁ । ମଣିଷ ଦେହରେ ନଖ ନାହିଁ, ସିଙ୍ଗ ନାହିଁ, ଶକ୍ତ ଦାନ୍ତ ନାହିଁ କି ସିଂହ ପରି ବଳ ନାହିଁ । କେବଳ ବୁଦ୍ଧି ବଳରେ ସେ କ'ଣ ବଳିୟାନ ହୋଇ ପାରିବ ? ଗଢ଼ି ପାରିବ ତା'ର ସୁନାର ସଂସାର ? ମନରେ ସାହସ ବାନ୍ଧିଲା ହୁମା । ଧନୁରେ ଦେଲା ଗୁଣ । ସଙ୍ଗେ ସଙ୍ଗେ ଜ୍ୱଳନ୍ତ ଆଲୋକରୁ ଗୋଟିଏ ଲିଭିଗଲା । ପୁଣି ଗୋଟାଏ ତୀର ଛୁଟିଗଲା ସେଇଠିକି । ଅନ୍ୟ

ଆଲୋକଟି ମଧ୍ୟ ଝଡ଼ିଂ ପଡ଼ିଲା । ବିକଟ ଶବ୍ଦରେ ପ୍ରକମ୍ପିତ ହୋଇ ଉଠିଲା ବନଭୂମି । ସତେ ମେଦିନୀ ଥରି ଉଠିଲା । ଭାଙ୍ଗିଯିବ, ଫାଟିଯିବ ତା'ରି ବୁକୁ ଆଉ ଝଡ଼ି ପଡ଼ିବ ଏଇ ନୀଳ ଗଗନର ନୀଳିମା ।

ସହ୍ଲାମିନାଦିର ଅଧର ଉପରେ ହୁମା ଦେଲା ବୁକ । କହିଲା,-- ଚଲେ ଆର୍ ନ ଦୋର୍ -- ଚାଲ ଆଉ ଡ଼ରିବା ନାହିଁ । ସହ୍ଲାମିନାଦି ଚାଲିଲା ଆଗକୁ -- ପର୍ବତ ଉପରକୁ । ମନର ସବୁ ଆଶା ପୂଞ୍ଜିଭୂତ କରି ଆଗେଇ ଚାଲିଛନ୍ତି ସମୋନେ । ଶୃଙ୍ଗପରେ ଶୃଙ୍ଗ ଡ଼େଇଁ ଚାଲିଯିବେ ପର୍ବତର ସେପଟକୁ । ସେଠି ପରଜା ଜାତି ଆଉ ତାଙ୍କୁ ଖୋଜି ପାଇବ ନାହିଁ ।

ତାମ୍ର ଶିଖର ଉପରେ ପହଞ୍ଚି ଗଲେଣି ଦୁହେଁ । ସହ୍ଲାମିନାଦି ଜନ୍ମ ମାଟିକୁ ଚାହିଁଲା । ଦୂର ଦିଗ୍ ବଳୟଟା ପୂର୍ବପରି ବଞ୍ଚିରହିଥିଲା । ସେ ଚିନ୍ତା କରିଥିଲା -ହୁଏତ ତାମ୍ର ଶିଖର ଉପରୁ ଜଗତ ଜାକ ସବୁ ଦିଶିବ । କିନ୍ତୁ କାହିଁ ? ଅପରିଚିତ ସବୁ ସୀମିତ । ବଳୟଟା ସବୁକିଛି ଘୋଡ଼ାଇ ରଖିଛି । ପରଜା ଦଳ କେଉଁଠି ମିଶି ଗଲେଣି ଦେଖା ଯାଉ ନାହାଁନ୍ତି । ରାତ୍ରିରେ ନିଶ୍ଚୟ ସମୋନଙ୍କୁ ନପାଇ କଣ୍ଟା ଖୁଞ୍ଚରେ ଧୁନ୍ଦି ହେଉଥିବେ । ପୁଣି ରାଗି ରାଗି ଫେରି ଯାଇଥିବେ । ସବୁଆଡ଼େ ସବୁଜ ପୃଥିବୀ । ପ୍ରାଚୀ ଦିକ୍ ଭାଲରେ ସୂର୍ଯ୍ୟ ଦେବତା ନାଲି ରଙ୍ଗରେ ଖେଳି ବୁଲିଲାଣି । କିନ୍ତୁ ସେଥିରେ ନୂତନତ୍ୱ କାହିଁ । ସେ ତ ସବୁ ଦିନିଆ । ତେବେ ସେ ଯେଉଁଠିକି ଯିବେ ସେଇଠି ନିଶ୍ଚୟ ମିଳିବ ନୂତନତା -- ବଞ୍ଚିରହିବାର ଅପରିହାର୍ଯ୍ୟତା । ସେଇଠି ସମୋନେ ପାଇବେ ଶାନ୍ତି, ଜୀବନର ମଧୁ ମନ୍ତ୍ର ।

ଓ-ହୋ-ହୋ-ଓ.................... ଅଜ୍ଞାତ ଶବ୍ଦର ଧକ୍କାରେ ବିଚଳିତ ହୋଇ ପଡ଼ିଲା ସହ୍ଲାମିନାଦି । ପଛକୁ ମୁହଁ ବୁଲାଇଲା । ଯାହା ଦେଖିଲା ସେଥିରେ ତା'ର ଧୈର୍ଯ୍ୟର ସୀମା ଅତିକ୍ରମ କଲା । ବୋଧେ ହୁଏ ଏତେ ଗଡ଼ାଣିଆଟା ଉପରେ ହୁମା ଛିଡ଼ା ହୋଇ ପାରିନାହିଁ । ଗଡ଼ି ଗଡ଼ି ଚାଲି ଯାଉଛି ତଳକୁ, ଆହୁରି ତଳକୁ । ଯେଉଁଠି ପଡ଼ିଲେ ତା'ର ହାଡ଼ଗୋଡ଼ ଚୂନା ହୋଇଯିବ । ନିଶ୍ଚିହ୍ନ ହୋଇଯିବ ଦୁନିଆ ବକ୍ଷରୁ । କ'ଣ କରିବ ସେ ବର୍ତ୍ତମାନ ? ଯାହାକୁ ମନ, ପ୍ରାଣ ଦେଇ ଭଲ ପାଇଥିଲା ସେଇ ଯେ ହୁମା । ଏଇ ଦୂରେଇ ଯାଉଛି ତା' ପାଖରୁ । ଓଃ! ହେଇ ପୁଣି ପୂର୍ବ ପରି ଚିତ୍କାର କରୁଛି । ଓ-ହୋ ତୁ ନେଇଁ ମେ ଯୋ ---ତୁ ମୋର ନୋହୁଁ, ଯା' । ଆଃ ! କି ଦୁର୍ଭାଗ୍ୟ । ହେ ଡୁମା! ତୁମେ କ'ଣ ମୋର ପାଇଁ ସବୁ ଦୁଃଖ ଦୁର୍ଦ୍ଦଶାକୁ ଠୁଳେଇ ରଖିଥିଲ ? ମୋତେ ବୁଦ୍ଧି ବତାଇ ଦିଅ କିପରି ପାଇବି ତାକୁ । ପୁଣି ସାଁ ସାଁ ଗର୍ଜନରେ ନିଜର ନିଶ୍ଚଳ ଚିନ୍ତା ଭାଙ୍ଗିଲା । ବିରାଟ ଅହିରାଜସାପ ତା' ପଛରେ ଧାଇଁଛି । ହାୟ! ଖାଲି ଏ ଦୁନିଆଟା କ'ଣ ଏମିତି ବିଭତ୍ସ ଏହା ମଧ୍ୟରେ ମଧୁରତା ନାହିଁ ? କ'ଣ କରିବ ସେ ଚିନ୍ତା କରି ପାରିଲା ନାହିଁ । ଆଗରେ ଯାହାକୁ ମନ ଦେଇ ଭଲ ପାଇଥିଲା, ନିଜର ହୃଦକୁ ଯାହା ପାଦରେ ଅଜାଡ଼ି ଦେଇଥିଲା, ତାହାରି ମୃତ୍ୟୁ ବିଭୀଷିକା ପଛରେ ଘୋର ବିଭତ୍ସତା । ନା ନା ତାହାର ବଞ୍ଚିବାର ପ୍ରଶ୍ନ ନାହିଁ କି ସେ ବଞ୍ଚିବାକୁ ଚାହେଁ ନାହିଁ । ଯାହାର ହାତଧରି ଏତେ ଦୁର୍ଦ୍ଦମ ପଥ ଅତିକ୍ରମ କରି ଆସିଥିଲା ତାହାରି ସାଙ୍ଗରେ ତାହାରି ପାଇଁ ଏ ଜୀବନକୁ ଅନନ୍ତ ପଥରେ ମିଶାଇ ଦେବ । ସାଙ୍ଗ ହୋଇ ଦଉଡ଼ି ଯିବ ସେ ଏହି ଆକାଶର ପଛ ପଟକୁ । ସେଇଠି ପାଇବ ସେ ସ୍ୱର୍ଗୀୟ ଅନୁଭୂତି । ତା'ର ମନ ଦେବତାର ବାହୁ ପଞ୍ଜର ତଳେ ପାଇବ ଶାନ୍ତି । ସେ ଆଜି ପୃଥିବୀର ବକ୍ଷରୁ ନେବ ବିଦାୟ - ଝରି ପଡ଼ିଲା ଆଖିରୁ ଲୁହ-ଯେଉଁ ପୃଥିବୀର ବକ୍ଷକୁ ସେ କିପରି ଆସିଥିଲା ଜାଣିନାହିଁ, ତାହାରି ବକ୍ଷରେ କିପରି ବଢ଼ିଥିଲା ଜାଣିନାହିଁ, ସେହି ପୃଥିବୀର ବକ୍ଷରୁ ସେ ନେବ ବିଦାୟ । ପୁଣି ଭାବିଲା କାହିଁକି ସେ ଏ ବିଭତ୍ସ ପୃଥିବୀ ସମ୍ବନ୍ଧରେ ଚିନ୍ତା କରିବ ? ତା'ର ମନର ମଣିଷ ଯୁଆଡ଼େ ଯାଇଛି ତାହାରି ପିଛା ଧରିବ । ସେ ହେବ ହୁମା ସାଙ୍ଗରେ ନୀଳ ଗଗନର ପଥିକ । ଜନ୍ମ ମାଟିର ଉଦ୍ଦେଶ୍ୟରେ ଆଉ ଥରେ ଆଖି ବୁଲାଇଲା । ସାପଟା ବହୁତ ନିକଟ ହୋଇ ଗଲାଣି । ଆଉ ଟିକେ ପରେ ତା'ର ସବୁ କଳ୍ପନା ଜଳ୍ପନାକୁ ଲୋପ କରିଦେବ ।, ଅଟକାଇ ଦେବ ତା'ର ଦେହଟାକୁ । ତଳକୁ ଅନାଇଲା-- ହୁମା ଗଡ଼ି ଗଡ଼ି ଯାଉଛି, ହାତ ଠାରି କ'ଣ କହୁଛି ଶୁଭୁନାହିଁ । ବୋଧେ

ହୁଏ ତା'ର ମୁହଁଟିକୁ ଥରେ ଦେଖିବାକୁ ଚାହୁଁଛି । ସହ୍ଲାମିନାଦି ଜବାବ ଦେଲା-- ଓ ମତେ ଯେ, ରହେ।-ମୁଁ ଯାଉଛି । ସାଙ୍ଗହୋଇ ଯିବା । ଲମ୍ଫ ଦେଲା ତଳକୁ ।

ଙ୍ଘ ଙ୍ଘ ଙ୍ଘ

ତାମ୍ର ଶିଖରର ବନ୍ୟ ପ୍ରକୃତି ସୂର୍ଯ୍ୟ ରଶ୍ମିର ଅଗ୍ନିଭଳି ଜଳି ଉଠିଥିଲା । ପର୍ବତର ଚତୁପାଶ୍ୱର୍ରେ ଖୁବ୍ ଦୂରକୁ ଆଖି ବୁଲାଇଲେ ଖାଲି ଧୂଆଁଳିଆ ପ୍ରକୃତିର ଜମାଟ ଘର । ବହଳ ନିସ୍ତବ୍ଧତା କେବଳ ତା'ର ସମ୍ପଦ । ଦିନ ମୁଣ୍ଡ ଉପରକୁ ଉଠିଛି । ପୁଣି ପଶ୍ଚିମ ଆକାଶରେ ନାଚି ନାଚି ମା' କ୍ରେଡ଼କୁ ଫେରି ଯାଇଛି । ପୁଣି ଆସିଛି, ପୁଣି ବି ଯାଇଛି । କିନ୍ତୁ ସହ୍ଲାମିନାଦିକୁ ଆଉ ସେ ପାଇ ନାହିଁ । ପଥର ଖେ।ଲା ଠାରୁ ଆରମ୍ଭ କରି ,ଲତା ଆଳକୁଚି ପର୍ଯ୍ୟନ୍ତ ସବୁଠାରେ ସେ ତନ୍ନ ତନ୍ନ କରି ଦେଖିଛି । କିନ୍ତୁ କେଉଁ ଠାରେ ହେଲେ ପାଇ ନାହିଁ । ସହ୍ଲାମିନାଦିର ସନ୍ଧାନ । ପରଜା ଜାତିକୁ ଯେଉଁ କେତେ।ଟି ବସ୍ତୁ ଶିଖାଇ ଦେଇ ଯାଇଥିଲା ସେଇଥି ପାଇଁ ତାରି ଉଦେ୍ଦଶ୍ୟରେ କେତେ ପେ।ଢ଼ ମଇଁଷି କଟା ହେ।ଇଛନ୍ତି । କିନ୍ତୁ ସେ ଚିରଦିନ ପାଇଁ ନୀଳ ଗଗନର ବକ୍ଷରେ ମିଳାଇ ଯାଇଛି, ତାରି ସାଥି, ତାରି କେ।ଳରେ କ୍ଳାନ୍ତିହୀନ ପଥିକ-- "ନୀଳ ଗଗନର ପଥିକ" ।

ଙ୍ଚଙ୍ଚଙ୍ଚ

## ବିଜିତା ଆରେ।ହିଣୀ

ସେଦିନ ମଧୁରାତି । ବର କନ୍ୟାର ମନ ଦେ।ଳି ଉଡ଼ି ଯାଉଥିଲା କାହିଁ କେଜାଣି ଦୂରକୁ ଦିଗହରା ମାଧବୀ ଫୁଲର ଗଂଧ ଏବଂ ଝରକା ଫାଙ୍କର ଛିଟା ଛିଟା ଚନ୍ଦ୍ରକାନ୍ତି ମଧୁ ରାତିର ପ୍ରତ୍ୟେକେ ଅଣୁରେ ଭରି ଦେଇଥିଲା ମାଦକତା ବା କନ୍ୟାଙ୍କର ତନ୍ଦ୍ରା ବିରହିତା ଚକ୍ଷୁର ପ୍ରାନ୍ତେ ପ୍ରାନ୍ତେ ଝରୁଥିଲା ପ୍ରେମ ରାଗିଣୀର ଧାରା । ଆନମିତ ଉଜ୍ଜଳିତ ଚକ୍ଷୁର ଆତୁର କଟାକ୍ଷରେ ଉଦବେଳିତ ହେଉଥିଲା ପ୍ରେମ ସିନ୍ଧୁର ଉଚ୍ଛଳ ତରଙ୍ଗ ।

ସଂନ୍ଧ୍ୟା ନବବଧୂ । ବିଜୟ ତା'ର ସ୍ୱାମୀ । ଲଜ୍ଜାବନତ ଭଙ୍ଗୀରେ ବସିଥିଲା ସଂନ୍ଧ୍ୟା, ପରଦାର ଅନ୍ତରାଳରେ ଏବଂ ବିଜୟ ବସିଥିଲା ଶଯ୍ୟାର ଅନ୍ୟଏକ ପାଶ୍ୱର୍ରେ । ଲଜ୍ଜାର ଆସର କ୍ରମେ ଦୂରେଇ ଯାଉଥିଲା ଦୂରକୁ ଦୂରକୁ । ମିଳନର ଅହେତୁକ ଆନନ୍ଦରେ ପୁରି ଉଠୁଥିଲା -- ମନ । ସଂନ୍ଧ୍ୟା ତା'ର ହସ୍ତରେ ଅନୁଭବ କଲା ମୁଦ୍ରିକାର ସ୍ପର୍ଶ । ଧିର କଣ୍ଠରେ ବିଜୟ କହିଲା -- "ଇଏ ମେ।ର ଉପହାର ତମକୁ ।" ଲାଜରେ ସଂନ୍ଧ୍ୟା ମଉଳି ପଡ଼ିଲା, ଘୁଞ୍ଚିଯାଉଥିଲା ସେ ପଛକୁ । ବିଜୟ ତା'ର ହାତଧରି ଟାଣିନେଲା । ହସିଲା ସଂନ୍ଧ୍ୟା ଲାଜୁଆ ହସରୁ କଣିକାଏ । ତା' ପରେ .................... ବିନିଦ୍ର ମଧୁ ରଜନୀର ମଧୁରେ ରସାଣିତ ହେଲେ ସେମୋନେ । ସ୍ୱାମୀ, ସ୍ତ୍ରୀଙ୍କର କେତେ କେତେ କଥାର ଅବିଶ୍ରାନ୍ତ ଧାରା ଛୁଟି ଚାଲିଲା । ଆଉଛୁଟି ଚାଲିଲା ହସର ଜୁଆର । କେତେ ପ୍ରତିଜ୍ଞାର ରଜ୍ଜୁରେ ପରସ୍ପର ବାନ୍ଧିହେଲେ ନିକଟେଇ ଆସିଲା ବାସର । ଦୁଇଟି ଆତ୍ମା ପ୍ରେମ ଅମୃତ ଧାରାରେ ନିସେବିତ ହୁଏ । ହେ।ଇ ଉଠିଲା ଏକାନ୍ତ ପରିବେଶେ ।

ଇଚ୍ଛା ବିରୁଦ୍ଧରେ ରଚିତ ସେଦିନ ବିଦାୟର ଅଭିଷେକେ । ଅସହ୍ୟ ବେଦନାରେ ପ୍ରେମୋର୍ଦ୍ଦ ହୃଦୟ ତିକ୍ତ ହେ।ଇଉଠେ । ଦୁଃଖର ଜାଗତିକା ଗାନକରେ ଦୁଇଟି କଣ୍ଠର ମର୍ମର । ସଂନ୍ଧ୍ୟା ବିଜୟର ପାଦଧରି କାନ୍ଦି ଉଠିଲା । ଚାପା କଣ୍ଠରେ ଥରି ଥରି କହିଲା

ଭୁଲିବ ନାହିଁ ମତେ ? ସତ କୁହ । ଆଖିରୁ ତା'ର ଗଡ଼ି ଆସୁଥିଲା ଲୁହଧାର । ଆଉ ଅନ୍ତରରେ ତା'ର ଜମାଟ ବାନ୍ଧିଥିଲା କେତେ କୋହ । ସତେ ଯେମିତି ଏ ବିଦାୟ ସବୁଦିନ ପାଇଁ । ବିଜୟ ଆଶ୍ୱାସନାମୟ ହୋଇଉଠେ । ସଂନ୍ଧ୍ୟା ମୁଣ୍ଡରେ ହାତ ବୁଲାଉ ବୁଲାଉ କହିଲା -- ଭୁଲି ପାରିବିନି ସଂନ୍ଧ୍ୟା । ତୁମେ ମୋର ପତôୀ ମନରାଇଜର ରାଣୀ । ତାପରେ ନେଇଁ ଆସେ ବିଦାୟର ଯବନିକା । ସଂନ୍ଧ୍ୟା ତୁମେ ମୋର ପନôୀ । ତାପରେ ନେଇଁ ଆସେ ବିଦାୟର ଯବନିକା ସଂନ୍ଧ୍ୟା ଢ଼ଳେ ଚାତକର ଦୃଷ୍ଟି । ଦିନ ପରେ ଦିନ ହୁଏ ଅତିକ୍ଷୁଦ୍ର । ଗୋଟିଏ ରଙ୍ଗ ରାତ୍ରିର ମମତା ଶତକେ...ରଙ୍ଗ ରାତ୍ରିର ଦ୍ୱାର ଉନ୍ମୋଚନ କରେ, ମନର ମମତା ହୋଇଆସେ ଗାଢ଼ତର । ଦୁଇଟି ଆତ୍ମାର ନିରଳସ ଶ୍ରଦ୍ଧା କ୍ରମଶଃ ନିକଟରୁ ନିକଟତର ହୋଇ ଆସେ ।

ବାହା ଘରର ନାଟକ କେତେ ଦିନଠୁଁ ସରି ଯାଇଛି । ଏବେ ହୃଦୟ ତା'ର ପ୍ରେମେ ରଜ୍ଜୁରେ ବାନ୍ଧି ହୋଇଛି । ସେ ପାଇଛି ଜୀବନର ଏକ ନବ ପାବଚ୍ଛର ଅନୁଭୂତି । ପ୍ରେମେ ବୀଣାର ନିକ୍ୱଣରେ ନିକ୍ୱଣିତ ହୋଇଛି ତା'ର ଅନ୍ତର । ବିବାହିତ ଜୀବନର ଛନ୍ଦ, ଯୁବକତ୍ୱ ଉପରେ ତା'ର ଢ଼ାଳି ଦେଇଛି ଅମୀୟର ଧାରା । ଯୁବକତ୍ୱ ହିଁ ମଣିଷ ଜୀବନର ଶକ୍ତି ସାମରଥ୍ୟର ଉସô, ପ୍ରରେଣାର ଉଦ୍ଦାମ ସଂଗୀତ, ଯଶ କୀରତ୍ତୀର ପଟ୍ଟଭୂମି । ବିଜୟ ଯୁବକ । ସେ କେବେଳ ନାରୀ ମନର କ୍ରୀଡ଼ନକ ନୁହଁେ । ସେ ନାରୀ ହୃଦୟର ସର୍ବସ୍ୱ, ତା'ର ପ୍ରଭୂ, ତା'ର ଭବ୍ୟ ଧାରକ । ସରକାରୀ ଘରର କର୍ମଚାରୀ ବିଜୟ । ଛୁଟି ପରେ ସେ ଫେରିଯିବ ନିଜର କର୍ମ କ୍ଷେତ୍ରକୁ । ସେଠି ସେ ଅର୍ଥୋପାର୍ଜନ କରିବ -- ତା'ର ପରିବାର ପାଇଁ , ଯେଉଁ ପରିବାର ପାଇଁ ସେ କେତେ ସୁଖର ସ୍ୱପ୍ନ ଦେଖିଛି । କିନ୍ତୁ କ'ଣ ସେ କରିବ ? କେମିତି ନେବେ ସଂନ୍ଧ୍ୟାଠାରୁ ବିଦାୟ? କୁମାରୀ ମନ ତା'ର ଭାଙ୍ଗି ପଡ଼ିବ ନାହିଁ ତ ? .........ନା, ନା ତାକୁ ଯେ କୋ÷ଣସି ମତେ ଯିବାକୁ ପଡ଼ିବ । ଏଇ ପରିବାରଟି ପାଇଁ ତାକୁ ଆଜି ବିଦାୟ ନେବାକୁ ପଡ଼ିବ ।

ବିଜୟ ଆଜି ଖଟ ଉପରେ ଶୋଇ ରହି ଅପେକ୍ଷା କରିଛି ସଂନ୍ଧ୍ୟାକୁ । ସଂନ୍ଧ୍ୟା ପାଖରୁ ସେ ଆଜି ବିଦାୟ ନେବେ । ସେ ଯିବ ଇସ୍ପାତ ଭୂମି ରାଉଲକେଲାର କର୍ମକ୍ଷେତ୍ରକୁ । ସଂନ୍ଧ୍ୟା ଆଲୁଅଟିଏ ଜାଳି ଦ୍ୱାର ବନ୍ଦ କରିଦେଲା । ବିଜୟ ତା'ର ହାତଧରି ବସାଇଲା ପାଖରେ । ଗଣ୍ଡରେ ତା'ର ସରୁ ଟିପା ଛୁଁଇ କହିଲା, ସଂନ୍ଧ୍ୟା ମୁଁ କାଲି ଚାଲି ଯାଉଛି ରାଉଲକେଲା । ସଂନ୍ଧ୍ୟା ବ୍ୟସ୍ତହୋଇ ଉଠିଲା । ପୁଣି ବିଜୟ କହିଲା ହଁ ସଂନ୍ଧ୍ୟା ମୋର ଛୁଟି ସରି ଯାଇଛି । ମୁଁ ଚାଲିଯିବି । ସଂନ୍ଧ୍ୟା କାନ୍ଦ କାନ୍ଦ ହୋଇ ପଡ଼ିଲା, ତାପରେ କେତେ ମନା କରିଛି । କିନ୍ତୁ ବିଜୟ ତାକୁ କହେ , ଦେଖେ ସଂନ୍ଧ୍ୟା ମୋ ଚାକିରି ଆମ ପରିବାରର ଏକମାତ୍ର ଅର୍ଥ ସଂସ୍ଥାନ । ମୁଁ ତାକୁ ଛାଡ଼ିକରି ରହି ପାରିବି କେମିତି କହିଲ! ସେ କିନ୍ତୁ କୁମାରୀ । ମନ ତା'ର ଚପଳ । ସେ ବା ବୁଝନ୍ତା କୁଆଡୁ । ନବ ବିବାହିତା ସ୍ୱାମୀ ସୋହାଗିନୀ ସଂନ୍ଧ୍ୟା ସାଙ୍ଗରେ ଯିବା ପାଇଁ ଯିଦ୍ ଧରିଲା । ବିଜୟ ହସି ହସି ତାକୁ କୋଡ଼କୁ ଟାଣି ନେଲା । ସଂନ୍ଧ୍ୟା ମୁଁ ତୁମକୁ ନିଶ୍ଚୟ ନେଇଯିବି । କିନ୍ତୁ ବର୍ତ୍ତମାନ ନୁହଁେ, ଅତ୍ୟନ୍ତ ପକ୍ଷେ ଘରଟିଏ ଠିକ ନକରି ମୁଁ ତୁମକୁ କେମିତି ନେଇ ଯିବି କହିଲ ? ସଂନ୍ଧ୍ୟା ଆଉ କହି ପାରିଲାନି କିଛି । ତା'ର ଆଖିରୁ ଗଡ଼ି ଆସୁଥିଲା ଲୁହ ଟୋପା ।

ତାପରେ ବିଜୟ ବାହାରିଗଲା ଦୂର ଦୂନିଆକୁ । ଚିର ପ୍ରବାସୀ ବିଜୟ । କେତେବେଳେ କେମିତି ଛୁଟିରେ ଆସେ ଘରକୁ । ପୁଣି ଦିନ କେତେଟା ନ ଯାଉଣୁ ଫେରେ ତା'ର କର୍ମ କ୍ଷେତ୍ରକୁ । ଏହିପରି କର୍ମର ତାଡ଼ନାରେ ଜୀବନ ଧାଏଁ । କର୍ତ୍ତବ୍ୟର ପ୍ରଚଣ୍ଡ ପ୍ରହାରରେ ଜୀବନ ଅଥୟ ହୁଏ । କାହାପାଇଁ କେଉଁ କର୍ତ୍ତବ୍ୟଟା ବା ଠିକ୍ହୁଏ । ଜୀବନ ଜିତ୍ରେ ସମାଜ ଯେମିତି ତାକୁ ଅବରୋଧ କରେ , ଦୁର୍ଭଦ୍ୟେ ପ୍ରାଚୀର ହୋଇ ଆଗରେ ଛିଡ଼ା ହୁଏ । ଯେଉଁଥିପାଇଁ ସଂନ୍ଧ୍ୟା ପକ୍ଷରେ ଏ ଅସହ୍ୟ ହୁଏ? ମନ ତା'ର ବିଦ୍ରୋହ କରିଉଠେ । କୋମଳ ତନ୍ୱୀର ତରଳ ମନରେ ସୃଷ୍ଟି ହୁଏ ଆଗ୍ନୟେ ଗିରିର ଉଦ୍ଗିରଣ । ସେ ଭାବେ ସେ ବିଜୟ ସାଙ୍ଗରେ ଯିବ, କିନ୍ତୁ ଯାଇ ପାରେ ନାହିଁ । ସମାଜର ପରମ୍ପରା ତାକୁ ଜୋର କରି ପରିବାରର ଅନ୍ଧ ମୁହାଣୀରେ ବାନ୍ଧି ରଖେ । ଏ ପରିବାର, ଏ ସମାଜିକ

ବନ୍ଧନ ତା'ର ଶତ୍ରୁ । ଏହାକୁ ସେ କ୍ଷତ ବିକ୍ଷତ କରିବାକୁ ଇଚ୍ଛା କରେ । ପାରିବାରିକ ବନ୍ଧନକୁ ଖଣ୍ଡ ବିଖଣ୍ଡିତ କରେ । ବିଜୟ ପାଖକୁ ଦଉଡ଼ି ଯିବାକୁ ମନ ଚାହେଁ ତଣ୍ଣେ ସେ ପ୍ରୟାସ ଜାରି ରଖେ ।

ବିକୃତ ମନର ସ୍ୱାଭିବ୍ୟକ୍ତି କେବେଳ ତାକୁ ହିଁ ଶୁଭେ, ତା'ର ମନ ଭିତରେ ସେ ସବୁ ପ୍ରତିଧ୍ୱନି ସୃଷ୍ଟିକରେ । ନିଜକୁ ଅଧିକରୁ ଅଧିକ ଏକାକିନୀ ମନେକରେ -- ସେ । ନିଜକୁ ତାସôଲ୍ୟ କରି ଉଠେ । ମନ ତା'ର ଶୁଖିଆସେ, ଦେହେ ଶୁଖି ଆସେ ପରିବାର ପ୍ରତି ସ୍ନେହେ, ମମତା, କମିଆସେ,କେମିଯାଏ କର୍ମ ତତ୍ପରତା । କେମିତି ବଞ୍ଚି ରହିବ ସେ, ତାର ପ୍ରିୟ ମଣିଷ ଯେ ନିଜଠାରୁ ବହୁ ଦୂରରେ । ଏକୁଟିଆ ଏମିତି ବସି ବସି ଚିନ୍ତା କରିବା ପରେ ଅବସାଦ ଘୋଟି ଆସେ । କେତେ ପରିବର୍ତ୍ତନ ଦେଖାଦିଏ । ଘରର ପ୍ରତ୍ୟେକେ ଲୋକ ବ୍ୟସ୍ତ ହୋଇଉଠନ୍ତି -- ଏ ପରିବର୍ତ୍ତନରେ ।

ଛୋଟ ନଣନ୍ଦ ଟୁନୀ ଆସେ । ଭାଉଜର ଶୁଖିଲା ମୁହଁ ଦେଖି ଦୁଃଖିତା ହୁଏ । ସୁଖି କରିବା ପାଇଁ ଚାଉଳି କରେ । କେତେ ଥର ହାରିଯାଏ । ପୁଣି ଚେଷ୍ଟା କରେ । ଧିରେ ଧିରେ ଆସି ଆଗରେ ଛିଡ଼ା ହୁଏ । କୁହେ, ନୂଆବୋଉ, ଦେଖିଲ ଏଇ ସୁଗନ୍ଧରାଜ ଫୁଲକୁ । ତୁମ ମୁଣ୍ଡକୁ ଭଲ ମାନିବ ଯେ । ସଂନ୍ଧ୍ୟାର କବରୀରେ ଟୁନୀ ଫୁଲ ଖୋସେ । କିନ୍ତୁ ସଂନ୍ଧ୍ୟା ଚିନ୍ତା ସୁଅରୁ ଫେରି ଆସେନା । ସେ ବସି ବସି ଚିନ୍ତା କରି ଚାଲି ଥାଏ । ପୁଣି ଟୁନୀ ଆଉ ପନ୍ଦେଥାଏ ଫୁଲ ଆଣେ । କୁହେ, ନୂଆବୋଉ ମୋ ମୁଣ୍ଡରେ ଫୁଲ ଦେବେ ନାହିଁ ? ତଥାପି ନୁହେଁ । ପୁଣି ଟୁନୀ ବେକେଧରି ଓହଳେ । ସଂନ୍ଧ୍ୟା ଫେରିଆସେ ସାଧାରଣ ଅବସ୍ଥାକୁ । ଟୁନୀ ମୁଣ୍ଡରେ ଫୁଲ ଖୋସେ । ଆଉ ଟିକି ସ୍ମିତ ହାସେଟିଏ, ବାସ ସେତିକି । ଟୁନୀ କିନ୍ତୁ ଛାଡ଼ିବାର ନୁହେଁ । ସେ ହାତଧରି ଟାଣେ, ଲୁଗାଟାକୁ ଟାଣି ଟାଣି ବାହାର କରିଦେବାକୁ ଚେଷ୍ଟା କରେ । କୁହେ ନୂଆ ବୋଉ! ଏ ଶାଢ଼ୀଟା ଭଲ ଦିଶୁନି । ଆଉ ଗୋଟାଏ ପିନ୍ଧ, ବେକେରେ ହାର ପିନ୍ଧୁନାହଁ କାହିଁକି? ଆଉ ସଂନ୍ଧ୍ୟା ଚୁପ୍ ହୋଇବସି ପାରେନା । ଟୁନୀ କଥାରେ ଯନ୍ତ୍ରବତ୍ ପରିଚାଳିତ ହୋଇଯାଏ ।

ତଥାପି ସଂନ୍ଧ୍ୟାର ହୃଦୟରେ ଅସରନ୍ତି ବେଦନା । ଖାଇବା ପିନ୍ଧିବାକୁ ସେ ଭୁଲି ଯାଇଛି ଯେମିତି । କେବେଳ ବସି ରହି ଚିନ୍ତା କରିବାରେ ସେ ବ୍ୟସ୍ତ । ବିରହ ବେଦନା ମନ ଗହୀରରେ ଭରି ଆସେ ।

କେତେଦିନ ବ୍ୟବଧାନରେ ବିଜୟ ଆସେ ଘରକୁ । ସେଦିନ ସଂନ୍ଧ୍ୟାର ଖୁସି କହିଲେ ନସରେ ଯେମିତି ସେ ହଜାଇଲା ଧନ କାଲି ପରଠାରୁ ଫେରି ପାଇଛି । ନିଜକୁ କେତେ ପ୍ରକାର ସଜାଇ ବସେ ନିଜେ । ମୁଣ୍ଡରେ ଅତର ଲଗାଏ, ଫୁଲ ଖୋସେ । ବାକ୍ସରୁ ହାର ଖୋଲି ପିନ୍ଧେ , ଆଉ ଭଲ ଶାଢ଼ୀ ଖଣ୍ଡେ । ତା'ର ସ୍ୱାମୀ ପାଇଁ ନିଜକୁ ସଜାଇବାରେ କେତେ ଆନନ୍ଦ, କେତେ ଉସôାହ ସବୁ ସେ କେନ୍ଦ୍ରିଭୂତ କରେ । ରାତ୍ରିର ବିନିଦ୍ର କେଳାରେ ନାରୀ ଅଙ୍ଗର ସୁକ୍ଷ୍ମ ଭାରକୁ ଅଜାଡ଼ି ଦେଇ କାନ୍ଦି ଉଠେ । ସେଇ ଏକା କଥା ମୁଁ ଆଉ ଏକାକିନୀ ରହି ପାରିବି ନାହିଁ । ମୁଁ ଯିବି ତୁମରି ସାଙ୍ଗରେ । ସେଇ ତା'ର ଅଳି । ବିଜୟ ଦିଏ ସାନ୍ତ୍ୱନା । ସ୍ମିତ ହସି କହେ ତୁମେ ଯିବ ସଂନ୍ଧ୍ୟା, ନିଶ୍ଚୟ ଯିବ । କିନ୍ତୁ ସେତିକି ଯା କଥାରେ, ତା' ପରେ ବିଜୟ ପୁଣି ଚାଲିଯାଏ । କିନ୍ତୁ ନାରୀ ହୃଦୟର ବ୍ୟଥା ଶୁଣିବ କିଏ ? ତରଳ ମନର ନାରୀ ପାଇ ପାରେନା ଶାନ୍ତି ।

କ'ଣ କରିବ ସଂନ୍ଧ୍ୟା ! ସ୍ୱାମୀକୁ ତା'ର କେଉଁ ବାଟରେ ହୃଦୟର କେତେ ପଦ କଥା ବୁଝାଇ ଦେବେ ? ନା ସବୁ ବ୍ୟର୍ଥ, ସବୁ ପାଉଁଶ; ସବୁ ଅଙ୍ଗାର । କେତେ ଚିନ୍ତା କରେ ସେ । ବହୁ ସୂତାର ସମନ୍ୱୟରେ ଯେମିତି ଅଡୁଆ ସୃଷ୍ଟି ହୁଏ, ସେମିତି ସବୁ ତାର କଳ୍ପନା ଗୋଳେଇ ହୋଇଯାଏ । ମନ ଅବୁଝା ହୋଇଉଠେ ବିରକ୍ତି ଆସେ । ମନର ସବୁ ସରସତା ମିଳେଇ ଯାଏ । କ୍ରମଶଃ ରୁକ୍ଷ, ହୋଇଉଠେ ତା'ର ସ୍ୱଭାବ । ନଷ୍ଟ ହୁଏ ବାକ୍ୟର ମଧୁରତା, ବାକ୍ୟ ଶାଣର ଜ୍ୱାଳାରେ ସମସ୍ତଙ୍କୁ ଜାଳିବାକୁ ପଛାଇ ଯାଏ ନାହିଁ ।

ଯେଉଁ ସଂନ୍ଧ୍ୟା ଦିନେ ନିଜର କୋମଳ ବ୍ୟବହାର ଯୋଗୁ ଘରର ସମସ୍ତଙ୍କ ଠାରେ ଶ୍ରଦ୍ଧା ଭାଜନ ହୋଇ ପାରିଥିଲା, ସେ ପୁଣି ନେଲା ମୁଖରା ନାରୀର ଜନ୍ମ ।

ଛୋଟ ଛୋଟ କଥାକୁ ନେଇ ସେ କଳି କରି ବସିଲା । ମନରେ ସୃଷ୍ଟିହେଲା ବିପ୍ଳବର ଝଞ୍ଜା ଆଉ ସେ ଝଞ୍ଜାର ପ୍ରଳୟରେ ପରିବାର ବିକ୍ଷୋଭିତ ହୋଇ ଉଠିଲା । ସେଇଠି ପୁଣି ନାଏଗ୍ରାର ଗମ୍ଭୀର ନିର୍ଘୋଷ; ଦୁର୍ଦ୍ଦମ ବର୍ଷାର ନିଷ୍ଠୁର ପ୍ରହାର ସବୁ ପୁଞ୍ଜିଭୂତ ହେଲା ।

ନିକଟେଇ ଆସେ ବିଜୟର ଛୁଟିଦିନ । ସଂନ୍ଧ୍ୟା ନିଜକୁ ପ୍ରସ୍ତୁତ କରିନିଏ -- ନିଜକୁ ସୈନିକ ଭୂମିକାରେ ଅବତୀର୍ଣ୍ଣ କରିବାକୁ । ସେ ନିଜର ଇଚ୍ଛା ସପକ୍ଷରେ ଯୁଦ୍ଧ କରିବ । ବିଜୟ ଆଗରେ ଉପସ୍ଥାପିତ କରିବ ତା'ର ଦାବୀ । ବିଜୟ ପହଞ୍ଚିବା କ୍ଷଣି ଘର ଭିତରକୁ ଦଉଡ଼ିଯାଏ--ସଂନ୍ଧ୍ୟା । ଦେଖେ ସ୍ୱାମୀ ତାକୁଇ ଅପେକ୍ଷାକରି ବସିଛନ୍ତି, ସେ ସ୍ମିତ ଟିକେ ହସି ଦେଇ ତା'ର ହାତ ଧରି ଟାଣି ନେବାକୁ ଆସୁଛନ୍ତି । କଳ୍ପନା ତା'ର ଧିମେଇ ଯାଏ । କେତେ ଯେ ଚିନ୍ତା କରିଥିଲା ବିଜୟ ଆଗରେ ଉପସ୍ଥାପିତ କରିବାକୁ । ଘରେ ତା'କୁ ଭଲ ପାଉନାହାଁନ୍ତି । କଳି କରୁଛନ୍ତି ସମସ୍ତେ । ସେ ଆଉ ଏଠି ଏକା ରହିଲେ ମରିଯିବ । ମରି ଯାଆନ୍ତା ଭଲା । କାହିଁକି କେଜାଣି ଏ ହୀନି କପାଳକୁ ନେଇ ସେ ବଞ୍ଚିଛି ? ଏ ଚିନ୍ତାରୁ କେତେଟୋ ଦବିଯାଏ । ତଥାପି ମନ ଦୃଢ଼ କରି ବିଜୟ ଆଗରେ କେତେ କଥା କହେ ମାତ୍ର ବିଜୟ ହସେ । ସେ ହସ ବିଜୟୀ ସୈନିକର ହସ ପରି । ସେ କହେ, "ବୁଝିଲ ସଂନ୍ଧ୍ୟା ! ସଂସାରଟା ଏମିତି, କିଛିଟା ନ ସହିଲେ ହେବେ କେମିତି ।"

ଆହତ ହୁଏ ସଂନ୍ଧ୍ୟା, ମାତ୍ର ସେ ଛାଡ଼ିବାର ନାରୀ ନୁହେଁ । ପୁଣି ଅନ୍ୟଦିନେ ଜିଦ୍ କରେ -- ସେ ଅଲଗା ହେବେ । ପରିବାର ଠାରୁ ଦୂରେଇ ଯିବ । କାହା ସହିତ କଳି କରି ପାରିବ ନାହିଁ । ଦୂର ପ୍ରବାସକୁ ସେ ଉଡ଼ିଯିବ, ତାଙ୍କରି ସାଥିରେ । ହୁଏତ ଯଦି କେତେ ମିଛ କହିବାକୁ ପଡ଼େ ତେବେ ସେ ପଛାଇ ଯାଏନା । ଯା ହେଉ ବିଜୟକୁ ପାଖରେ ପାଇବ ସେ । ସ୍ୱାମୀକୁ ସବୁଦିନ ପାଖରେ ପାଇ ଆନନ୍ଦରେ ଗୀତ ଗାଇବ, ମନ ପୁରାଇ ନାଚିବ ।

କିନ୍ତୁ ବିଜୟ କେମିତି ବା ହାର ମାନିବ । କେତେ ଅବା ସେ ନାରୀର ଛଳନା ପାଖରେ ଟାଣ ଦେଖାଇ ପାରିବ । ପୁରୁଷର କଠିନ ମନ ଭଳି ଯାଏ । ଭାବେ ସତେ କ'ଣ ଏମାନେ ମୋର ସ୍ତ୍ରୀକୁ ଆଡ଼ ଆଖିରେ ଦେଖୁଛନ୍ତି ? ଏମାନେ ତେବେ କ'ଣ ମୋର ଶତ୍ରୁ ? ଏମାନେ ଯଦି ମୋ ସ୍ତ୍ରୀକୁ ଖରାପ ଚକ୍ଷୁରେ ଦେଖିଲେ ମୁଁ କିପରି ଏକାଠି ରହିବି ? ନା ତାକୁ ଅଲଗା ରହିବାକୁ ହେବେ । କିନ୍ତୁ....... ତାକୁ ଯେଉଁମାନେ ଜନ୍ମ ଦେଇଛନ୍ତି, ତାକୁ ପାଳିପୋଷି ଏତେ ବଡ଼ କରିଛନ୍ତି ? ସଂନ୍ଧ୍ୟା ପୁଣି ଭାବନାକୁ ଖଣ୍ଡିଆ କରେ । ବେକେରେ ହାତଛନ୍ଦି କାନ୍ଧରେ ମୁଣ୍ଡ ରଖି କହେ ତୁମର କିଏ କେତେ ଖାଇ ଯାଉଛନ୍ତି ଯେ ତୁମେ ଏଇ ମାନଙ୍କ ପାଇଁ ଏତେ ଚିନ୍ତା କରୁଛ । ତୁମେ ରୋଜଗାର କରିବ । ଖାଇବାକୁ ଆମେ ଦୁଇଜଣ । ଟଙ୍କା ପଇସା ଢ଼ରେ ବଞ୍ଚିବ । ତୁମର ପିଲା ଛୁଆଙ୍କ ପାଇଁ ଢ଼ରେ ରହିବ । ତମରି ପିଲା ମଣିଷ ହେବେ । ଅଲଗା ହେବାକୁ ଡ଼ରୁଛ କାହିଁକି ?

ବିଜୟ ଏଥର ମନ କଥାଟା ସମସ୍ତଙ୍କୁ ଜଣାଇବାକୁ ଯାଏ । କିନ୍ତୁ ପଛାଇ ଯାଏ । ବିବେକେ ତା'ର ବାଧା ଉପୁଯାଏ, ପ୍ରତିବାଦ କରିଉଠେ--ନା ଅନ୍ୟାୟ,ଘୋର ଅନ୍ୟାୟ । ସଂନ୍ଧ୍ୟା, କିନ୍ତୁ ମୁହଁ ମୋଡ଼େ । ଆଖି ପତା ଉପରକୁ ଟାଣି ଓଠ ଦବାଇ କହେ, ଛି ଯେଉଁ ମାଇଚିଆ ତମେ .......... ।"ବିଜୟ ମନରେ ପ୍ରତିବାଦ ଆହୁରି ଶକ୍ତ ହୋଇଉଠେ । ତାପରେ ସେ ଜଣାଇ ଦିଏ ସମସ୍ତଙ୍କୁ ନିଜର ମତାମତ ।

ବ୍ୟସ୍ତ ହୁଅନ୍ତି ସମସ୍ତେ । ମା ତା'ର ଆଖିରୁ ଲୁହ ନିଗାଡ଼ି ମନକୁ ଦୃଢ଼ କରେ । ନା ବିଜୁର ଅମଙ୍ଗଳ ହବେ । ଟୁନୀ କାନ୍ଦେ । ମା'ର ପଣତ କାନିତଳେ ମୁହଁ ଲୁଚାଇ ଭଗବାନଙ୍କୁ ନିନ୍ଦେ ।

କିନ୍ତୁ ସଂନ୍ଧ୍ୟାର ମନରେ ଆନନ୍ଦର ଉଚ୍ଛ୍ୱାସ । ସେ ଆଜି ଉତ୍ତୁଙ୍ଗ ପର୍ବତମାଳାର ବିଜିତା ଆରୋହିଣୀ । କ୍ଷୁବ୍ଧ ସାହାରାରେ ଆଜି ତା'ର କଦୋରର ନବୀନ ଉଲ୍ଲାସ । ସେ ବିଜୟକୁ ଏଥର ପାଇବ ନିକଟରେ ବହୁ ନିକଟରେ , ପ୍ରିୟର ସ୍ନେହ ରଙ୍ଗରେ ସେ ହବେ ବିବିକ୍ତ ।

ଞ୍ଚଞ୍ଚଞ୍ଚ

ଆମ ସ୍ୱୟଂ ସହାୟିକା ଗୋଷ୍ଠୀ

ସେଦିନ ମାର୍ଗଶିର ମାସ ଗୁରୁବାର । ଆଗ ରାତିରୁ ଛୁଆବୋହୂଟାକୁ ନିଦ ନାହିଁ । ସଅଳ ବିଛଣାରୁ ଉଠି ପଡ଼ି ବାସି ପାଇଟିରେ ଲାଗି ଯାଇଥାଏ । ଘରଦ୍ୱାର ଲିପା ପୋଛା ସାରିଲେ ତଣେକି କେତେ କାମ ସବୁ ଲଟଳେ ପଟଳେ ଲାଗିଯିବ । ଝୋଟି ଦେଇ ଘରଟାକୁ ଧୋବ ଫର୍‌ଫର୍ କରିବାକୁ ହବେ । ତା ପରେ ଲକ୍ଷ୍ମୀ ଦେବୀଙ୍କ ଉଦ୍ଦେଶ୍ୟରେ କେତେ ପୂଜା ପାର୍ବଣ । ମନରେ ଅଫୁରନ୍ତ ଉତ୍ସବର ପାରାବାର । ଲକ୍ଷ୍ମୀଦେବୀ ପ୍ରସନ୍ନ ହଲେ କାଳେ ତାଙ୍କର ଦରିଦ୍ରତା ଟଳି ଯିବ । ଅଭାବୀ ସଂସାରଟା କେଉଁସି ପ୍ରକାରରେ ଚଳି ଯିବ । ନହୋଇଲେ ସବୁ ଅନର୍ଥ ହବେ ଯେ? ସେଥିପାଇଁ ନାନା ପୂଜାବିଧି ଉପଚାର ସଜାଡି ଘର ସଜେଇବାରେ ବ୍ୟସ୍ତ ଥାଏ । ଠିକ୍ ଏତିକିବେଳେ କାହୁଁ ଥିଲା କେଜାଣି କୁଆଟିଏ ନଉଡିମୂଳ ନଡେଆ ଗଛ ଉପରୁ କୁହାଟ ମାରିଲା -- 'କା-କା' । କାଳେ ଏଇଲାଗେ କେଉଁ ଅତିଥି ଆସି ପହଞ୍ଚିବେ ସେଇଥିପାଇଁ ମନଟା ଖାଲି ଗୋଳେଇ ଘାଣ୍ଟି ହଉଥାଏ । ତହୁଁ କୁଆଡୁ ଆସି ଗୋଟାଏ ମଟର ଗାଡ଼ି ଘର ଆଗେ ଭଁ-ଅଁ ଡ଼ାକି ବ୍ରେକ୍ ଦେଲା । ସେଥିରୁ ଡ଼ଙ୍ଗ୍ରୋ, ତାଗଡ଼ା, ନିଶୁଆ ମଣିଷ ଗଣ୍ଡେ ଛଅଟା ଓହ୍ଲେଇ ପଡ଼ିଲେ । ଛୁଆବୋଉ ଛାତିରେ ଛନକା ପଶିଲା । ପୋଲିସ୍ କଏଦୀକୁ ହୁଙ୍କାରିଲା ପରି କୁହାଟ ଛାଡ଼ିଲେ - "ଆବେ ଚଇତା ଘରେ ଅଛୁନା ......ଲ୍‌ଦି ବାହାରକୁ ଆ" । ଘର ଭିତରୁ କ୍ଷୀଣ ସ୍ୱରରେ ଉତ୍ତର ଆସିଲା - "ନା' ସେ ଘରେ ନାହାନ୍ତି; କ'ଣ କହୁନାହାଁନ୍ତି ଆସିଲେ କହିଦେବୁ । ତା କଥା କିଏ ବା ଶୁଣୁଛି ? ଡ଼ଙ୍ଗ୍ରେଗୁରା ବାଲାଟା ଘର ଆଗେ ଦୁଇ ଆଣ୍ଠୁ ମାଡ଼ି ନଥି କରି ବସି ପଡ଼ିଲା । ମନରେ ଶଙ୍କା ଉପୁଜିଲା ।

ଘରେ ଚଇତାର ସ୍ତ୍ରୀ ଏକା ରହେ, ସ୍ୱାମୀ ତା'ର ବିଦେଶୋଗତ । ବର୍ଷେ ଛଅ ମାସକେ କେବେ ଥରେ ଆସେ । ଭାରି ଗରିବ ମଣିଷ । ବନ୍ୟା ବାତ୍ୟାରେ ଚାଷ ଜମି ସବୁ ଧୋଇ ମରୁଡ଼ିରେ ଗଲା । ପିଲା ଛୁଆଙ୍କର ଡ଼ହଳ ବିକଳ ସହି ପାରିଲା ନାହିଁ ଯେ, ସୁରାଟ ପଳାଇଲା । ସେଠେ ଗୋଟାଏ ସୂତା ମିଲ୍‌ରେ କାମ କରେ, ଖାଇ ପିଇ ଯାହା ଦୁଇ ପଇସା ବଞ୍ଚେ, ଘରକୁ ପଠାଏ । ଘରେ ବୁଢ଼ା ବାପା ମା ଦିଟା କୁ ମିଶାଇ ପାଞ୍ଚ ପ୍ରାଣୀ କୁଟୁମ୍ବ । କେଉଁସି ପ୍ରକାରରେ ଦୁଃଖେ-ସୁଖେ ଅଭାବୀ ସଂସାରଟା ଚଳିଯାଏ ।

ସେଦିନ ସେ ସୋଇଟି ବାଲା ଘର ଆଗେ ଡ଼ଙ୍ଗ୍ରେଗୁରା ପିଟି ଦେଲେ, ଆଗରୁ କିଛି ଖବର ଅନ୍ତର ନାହିଁ । ହଠାତ୍ ଡ଼ଙ୍ଗ୍ରେଗୁରା ଶବ୍ଦଟା ଶୁଣି ଛୁଆ ବୋହୂଟା ଚମକି ପଡ଼ିଲା । ତାଙ୍କର କୁଆଡ଼େ ବଡ଼ ଅଫିସ୍‌ର ସବୁ ଆସିଥାନ୍ତି । ଖାଲି ଫଁ-ଫଁ ଡ଼ାକୁଥା'ନ୍ତି । ଦଳେ ତାଙ୍କୁ ଜଗିକି ବସିଥାନ୍ତି । ହଁ ସାର୍, ଆଜ୍ଞା ସାର୍ ବୋଉଥାନ୍ତି । ଆଉ ଦଳେ ଘର ଆଗରେ ଖାଲି ପଇଁତରା ମାରୁଥାନ୍ତି । ଗୀଧ ଶବକୁ ଜଗି ବସିଲା ପରି ଘରଟା ଉପରେ ଅନିଷା ରଖିଥାନ୍ତି । କ'ଣ ମଞ୍ଚୋଟାଏ ଗାରଇେ ପକାଉଥାନ୍ତି । କହିଲେ --ଘରେ କିଏ ଅଛ

ନୋଟସ୍ ଧର । ନାଲି ନୋଟିସ୍ ଗୋଟାଏ ଧରାଇ ଦେଲେ । କହିଲେ -- ଦାବୀ ମୁତାବକ ପଇସା ପଇଠ କର ନୋହିଲେ ଘରେ ଥିବା ସମସ୍ତ ଜିନିଷ ଜବତି କରେଇ ଦିଅ । ଛୁଆ ବୋହୂଟା କିଛି ଉପାୟ ନ ପାଇ ୟାଡ଼େ ସିୟାଡ଼େ ଧାଇଁଲା । ବାର ଲୋକଙ୍କ ଦ୍ୱାରସ୍ଥ ହେଲା । କେତେ ଲୋକଙ୍କୁ ନେହୁରା ହେଲା । ଉପାୟଟା ବତାଅ ବା ପଇସା କଉଡ଼ି ସାହାଯ୍ୟ ହୁଅ -- କହିଲା । ହେଲେ କେହି କିଛି କରି ପାରିଲେ ନାହିଁ । ଏତେ ଗୁଡ଼ାଏ ପଇସା କିଏ ବା ହଠାତ୍ କେଉଁଠୁଁ ଆଣିବ ? ଶେଷରେ ଘରଟା କୋରକ ହୋଇଗଲା । ଘରର ଯାବତୀୟ ଜିନିଷ ଧରି ସୋସାଇଟି ଅଫିସ୍ ନେଇଗଲେ । ମାନ ସମ୍ମାନ ସବୁ ଗଲା । ଖାନ୍‌ଦାନ ଘରର ଇଜ୍‌ଜତ୍‌ଟା ସବୁଠାରୁ ବଡ଼ । ଗରୀବ ହେଲେ ହେଁ ଅପଦସ୍ତ ହେବାକୁ କିଏ ବା ଚାହେ? ବାର ଲୋକେ ବାର କଥା କହିଲେ । ଶ୍ୱଶୁର ବୁଢ଼ାଟା ଏସବୁକୁ ସହି ପାରିଲା ନାହିଁ । ପିଣ୍ଡାଟାରେ ବସି ବସି ତା'କୁ ମଟକା ମାରି ନେଲା । ସେଇଠି ସିଏ ଟଳି ପଡ଼ିଲା । ହୃଦ୍‌ଘାତ କାରଣରୁ ମୃତ୍ୟୁ ବରଣ କଲା । ଛୁଆ ବୋହୂଟା ଗରେସ୍ତ ପାଖକୁ ତାର ପଠାଇଲା । ଦଶ-ପନ୍ଦର ଦିନକେ ଚଇତା ଆସିଲା । ଅନ୍ତେଷ୍ଟି କ୍ରିୟା ଭଲରେ ସଂପାଦିତ ହୋଇଗଲା । ବନ୍ଧୁ ବାନ୍ଧବ ଯେଝା ବାଟରେ ଯେଝା ସଳଖିଲେ । କ୍ରିୟା କର୍ମ ସାରି ଚଇତା ଘଟଣାଟିକୁ ତନ୍‌ଖିବା ଆରମ୍ଭ କଲା । ଧିର ମସ୍ତିଷ୍କରେ ସବୁ କଥା ପଚାରି ବୁଝିଲା । ସ୍ତ୍ରୀକୁ ପଚାରିଲା -- ସୋସାଇଟି ସେକ୍ରେଟାରୀ ତୁମକୁ ପଇସା କଉଡ଼ି ବା ସାର ଭଲ ମନ୍ଦ କିଛି ଦେଇଥିଲା କି ? ସ୍ତ୍ରୀ ମନାକଲା ।

ସୋସାଇଟି ଅଫିସ୍‌ରେ ସେକ୍ରେଟାରୀ ଅକାନୁ ଓ ଆସିଷ୍ଟାଣ୍ଡ ସେକ୍ରେଟାରୀ ଅକାଲୁକୁ ଦେଖା କରି ସବୁକଥା ବୁଝିଲା । ସମୋନେ କହିଲେ --ଆମେ କିଛି ଜାଣି ନାହୁଁ । ପୂର୍ବତନ ସେକ୍ରେଟାରୀ ଅଧିକାରୀ ବାବୁଙ୍କ ସମୟରେ ଋଣ ଲଗାଣ ହୋଇଥିଲା । ଯାହା ଗୋଳମାଳ ତାଙ୍କ ସମୟରେ ହୋଇଥିବ ।

ବିଭିନ୍ନ ସରକାରୀ ଅଫିସ୍ ଓ ବ୍ୟାଙ୍କ୍ ଯାଇ ଶେଷରେ ନିରାଶ ହୋଇ ଫେରିଲା । ମୁଣ୍ଡର ହାତ ଦେଇ ବସି ପଡ଼ିଲା । ସମସ୍ତେ କହିଲେ-- ତୁମେ ତ ବୁଦ୍ଧି ହଜାଇ ସମସ୍ତ କାଗଜ ପତ୍ରରେ ଆଗୁଆ ଦସ୍ତଖତ କରି ସାରିଛ । ଆଉ ତୁମକୁ କିଏ ସାହାଯ୍ୟ କରିବ । ବରଂ ସୁଧ ଗଣ୍ଡାକ ଦେଇଦିଅ । ପି.ଟି. କରି ତୁମକୁ ପୁନଃ ଋଣ ଲଗାଣ କରି ଦେବୋ, ଋଣ ରାଶିଟା ସିନା ବଢ଼ି ଯିବ, ହେଲେ ଲୋନଟା କରେଣ୍ଟ ହୋଇଯିବ ।

ଚଇତା ସ୍ତ୍ରୀ ଆମ ଗାଁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା । ସେ ସମସ୍ତ ସଦସ୍ୟାଙ୍କୁ ଏକାଠି କଲା । ସବୁ ଘଟଣା ଗୋଟି ଗୋଟି ଖୋଲି କହିଲା-- ଯେ ତା ସ୍ୱାମୀ ବିଦେଶ ଯିବା ପୂର୍ବରୁ ଜମିରେ ସାର ମୁଠାଏ ପକାଇବାକୁ ସୋସାଇଟିଂ ଅଫିସ ଯାଇଥିଲା । ଋଣ କରିବାକୁ ଚାହିଁଲାରୁ ସେକ୍ରେଟାରୀ ଦରଖାସ୍ତ କରିବାକୁ କହି ଚେକ୍ ପ୍ରଭୃତି ବିଭିନ୍ନ କାଗଜ ପତ୍ରରେ ଆଗୁଆ ଦସ୍ତଖତ ସବୁ କରି ରଖିଲା । ଜମି ଜମା କାଗଜ ପତ୍ର ମଧ୍ୟ ସବୁ ରଖିଲା । କହିଲା-- ତୁମେ ତ ଘରେ ରହି ପାରିବ ନାହିଁ । କାଗଜ ପତ ଲେଖା-ଲେଖି କାମ ସବୁ ସାରି ଦେବୋ, ପରେ ଆସିଷ୍ଟାଣ୍ଟ ସେକ୍ରେଟାରୀ ସାର ପଇସା କଉଡ଼ି ଭଲ ମନ୍ଦ ସବୁ ନେଇ ଘରେ ଦେଇ ଆସିବ ।

ସାର ତ ମିଳିଲା ନାହିଁ । ହେଲେ କାଗଜ ପତ୍ର ମଧ୍ୟ ଫେରାଇଲେ ନାହିଁ । ଆଜି ଦେବେ କାଲି ଦେବେ କହି ତିନି-ଚାରି ବର୍ଷ ବିତିଗଲା । ଋଣ ହୋଇ ପାରିଲା ନାହିଁ -- ଭାବି, ଆମେ ସେ କଥା ଭୁଲି ଯାଇଥିଲୁ । ସହଜେ ତ ମୁଁ ମାଇପି ଲୋକ । ବାହାର କଥା କିଛି ବୁଝେ ନାହିଁ । ସିଏ ବର୍ଷକେ ଛଅ ମାସକେ କେବେ ଆସିଲେ ପଚାରନ୍ତି । ତାଙ୍କୁ ଏପଟ ସେପଟ କହି ବହଲେଇ ଦିଅନ୍ତି । ଏବେ ଆମେ କ'ଣ କରିବୁ । ଆମ ଉପରେ ତ ଟ. ୧୯୪୨/ଙ୍କାର ଋଣର ବୋଝ । ଋଣ ଯନ୍ତାରେ ପଡ଼ି ଛଟପଟ ହୋଇ ମରିବା ବ୍ୟତୀତ ଆମର ବା ଉପାୟ କ'ଣ ଅଛି କରି ପାରିବୁ । ଆମ ସଂସାରଟା ଭାସି ଯିବ କହି କାନ୍ଦି ପକାଇଲା ।

ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ସଦସ୍ୟା ଘଟଣାଟା ଭଲଭାବେ ହୃଦୟଙ୍ଗମ କଲେ ସମସ୍ତେ କହିଲେ-- ସମସ୍ତେ ଗୋଟାଏ ଗୋଟାଏ ଛାଞ୍ଚୁଣୀ ଧରି ସୋସାଇଟି ଅଫିସ ଚାଲ । ସବୁ ସମାଧାନ ସେଇଠି ହେବେ ।

ପୂର୍ବ ପ୍ରସ୍ତୁତି ମୁତାବକ ତା' ପରଦିନ ସମସ୍ତେ ସୋସାଇଟି ଅଫିସ୍‌ରେ ପହଁଞ୍ଚିଗଲେ । ଏକା ସାଙ୍ଗରେ ଛାଞ୍ଚୁଣି ଉପରକୁ ଉଠାଇ ପଚାରିଲେ ସତ ଘଟଣାଟା ଠିକ ଠିକ୍ କୁହ; ନୋହିଲେ ଛାଞ୍ଚୁଣୀ ପାହାର ସମ୍ଭାଳ ଭୟରେ ଥରି ଥରି ଅକାଲୁ ଓ ଅକାଲୁ ଗୋଡତଳେ ପଡ଼ିଗଲେ । ସବୁ ଘଟଣା ଫିଟାଇ କହିଲେ । ପୂର୍ବତନ ସେକ୍ରେଟାରୀ ଓ ଆସିଷ୍ଟାଣ୍ଟ ସେକ୍ରେଟାରୀ ଚଇତାର ଅନୁପସ୍ଥିତିରେ ଫାଇଦା ଉଠାଇ ତା ନାଁରେ ଋଣ ଉଠାଇ ହଜମ କରିଦେଇଛନ୍ତି । ନୂଆ ସେକ୍ରେଟାରୀ ଆସି ନୋଟିସ୍ ଲଗାଇ କୋରକ କେସ୍ ପଠାଇଲା ।

ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ପ୍ରଥମ ସଫଳତାରେ ଉତ୍‌ଫୁଲ୍ଲିତ ହୋଇ ଉଠିଲେ । ଅଫିସ୍‌ରେ ତାଲା ପକାଇ ଜଗିକି ବସିଲେ । ଚାରି ଆଡ଼କୁ ପତ୍ର ପ୍ରେରଣ କରି କଥାଟାର ସମାଧାନ ପାଇଁ ଜିଦ୍ ଧରି ବସିଲେ । ପୋଲିସ୍ ବାଲା ପୁଞ୍ଜାଏ ଖଣ୍ଡ ପହଞ୍ଚି ଗଲେ । ଘଉଡ଼ାଇବାର ଅପଚେଷ୍ଟା ଚଳାଇଲେ । ହେଲେ ସିଏ କି ହଟନ୍ତି । ସେମାନେ ତ ନଛୋଡ଼ ବନ୍ଧାର ଦଳ । କଥାଟା ଚାରିଆଡ଼େ ପ୍ରଘଟ ହୋଇଗଲା । ବଡ଼ ବଡ଼ ପତ୍ର ପତ୍ରିକା ଓ ସମ୍ବାଦ ପତ୍ରରେ ସମ୍ବାଦ ଛାପି ହୋଇଗଲା । ଗାଁ ଠାରୁ ବିଧାନ ସଭା ଯାଏଁ ହୁଲ୍‌ସ୍ତୁଲ୍ ହେଲା । ବଡ଼ ଅଫିସର ମାନଙ୍କ ପଦବୀ ବି ଅସମ୍ଭାଳ ହୋଇ ଉଠିଲା । ସମସ୍ତେ ଆସି ଘଟଣା ସ୍ଥଳରେ ଭିଡ଼ ଜମାଇଲେ । କେତେ ପ୍ରକାର ପ୍ରଲୋଭନରେ ପ୍ରଲୋଭିତ ବା ପ୍ରତାରଣାରେ ପ୍ରତାରିତ କରି ଧର୍ମଘଟ ଓ ଅନଶନକୁ ଭଙ୍ଗୁର କରିବାର ବୃଥା ଚେଷ୍ଟା କଲେ । ଶେଷରେ ସ୍ୱୟଂ ସହାୟିକା ଗୋଷ୍ଠୀର ଦୃଢ଼ତା ନିକଟରେ ସମସ୍ତେ ହାର ମାନିଲେ । ଅକାଲୁ ଓ ଅଧିକାରୀ ଦ୍ୱୟଙ୍କୁ ଯୁଗ୍ମ ଦୋଷେ ଦୋଷୀ କରାଗଲା । ସମବାୟ ଆଇନର ୬୫ ଧାରାରେ ତଦନ୍ତ ଚାଲୁ ରହିଲା । ଏହିପରି ଅନେକ ବେନାମୀ ଓ ଅନିୟମିତ ଋଣ କାରବାର ସବୁ ପଦାକୁ ଆସିଲା । ଲକ୍ଷ ଲକ୍ଷ ଟଙ୍କା ତୁସରପାତ କରାଯାଇଥିବା ଜଣାଗଲା । ଫଳରେ ଅକାଲୁ ଓ ଅଧିକାରୀ ଦ୍ୱୟଙ୍କୁ ସସ୍‌ପେନ୍‌ସନ ଅର୍ଡ଼ର ଧରାଇ ଦିଆଗଲା । ଉଭୟ କାନ୍ଦୁଣ୍ଣୁ-ମାନ୍ଦଣୁ ହୋଇ ଚାକିରୀରୁ ହାତ ଧୋଇ ସିନା ଘରେ ବସିଲେ । ସମସ୍ତେ କିନ୍ତୁ ସଭାପତିଙ୍କୁ ଉପରକୁ ଟେକି ଧରି କିନାରା ଲଗାଇଲେ -- “ଆମ ସ୍ୱୟଂ ସହାୟିକା ଗୋଷ୍ଠୀ ସବୁଠୁ ନିଆରା । ଗୋଟି ଗୋଟି କରିବ ସବୁକୁ ସିଧା” ।

ସଭାପତି ସମସ୍ତଙ୍କୁ ଶାନ୍ତ ରହିବାକୁ ଇଙ୍ଗିତ ଦେଇ ଖାଲି ପଦୁଟିଏ କହିଲେ ଚଇତା ଆଉ ତା ସ୍ତ୍ରୀ ଭାଗ୍ୟରେ ଯେଉଁ ହିନସ୍ତା ଘଟିଲା ତାହା ଆଉ କାହା ଭାଗ୍ୟରେ ଯେ ନଘଟିବ ତାହା କିଏ ବା କହିବ ? କଣ କରିବ ଆମ ଆଇନଟା ତ ସେଇଆ । ପରକୁ ଦୋଷ ଦେଇ ଲାଭ କଣ ? ଚୋରକୁ ସିଆଣିଆ କରିବାଟା ତ ଆମେ ତାଙ୍କୁ ସିଖାଇଛେ । ତେବେ ସମସ୍ତେ ସଚେତନ ନ ହେଲେ ହିନସ୍ଥା ହେବାଟା ହିଁ ସାର । ଚୋରକୁ ମାନ ମାରି ଖପରାରେ ଖୋଇଲେ କିଏ ଆଉ ଚଳିବ ? ଆପଣା ହୁସିଆରରେ ଆପେ ଚଳ । ତଣେିକି ଆଇନର ପରିବର୍ତ୍ତନ ହେଉ କି ନ ହେଉ ।

ଞ୍ଚଞ୍ଚଞ୍ଚ

କୃତି

ଏଇ ଦେଖେ ଆକାଶ ବକ୍ଷରେ .............ସେ କ'ଣ ? ଓଃ ସେହି ମହାପୁରୁଷ ମାନଙ୍କର ଚିତ୍ରନା ? ପୁଣି ଲୁଚିଗଲା ଯେ ? ନା ନା ମନର କାହିଁ ସ୍ଥିରତା ତ ଆସୁନାହିଁ । କେମିତି ବା ଆସିବ । ଏହି ବାଦଲ ଗୁଡ଼ା ଯେ ଅସ୍ଥିର ହୋଇ ଖେଳି ବୁଲୁଛନ୍ତି । କେତେବେଳେ କାହାର କେଉଁ ରୂପରେଖେ, କି ନାଟ ବା ରଚୁଛନ୍ତି, କହି ହେଉନାହିଁ । ଆକାଶଟା ବି ସେମିତି ନର୍ତ୍ତନମୟ ଦେଖାଯାଉଛି ।

କିନ୍ତୁ ଏ ପରିପର୍ତ୍ତନଶୀଳ ...................? ସେ କେହି ଚାଲିଥାନ୍ତି ।

ଆଶ୍ୱିନର ଏକ ବ୍ୟସ୍ତ ସକାଳ । ମେଘେଧାରା ବନ୍ଦ ହୋଇଯାଇଥାଏ-- ସେଦିନ । ପ୍ରାଚୀ ଦିଗ୍ ପଟରୁ ମଧ୍ୟ ଉଇଁ ଆସିଲାଣି ସୂର୍ଯ୍ୟାଲୋକ । ଖୁବ୍ ଶୀଘ୍ର ପଣ୍ଟେଟା ପିନ୍ଧିଦେଇ ବାହାରକୁ ବାହାରି ପଡ଼ିଲି । ଦୀର୍ଘଦିନ ଧରି ବର୍ଷାଟା ଲାଗି ରହିଥିବାରୁ ବାହାରକୁ ମୋଟେ ବାହାରି ପାରି ନଥିଲି । ସେଇଥି ପାଇଁ ମନଟା ଖୁବ୍ ଚଞ୍ଚଳ ହୋଇ ଉଠୁଥିଲା । କିଛି ବାଟ ଯିବାପରେ ଜାତୀୟ ରାଜ ପଥର ସୀମା ସ୍ପର୍ଶକରି ଖୁବ୍ ଆନନ୍ଦ ଅନୁଭବ କଲି । ରାଜ ପଥର ପିଚୁ ରାସ୍ତାଟା ମଧ୍ୟ ବେଶ୍ ଖୁସିଥିଲା । ଏହି ରାଜପଥ ଉପରେ କେତେଥର ଚାଲିଛି । ମୋରି ପାଦର କେତେ ଧୂଳି କଣା ତାରି ଛାତି ଉପରେ ଲାଗି ରହିଥିବ । ତାରି ଛାତି ଉପରେ ମୋର କଳା ବୁଟ୍ର ଭାରିକୁ କେତେଥର ଅଜାଡ଼ି ଦେଇ ମୁଁ ଶାନ୍ତି ଲାଭ କରିଛି । ସବୁ ଦିନିଆ ସାଙ୍ଗଏଇ ପିଚୁ ରାସ୍ତଟା । ତଥାପି ସେଦିନ କାହିଁକି ମନରେ ଲାଗିଥିଲା ନୂଆ ରକମର ଆନନ୍ଦ, ନୂଆ ଉତ୍ସାହ । ସିମେଣ୍ଟ ନିର୍ମିତ୍ତ ପୋଲର ସୀମା ଦେଖେ ଟିକିଏ ଉଚ୍ଚା ହୋଇ ଉଠି ଯାଇଥିଲା ଖୁବ୍ ଉପରକୁ । ଉଠିବା ବେଳେକୁ ଅବଶ୍ୟ ଟିକେ କେଷ୍ଟ ହେଉଥିଲା । ରାସ୍ତା ଉପରକୁ ଆସି ଉପରକୁ ଅନାଇଲି । ବାଦଲ ପ୍ରିୟ ଆକାଶ ହସି ଉଠୁଥିଲା । ପୂର୍ବ ଦିଗରୁ ସୂର୍ଯ୍ୟ ଅଳ୍ପ ଦୂରେଇ ଆସିଲଣି । ସମୟ ୮ଟା ହବେ ପ୍ରାୟ । ଗତିର ଲକ୍ଷ୍ୟ ମୋର ନିର୍ଦ୍ଦିଷ୍ଟ ନ ଥିଲା । ଇଚ୍ଛାଥିଲା କେବଳ ପ୍ରକୃତିକୁ ତିଳ ତିଳ କରି ଅନୁଭବ କରିବା ପାଇଁ । ଇଛା ହେଉଥିଲା ଚିତ୍ରମୟୀ ପ୍ରକୃତିର କୋଳ ମଧ୍ୟରେ ଯେତେ ସବୁ ଚିତ୍ର ବିଚିତ୍ର ଅଛି ସେମାନଙ୍କୁ ଘାଣ୍ଟି ସେମାନଙ୍କର ସୌନ୍ଦର୍ଯ୍ୟକୁ ଅନୁଭବ କରିବା ପାଇଁ । କିନ୍ତୁ ଚାରିଆଡ଼କୁ ଅନାଇଲି, ଟିକିଏ ଦୂରକୁ । କ'ଣ ସେଇଠି ଗୋଟାଏ ବହିଯାଉଛି । ଜଳ ସ୍ତରଟା କିନ୍ତୁ ତା'ର ବେଶ୍ ଦେଖାଯାଉଛି । ତାହାରି ପାଖକୁ ଲାଗି କେତେଟା ମୁଣ୍ଡ ନୂଆଣିଆ ଚାଳଘର । ନଡ଼ିଆ ଗଛ କେତେଟା ବି ଉପରକୁ ମୁଣ୍ଡ ଟେକିଥାନ୍ତି । ଆହୁରି କେତେ କେତେ ଗଛ ଲତା ସେଇଠି ମାଡ଼ି ଯାଇଛନ୍ତି । ଅନ୍ୟ ପଟରେ ଧାନ କିଆରୀ, ଆଖୁର ଫସଲ । ଧାନ ଗୁଡ଼ିକରୁ କେଉଁଠି କେମିତି ଗୋଟେ ଅଧେ କିଆରିରେ ଧାନ ଫୁଲ ଫୁଟିଲାଣି । ଅନ୍ୟମାନେ ସବୁଜିମାରେ ପୁର୍ଣ୍ଣେ । ଆଶ୍ୱିନ ମାସର ଆଖୁ ବି ବେଶେ ଡ଼ଙ୍ଗୋ ହୋଇଗଲାଣି । ସେହିମାନଙ୍କ ପାଖକୁଲାଗି ଅଳ୍ପ ବହୁତ କେତେ ପ୍ରକାର ଗଛସବୁ ଠିଆ ହୋଇଛନ୍ତି । ସମସ୍ତେ ନିଃଶ୍ଚଳ, ନିରୁତ୍ତର ମନେ ମନେ ଯେତେ ପ୍ରଶ୍ନ କଲି କେହି ହେଲେ ଉତ୍ତର ଦେଲେ ନାହିଁ । ବୋଧହୁଏ ବର୍ଷାର ଆତିଶଯ୍ୟରେ ସେମାନେ କାତର । ସେମାନଙ୍କ ସମ୍ବନ୍ଧରେ ବେଶି କିଛି ଚିନ୍ତା ନ କରି ସିଧା ସିଧା ବାଟ ଧରିଲି । କିଛିବାଟ ଯିବାପରେ ନାଲି ଗୋଡ଼ିର ଗୋଟିଏ ରାସ୍ତା ଆଖି ଆଗକୁ ଆସିଲା । ଆଗରେ ପାଗଳଟିଏ ପ୍ରଳାପ କରି କରି ଆସୁଥାଏ । ମଝିରେ ମଝିରେ ଉଚ୍ଚାଟ ହସ ମଧ୍ୟରେ ମଜି ଯାଉଥାଏ । ପୁଣି କେତେବେଳେ ନୀରବ ରହି ଗତି ବୃଦ୍ଧି କରୁଥାଏ । ଆଖି ଆଗରେ ତା'କୁ ଦେଖି କିଛି ସମୟ ଅପେକ୍ଷାକରି ରହିଲି । ପୁଣି କ'ଣ ଗୁଡ଼ାଏ ଚିନ୍ତା ମୁଣ୍ଡକୁ ଆସିଲା କେଜାଣି, ଆଗକୁ ଚାଲିବାକୁ ଆରମ୍ଭ କଲି । କିଛିବାଟ ଗଲାପରେ ଚାଳ ଘରଟିଏ ଦ୍ୱାର ଖୋଲା ହୋଇଥାଏ । ଦେଖିଲି ଜଣେ ଯୁବକ ଖଟ ଉପରେ ବସି ଏକ ଲୟରେ ଆକାଶକୁ ଚାହିଁଛନ୍ତି । ସାମାନ୍ୟ ସୁସ୍ଥ କିନ୍ତୁ ଗରିବ ଭଳି ଜଣାଯାଉଥାନ୍ତି ସେ । ଚିହ୍ନିବାକୁ ଚେଷ୍ଟାକଲି ସେ ମୋର ଜଣେ ବନ୍ଧୁ ।

ରାସ୍ତାରେ ଛିଡ଼ାହୋଇ ଡ଼ାକିଲି । ଉତ୍ତର ଦେଲେ, ସେ ମୋ ପଟକୁ ମୁହଁ ବୁଲାଇ । ଘର ଭିତରକୁ ଯିବାପାଇଁ ପୁଣି ଇସାରା ଦେଲେ । ମୁହଁରେ ତାଙ୍କର ଫୁଟି ଉଠୁଥିଲା ସ୍ମିତ ହାସ, କିନ୍ତୁ ଭାବ ରଞ୍ଜକ । କ'ଣ ଚିନ୍ତାମଗ୍ନ ଅଛନ୍ତି କି ? ପ୍ରଶ୍ନକଲି କିନ୍ତୁ

ମ ୋର ପ୍ରଶ୍ନ ତାଙ୍କର ଭାବ ପ୍ରବଣତାରେ ବାଧା ଦଇେ ପାରିଲା ନାହିଁ । ମନ େମନ େହସି ନଲେି ଗୁଡ଼ାଏ । ଭାବିଲି କବି ଓ ଭାବୁକ ମାନ େତ ଏହି ଭାବ ପ୍ରବଣତାର ଗ ୋଟାଏ ଖିଆଲି ପଛରେ ଲାଗି ରହିଥାନ୍ତି । ବୈଜ୍ଞାନିକମାନ େପିମ୍ପୁଡ଼ିକୁ ରଳେ ଗାଡ଼ି ସହିତ ତୁଳନା କରନ୍ତି ଆଉ ପୁଷ୍କରଣୀକୁ ହ୍ରଦ ସହିତ । କବେେ ସାଧାରଣ ଲ ୋକ େଯଦି ସହେି ଖିଆଲ ପଛରେ ଲାଗି ରହିଥାନ୍ତି କ୍ଷତି କ'ଣ ?

କିଛି ସମୟ ପାଇଁ ମୁଁ ଏକ ନୀରବ ରାଜ୍ୟ ମଧ୍ୟଭାଗ ଦଇେ ଗତି କଲି । ବନ୍ଧୁଙ୍କର ଏ ନୀରବତାରେ କୌଣସି ପ୍ରକାର ପରିବର୍ତ୍ତନ ନ ଦଖେି ତାଙ୍କୁ ହଲାଇ ଦଇେ ଟିକ େହସିଦଲେି । ଭାବିଲି ବ ୋଧ ହୁଏ ବଂଧୁ ନିଦଇେ ଗଲଣେି । କିନ୍ତୁ ହଠାତ୍ ସ େକ'ଣ ଗୁଡ଼ାଏ ଏକ ବିସ୍ଫ ୋରଣ ଭଳି ବକିଗଲ େ। ଏଇ ଦଖେ ଆକାଶ ବକ୍ଷରେ .......... ପରିବର୍ତ୍ତନଶୀଳ । ଆହୁରି ସ େକହିଚାଲିଥାନ୍ତି -- ଏଇ ଦଖେ ! ଆକାଶ ବକ୍ଷରେ କେତେ ନୋଲି, ନଳେି ଧଳା ବାଦଲ । କାହିଁକି ସମୋନ େଏମିତି ମନ ଖୁସିରେ ନାଚି ବୁଲୁଛନ୍ତି । ନାଁ ନାଁ ମ ୋତ େଏଗୁଡ଼ା ଭଲ ଲାଗୁନାହିଁ । ସବୁବଳେ େସମୋନ େପରିବର୍ତ୍ତନଶୀଳ? ଭାବିଲି -- ବ ୋଧହୁଏ ତାଙ୍କରି ଆଳାପ ମ ୋର ନିଦ୍ରେଶନା ନିମନ୍ତ େଅଟକି ଗଲା । କିନ୍ତୁ ଏ ଆଳାପ ଠିକ୍ ମ ୋତ େପ୍ରଳାପ ପରି ବ ୋଧ ହଉେଥିଲା । ତାଙ୍କୁ କହିଲି -- ଏ ଦୁନିଆଟା ଏମିତି ପରିବର୍ତ୍ତନଶୀଳ , ପରିବର୍ତ୍ତନ ଏହାର ବିଧି, ପରିବର୍ତ୍ତନ ପାଇଁ ସ େକେବଳ ବଞ୍ଚିରହିଛି । ନ ହଲେ େପ୍ରକୃତି ବଞ୍ଚିରହିବ କମେିତି? ସ େବାଧା ଦଇେ କହିଲ େନାହିଁ-- ହଁ ,ଠକ୍ କହିଛ ବଂଧୁ, ଏଗୁଡ଼ାକ ସବୁ ପରିବର୍ତ୍ତନଶୀଳ, ପରିବର୍ତ୍ତନ ଏମାନଙ୍କର ବିଧି-- ପଞ୍ଚବିଧାନ । ତା ନହଲେ େବାଦାନୁବାଦର ସୃଷ୍ଟି ହ ୋଇଥାନ୍ତା କିପରି , ସଇେଠି କିପରି ଲୁଚିରହିଥାନ୍ତା ଅନନ୍ତ ମହାଶକ୍ତିର ଅଜୟେ ପରାକ୍ରମ, ମଧୁର ସୃଜନ, ବିଭସ୍ର ସଂହାର ?

ହ ୋଃ, ହ ୋ, ହ ୋ -ଭାସି ଆସିଲା ପବନ ବକ୍ଷରେ ଏକ ଭବ୍ୟ ହାସ୍ୟ ର ୋଳ । ସହେି ପାଗଳଟିର ଉଚ୍ଚହସ ସହିତ ବ ୋଧହୁଏ ପୁଣି ଏକ, ଦୁଇ, ତିନି ଅନକେ କଣ୍ଠର ହାସ୍ୟ ର ୋଳ -- କୌତୁକମୟ ହାସ୍ୟର ୋଳ । କେତେଟୋ ବୁଲା କୁକୁର ବି ଭୁକି ଉଠିଲ େ, ପୁଣି ନିକଟଇେ ଆସିଲା କେତେ ୋଟି ଜୀବ କଣ୍ଠର ନାଦ, ପ୍ରତିନାଦ, ଆର୍ତ୍ତନାଦ । ପାଗଳଟି କାନ୍ଦି କାନ୍ଦି ଆଖିର ଲୁହକୁ ଢ଼ାଳି ଦଉେଛି । ବଂଧୁ ଦ୍ୱାର ଦଶେକୁ ଉଠି ଆସିଲ େ। ମୁଁ ବି ଉଠି ଆସିଲି । ରୁଦ୍ଧ କଣ୍ଠରେ କାନ୍ଦି ଯାଉଛି ପାଗଳଟି । ପାଗଳ-- ଯଉେଁ ପାଗଳଟିକୁ ମୁଁ ବାଟରେ ଦେଖିଥିଲି, ନଗ୍ନ ଭକେର ମଣିଷ । ମୁଣ୍ଡର ଝାଳ ଜମା ହଇେଛି । ଦହେର ଚମଡ଼ା ଶୁଖି ଯାଇଛି । ଝାଡ଼ିଦଲେ େମଲାଚମ ସବୁ ବାହାରି ଆସିବ ଦହେରୁ । ହାତରେ ଗ ୋଟାଏ ଭଙ୍ଗା ହାଣ୍ଡି । ସଥେିରେ ଗଣ୍ଡିଏ ଭାତ । ପିଲାଗୁଡ଼ାଏ ନାଚି କୁଦି ଟକୋ ପଥର ଫିଙ୍ଗୁଥାନ୍ତି । ନାଟ ତାମସା କରୁଥାନ୍ତି । କେତେ ଯେ କ'ଣ ସମୋନ େହସି ହସି କହି ଯାଉଥାନ୍ତି । ସଥେିରେ ସମୋନ େପାଉଥାନ୍ତି ଆନନ୍ଦ । କାଳିଆ କାଞ୍ଚିଆ କୁକୁର ଗୁଡ଼ାଏ ପଛରେ ଗ ୋଡ଼ାଉଥାନ୍ତି । ସମୋନବେି ସଥେିରୁ ପାଉଥାନ୍ତି ଆନନ୍ଦ । ଗ ୋଟିଏ ମନରେ ଦୁଃଖ ,ଅନ୍ୟ ମନରେ ସୁଖ । ଜଣେ ଅନ୍ୟକୁ ଦୁଃଖ ଦଇେ ଆନନ୍ଦ ପାଇବାରେ ଲ ୋଟି ଯାଉଥାନ୍ତି । ଏହି ତ ଏ ଦୁନିଆର ପରିବର୍ତ୍ତନଶୀଳ ନୀତି । ବଂଧୁ ସାମାନ୍ୟ ହସୁଥିଲ େକିନ୍ତୁ ସ େହସରେ ନଥିଲା ହସର ପ୍ରକୃତ ମିଠାସ ।

ସ୍ୱ ସ୍ଥାନକୁ ଫରେି ଆସିଲୁ । ସ େକହିଲ େ- ହଁ, ଠିକ କହିଥିଲ ତୁମ୍ଭ େ। ବାସ୍ତବିକ ଏ ଜଗତଟା ପରିବର୍ତ୍ତନଶୀଳ, ଜୀବନଟା ମଧ୍ୟ । ଦୁନିଆର ଅବସ୍ଥିତିକୁ ହୃଦୟଙ୍ଗମ କରିବା ଜୀବ ଜଗତର ଅସାଧ୍ୟ । ସ େନିରାକାର ପରମ ବ୍ରହ୍ମଙ୍କର ଅଧିନା ତାଙ୍କର କୃପା ଲାଭକରି କିଏ ଭାଗ୍ୟବାନ, ତା ପାଇଁ ଶୁଭ୍ର ସଜ୍ଜିତ ବାସଗୃହ, ସମ୍ମାନର ମହାପାରାବାର । ଆଉକିଏ ତାଙ୍କ କୃପା ବିନା ଦରିଦ୍ର ଭିକାରୀ, ପାଗଳ । ପୁଣି ତାଙ୍କରି ଖିଆଲରେ କିଏ ଦସ୍ୟୁ, ଦୁର୍ବୃତ୍ତ, ପାପୀ, ଅଧମ, ସବୁକିଛି ତାଙ୍କରି କର୍ମ । ଲୁହ ଟ ୋପା ଝରି ଆସିଲା ତାଙ୍କର ଚକ୍ଷୁ ଦ୍ୱୟରୁ । ସ େଖୁବ୍ ଗରିବ ବ ୋଧ େ। ସଇେଥିପାଇଁ ତାଙ୍କ ମନରେ ଲାଗିଥିଲା ଗଭୀର କ୍ଷତ । ମୁଁ ତାଙ୍କୁ କହିଲି ଏମିତି ଏ ପୃଥିବୀଟା -- ଏମିତି ବିଭସ,ô ଏମିତି ଦୁର୍ଦ୍ଦମ, ଦୁର୍ଦ୍ଦଶ-- ଏଥିରେ ଦୁଃଖ କରିବାର କ'ଣ ଅଛି ? ଶତ ଶତ ବାଧା ବିଘ୍ନକୁ ମଣିଷ ଭ୍ରୂକ୍ଷପେ ନ କରି ପୁଣି ତ ବଞ୍ଚିରହିବାର ଚଷ୍ଟୋ କରିଛି । ଯଦି ମଣିଷ ଶ୍ରଷ୍ଠେ ସଂଗ୍ରାମୀ ଜୀବ ଏବଂ ସଂଗ୍ରାମ

ଆମର ଚିରବଂଧୁ ହୋଇଥାଏ ତବେ ଆମେ ତାକୁ ଡ଼ରିଯାଇ ପଛଘୁଞ୍ଚା ଦଲେ କି ଚଳିବ ?ତବେ ବଞ୍ଚିରହିବାର ମଧୁରତାକୁ ଅନୁଭବ କରିବା କେମିତି ? ସଂଗ୍ରାମୀ ମନରେ ଥାଏ ସିନା ଆନନ୍ଦ, ପ୍ରାଣରେ ତୃପ୍ତି, ଅନନ୍ତ ଶକ୍ତିର ଆଶୀର୍ବାଦ l ସବୁକିଛି ପରମ ପିତାଙ୍କର ଚରମ ସୃଜନ l ଏହାରି ମଧ୍ୟରେ ବୁଡ଼ି ରହିଛି ଭଗବାନଙ୍କର 'କୃତି' l

ଭାଗ୍ୟ

ଜହ୍ନ ରାତିର କୋମଳ ପରଦା ତଳେ ଫୁଲି ଉଠୁଥିଲା ଶସ୍ୟ ମାଳର ଶୋଭା l ଦୂରନ୍ତ ବାଦଲ ମାଳ ଖୋଜି ବୁଲୁଥିଲେ ନୀଳ ସାମ୍ରାଜ୍ୟର ଶ୍ରେଷ୍ଠ ଅତିଥି ଚାନ୍ଦ l ଗ୍ରାମ ପ୍ରାନ୍ତରର ଝଙ୍କାଳିଆ ବରଗଛ କୋରଡ଼ରେ ଡ଼ାହାଣୀର ବିକଳାଙ୍ଗ ପ୍ରତିମୂର୍ତ୍ତି ମଧ୍ୟ ଲୁଚି ଲୁଚି ଝାମ୍ପ ଦଉଥିବ କେଉଁ ନିଦ୍ରିତ ଶିଶୁର ମନ ତନ୍ତ୍ରୀରେ l ସେଇଠିବି ଗୃଧ୍ର ପକ୍ଷୀର ବିଭତ୍ସ ଚିତ୍କାର ଚାତକର ଦରଦୀ କାକଳି l ଗାଁ ମଝିରେ ଲିମ୍ବ, ତନ୍ତେୁଳିର ଡ଼ାଳ କେତେ ନଇଁ ପଡ଼ିଛନ୍ତି ମାଟି ଉପରକୁ l ସେଇ ମାନଙ୍କ ତଳେ ଅଣ ନିଃଶ୍ୱାସୀ ହୋଇ ଲୁଚି ଯାଇଛି ଗାଁ ରାସ୍ତା l ଗଛ ଛାଇରେ ଡାÿଙ୍କି ହୋଇପଡ଼ିଛି ସେ l ସତେ ଯେପରି ଅନ୍ଧକାର ଚକ୍ରାଲୋକର ତାଡ଼ନାରେ ଭୟ କାତର ହୋଇ ଆତ୍ମ ଗୋପନ କରିଛି ସେଇଠି l ଗାଁ ମୁଣ୍ଡର ବ୍ରାହ୍ମଣ ଶାସନ l ତାହାପରେ ବଢ଼େଇ ,ଭଣ୍ଡାରୀ, ଧୋବା କ୍ରମାନ୍ୱୟରେ l ସମସ୍ତଙ୍କ ପରେ ଡ଼ମ ସାହି- ଏମାନଙ୍କ ଠାରୁ ୧୦/୧୫ କିଆରୀ ଦୂରରେ l ସମୋନେ ଜାତିରେ ଡ଼ମ- ଅଛୁଁଆଁ l ଏମାନଙ୍କ ପାଖରେ ରହିବେ କେମିତି ? କାଳିଆ କାଳିଆ ମଳି ମସିହା ଦହେର ଲୋକେ -- ଏଇ ଡ଼ମ ଜାତି ଦୂରରେ ମୁଣ୍ଡ ନୁଆଁଣିଆ ପଲ୍ଲୀରେ ବାସକରନ୍ତି l ପାଖରେ ଶ୍ମଶାନ, ଦଳ ନର୍ଦ୍ଦମାର ଗଡ଼ିଆ l କିନ୍ତୁ ବ୍ରାହ୍ମଣ ସାହିରେ ପକ୍କା କୂଅ, ମହାଦବେଙ୍କ ମନ୍ଦିର, ପାଠାଗାର, ବିଦ୍ୟାଳୟ- ଗାଁର ସବୁକିଛି l ପାଖରେ ପରିଷ୍କାର ପଡ଼ିଆ, ଧାନର ସୁନା କ୍ଷେତେ ରସାଳିଆ ଆଖୁ- ସବୁ ଏହି ବ୍ରାହ୍ମଣ ମାନଙ୍କର -ଏଇ ଡ଼ମ ମାନଙ୍କ ମୁଣ୍ଡ ଝାଳରେ ତିଆରି l ତାହାରି ପଛକୁ ଧୂସର ଦିଗନ୍ତ- ଅର୍ଥହୀନ ରାକ୍ଷସ l

ପଚାସଢ଼ା ନର୍ଦ୍ଦମାରେ ରହିଲେ ମଧ୍ୟ, ଦହେର ରୂପ କାଳିଆ ହଲେେ ମଧ୍ୟ ଅନ୍ତର ସମୋନଙ୍କର ପରିଷ୍କାର, ପବିତ୍ର l ସମୋନଙ୍କର ନାହିଁ ଜୀବନର ଆବିଳତା, ବଡ଼ ହବୋର ମୋହ, ବଞ୍ଚିରହିବାର କୌତୁହଳ ଅବା ମଣିଷକୁ ଘୃଣା l ଚିରଦିନ ପାଇଁ ସମୋନେ ଅନ୍ୟଦ୍ୱାରା ଲାି,ତ, ନିସ୍ପସେିତ, ତାଙ୍କରି ଉପରେ ଦଳିତ ଜୀବନର ଶ୍ରେଷ୍ଠ ଅଭିସାର l ଯୁଗ ଯୁଗ ଧରି ପରର ଉପକାର କରିଛନ୍ତି l ମୁଣ୍ଡଝାଳ ତୁଣ୍ଡରେ ଦେଇ ଅନ୍ୟମାନଙ୍କ କିଆରୀରେ ଖେଳାେଇଛନ୍ତି ହସର ଜୁଆର l ମାଟି ପଥରରେ ନିଜର ମାଟି ଦହେକୁ ମିଶାଇ ତୋଳିଛନ୍ତି ନଭଶ୍ଚୁମ୍ଭୀ ଅଟ୍ଟାଳିକା l ତାଙ୍କରି ରକ୍ତ ମାଂସରେ ଗଢ଼ାହୋଇଛି ଜାତିର ଗର୍ୌରବ, ସମାଜର ଅହମିକା, ବିଜ୍ଞାନର ଗର୍ବ ତଥାପି ଖାଇବାକୁ ମୁଠେ ଭାତ, ଖଣ୍ଡେ ରୁଟି କି ପିନ୍ଧିବାକୁ ଖଣ୍ଡେ ଲୁଗା, ରହିବାକୁ ମିଳନାେ ଖଣ୍ଡେ ଛପର l ଯୁଗପରେ ଯୁଗ ବିତି ଯାଇଛି ସମୟର ଗତି ଆତ୍ମଗୋପନ କରିଛି କେଉଁ ଅଜଣା ବସ୍ତୁର ଅନ୍ତରାଳରେ l ତଥାପି ଦୁନିଆଁରେ ବଞ୍ଚିରହିଛି ଦଳିତ ସମାଜ l ଗଣ୍ଡେ ଅଧେ ଖାଇବାକୁ ନପାଇ କେଉଁଠି କେତେ ମରି ହଜି ଯାଇଛନ୍ତି l ରହିବାକୁ ଖଣ୍ଡେ ଘର ନପାଇ ଦହଗଞ୍ଜ ହୋଇଛନ୍ତି l ଖଣ୍ଡେ ପିନ୍ଧିବାକୁ ନ ପାଇ ନିଜର ମୁଣ୍ଡ ଉପରେ ଅଭିଶାପର ବଜ୍ର ଢ଼ାଳି ଦଇେଛନ୍ତି l ଆଖିରୁ ବୁହାଇଛନ୍ତି ଲୁହ l କିନ୍ତୁ ସେ ନୀରବ ନିଷ୍ପନ୍ଦ ଲୁହର ଅର୍ଥ ବୁଝିବାକୁ କହେି କବେେ ଚଷ୍ଟୋ କରିନାହିଁ l ସମସ୍ତେ ସେ ନୀରବ ଅର୍ଥପୂର୍ଣ୍ଣ ଲୁହର ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ହସି ହସି ପାଦତଳେ ଦଳି ଦଇେ ଚାବୁକରେ ରକ୍ତ ମଶାଲରେ ଦେଖିଛନ୍ତି ଦୁର୍ଦ୍ଦଶ ଦୁର୍ଦ୍ଦମନୀୟତାର ଅଧିର ଭର୍ୈବୀ l ବାଗୁର ମନରେ ଆଜି କେତେ ଆନନ୍ଦ l କେତେ ସାହସ, କେତେ

ଉଦ୍ଦୀପନା ତା'ର ମନ ଗହୀରରେ କେତେ ବର୍ଷପରେ ପୁଞ୍ଜିଭୂତ ହୋଇଥିଲ, ଯଉେଁଦିନ ସେ ପାଇଥିଲା ଅନ୍ୟ ଗୋଟିଏ ହୃଦୟର ଅଭିନନ୍ଦନ -- ତା'ର ପତôୀ l

ଛୁଆବେଳେ ବାପା ତା'ର ମରିଗଲେ ସନ୍ନିପାତରେ ମା କୋଳରେ ମୁହଁ ପୂରାଇ ସେ କେତେ କାନ୍ଦିଥିଲା । ଆଖି ଲୁହକୁ ହାତରେ ଅଟକାଇ ଅଦୃଷ୍ଟ ଶକ୍ତିକୁ କେତେ ଜୁହାର କରି ମାଗି ଥିଲା ତାର ବାପାକୁ ଫେରାଇ ଦେବା ପାଇଁ । କିନ୍ତୁ କିଛି ଲାଭ ହେଲା ନାହିଁ । ଶ୍ମଶାନର ମାଟି ଦେହରେ ସେ ପୋଡ଼ିହୋଇ ମିଶିଗଲା । ମା'ର ଦେହକୁ ଜାବୁଡ଼ିଧରି ବୁହାଇଥିଲା କେତେ ଅଶ୍ରୁଧାର । ମା'ର ଦରଦୀ ଚୁମାରେ ସେ ପୁଣି ହରାଇ ଥିଲା ସବୁ ଦୁଃଖ । ମା ତା'ର ନିଜ ପେଟକୁ ଶୁଖାଇ ବଞ୍ଚାଇ ରଖିଥିଲା ପିଲାଟିକୁ । ସାହି ଛୁଆଙ୍କ ସାଙ୍ଗରେ ଖେଳିବାକୁ ଯାଇଥିଲା ଦିନେ । ସଂନ୍ଧ୍ୟା ଆସିଲା ସୂର୍ଯ୍ୟ ଅସ୍ତାଚଳରେ ନେଲେ ଆଶ୍ରୟ । ଶିତୁଆ ରାତିର କମ୍ପନ ଦେହକୁ ଥରାଇଥିଲା । ଢ଼େରେ ରାତିରେ ଘରକୁ ଫେରି ଦେଖିଲା ଘରେ ମା ନାହିଁ । କାନ୍ଦି କାନ୍ଦି ଲୋଟି ପଡ଼ିଲା । ନିଦ କେତେବେଳେ ଆସି ତାକୁ ଢ଼ଙ୍କାଇ ଦେଲା ସେ ଜାଣେନାହିଁ । ରାତି ପାହିଛି । ସୂର୍ଯ୍ୟ ରଶ୍ମିରେ ଭରପୂର ହାଇଛି ପୃଥିବୀ । ଉଠି ଦେଖେ ତ ତାର ଚାରିପଟେ ଲୋକ ଜମା ହୋଇଛନ୍ତି । ସମସ୍ତଙ୍କ ମୁଖରେ ହାୟ ହାୟ କିଏ କହୁଛି ଛଉଣ୍ଡ ପିଲାଟା ହନ୍ତ ସନ୍ତ ହେବ । କିଏ କହେ ମା' ଟା କେମିତି ଛାଡ଼ିଗଲା । ପୁଣି କିଏ କହେ ତା ମା' ନନ୍ଦ ବୁଢ଼ା ସାଙ୍ଗରେ ତ ପାଟି କରୁଥିଲା, ତାଙ୍କର କାରସାଦି ଏ ହୋଇଥିବ । କାହାରି କଥାର ଅର୍ଥ ସେ ବୁଝି ପାରି ନଥିଲା । ସେଦିନ ନୀରବରେ ଘରୁ ବାହାରି ଆସିଥିଲା । ଯାହା ଦେଖିଥିଲା ସେଇଥିରେ ତାହାର ମନ ଦ୍ରବୀଭୂତ ହୋଇଥିଲା । ମା'ର ରକ୍ତାକ୍ତ ଶରୀର ଘର ଆଗରେ ଲୋଟି ଯାଇଛି ।ବୁଝିପାରି ନଥିଲା କିଛି । କେଉଁଣେସି ବାଟ ଦେଖିପାରି ନଥିଲା ସେ । ଚାରି ଆଡ଼କୁ ଅନାଇ ଦେଖିଲା କେବଳ ହତାଶାର ଚିହ୍ନ ।

ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ଚେଷ୍ଟା କରିଛି । ପର ଓଳିରେ କାମ କରି ମୁଠେ ଖାଇବା ପାଇଁ ହାତ ପାତିଛି । ସେଇଥିରେ ସେ ବଞ୍ଚାଇଛି ନିଜର ଜୀବନକୁଟାକୁ । ବଡ଼ ହୋଇଛି ସେ- ଖୁବ୍ ବଡ଼ ହୋଇଛି । ବାହା ହେବାର ବୟସରେ ଉପନୀତ ହୋଇଛି --ଥିବାରୁ । ଦେହରେ ବି ଜାଗିଛି ରୋମାଳିର ଚେତନା । ମନର ଘୁମନ୍ତ ରାଜ୍ୟରେ ସେ ଦେଖିଛି ଦୂରନ୍ତ ସ୍ୱପ୍ନର ଆଦିକଥା । କିନ୍ତୁ କିଏ ଦେବେ ତାକୁ ଝିଅ? ସମାଜର କେଉଁ ହତଭାଗିନୀର ହାତକୁ ଏ ହତଭାଗାର ହାତରେ କିଏ ଛନ୍ଦି ଦେବେ? ବାପା ନାହିଁ, ମା ନାହିଁ, ମୁଣ୍ଡ ଗୁଞ୍ଜିବାକୁ ଛୋଟ ଘର ଖଣ୍ଡିଏ- ଭାଙ୍ଗି ପଡ଼ିଲାଣି । ପର ଓଳିରେ କାମ କରି ବି ପେଟ ପୁରେ ନାହିଁ । ମୁରବୀ ବିହୀନ ଏଇ ବାରୁ । ତାହାରି ପାଖରେ ସମାଜର ବ୍ୟବଚ୍ଛେଦ । ପିତୃ ମାତୃହୀନ ବୋଲି ସେ ସମାଜର ବ୍ୟତିକ୍ରମ । ସମସ୍ତଙ୍କ ପାଖରେ ହେୟର ବସ୍ତୁ । ଦୁଃଖ ଦାରିଦ୍ର୍ୟର ବନ୍ଧନ ତା'ରି ଭାଗ୍ୟରେ ଲେଖା ।

କେତେ ଯେ ଫଗୁଣ ଗୀତଗାଇ ନାଚି ନାଚି ଚାଲି ଯାଇଛି । ବସନ୍ତର ମୃଦୁ ସ୍ପର୍ଶରେ ବାସନ୍ତୀ ଧରଣୀ ହସି ହସି ଫାଟି ପଡ଼ିଛି । ଆମ୍ବ ବୃକ୍ଷର ମାଳେ ମାଳେ ଝୁଲି ଯାଇଛି ଆମ୍ବ ବଉଳର ବେଣୀ । ପଳାଶ ବୃକ୍ଷର ଅଳିକନ୍ଦିରେ ଖେଳି ଯାଇଛି ସିନ୍ଦୂର ରଙ୍ଗର ସତୃପ୍ତ ସ୍ପନ୍ଦନ । ସେଇଠିକି ଆଗେଇ ଆସିଛି ଆକାଶ ବଉଦର ପୁଷ୍ପାଞ୍ଜଳୀ ନେଇ । କିନ୍ତୁ କେହି ତା ମନର କଥା ଶୁଣି ନାହାଁନ୍ତି, କେହି ବୁଝି ନାହାଁନ୍ତି ତା ଅନ୍ତରର କୋହ । ସବୁ ଗୋଟି ଗୋଟି ହୋଇ ଦୂରେଇଯାଇ ଥିଲେ, ଆକାଶ ଯେଉଁଠି ମିଶିଛି ସେଇଠିକି ।ବାପା, ମା ମନ ଭିତରକୁ ଆସି ଝରାଇ ଦେଇ ଯାଇଛନ୍ତି କେତେ ଟୋପା ଅଶ୍ରୁ, ମନରେ ଉଠାଇଛନ୍ତି କୋହ । ଗରିବ ସମାଜର ବନ୍ଧୁ ଏହି ଲୁହ -- ଦୁଃଖ ସମୟର ସାଥି ।

ସେହି ବର୍ଷ ଖରାରେ ଗଛପତ୍ର ପୋଡ଼ିଯାଇ ଥାଏ । ଚଇତ ମାସରୁ ବି ଖରାର ତାପ ସହି ହେଉ ନଥାଏ । ଏଇମିତି ଆଗରୁ କେତେଥର ରୌଦ୍ର ଧରିତ୍ରୀକୁ ଅଧୁରା କରିଥିବ । କିନ୍ତୁ ସେଥିରେ କ'ଣ ମଣିଷ ହଟି ଯାଇଛି ? ସେ ହାର ଜିତ୍‌କୁ ପସନ୍ଦ କରେ । ସଂଗ୍ରାମୀ ମନୋବୃତ୍ତିର ମଣିଷ ଏ ଖରା ସହିତ ଖୁବ୍ ଲଢ଼ିଥିଲା । ବିଲରୁ ହଳ କରି ଆସୁଥାଏ ବାରୁ । ଆର ଗାଁର ଗହୀର ଜମି ଢ଼େରେ ବାଟ ଯାଏଁ ଲମ୍ବି ଯାଇଥିଲା । ତାହାରି ପଛକୁ ଆମ୍ବତୋଟା । ସେହି ଆମ୍ବତୋଟାରେ ବାଟ ପଡ଼ିଛି ଏଁ ଗାଁକୁ । ଆମ୍ବ ପଡ଼ିଲାଣି । କେଉଁଠି କୁଆ, କୋଇଲିଟାଏ ବସି ଆମ୍ବ ଖାଉଛନ୍ତି । ଗଛର ବୁଢ଼ା ପତ୍ର ଗୁଡ଼ିକ ଖସି ପଡୁଛି । ପୁଣି ସେହିମାନଙ୍କ ସ୍ଥାନରେ ଅଧିକାରୀ ହୋଇ

ନୂଆ ନୂଆ ପତ୍ର ମୁଣ୍ଡ ଟେକୁଛନ୍ତି । ମନରେ ସେମାନଙ୍କର ଅପୂର୍ବ ଆନନ୍ଦ । ଅପୂର୍ବ ସାହସ ଭରସା ନେଇ ଗଢ଼ି ଉଠିଛନ୍ତି ନୂଆ ରଙ୍ଗରେ । ପାଖ ଗାଁରୁ କିଏ କେମିତ ଆସନ୍ତି ଏପଟକୁ ପତ୍ର ସଂଗ୍ରହ କରିବା ପାଇଁ । ସେଦିନ ସେ ଗାଁର ଝିଅ ଅମ୍ବି ବି ଆସିଥିଲା ପତ୍ର ଖରିକିବାକୁ । ଦକ୍ଷିଣ-ଆକାଶରୁ ବିଛେଇ ହୋଇ ପଡ଼ିଥିଲା ସୂର୍ଯ୍ୟଲୋକ । ଅନାଇ ହେଉ ନଥିଲା ଆକାଶକୁ । କଡ଼େ ଚାଇଁ ଚାଇଁଆଁ ଖରାଟାଏ ସତେ । ବୃକ୍ଷ ଶାଖାର ତଳେ କୋଇଲିଟାଏ ବସି କ'ଣ ଗୁଡ଼ାଏ ଅବୋଧ୍ୟ ଗୀତ ଗାଉଥାଏ । କୁଆଟାଏ ମଧ୍ୟ ଏ ଡ଼ାଳରୁ ସେ ଡ଼ାଳକୁ ଉଡ଼ି ଉଡ଼ି ବୋବାଉ ଥାଏ । ସତକେି ଗୋଟାଏ ଘଟଣା ଘଟିଯିବ । ସେଇଥି ପାଇଁ ବ୍ୟଗ୍ର ଏହି ପକ୍ଷୀମାନେ । ପତ୍ର ଖରକି ଖରକି ଅଣ୍ଟା ବିନ୍ଧିଲାଣି । ସଳଖ ହୋଇ ଛିଡ଼ା ହେଲା ଅମ୍ବୀ । ଦୀର୍ଘ ନିଃଶ୍ୱାଶଟାଏ ପକାଇଲା ସେ । ସକାଳ ପହରୁ ପତର ଖରୁକୁଛି । ଦେହେପ୍ରତି ନଜର ନାହିଁ । ପଶ୍ଚିମ ଦିଗକୁ ଅନାଇଲା, କିଏ ଗୋଟାଏ ହଳୁଆ ଆସୁଛି । ଆଗରେ ବେଳଦ ହଲି ହଲି ଚାଲୁଛନ୍ତି । କଅଁଳିଆ ସ୍ୱରର ଲହରୀ ଛୁଟି ଆସୁଛି ସେଇଠୁଁ । ମନରେ ହେଳୁଆଟିର ଅହେତୁକ ଆନନ୍ଦ । ସତେ ଯେପେରି ମୁଣ୍ଡ ହଲାଇ ଗୀତ ଗାଇବାରେ ସେ ପାଉଛି ତା'ର ଜୀବନରେ ଅଭୂତପୂର୍ବ ତୃପ୍ତି । ଭଲକରି ଅନାଇଲା ଅମ୍ବୀ - ଖରା ତରାସିଆରେ ସ୍ପଷ୍ଟ ଚିହ୍ନି ହେଉନଥାଏ । କ୍ରମେ ନିକଟରେ ଆସିଲା ଲୋକଟି । ଆରେ, ଏ ତ ବାରୁଭାଇ! ବାପା ମା ତା'ର ପିଲା ଦିନରୁ କହେି ନାହାଁନ୍ତି ବୋଲି କହେି ତା'କୁ ଝିଅ ଦେଉନାହାଁନ୍ତି । ସେ ହୋଇଛି ସମାଜର ଜଣେ ନିକୃଷ୍ଟ ନଗଣ୍ୟ । ସେ ପିଲାଦିନୁ ମୁରବୀହୀନ । ସେଇଥି ପାଇଁ ତା'ର ମର୍ଯ୍ୟାଦା ହୀନ ହୋଇ ପଡ଼ିଛି ଆଜି ଲୋକ ମାନଙ୍କ ଆଗରେ କାହିଁକି ? ସେ କ'ଣ ତା'ର ଭାଗ୍ୟକୁ ନିଜ ହାତରେ ଲେଖେଇ ଆସିଥିଲା ? ନାଁ ସମାଜର କ୍ଷତି ହେଲାଭଳି କିଛି କାର୍ଯ୍ୟ କରିଛି ? ଯେଉଁମାନେ ଗରିବ ମାନଙ୍କ ତଣ୍ଟିଚିପି ସେମାନଙ୍କ ରକ୍ତ ମାଂସରେ ଧନୀ ବୋଲାଉଛନ୍ତ, ଶ୍ରେଷ୍ଠ ଲୋକ ବୋଲି ଗର୍ବ କରନ୍ତି ସେମାନଙ୍କୁ ମର୍ଯ୍ୟଦା ବାନ୍ ହିସାବରେ ଧରି ନିଆଯାଏ । କିନ୍ତୁ ଯିଏ ନିଜର ମୁଣ୍ଡଝାଳ ତୁଣ୍ଡରେ ମାରି ପର ପାଇଁ ଖଟି ଖଟି ମାଟି ପଟେରେ ସଢ଼ିଯାଏ, ସେ ହେବେ ଅଛୁଁଆ ନିର୍ଯ୍ୟାତିତ, ନିଷ୍ପେଷିତ, ଅପମାନିତ, ତାଙ୍କେରି ମାନ ସମ୍ମାନ ହେବ ଭୂଲୁଣ୍ଠିତ । ସେ ହେବେ ଦଳିତ ଜୀବନର ଶ୍ରେଷ୍ଠ ସୂଚକ । ନାଁ ନାଁ ସେ ଏ ଅନ୍ୟାୟକୁ ବରଦାସ୍ତ କରିପାରିବ ନାହିଁ । ସେ ବାରୁକୁ ବର ରୂପେ ବରଣ କରିନେବ । ସମାଜର ଯିଏ ଘୃଣ୍ୟ ଅପମାନିତ ସେ ହେବେ ତାର ପ୍ରାଣ କେନ୍ଦ୍ରର ଶ୍ରେଷ୍ଠ ଅତିଥି । ମନର କଥା ସେଇଠି ଝୁଣ୍ଟି ପଡ଼ିଲା । ସତେ ଯେପେରି ସେ କ'ଣ ଗୋଟାଏ ଭୂଲକରି ଦେଇଛି । କ'ଣ ଗୁଡ଼ାଏ ଚିନ୍ତା କରି ପକାଇଲା । ସେ ପ୍ରକୃତରେ କ'ଣ ବାରୁକୁ ଭଲ ପାଇ ପାରିବ । ଉତ୍ସର୍ଗ କରିପାରିବ ତା'ର ବନ୍ଧୁ ଗୋତ୍ର, ପରିବାର ବର୍ଗର ମୋହ । ହଁ....ହଁ ସେ ବାରୁକୁ ନିଶ୍ଚୟ ଭଲ ପାଇବ । ସେ ତା'ର ସ୍ୱାମୀ, ଶ୍ରେଷ୍ଠ ଅତିଥି । ମୁହଁ ତଳକୁ ପୋତି ଆହୁରି କ'ଣ ଗୁଡ଼ାଏ ଚିନ୍ତା କରି ଯାଉଥିଲା ।

ଏତବେଳେକୁ ବାରୁ ପହଁଞ୍ଚି ଯାଇଥିଲା ତୋଟା ମଝିରେ । ଧୂଳିଆ ରାସ୍ତାଟା କେତେ ଦୂରକୁ ଚାଲି ଯାଇଛି । ତାହାରି ଉପରେ କାହାରିକୁ ଲକ୍ଷ୍ୟ ନକରି ଚାଲିଛି ବାରୁ । କୌଣସି ଜିନିଷ ପ୍ରତି ଭୃକ୍ଷେପ ନାହିଁ । ସତେ ଯେପେରି ପରର କାମ ମଧ୍ୟରେ ନିଜକୁ ଗୌରବାନ୍ୱିତ ମନେକରୁଛି । ନିଜ ଜାତିର ଝିଅ ଅମ୍ବିକାକୁ ଦେଖି ମନରେ କିପରି ଗୋଟାଏ ଆସ୍ୱସ୍ତି ବୋଧ କରୁଥିଲା । ଲାଜରେ କିଛି କହିପାରିଲା ନାହିଁ । ଗୀତର ଲହରୀ ବନ୍ଦ ହୋଇଗଲା । ନୀରବରେ ଚାଲିଯାଉଥିଲା ସେ । ପଛରୁ ଡ଼ାକିଲା ଅମ୍ବି -- ବାରୁଭାଇ ! .... ଅଟକି ଗଲା ସେ । ମନରେ ଗୋଟାଏ ପ୍ରଶ୍ନବାଚୀ ନେଇ ଫେରିଲା ପଛକୁ । କହେିତ କେବେ ତାକୁ ଜାତିଠାରୁ ବା ଅଜାତି ପର୍ଯ୍ୟନ୍ତ କଥା ପଦେ ପାଇଁ ଡ଼ାକି ନାହାଁନ୍ତି । କହେି କେବେ ତା' କଥା ଚିନ୍ତା କରିନାହଁନ୍ତି । ତବେେ ଅମ୍ବୀ କାହିଁକି ତା'ର ମନକୁ ଘାଣ୍ଟି ଦେଇଛି । ନାଁସେ ଚାଲିଯିବ । ଏ ଦୁନିଆରେ ମଣିଷ,ସମାଜ, ଜାତି, ବନ୍ଧୁ, କୁଟୁମ୍ବ କହେି ତା'ର ନୁହଁନ୍ତି । ସମସ୍ତେ ପର । ସମସ୍ତେ ତା'ର ଆଜି ଶତ୍ରୁ ହୋଇ ଆଗରେ ଛିଡ଼ା ହୋଇଛନ୍ତି । ସେ କାହାରି ଡ଼ାକରେ ସ୍ତମ୍ଭୀଭୂତ ହେବନାହିଁ । ଜୀବନର ଯେତେବେଳେ ଯାହା ଆସିବ ସେଇ କେବଳ ତା'ର ବନ୍ଧୁ, ତା'ର ଆତ୍ମୀୟ । ସେଇଥିରେ ସେ ହେବେ ଉଲ୍ଲାସିତ । ସମୟର ଗତି ହିଁ ତା'ର ଅଭିଭାବକ ।

ଧୀରେ ଧୀରେ ଅମ୍ବୀ ପାଖକୁ ଆସିଲା । ପୁଣିଥରେ କହିଲା -- ବାରୁଭାଇ! ତଥାପି ବାରୁର ମୁଖ ମଣ୍ଡଳରେ ଲିଭି ନଥିଲା ଦୃଢତାର ଚିହ୍ନ । ସେ ନିରୁତ୍ତର ରହିଲା । ଅମ୍ବୀର ଆଖିରୁ ଝରି ପଡ଼ିଲା ଲୁହଟୋପା । ରୁଦ୍ଧ ଗଳାରେ କହିଥିଲା ବାରୁ ଭାଇ- ବହୁତ ଆଶା ଭରସା ରଖିଛି ତୁମରି ଦୁଃଖରେ ଦୁଃଖୀ ହବୋପାଇଁ । ତୁମରି ହୃଦୟକୁ ମୋରି ହୃଦୟରେ ସ୍ଥାନ ଦେଇଛି । କ'ଣ ସେଥିରୁ ମୋତେ ବଞ୍ଚିତ କରିବ ? ଅମ୍ବୀ- ଦୃଢ଼ ଗଳାରେ କହିଲା ବାରୁ ଭାଇ ! ପୁଣି ଅମ୍ବୀ ଦୃଢ଼ ହାତରେ ବାରୁ ର ଦୁଇ ହାତ ଧରି ତାହାର ଉପରେ କାନ୍ଦି ପକାଇଥିଲା ।ବାରୁ ଅଦୃଷ୍ଠ ବନ୍ଧନରେ ବାନ୍ଧି ହୋଇ ଯାଇଥିଲା । ସେ ହୋଇଥିଲା ଶକ୍ତିହୀନ । କପୋତ ପକ୍ଷୀ ଦୁଇଟି ଉଡ଼ି ଯାଇଥିଲେ ଆକାଶରେ । କୁଆ କୋଇଲି ମାନେ ଇଥରରେ ସୃଷ୍ଠି କରୁଥିଲେ ଆନନ୍ଦର ଲହରୀ । ସତେ ସେମାନେ ଏ ଶୁଭ କ୍ଷଣରେ ପୌରହିତ୍ୟ କରୁଛନ୍ତି । ବାରୁର ଆଖିରୁ ମଧ୍ୟ ଗଡ଼ି ଆସିଲା ଲୁହ ଧାର । ସେ କଥା ଦେଲା । ପୁଣି ଫେରି ଆସିଲା ଘରକୁ ।

ବଶୈାଖର ଖରାପୁଞ୍ଜ ଝରିପଡ଼ିଲା । ମତୁଆଲ ଝାଞ୍ଜି ଦିଗ୍‌ଚକ୍ର କାଳରେ ଲୁଚିଗଲା । ଗ୍ରୀଷ୍ମ ପରେ ବର୍ଷାର ରାଜତ୍ୱ ଘନେଇ ଆସିଲା । ଧରିତ୍ରୀ ବକ୍ଷରେ । ବାରି ଧାରାରେ ସିକ୍ତ ହେଲା ଧରିତ୍ରୀ । ଗଛ ପତ୍ର ହସି ଉଠିଛି କୋମଳ ପତ୍ରମାଳରେ, ଗୀତ ଗାଇ ଉଠିଛନ୍ତି ବଣ ମାଳର ପଶୁ ପକ୍ଷୀ ।

୧୮ ବର୍ଷର ଝିଅ ଅମ୍ବୀ । ବାହାହୋଇଯିବ -- ସେ ବେଶି ଦିନ ଏ ଘରେ ରହିବାକୁ ସମାଜରେ ମନା । କର୍ଣ୍ଣେସି ମତେ କାହା ହାତରେ ଧରାଇଦେଲେ ବାପା ତା'ର ମୁକ୍ତ, ନହେଲେ ଲୋକଙ୍କ କଥାରେ ସେ ମୁଣ୍ଡ ଟେକି ବାଟ ଚାଲିପାରିବ ନାହିଁ । ମଦେର ଶରୀରକୁ କେତେ ଘାତ ପ୍ରତିଘାତ ସହିବାକୁ ପଡ଼ିବ । ନିଜର ସ୍ତ୍ରୀକୁ ଡ଼ାକିକହିଲା -- ଏ ବୁଝିଲ, ଅମ୍ବୀ ବୋଉ! ଏ ବର୍ଷ ମୁଁ ଅମ୍ବୀର ବାହାଘର କରିବାକୁ ଚଇତିପୁର ସାଧୁଆକୁ ଠିକ୍ କରିଛି, କ'ଣ କହୁଛୁ ? ପିଲାଟା ଟିକେ ଛୋଟା ହେଲେ କ'ଣ ହବେ ଧନଧାନ୍ୟ ଢ଼ରେ ଅଛି । ତା ପାଖରୁ କିଛି ଉଠେଇବାକୁ ପଡ଼ିବ । ସେ କହୁଛି ଅମ୍ବୀକୁ ଦେଲେ ପାଞ୍ଚହଜାର ଟଙ୍କା ଦବେ । ତୁମ୍‌ଭର ମତଟା କ'ଣ କହି ଦବେ । ଗରିବ କୂଳରେ ଜନ୍ମ ହୋଇଛି ବୋଲି କ'ଣ ଟଙ୍କା ଲୋଭରେ ଏଇଆ କହିବ । ଝିଅଟାକୁ ଜାଣିଶୁଣି ପାଣିକୁ ଠେଲିଦବେ । ତୁମ୍‌ଭେ କ'ଣ ତାକୁ ଜନ୍ମ କରି ନାହଁକି ଗୋଟାଏ ଛୋଟା ହାତରେ ଛନ୍ଦିଦବେ କମେିତି ? କିନ୍ତୁ ଏ କଥା କ'ଣ ଅଫିମର ନିଶାକୁ ଚପିଯାଇ ପାରେ । ସେ କହିଲେ- ଅମ୍ବୀ ବୋଉ, ସାବଧାନ ହୋଇ କଥାବାର୍ତ୍ତା କହ । ମୁଁ ଯାହା କହୁଛି ସେଇଆ କର ।

ଅମ୍ବୀ ଏ କଥା ଘର ପଛପଟେ ଶୁଣୁଥିଲା ସେ କାନ୍ଦି କାନ୍ଦି କହିଲା- "ବାପା ମୁଁ ଆଉ କାହାରିକୁ ଭଲ ପାଇ ପାରିବି ନାହଁ । ବାରୁକୁ ମୁଁ ଭଲ ପାଇଛି । ମୁଁ ତୁମରି ଝିଅ, ମୋତେ ତୁମେ କ୍ଷମା କରିଦିଅ ।"

--ଏ ଅଲକ୍ଷଣୀ .............ଇ...........

ଦୁର୍ , ଦୂର୍ ହ, ବାହାରି ଯା ମୋ ଘରୁ । ଏଇଥି ପାଇଁ ତୋତେ ଖୋଇପେଇ ଏଡୁଟରୁେ ଏଡ଼ଟେ କରିଥିଲି ! ତୋତେ ବିକି ଟଙ୍କା ନଆଣି ତୋପାଇଁ ଏତେ କଷ୍ଟ କରିଥିଲି କାହିଁକି ? ଏ ଘର ପୋଡ଼ି ତୁ ଚାଲିଯା ବାହାରିଯା ଘରୁ ।" ବାପାର ଧକ୍‌କାର ଶୁଣି ବାହାରିଲା ଅମ୍ବୀ -- ଘରୁ । କଦମ୍ବ ଗଛର ମୂଳେ ବସି କେତେ ଯେ କାନ୍ଦିଛି କେତେ ବାପା, ବାପା ଡ଼ାକିଛି, କିନ୍ତୁ କେହି ସେଥିରେ କର୍ଣ୍ଣପାତ କରି ନାହାଁନ୍ତି । ନୀରବ ରାତିର ଛାତ ତଳେ ବସି କେତେ କଥା ସେ ଭାବିଛି-- ବାସ୍ତବିକ୍ ବାପା ମା ତା'ର କେତେ କଷ୍ଟରେ ଖୋଇ ପେଇ ବଢ଼ାଇଛନ୍ତି । ତା ପାଇଁ କେତେ କଷ୍ଟ ସ୍ୱୀକାର କରିଛନ୍ତି । ଶେଷକୁ ସେସବୁ କ'ଣ ପରିଶୋଧ କରି ପାରିଛି -- ସେ । ବରଂ ଶେଷରେ ଦୁଃଖର ଭାର ଲଦି ନିଜର ଋଣଭାର ଅଧିକ କରିଛି । ତବେେ କ'ଣ ବାପା ମା'ର କଥା ସେ ମାନିଯିବ?

ନା ସେ ତାହା କରିପାରିବ ନାହିଁ । ଗୋଟେ ପଟେ ବାପା ଅନ୍ୟପଟେ ଗୋଟିଏ ଅବହେଳିତ ଜୀବନ । ସେ କ'ଣ ଏ ନୀରିହ ଯୁବକଟିର ଘର ସଂସାର ଭବିଷ୍ୟତକୁ ଦଳି ଦେଇ ପାରିବ ? ଯଦି ପାରେ, ତବେ କେଣ ପାଇଁ ତାର ହୃଦୟ ଦ୍ରବିଭୂତ ହୋଇଥିଲା । କ'ଣ ପାଇଁ ସେ ତାକୁ କଥା ଦେଇଥିଲା ? ଯଦି ନା , ସେ ତାହା କରି ପାରିବ ନାହିଁ । ନିଶ୍ଚୟ ବାରୁକୁ ଭଲ ପାଇବ । ସେଇତା'ର ହୃଦୟର ଅତିଥି ।

ଦୁର୍ଦ୍ଦମନୀୟ ମେଘ, ଅନ୍ଧାର ରାତିର ଘୋର ଘର୍ଘର ଶବ୍ଦରେ ରାତିର ନିଥର ଇଖରର ରୂପ ନେଇ ଅସ୍ତବ୍ୟସ୍ତ ହେଉଥାଏ । ତୁମୁଳ ସଂଗ୍ରାମର ଯୁଦ୍ଧ ଭୂମି ଏଇ ଧରିତ୍ରୀର ବକ୍ଷ । ତାହାରି ଉପରେ ବିଜୁଳିର ପ୍ରହାର । ସେତେକେ ବିଜୁଳିର ଚିକ୍ମିକ୍ ଆଲୋକରେ ପୃଥିବୀର କ୍ଷତ ବିକ୍ଷତ ଶରୀର ଖୋଜି ବୁଲୁଛି ନିଜର ରକ୍ଷା ପାଇଁ ସ୍ଥାନ । କ୍ରନ୍ଦସୀ ରାତ୍ରୀର କଣ୍ଠ ସ୍ୱରରେ ଆତଙ୍କିତ ଜୀବ ମହା ସମାଜ । କୁଆଡ଼େ ଯିବ ଅମ୍ବୀ । କେଉଁ ଆଡ଼େ ତା'ର ପଥ । ଯେଉଁ ପଥରେ ଥିଲା ତା'ର ଜନ୍ମଗତ ଅଧିକାର, ସେ ପଥ ଚିରଦିନ ସକାଶେ ତା ପାଇଁ ଆଜି ବନ୍ଦ । ଆଗରେ ପ୍ରଚଣ୍ଡ ବିଭୀଷିକା । ବିଭୀଷିକାର ପଛପଟେ ଯାହା ତା'ର ସ୍ଥାନ, ତା'ର ପଥ- ବାରୁଭାଇ । ହଁ ହଁ ସେ ସେଇଠିକି ଦଉଡ଼ି ଯିବ । ସେଇଠି ସେ ପାଇବ ଶାନ୍ତି, ତା'ର ଶ୍ରେଷ୍ଠ ଆଶ୍ରୟ, ଜୀବନର ଅଭୟ -- ସବୁକିଛି । ଏଇ ରାତି ତା ଜୀବନର ପରୀକ୍ଷା; ମେଘ, ବଜ୍ର ପ୍ରଚଣ୍ଡ ପବନ ତା'ର ପ୍ରଶ୍ନ ପତ୍ର ଏବଂ ଭାଗ୍ୟ ତାର ସମାଧାନ । ଆଗକୁ ସେ ବଢ଼ି ଚାଲିଛି, ମେଘର ଟୋପା ତା ଦେହେରେ ଛୁଞ୍ଚି ଫୋଡୁଛି । ପବନ ମେଘର ଆବରଣକୁ ମୁକ୍ତ କରିବା ପାଇଁ ଚେଷ୍ଟା କରୁଥାଏ । ଆଉ ଅନବରତ ଚେଷ୍ଟା କରୁଥାଏ ପବନ, ଅମ୍ବୀ ଦେହରୁ ଆବରଣ ମୁକ୍ତ କରିବା ପାଇଁ । ତଥାପି ମନରେ ପୁଞ୍ଜିଭୂତ ହୋଇଛି ସାହସ । ସେଇଠି ବି ଠୁଳ ହୋଇଛି ସମସ୍ତ ଆଶା ଭରସା । ତାହା ନିକଟରେ ଏ ପ୍ରକୃତିର ବାଧା କ'ଣ ସମକକ୍ଷ ହେବେ ? କାହାରି ବାଧା ନ ମାନି ରାତ୍ରିର ଅମା ପଟଳ ଭିତରେ ଦଉଡ଼ି ଚାଲିଛି ଅମ୍ବୀ । ଅମାରାତ୍ରିର ଅନ୍ଧକାର ଗୁହା ତାକୁ ଅଟକାଇ ପାରୁନାହିଁ ଓଃ ହୋ ... ଝୁଣ୍ଟି ପଡ଼ିଲା ...ଏହି ପୁଣି ଉଠୁଛି । ହଁ ଧାଇଁ ଚାଲିଛି ଆଗକୁ । ଗଛ ପତ୍ରର ଛୋଟ ଛୋଟ ଶାଖା, ପତ୍ର ବୃକ୍ଷଚ୍ୟୁତ ହୋଇ ଦେହେରେ ପିଟି ହେଉଛନ୍ତି ।ତଥାପି ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ନୂତନ ଆଶାରେ ମଣିଷ ଆଶାୟୀ । ଆଗରେ ଭାସି ଉଠୁଛି ସ୍ୱପ୍ନର ସମୁଦ୍ର । ଢ଼େଉ ଉପରେ ଢ଼େଉ ଆସି ହୃଦୟ ତନ୍ତ୍ରୀକୁ ଅଥୟ କରୁଛି । ପୁଣି ବି ସେ ଅଟକି ଯାଉଛି ପବନର ପ୍ରତିଘାତରେ । ବର୍ଷାପାଣି ଆଖି କାନରେ ପଶି ଯାଉଛି । ଏଇତ ଲୁଗାଖଣ୍ଡକ ଉଡ଼ି ଯାଉଛି ଦୂରକୁ । ତଥାପି ଦଉଡୁଛି । -ହଁ ପହଞ୍ଚିଛି ଠିକଣା ଯାଗାରେ ।

--ବାରୁଭାଇ! ବାରୁଭାଇ !!

ହଠାତ୍ କେଉଁ ଏକ ଶବ୍ଦର ଆଘାତରେ ଚମକି ପଡ଼ିଲା ବାରୁ । ଏ ତ ସେହି ପରିଚିତ ସ୍ୱର, ସେହି ଅମ୍ବୀ, କିନ୍ତୁ ଏ ବର୍ଷା ଝଡ଼ରେ ଏ କ'ଣ ସମ୍ଭବ ? ନା -ନା ସେ ସେବୁ ମନର ବିକାର ମାତ୍ର । ଅମ୍ବୀ ଏତେ ରାତିରେ କ'ଣ ଆସି ପାରିବ? ପୁଣି ଆଗେଇ ଆସିଲା ସେହି ସ୍ୱର ।

--ବାରୁ ଭାଇ !!

କବାଟ ଖୋଲିଲା ବାରୁ ,-- "ଏ କ'ଣ ? ଯାହା ଦେଖିଲା ସେଥିରେ ସ୍ତମ୍ଭୀଭୂତ ହେଲେ। ।ଏ ଯେ କେଉଁ ଏକ ନାରୀର ଉଲଗ୍ନ ଶରୀର? ଏ ପ୍ରେତେ ନା ମଣିଷ ? କେଉଁ ଡ଼ାହାଣୀ ଆସିଛି ଆଜି ଏଇ ଭଙ୍ଗା କୁଡ଼ିଆ ଖଣ୍ଡିକୁ ତା'ର ରକ୍ତ ପିଇବା ପାଇଁ । ଆଶ୍ଚର୍ଯ୍ୟ ଚକ୍ଷୁରେ ଅନାଇ ରହିଲା ସେ ।

-- "ବାରୁଭାଇ !...... ମୁଁ ଅମ୍ବୀ । ଅନ୍ଧାର ରାତିର ବକ୍ଷଚିରି ତୁମ୍ଭରି ନିକଟକୁ ଦଉଡ଼ି ଆସିଛି । ମୋତେ ଶରଣ ଦିଅ । ତୁମ୍ଭରି ପାଦତଳେ ଟିକେ ଆଶ୍ରୟ ଦିଅ । ବାରୁର ଚକ୍ଷୁ ଦୁଇଟି ଉଜ୍ଜଳିତ ହୋଇ ଉଠିଲା । ଦୁହିଁଙ୍କ ଆଖିରୁ ଝରି ପଡ଼ିଲା ତୃପ୍ତିର ଅଶ୍ରୁ । ହୃଦୟରେ ଖେଳିଗଲା ସନ୍ତୃପ୍ତ ସ୍ପନ୍ଦନ ।

ଅମ୍ବୀ ବାରୁ ନିକଟରେ ଗୋଟି ଗୋଟି କରି କହି ଚାଲିଥାଏ ତା'ର ଜୀବନର କାହାଣୀ । କାହାଣୀର ଶ୍ରୋତା ବାରୁ , ଆଉ ଶ୍ରୋତା ଏହି ରାତ୍ରି, ଏହି ରାତ୍ରିର ଘନ ଅନ୍ଧକାରର ମଘେନାଦ । ଏ -- ରାତ୍ରିର ବିଭୀଷିକାମୟ ନୃତ୍ୟ ନାଟକ । ବର୍ଷା ପବନ ଆହୁରି ଘନୀଭୂତ ହଲୋ । ଭଙ୍ଗା ଘରଟିର ଛପର ସ୍ଥାନେ ସ୍ଥାନେ ଉଡ଼ାଇ ନଲୋ । ଏହି ଘନ ଘଟାର ପାଟରେୀ ତଳେ ଦୁଇଟି ଆତ୍ମାର ମିଳନ ମାଧୁରୀ ସୃଷ୍ଟି କରିଛି ଦୁଇଟି ମନରେ ଆନନ୍ଦ । ଅପାର ଆନନ୍ଦର ସ୍ରୋତ । ଯାହା ଅବର୍ଣ୍ଣନନୀୟ ।

ଧିମଇେ ଆସିଲା ମଘେ । ପବନର ଶକ୍ତି ଢ଼େରେ କମି ଯାଇଥିଲା । ରୁଦ୍ର ତାଣ୍ଡବର ଦୀର୍ଘ ଲୀଳାପରେ କ୍ଷୀଣ ନୀରବତା ଜମି ଆସିଥିଲା । ପୂର୍ବର ଆକାଶ କ୍ରମେ ଫରଚା ପଡ଼ିଲାଣି । ବିଲ ବାଡ଼ିରେ ପାଣିର ସୁଅ ଛୁଟିଛି । ଟିପି ଟିପି ବର୍ଷା ସାଙ୍ଗକୁ ସାମାନ୍ୟ ପଶ୍ଚିମର ପବନ ଦହେକୁ ଥରାଉଛି । କ'ଣ ଗୋଟାଏ ଶବ୍ଦ ହଉେଛି କଜେୋଣି ଗାଁ ମୁଣ୍ଡରେ । କାନ ଡ଼େରିଲା, ପାଣି ପାଣି ରଡି ଶୁଣିଲାଠୁଁ ଦଉଡ଼ିଗଲା ଗାଁ ମୁଣ୍ଡକୁ । ଦ୍ରୁତ ଗତିରେ ପାଣି ଛୁଟି ଚାଲିଥାଏ । ବିରୁପା ନଦୀର କୂଳ ଉଲଙ୍ଘନ କରି ଏମିତି ବର୍ଷେ ବର୍ଷେ ସେ ଆସେ । ଘରଦ୍ୱାର ଭସାଇ ନିଏ । ବାରୁର ମୁଣ୍ଡରେ ଘର ଖଣ୍ଡିକ ଯାହା ଅଛି, ସେ ବି ଆଉ ଅଳ୍ପ ସମୟ ପରେ ଭାସି ଯିବ, ଭାଙ୍ଗିଯିବ ତାଙ୍କର ନୀଡ଼ ।

ଅମ୍ବୀ ! -- ବାରୁ ଡ଼ାକିଲା । ଜବାବ ଦଲୋ ଅମ୍ବୀ । ଆ, ଗାଁ ସେ ପାଖ ବନ୍ଧ ଉପରକୁ ଉଠିଯିବା । ପାଣିଅଳ୍ପ, ଆସ୍ତେ ଆସ୍ତେ ଉଠିଯିବା । ଏ ଘର ଖଣ୍ଡିକ ଅଳ୍ପ ସମୟ ପରେ ଭାସିଯିବ । ଆଗ ସାବଧାନ ନହଲେେ ହଇରାଣରେ ପଡ଼ିବା, ଡ଼େରି କରି ଲାଭ କ'ଣ ? ଚିରା ଚିରା ଲୁଗା ,ଅନ୍ୟାନ୍ୟ ଜିନିଷ ପତ୍ର କିଛି ଅଣ୍ଡାଳି ଗଣ୍ଠିଲିଟିଏ କଲା ଅମ୍ବୀ । ସତେିକି ନଇେ ବାହାରି ଆସିଲେ ଘରୁ, ଦୁହେଁ ଧରାଧରି ହୋଇ ବନ୍ଧ ଉପରକୁ ଚାଲିଛନ୍ତି । ପାଣି ବଶେି ହୋଇ ଗଲାଣି । ପାଣିର ଗତି ବି ଦ୍ରୁତ ଗତିରେ ବଢ଼ି ଚାଲିଛି । କଉେଁଠି ଜଙ୍ଘେ ତ କଉେଁଠି ଛାତିଏ ପାଣିରେ ସମେୋନେ ବାଟ କାଟି ଚାଲିଛନ୍ତି । ଆହୁରି ବହୁତ ଲୋକ ପଛରେ ଆସୁଛନ୍ତି । ଡ଼ାକ ଛାଡ଼ି ଚାଲିଛନ୍ତି ସମେୋନେ । ହାବୁକା ମାରି ପାଣି ପାଦର ଗତିକୁ ଶିଥିଳ କରୁଛି । ବଡ଼ ହାବୁକାଟାଏ ପାଣିଆସି କଚାଡ଼ି ହୋଇ ପଡ଼ିଲା ଉପରେ । ପଛରୁ ଡ଼ାକ ଶୁଭିଲା "ଭାସି ଗଲେ , ଭାସିଗଲେ"-- ପଛକୁ ଅନାଇଲା ବାରୁ । ଲୋକ ଗୁଡ଼ାକ ଭାସି ଯାଉଛନ୍ତି । ପାଟି କରି ଡ଼ାକ ଛାଡୁଛନ୍ତି -- "ରକ୍ଷାକର, ରକ୍ଷାକର" । ଅମ୍ବୀକୁ ଅନାଇଲା ବାରୁ- ଅମ୍ବୀ କାହିଁ ? ସେ ବି ଭାସି ଯାଇଛି ଏଇ ଟିକେ ଦୂରରେ ସେ ଭାସି ଯାଉଛି । ତାକୁ ଡ଼ାକ ଛାଡୁଛି--ମୁଁ ଯାଉଛି ..............ଖୁବ୍ ଜୋରରେ ଅମ୍ବୀ ଡ଼ାକିଲା ,ବାରୁ ଲମ୍ଫ ଦଲୋ ତାରି ପାଖକୁ । ସୁଅ ସହିତ ତାଳ ଦଇେ ପହଁରି ଚାଲିଛି । ଆହୁରି ଜୋରରେ ପହଁରି ଯିବାକୁ ଚଷ୍ଟୋ କରୁଛି ସେ । ମଝିରେ ମଝିରେ ଆତ୍ମଫଟା ଚିତ୍କାର କରୁଛି ଅମ୍ବୀ । ବାରୁର ମୁଣ୍ଡରେ ବଜ୍ର ପଡ଼ିଲା, ଆଗରେ ଦୁର୍ଜୟ ଭଉଁରୀ କୁରାଳ ଚକ୍ରପରି ବୁଲି ଯାଉଛି । ସଇେଠି ଆଉ କ୍ଷଣକେ ଅମ୍ବୀ ପଡ଼ିଯିବ । ସବୁଚଷ୍ଟୋ ବିଫଳ ହୋଇଯି, ତା'ର ସର୍ବନାଶ ହବେ ।

-- ଅମ୍ବୀ ! ଅମ୍ବୀ !!

ଆହୁରି ଜୋରରେ ପହଁରିବାକୁ ଚଷ୍ଟୋକଲା ସେ । ଓଃ, ଭଗବାନ, ଅମ୍ବୀ ଭଉଁରୀରେ ପଡ଼ି ଯାଉଛି । ହଇେ ତାକୁ ଡ଼ାକୁଛି, ଚିତ୍କାର କରୁଛି, ହଁ - ହଁ ସେ ତା ପାଖକୁ ଯିବ । ସେ ତା'ର ସ୍ୱାମୀ । ତା ହୃଦୟର ରତ୍ନ । ସେ ବି ପଡ଼ିଲା ସଇେ ଭଉଁରୀରେ -- ସହେି ଜଳ ଚକ୍ରରେ । ଦୁହେଁ ଏକାଠି ହୋଇଛନ୍ତି । ପରସ୍ପର ଏକାଠି ହୋଇଛନ୍ତି । ପରସ୍ପରକୁ ଜାବୁଡ଼ିଧରି ଥରେ ଥରେ ଦଖେିବା ପାଇଁ ବ୍ୟଗ୍ର ହଉେଛନ୍ତି । ସବୁଚଷ୍ଟୋ ବିଫଳ ହଉେଛି । ଥର ଥର କରି ଜଳଚକ୍ରର ଶକ୍ତି ସମେୋନଙ୍କୁ ଥରାଇ ଦଉେଛି ।

-- ଅମ୍ବୀ ! ଅମ୍ବୀ......!!

-- ବାରୁ ! ବାରୁ .... !!

ଦୁଇଟି ସ୍ୱରରେ କ୍ଷୀଣ ଆହ୍ୱାନ ସମୟରେ ଚକ୍ର ବ୍ୟୁହରେ ମିଳେଇଗଲା ।

ଞ୍ଚଞ୍ଚଞ୍ଚ

ଆଲୋକର ଅନ୍ତରାଳେ

ଦିନାନ୍ତ ସ୍ପର୍ଶ କରିଥିଲା ନଈ ବନ୍ଧର ତଳେ କ୍ରମଶଃ । ରଜନୀର ସଙ୍ଗମକୂଳ ଦିନକର ଆବେଗମୟ ପ୍ରାଣରେ ଗତିଶୀଳ ହଉଥିଲେ । ରକ୍ତ ଅରୁଣିମାର ରଙ୍ଗ ସାଗରରେ ସନ୍ତରଣ କରୁଥିଲା ଧରଣୀର ପୁଲକିତ ବକ୍ଷ । ଆକାଶରେ କେତେଟୋ ରଙ୍ଗ ବେରଙ୍ଗ ବାଦଲର ଆସର ଖୁବ ମାନୁଥିଲା । ବିଶୁର ବଂଶୀରୁ ଛୁଟିଚାଲି ଥିଲା ବଂଶୀର ମୂର୍ଚ୍ଛନା । ସରସ ସୁନ୍ଦର ଏଇ ବିଶୁ, କୋମଳ ପ୍ରାଣ ସ୍ପର୍ଶି ତା'ର ବଂଶୀର ଭାଷା-- କେତେ ଦୁଃଖ ଦୈନ୍ୟେ ବ୍ୟସ୍ତତା ବା ଆନନ୍ଦ ମଧ୍ୟରେ ସମୋନଙ୍କର ଦୃଢ଼ିଭୂତ ବନ୍ଧୁତ୍ୱ । ଗାଈ ଜଗାଳୀ ବିଶୁ ଧୁପ୍ ଖରାର ଢ଼େଉ,ବର୍ଷାର ଅବିଶ୍ରାନ୍ତ ଧାରା ତଳେ ସେ ଏଥିରୁ ପାଇଛି ଆନନ୍ଦ, ଢ଼ାଳି ଦେଇଛି ମମତା । ଆଜି ବିଶୁ ଅଙ୍କା ବଙ୍କା ବାଟରେ ଗତି କରି ଚାଲିଛି ବଂଶୀରେ ସ୍ୱର ଦେଇ ।

କେତେକୀ -- ଉଚ୍ଛନ୍ନ ଯୌବନା । ତରଳ ପ୍ରାଣରେ ତା'ର ବଂଶୀର ସ୍ୱର ଛୁଟାଇଛି ପୂର୍ଣ୍ଣ ଗର୍ଭା ନଦୀର ଉଦ୍ଦାମ ସ୍ରୋତ । ମନ ତା'ର ଚଞ୍ଚଳ,ପ୍ରାଣ ଆକୁଳତାରେ ସିକ୍ତ, ଦେହ ଚାହେଁ ମିଳନ, ଚକ୍ଷୁରେ ପ୍ରେମର ପିପାସା । ଯୌବନରେ ଅର୍ଘ୍ୟ ଧରି ଛିଡ଼ା ହୋଇଛି ସେ-- ବାଢ଼ିଦେବେ ଆକାଙ୍କ୍ଷିତ ଅତିଥିର ହୃଦ ମନ୍ଦିରରେ ।

ମିଳନର ମରୁବାଲିରେ କେତେକୀ । ମରୁର ଶେଷନାହିଁ, ପିପାସା ଅନାବଦମିତ । କେଉଁଠି ଏହାର ଅନ୍ତ ? ଉଇଣ୍ଟର କୟୋର ବଡ଼ି ଲୋସନ , ପଣ୍ଡସ ପାଉଡ଼ର , ଟେମ୍ପ୍ଟେସନ ଅତରର ଗନ୍ଧ ଦେହରେ ତା'ର ଭରିଦେଇଛି ଆହୁରି ମାଦକତା । କୁସୁମାୟିତ କବରୀରେ ହସ୍ତର ଧିର କୋମଳ ସ୍ପର୍ଶ ପୁଣି ତାକୁ ତୀବ୍ରତର କରୁଛି । ସେ ସାଥିଟିଏ ଚାହେଁ ଯିଏ ତା'ର ହାତଧରି ଅତୃପ୍ତ ବାସନାକୁ ଚରିତାର୍ଥ କରିବ । ନିଜର ସଞ୍ଚିତ ଧନକୁ ପୁଷ୍ପାଞ୍ଜଳିର ରୂପ ଦେବେ । କିନ୍ତୁ ....... ସେ ଅବିବାହିତା ରମଣୀ ନୁହେଁ, ଯୁବତୀ ସମାଜର ବନ୍ଧନ, ସଂସ୍କୃତିର ବନ୍ଧନରେ ସେ ବନ୍ଦୀନୀ ଅଲଙ୍ଘନୀୟା । ମନ କୁହୁଳି ଉଠିଲା । ଗୋଲାପି ଓଠର ପାଖୁଡ଼ାରେ ସୃଷ୍ଟି ହେଲା କମ୍ପନ -- ସତେ କେଡ଼େ ନିଷ୍ଠୁର ଏ- ସମାଜ । ଓଃ, ସବୁକିଛି ଅସହ୍ୟ । ନିଜ ମଧ୍ୟରେ ବେଦନା ଅନୁଭବ କରୁଥିଲା ସେ କାମନାର ଜ୍ୱାଳାରେ । ଶ୍ୱାସ କ୍ଷିପ୍ରତର ହଉଥିଲା -- ନାଁ ନାଁ ସମାଜ ପରିବାର ଆତ୍ମୀୟ ଏ ସବୁ କହେ ତା'ର ନୁହେଁ । ତାକୁ ସେ ଛିନ୍ନ କରିବ । ଏ ସରଳ ସୁନ୍ଦର ଚମଡ଼ା ଦେହକୁ ପୋଡ଼ି ସେ ପାଉଁଶ କରି ପାରିବ ନାହିଁ । ତା'ର ମନ ଚାହେଁ ପ୍ରେମ ।

ବିଶୁର ବଂଶୀ ସ୍ୱର ସେ କେତେଥର ଶୁଣିଛି । କିନ୍ତୁ ଆଜିର ଶୁଣିବା ଏବଂ ପୂର୍ବର ଶୁଣିବା ମଧ୍ୟରେ ଯେମିତି କେତେ ପାର୍ଥକ୍ୟ ଅନୁଭବ କରୁଥିଲା ସେ । କେତେ ଅତୀତର ପିଲାଦିନେ ସେ ଦୁହେଁ ଥିଲେ ସାଥି । ମଧୁମୟ ପଲ୍ଲୀ କୋଳରେ ଖେଳି ଖେଳି ଦୁହେଁ ଗ୍ରାମ୍ୟ ବିଦ୍ୟାଳୟରେ ଆରମ୍ଭ କରିଥିଲେ ବିଦ୍ୟାରମ୍ଭ । କେତେକୀ ଆଗେଇ ଆସିଛି ଢ଼େରେ ଆଗକୁ । କିନ୍ତୁ ବିଶୁ ଅର୍ଥାଭାବରେ ପଡ଼ି ରହିଛି ଢ଼େରେ ପଛରେ । ପରଘରେ ଖଟି ଜୀବନ ଯାପନ କରିବାରେ ନିଜକୁ କରିଛି ନିୟୋଜିତ ।

କେତେକୀ ଆଗରୁ କେତେ ପାର୍ଥକ୍ୟ ଅନୁଭବ କରିଛି ସେ ଏବଂ ବିଶୁ ମଧ୍ୟରେ -- ଶିକ୍ଷାର ପାର୍ଥକ୍ୟ, ପୋଷାକ ପରିଚ୍ଛଦ, ଚାଲି ଚଳଣୀ ଏମିତି କେତେ କ'ଣ । ସତେ ଯେମିତି ଏ ଗରିବ ବିଶୁ ମଣିଷ ନୁହେଁ ଆଉ ସେ ନିଜେ ମଣିଷତ୍ୱର ଢ଼େରେ ଉଚ୍ଚରେ । କିନ୍ତୁ

ଆଜି ....... ? କେତକୀର ଚକ୍ଷୁ ଉତ୍ତେଜନାରେ ପିଙ୍ଗଳ ହୋଇ ଆସୁଥିଲା । ହୃଦୟର ସ୍ପନ୍ଦନ ଅଧିକରୁ ଅଧିକ ହେଉଥିଲା । ସେ ଭାବୁଥିଲା ବିଶୁ ଗରିବ ନୁହେଁ, ଅଶିକ୍ଷିତ ନୁହେଁ, ଢ଼େରେ ଉଚ୍ଚରେ ସେ ।

ଶର୍ବରୀର ମୁଖଶ୍ରୀରେ ଶେଷେ ଚୁମ୍ବନ ବାଢ଼ି ସାରିଥିଲେ ଦିନକର । କ୍ରୀଡ଼ାବତୀର ମସ୍ତକ ଅବନତ ହୋଇ ଯାଉଥିଲା । ତାମସୀ ଆସର ଜମି ଆସୁଥିଲା ଧିରେ ଧିରେ ।

ବିଶୁ ଭାଇ ...........! ବିଶୁ ଅନାଇଲା ପଛକୁ । ଥମି ଆସିଲା ବଂଶୀର ସ୍ୱର । କେତକୀ ଛିଡ଼ା ହୋଇଛି । ଚକ୍ଷୁରେ ତା'ର ଆଶାର ଜୁଆର, ଓଠରେ କେତେ ମଧୁର ସ୍ୱପ୍ନର ତରଳ ସ୍ରୋତ । ବିଶୁ ଆଶ୍ଚର୍ଯ୍ୟ ହେଲା ଭାରି । କେତକୀ ତରୁଣୀ,ସେ ତରୁଣ, ଅଥଚ ଏପରି ଏକ ସଂନ୍ଧ୍ୟାରେ ନଦୀ ପଠାର ନିର୍ଜ୍ଜନ ଆମ୍ର କୁଞ୍ଜରେ କେତକୀକୁ ସେ ଦେଖୁଛି ଏକ ଅପ୍ରାକୃତିକ ଅବସ୍ଥାରେ ।

-- କେତେ ସୁନ୍ଦର ସତେ ତୁମ ବଂଶୀର ସ୍ୱର, ଏ ବିଶୁ ଭାଇ !

କ'ଣ କହିବ ବିଶୁ କିଛି ଭାବି ପରୁନଥିଲା । କ'ଣ କହିବ, କହିବ ହୋଇ ପୁଣି ପାଟି ବନ୍ଦ କଲା । କ'ଣ ବା ସେ କହିବ ? କେତକୀର ଚକ୍ଷୁରେ ମାଦକତା, ମୁଖରେ ସହସ୍ର ହସର ଶତହ୍ରଦା, ଧନୀର ତରୁଣୀ ସେ ,ଶିକ୍ଷିତା ଭାବିଲା ବେଳେକୁ ଦେହେରେ ତା'ର ପୁଲକ ଜମି ଆସୁଥିଲା । ମନରେ ଉଠୁଥିଲା କେତେ ସ୍ୱପ୍ନର ତରୀ ଦେହେରେ ରକ୍ତର ଚଞ୍ଚଳତା । କିନ୍ତୁ....... ଛି, ଛି, କ'ଣ ଗୁଡ଼ାଏ ସେ ଭାବୁଛି । ସେ ଯେ ଦେରିଦ୍ର ସ୍ୱଳ୍ପ ଶିକ୍ଷିତ, ସମାଜର ନଗନ୍ୟ ।

-- ବିଶୁ ଭାଇ !

କେତକୀ କଣ୍ଠରେ ସେହି ଚପଳ ସୁଲଭ ଡ଼ାକ । ନିଜ ମଧ୍ୟକୁ ଫେରି ଆସିଲା ବିଶୁ । ଧିର ସ୍ୱରରେ ଉତ୍ତର ଦେଲା-- ମୋ ପାଖରେ କ'ଣ ଦରକାର ଅଛି କେତକୀ?

-- କ'ଣ ତୁମେ ଏମିତି ଭାବୁଛ ?

-- ନାଁ କିଛି ନୁହେଁ । ବିଶୁ ଭାଇ !

କେତକୀର କଣ୍ଠ ଦବି ଆସୁଥିଲା । କ'ଣ ବା କହିବ ସେ?କେତକୀ ଲଜ୍ଜାବନତ ହେଲା । ବିଚଳିତ ଅନୁଭବ କଲା ନିଜକୁ । ଯେମିତି କେତେ କଥାର ସ୍ରୋତ ଏକା ସାଙ୍ଗରେ ଭାସି ଆସି ସବୁ ଅଟକି ଯାଇଛନ୍ତି । ନା ନିଜ ମନର କଥାକୁ ବ୍ୟକ୍ତ କରିବା ପାଇଁ ବିଶୁ ମନର ମାପକାଠି ସେ ଖୋଜି ପାଉଛି ନା ନିଜ ହୃଦୟର ସବୁତକ ଭାଷା ଅଭିବ୍ୟକ୍ତ ଲାଭ କରି ପାରୁଛି ।

--କେତକୀ ଏପରି ଏକ ସଂନ୍ଧ୍ୟାର ନିର୍ଜନ ବେଳାରେ ତୁମେ ମୋ ପାଖକୁ ଆସିବା ଠିକ୍ ହୋଇନାହିଁ । ଲୋକେ ଦେଖିଲେ କ'ଣ କହିବେ ଚିନ୍ତା କରି ପାରୁଛ?

ଭକ୍ତିନିଶା ବିରକ୍ତିରେ କହିଲା ବିଶୁ ।

କେତକୀ କିନ୍ତୁ ହସିଲା । କ୍ଷତି କ'ଣ ବିଶୁଭାଇ ! ନିଜର ମନ କ'ଣ ଲୋକେମାନଙ୍କର ଇଚ୍ଛାଧିନ । ସମୋନଙ୍କର କ'ଣ କିଛି ସ୍ୱାଧିନ ଚିନ୍ତାଧାରା ରହିବା ଉଚିତ ନୁହେଁ ।

କତେବେଳେ ଅନ୍ଧାର ଆସିଯାଇଥିଲେ ମଧ୍ୟ ଅନୁଭବ କରି ପାରୁ ନଥିଲେ ଦୁହେଁ । ଖୁବ୍ ନିକଟତର ହୋଇ ସମୋନ ଛିଡ଼ା ହୋଇଥିଲେ । କତେକୀର ଉଷ୍ଣ ଶ୍ୱାସ ଯଥାର୍ଥରେ ଅନୁଭବ କରି ପାରୁଥିଲା ବିଶୁ । କତେକୀକୁ ଦଖେୁଥିଲେ ଅପ୍ରାକୃତିକ ଅବସ୍ଥାରେ । ସରଳ ସୁନ୍ଦର ବିଶୁକୁ ଏ ସବୁ କିଛି ଭଲ ଲାଗୁନଥିଲା । ସେ କତେକୀକୁ ହଲାଇ ଦଲୋ ପ୍ରକୃତିସ୍ଥ କରିବା ପାଇଁ, କିନ୍ତୁ ବ୍ୟର୍ଥ ସବୁ । କତେକୀ ବିଶୁର ପାଦରେ ହାତ ରଖି କହିଲା -- ବିଶୁଭାଇ ! ମୋ ପାଇଁ ତୁମେ କିଛିଟା ତ୍ୟାଗ କରି ପାରିବ ନାହିଁ । ମୁଁ ତୁମ ପାଖରୁ ମତେେ ଦୂରେଇ ନଇେ ପାରିବି ନାହିଁ ?

କତେକୀ ଶରୀରର ଚପଳତା ବିଶୁର ଯୁବକ ସୁଳଭ ରକ୍ତକୁ କ୍ରମଶଃ ଉଷ୍ଣ କରୁଥିଲା । ଲୋମ ପ୍ରତିଲୋମରେ ଖେଳି ଯାଉଥିଲା ଶିହରଣ । ଯେମିତି ସେ ନିଜକୁ ଏକ ନୂଆ ରଙ୍ଗରେ ଆଜି ଆବିଷ୍କାର କରୁଛି ।

କିଛି କହିପାରିଲା ନାହିଁ ଆଉ ବିଶୁ । ପରସ୍ପର ଆଡ଼କୁ ଦୁହେଁ ଆକୃଷ୍ଟ ହୋଇ ଯାଉଥିଲେ । ଚପଳ ଛନ୍ଦାର କୋମଳ ଗଣ୍ଡର ଉଷ୍ଣ ଚୁମ୍ବନ କତେେଟି ବାଢ଼ି ଦଲୋ ବିଶୁ ।

ତା ପରେ .................

କତେେ ଯେ ବିନିଦ୍ର ରଜନୀ ଏହି ଆମ୍ର କୁଞ୍ଜରେ କଟି ଯାଇଛି, କତେେ ସୁଖର ସ୍ୱପ୍ନରେ ରସାଣିତ ହୋଇଛନ୍ତି ଦୁହେଁ ।

ଆଜି ସ୍କୁଲ୍‌ରେ ଗୋଟାଏ ଭାରି ଭଲ ଦିନ । ନୂଆ ସାର୍, ଆସିଛନ୍ତି ଜୀବନବାବୁ-ଜୀବନାନନ୍ଦ ପାଣିଗ୍ରାହୀ- ସୁନ୍ଦର ସୁଠାମ ଯୁବକ । ସବୁ ପିଲାମାନେ ନୂଆ ସାର୍‌ଙ୍କୁ ଥରେ ଥରେ କମନରୁମ୍‌ରେ ଝରକା ବାଟଦେଇ ଦଖେି ଆସିଲଣେି । ଯେମିତି ନୂଆ ସାର୍ ଚିଡ଼ିଆ ଖାନାର ଜୀବ ଅବା ଦୁର୍ଲ୍ଲଭ ବସ୍ତୁ । କତେକୀ ମଧ୍ୟ ଦଖେି ସାରିଲାଣି ନୂଆ ସାର୍‌ଙ୍କ ଶରୀରର ଗଠନ ଭାରି ଭଲ ଲାଗିଲା ତାକୁ । ଯଦି ବିଶୁ ଭାଇ ଏମିତି ହୋଇ ଥାଆନ୍ତା ନା! ଦୁର୍ବଳତା ଜମିଆସୁଥିଲା ମନରେ ବିଶୁ ପ୍ରତି । ତା ସାଙ୍ଗକୁ କତେେ ଭାବନା । ଖେଳ ପଡ଼ିଆରେ ବସି ସେ ଭାବୁଥିଲା ନୂଆ ସାର୍‌ଙ୍କ କଥା ।

ଅଞ୍ଜନା କତେକୀର ଗାଲରେ ଟିପ ଛୁଇଁଲା । ତୁମେ ଯାହାକୁ ଭାବୁଥିଲ ମୁଁ ସହେି-- ଚୁପ୍‌କରି କତେକୀର କାନ ପାଖରେ କହିଲା । ଧତେ୍ ବିରକ୍ତିରେ କତେକୀର ମୁହଁ ରଙ୍ଗା ପଡ଼ିଗଲା । ଆଉ ଠା'କୁ ବସି ସ୍ୱର୍ଣ୍ଣଲତା ଏବଂ ସରୋଜିନି ହସି ହସି ଲୋଟି ଯାଉଥିଲେ ପଡ଼ିଆରେ ସବୁେଜ ଗାଲିଚା ଉପରେ । ସତେ ଯେମିତି ସମୋନେ ମିଶିଯିବେ ସେଥିରେ ।

କତେକୀ ମନର ସରାଗ ମଉଳି ଗଲା । ଯେମିତି ଏମାନେ ତା'ର ସଞ୍ଚିତ ଧନ ଲୁଟି ନଇେ ଯାଇଛନ୍ତି । ସମୋନେ ହସୁଛନ୍ତି କାହିଁକି ? ତା'ର ମନ କଥା ଜାଣି ନଲେକେି ଏମାନେ ? ମନରେ କତେକେଥା କାଳ ପଶିଲା ।

ଘଣ୍ଟି ବାଜିଲା । ରିକ୍ରସେନ୍ ଏଥର ଶଷେ । ଚାରି ବାନ୍ଧବୀ ଯାକ ଉଠି ଚାଲିଗଲେ ।

ତା ପରଦିନ ଜୀବନ ବାବୁ ଆସିବେ ପଢ଼ାଇବା ପାଇଁ । ପିଲା ମାନଙ୍କ ମନରେ ଆନନ୍ଦ, ସବୁଠୁ ବଶେି କତେକୀର । ସ୍କୁଲ୍‌କୁ ଆସିବା ପୂର୍ବରୁ ନିଜର ଶାଢ଼ୀଟାକୁ ଭଲ ଭାବେ ଲକ୍ଷ୍ୟ କରିନଲୋ । ପୁଣି କଶେ ବିନ୍ୟାସ ସବୁ ଠିକ୍ ଅଛି କି ନାହିଁ । ଶାଢ଼ୀଟା ବକେ ପାଖରୁ ଆସି ବ୍ଲାଉଜ ସହିତ ପିନ୍ ଦ୍ୱାର ଠିକ୍ ସ୍ଥାନରେ ଆଟାଚ ହୋଇଛି କି ନାହିଁ-ଦଖେିନଲୋ ଆଉଥରେ । ଆଶ୍ୱସ୍ତ ଲାଗିଲା ଖୁବ୍ ।

ତା'ପରେ ନୂଆ ସାର୍ କ୍ଲାସ୍‌କୁ ଆସନ୍ତି । ଆଖିରେ ଚଞ୍ଚଳତା, ମୁଖରେ ତା' ହସ । ଜୀବନ ବାବୁ ମଧ୍ୟ ଲକ୍ଷ୍ୟ କରିଛନ୍ତି ଭଲରୂପେ । କତେକୀ ଯେ କ୍ଲାସ୍‌ରେ ସମସ୍ତଙ୍କ ଠାରୁ ସୁନ୍ଦରୀ ତା ନିଃସନ୍ଦେହ ।

ନୂଆ ସାର୍ ପୁରୁଣା ହୋଇଛନ୍ତି । କେତେ ଦିନ କେତେ କଥା ବିତି ଯାଇଛି ଏହା ମଧ୍ୟରେ । ଜୀବନ ବାବୁଙ୍କର ପ୍ରିୟ ଛାତ୍ରୀ ହୋଇଛି କତେକୀ । ଭଲ ପଢ଼ିବା ପାଇଁ ନୁହେଁ, ଭଲ ନ ପଢ଼ିବା ପାଇଁ ଏବଂ ନିଜକୁ ସଜାଇବାରେ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ଯୋଗୁ । ଏବେ କତେକୀ ପ୍ରଶ୍ନର ଭଲ ଉତ୍ତର ଦେଇ ପାରୁ ନଥିଲେ ମଧ୍ୟ କତେକୀକୁ ପ୍ରଶ୍ନ ପଚାରିବା ଯେମିତି ଜୀବନ ବାବୁଙ୍କର ଗୋଟାଏ ମଜ୍ଜାଗତ ଅଭ୍ୟାସ ହୋଇ ଯାଇଛି । କତେକୀର କଣ୍ଠଧ୍ୱନୀ ଯେମିତି ତାଙ୍କର ଯୁବକ ହୃଦୟରେ ସ୍ୱାୟବିକ ଜୀବନିକା । ଯଦି ସେ କତେକୀକୁ ପାଇପାରନ୍ତେ ...... କତେକୀ ମଧ୍ୟ ଭାବିଛି ଅନୁରୂପ । ସେ ନିଜକୁ ଅପମାନିତ ମଣିନାହିଁ । ବରଂ ମଣିଛି ଭାଗ୍ୟବତୀ ।

କିଛିଦିନ ଅନ୍ତରରେ ଜୀବନ ବାବୁ କତେକୀର ଟିଉସନ ଶିକ୍ଷକ ଭାବରେ ନିଯୁକ୍ତି ପାଆନ୍ତି । ଏଥିରେ କତେକୀ ଯେତିକି ଖୁସି ଜୀବନ ବାବୁ ମଧ୍ୟ ତାଠୁ ବେଶି । ଦୁହେଁ ଦୁହିଁଙ୍କର ମନ କଥା ଯେମିତି ଜାଣି ପାରିଛନ୍ତି । ଏହା ମଧ୍ୟରେ ଆଖିରେ ଆଖି କେତେ ଥର ମିଳିଛି, ହସରେ ପ୍ରତିହସ ସୃଷ୍ଟି ହୋଇଛି । ତେବେ ମନର କଥା ଖୋଲା ଖୋଲିଭାବେ କେହି କାହାକୁ କହି ପାରି ନାହାଁନ୍ତି ।

ନୂଆବର୍ଷ ଜାନୁଆରୀ ମାସର ପ୍ରଥମ ଦିନ । ସୋରିଷ ଫୁଲିଆ ଖରା ଚାରିଆଡ଼େ ବୁଣି ହୋଇଯାଇଥାଏ । ଜୀବନ ବାବୁ ପ୍ରିୟା ଛାତ୍ରିକୁ ଅପେକ୍ଷାକରି ବସିଥାନ୍ତି ସେ ଦିନର କମ୍ର ସଖାଳରେ । ମନ ଦରିଆରେ କେତେ ଆଶାର ତରୀ ମନ ଦରିଆର କୂଳେ କୂଳେ ଖେଲି ବୁଲୁଥାନ୍ତି ଚକ୍ଷୁରେ ତାଙ୍କର ଉଜ୍ଜଳତା ଥାଏ ଯଥେଷ୍ଟ । ଛାତିରେ ବେଦନା ବି । ଆଶାୟୀ ସର୍ନୈକର ମନ ପ୍ରାଣ ନେଇ ସେ ଦୌଡ଼ି ଚାଲିଥାନ୍ତି । ଜୀବନ ବାବୁଙ୍କର ଚିନ୍ତା ଭଗ୍ନ କରି ଆସିଲା କତେକୀ । ଜୀବନ ବାବୁଙ୍କର ପ୍ରାଣରେ ଆହୁରି ମାଦକତା ଭରିଦେଇ ଚୌକିରେ ବସିଲା କତେକୀ ।

ଇତିହାସ ଖୋଲିବାକୁ ନିଦେ୍ର୍ଦଶ ଦେଲେ ଜୀବନ ବାବୁ । ଅଲ୍‌ରାଉଣ୍ଡର ଶିକ୍ଷକ ସେ । ସବୁଥିରେ ତାଙ୍କର ଦକ୍ଷତା । ସେଦିନ ଜୀବନ ବାବୁ ଭାବ ବିହ୍ୱଳ ହୋଇ ପଡ଼ିଥିଲେ । ଶ୍ୱାସ କ୍ରମଶଃ ଉଷ୍ଣ ହୋଇ ଆସୁଥିଲା । ଉଦ୍‌ୱିଘ୍ନ୍ନ ଭାବରେ ସେ କେହି ଚାଲିଥିଲେ ମୋଗଲ ବଂଶ ଉପରେ । ଦୀଲ୍ଲୀର ବାଦ୍‌ଶାହା ଶାହଜାହାନ । ଶ୍ରେଷ୍ଠ ପ୍ରେମିକ ପୁରୁଷ ସେ । ଯାହାର ନାମ ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଯାହାର ନାମ ଶହ ଶହ ବର୍ଷ ଧରି ଆଗ୍ରାର ତାଜମହଲ ଗାଇ ବୁଲୁଛି । ଏଇ ଦେଖେ ଦେଖେ କତେକୀ ସହେ ପ୍ରେମିକ ପୁରୁଷ ଶାହଜାହାନଙ୍କ ଚିତ୍ର । କତେକୀର ହାତ ଆଣି ରଖିଲେ ଚିତ୍ର ଉପରେ । କ୍ରମଶଃ ଉତ୍ତେଜିତ ହୋଇ ପଡୁଥିଲେ ସେ ।

ବହିର ଅସ୍ତିତ୍ୱ ହରାଇଲେ ସେ । ବହିଟି ଖସିଗଲା ହାତରୁ । କତେକୀର ଦେହେ ଝାଳେଇ ଆସୁଥିଲା । ଜୀବନ ବାବୁ କହି ଯାଉଥିଲେ ତମେ ମୋର ଛାତ୍ରୀ ନୁହେଁ କତେକୀ, ତୁମେ ମୋର ପ୍ରାଣ ତୁମରି ମଧ୍ୟରେ ମୁଁ ମୋର ପ୍ରାଣର ଅନୁ ସନ୍ଧାନ କରୁଛି । ମୋତେ ବଞ୍ଚାଅ କତେକୀ ମୋତେ ବଞ୍ଚାଅ । ଦୁହେଁ ପରସ୍ପର ସହିତ ଛନ୍ଦି ହୋଇ ଯାଉଥିଲେ । କତେକୀ ଆପତ୍ତି କରି ନଥିଲା ।

ଦ୍ୱାର ଖୋଲା ଅଛି । କରବୀର ବୁଦା ଉପରୁ ଚଢ଼େଇଟିଏ ଶବ୍ଦ କରି ଉଡ଼ିଗଲା । ଅଜଣା ଭୟରେ ନିଜକୁ ମୁକୁଳିତ କରି ଆଣିଲା କତେକୀ । ଜୀବନ ବାବୁ ପରୀକ୍ଷା କରି ନେଲେ କିଛି ନାହିଁ । ଦ୍ୱାର ବନ୍ଦ କଲେ ।

ତାପରେ.......କେତକୀର ଅର୍ଦ୍ଧ ମୁକୁଳିତ ଅଙ୍ଗ ସୌଷ୍ଠବରେ ନିଜକୁ ହଜାଇ ଦେଇଥିଲେ ଜୀବନା ନନ୍ଦ । ଉତ୍ତାଳ ତରଙ୍ଗ ମାଳାର ବିରହିତ ବେଳା ସ୍ପର୍ଶ ପରେ ସେ ଗୋଟିଏ ପରେ ଗୋଟିଏ ଚୁମ୍ବନ କେତକୀର ଗଣ୍ଡ ଦେଶରେ ଆଙ୍କି ଚାଲିଥିଲେ । କେତେକୀର ମସ୍ତକ ନିଜର ଛାତିରେ ଗୁଞ୍ଜିଦେଇ ଯୁବତୀ ଶରୀରର ଅସରନ୍ତୀ ସୁଧ ପାନ କରୁଥିଲେ ।

ଅନ୍ତରରେ କ୍ଷୁଧା ମନରେ ଝଡ଼ ଆଜି ପ୍ରଶମିତ ହୋଇଛି । ମନରେ ଆନନ୍ଦର ଜୁଆର । ଜୀବନ ବାବୁ କହିଲେ - କେତେକୀ ! ବର୍ଷର ଏହି ପ୍ରଥମ ଦିନରେ ଆମ ଜୀବନର ଏହି ପ୍ରଥମ ଅଭିଯାନ ଆମର ଚଲା ପଥକୁ କୁସୁମିତ କରୁ । କେତେକୀର ମୁଖରେ ଖେଳି ଯାଉଥିଲା ସରୁ ହସଟିଏ । ସେ ଲାଜରେ ଯାଉଥିଲା ବି ।

କିନ୍ତୁ ଏବେ ଏଇ ଥରଟି ନୁହେଁ । କ୍ଷୁଦ୍ର କୋଠରୀଟିରେ ରାତି ମଧ୍ୟରେ କେତେଥର ଏଇ ଅଭିନୟ ଅଭିନୀତ ହୋଇ ଯାଇଛି । ଉଚ୍ଚବଂଶ ଉଚ୍ଚ ପରମ୍ପରାରେ ସମ୍ଭୁତ ଏଇ ଜୀବନାନନ୍ଦ । କେତେକୀକୁ ସେ ବାହା ହେବେ । କେତେକୀ କେତେ ଆଶାର ଖିଅ ଧରି ଉଡ଼ି ବୁଲିଥିଲା । ସେ ହେବେ ଜୀବନଙ୍କର ଘରର ବୋହୂ ପ୍ରକାଶ୍ୟରେ, ଯାହା ସେ ଆଜି ଲାଭ କରୁଛି ଲୋକ ଚକ୍ଷୁର ଅନ୍ତରାଳରେ । କେତେକୀର ଆଖିରେ କେତେ ସ୍ୱପ୍ନ ।

ଆରେ .......ଚମକି ପଡ଼ିଲା କେତେକୀ । ପଟେରେ ଯେମିତି ତା'ର କିଏ ବୁଲୁଛି । ନାଁ ସେ କିଛି ନୁହେଁ । ଜୀବନ ବାବୁଙ୍କର ପ୍ରତିବିମ୍ବ । ଜୀବନ ବାବୁଙ୍କ ପାଇଁ ଉପହାର । କେତେ ଖୁସିରେ ଦଉଡ଼ିଗଲା ଜୀବନଙ୍କ ପାଖକୁ । ଜୀବନାନନ୍ଦାଙ୍କର ଗଳାରେ ବାହୁ ଛନ୍ଦି କହିଲା-- ତୁମରି ସନ୍ତକ ଏଇ ପଟେରେ ଖେଳୁଛି । ତୁମକୁ ଉପହାର ଦେବୋ ପାଇଁ ମୁଁ ତାକୁ ଧରି ରଖିଛି । ତୁମେ ମୋତେ ଏହା ପୂର୍ବରୁ ବିବାହ ନକଲେ ଲୋକ ଚକ୍ଷୁରେ ସମ୍ମାନ କମିଯିବ ।

ଜୀବନ ବାବୁଙ୍କର ଏ କଥାରେ ଛାତି ଥରି ଉଠୁଥିଲା । ଅଜଣା ଭୟର ଚିକଣାରରେ ମୁହଁରୁ ହସ ଲିଭି ଲିଭି ଯାଉଥିଲା । କିନ୍ତୁ ସେ ସବୁ ଚାପି ରଖିଲେ । କାଣିଚାଏ ହସ ଫୁଟାଇ କେତେକୀର ଗାଲରେ ଧିର ଟିପାଟିଏ ଦେଲେ ।

ସଦେିନ ଜୀବନାନନ୍ଦ କେତେ ପ୍ରମାଦ ଗଣିଛନ୍ତି । ଭବିଷ୍ୟତକୁ ଅନାଇବାକୁ ଯାଇ ଭୟଭୀତ ହୋଇଛନ୍ତି । କେତେକୀକୁ ବାହା ହେବୋ ପାଇଁ ସେ ଯେଉଁ ଜବାବ ଦେଇଛନ୍ତି ତାହା ସେ ପାରିବେ ନାହିଁ କେବେ । ତାହାରି କାରଣ ମଧ୍ୟ କ'ଣ ଥାଇ ପାରେ ମାତ୍ର ଜାତିର ଅସମତା, ବଂଶର ପରମ୍ପରା । କେତେକୀ ଏବଂ ତାଙ୍କର ବନ୍ଧନ ଗୋଟାଏ ଉତ୍ତଜେନାର ,ପ୍ରାଣର ନୁହେଁ । ଜୀବନାନନ୍ଦ ଇସ୍ତଫା ଲେଖି ସାରିଥିଲେ କେବେଠୁ ଆଜି ସେ ବିଦାୟ ନେବେ । ସ୍କୁଲ୍‌ରୁ ବିଦାୟ ନୁହେଁ କେତେକୀ ପାଖରୁ ବିଦାୟ । ଯେଉଁ ଦିନ ଆସିଥିଲେ ପ୍ରଥମେ ସେ ଦିନ ହୋଇଥିଲା ସମ୍ବର୍ଦ୍ଧନା ସଭା । ଆଜି ମଧ୍ୟ ବିଦାୟ ସମ୍ବର୍ଦ୍ଧନା । ଦୁଇଟି ବର୍ଷ ମଧ୍ୟରେ କେତେ ଯେ ଘଟଣା ଘଟି ଯାଇଛି ସବୁ ଗୁଡ଼ିକ ତାଙ୍କର ମନେ ପଡ଼ିନାହିଁ । ତବେେ ସବୁଠାରୁ ବଡ଼ ଘଟଣା ହେଉଛି ସେ ଏଠୁ ଚାଲି ଯାଉଛନ୍ତି ।

ଜୀବନାନନ୍ଦାଙ୍କର ପାଦ ଉପରେ ମୁଣ୍ଡ ରଖିଲା କେତେକୀ । ଚକ୍ଷୁରୁ ବହି ଯାଉଛି ଅଶ୍ରୁ । ଅଶ୍ରୁ ନୁହେଁ ଶ୍ରାବଣର ଧାରା । ଜୀବନାନନ୍ଦା ତାଙ୍କୁ ଛାତିରେ ଜାକି ଧରି କହୁଥିଲେ କେତେକୀ ତୋର ମୋର ସମ୍ପର୍କ ଜନ୍ମ ଜନ୍ମାନ୍ତରର । ମୁଁ ତୋତେ ଛାଡ଼ି ରହି ପାରନୋ । କେତେକୀ ଅତ୍ୟାବଶ୍ୟକୀୟ କାରଣରୁ ମୁଁ ଏଠାରୁ ଚାଲି ଯାଉଛି । ନୂଆ ଚାକିରୀରେ ଜେଏନ୍ ଦେବୋ ପାଇଁ ଚାଲି ଯାଇଛି । ପରେ ତୁମକୁ ମୁଁ ନେଇଯିବି ଏବଂ ଏହା ନକଲେ ମୁଁ ବି ବାହାରେ କିଛି ଗୋଟାଏ ବ୍ୟବସ୍ଥା କରିବି । ମୋଟେ ଭୟ କର ନାହିଁ କେତେକୀ । ଖୁବ୍

ଶୀଘ୍ର ଆମ୍ଭେ ଦୁହେଁ ସୁନାର ନୀଡ଼ ରଚନା କରିବା । ବାହାରକୁ ଆସିଲେ ଦୁହେଁ । ତାପରେ ବସ୍ ଚାଲିଗଲା । ଚାଲିଗଲେ ଜୀବନ ବାବୁ । କେତକୀ ଅନାଉଥିଲା ରାସ୍ତାର କଳା ପିଚ'ର ପଲସ୍ତରାକୁ ।

ବିଶୁ ଏହାରି ଭିତରେ କେତେଥର ଆସିଛି କେତକୀ ପାଖକୁ ପ୍ରଣୟର ନିବେଦନ ନେଇ । କିନ୍ତୁ ଜୀବନ ନନ୍ଦଙ୍କ ସାନିଧ୍ୟ ପାଇବା ପରେ କେତକୀ ତାକୁ ହିଁ ଉପେକ୍ଷା କରିଛି । ପୁଣି ତା ମନରେ ସେହି ଗରିବ ଧନୀର ଭାବନା ଜାଗରଣ ହୋଇଛି । ବିଶୁ ଗରିବ, ଅଶିକ୍ଷିତ -ସେ ଧନୀ, ଶିକ୍ଷିତ, ଜୀବନ ନନ୍ଦାଙ୍କର ବାକ୍‌ଦତ୍ତା ପତ୍‌ନୀ, ଉଚ୍ଚ ବଂଶର ବଧୁ ।

ସେଦିନ କହିଥିଲା ବିଶୁ -- କେତକୀ ତୁ ମୋତେ ପ୍ରେମର ରାଜ୍ୟକୁ ଟାଣି ନେଇଥିଲୁ । ମୁଁ ନୁହେଁ । ଅଧର୍ମ ତୋର ହେବେ । ଭଗବାନ ପରା ଉପରେ ଚାହିଁଛନ୍ତି । ଆ, ଆ ମୋର କେତକୀ ଥରେ ମୋ ପାଖକୁ । ଉପରେ ଆଜି ଚନ୍ଦ୍ର ହସୁଛି । ତାରାମାନେ ଚାହିଁଛନ୍ତି । ସମୋନତେ ଆମର ଖେଳ ଦେଖିବେ ମୁଁ ମୋ ଘରର ବନ୍ଧୁ କରିବି କେତକୀ । ତୁ ମୋତେ ଏହି କଥା ଦେଇଥିଲୁ ପୁଣି ମୁଁ ଆଉଥରେ ଆଜି ତୋତେ ମାଗୁଛି । କିନ୍ତୁ ଗାଁ ରାସ୍ତାର ଛୁପି ଛୁପିକା ଗଛ ଛାଇର ତଳେ ବିଶୁର ଗାଲରେ କେତକୀ ଠୋ, କିନା ଚାପୁଡ଼ାଟାଏ କସି ଦେଇଥିଲା । - "ଏଇ ତୋର ବନ୍ଧୁ କରିବାର ସ୍ୱପ୍ନ ।" -- "ଯେଉଁଦିନ ମୁଁ କଥା ଦେଇଥିଲି ସେ ଗୋଟାଏ ଦିନର ଗୋଟାଏ ମୂହୁର୍ତ୍ତର ଉତ୍ତେଜନାର କେତେ ପଦ ମିଠା କଥା ଏବଂ କେତେଟା ଉତ୍ତେଜନା ମୁଁ ଆଣି ଦେଇଥିଲି ବୋଲି ଏହା ଅର୍ଥ ନୁହେଁ ଯେ ମୁଁ ତତେ ବାହା ହେବି । ତୁ

ଗାଁର ଗୋଟାଏ ମୂଲିଆ, ଆଉ ମୁଁ ...... ?" ଘୃଣାରେ କେତକୀର ମୁହଁ ଭଙ୍ଗା ପଡ଼ି ଆସୁଥିଲା ।

ବିଶୁର ଅନ୍ତର ସେଦିନ ବେଦନାସିକ୍ତ ହୋଇ ଉଠିଲା । ଛାତିର ସବୁ କୋହ ଚାପି ଧରିଲା । ଆଖିରୁ ଲୁହ ଝରାଇ ଚାଲିଗଲା ତା'ର ଭଙ୍ଗାଘରକୁ । ପୁଣି ବଂଶୀରୁ ତା'ର ଝରି ଆସିଲା ନିଜ ଜୀବନର କରୁଣ କାହାଣୀ । ଶତାବ୍ଦୀ ଶତାବ୍ଦୀର କେତେ ବ୍ୟର୍ଥ ପ୍ରେମର ମର୍ମନ୍ତୁଦ ବାଣୀ ତା'ର ବଂଶୀର କରୁଣ ସ୍ୱରରେ ପୁଣିଥରେ ଆତ୍ମ ପ୍ରକାଶ କଲା । ସେ କାରୁଣ୍ୟର ଶବ୍ଦ୍ୱେ ରାତ୍ରିର ନିସ୍ତବ୍ଧତା ମଧ୍ୟରେ କାହିଁ କେତେ ଦୂରକୁ ଚାଲି ଯାଇଥିଲା ।

କିନ୍ତୁ ଜୀବନାନନ୍ଦ ବିଦାୟ ନେଲାପରେ ତା ଛାତିର ଅହେତୁକ ଭୟ ସଂଚାର ...........ହୋଇଛି । ସେ ଆଜି ସେ ଦିନର କଥା ପୁଣି ମନେ ପକାଇବାକୁ ଚେଷ୍ଟା କରିଛି । ଜୀବନାନନ୍ଦ ବିଦାୟ ନେବାର କେତେଦିନ ବିତି ଯାଇଛି । କେତକୀ ଉଦ୍‌ୱିଘ୍ନ ନୟନରେ ଜୀବନାନନ୍ଦଙ୍କ ଖବରକୁ ଚାହିଁଛି । ସେଦିନ ପୋଷ୍ଟ ପିଅନ ଆସି ଚିଠି ଦେଲେ । କେତକୀ ଖୋଲିଲା । କିନ୍ତୁ ସେଥିରେ ଆଶା ନଥିଲା, ଭରସା ନଥିଲା ଆନନ୍ଦିତ ହେବାର କିଛି । ଝରକା ଖୋଲିଲା କେତକୀ । ତକିଆ ଉପରେ ମୁଣ୍ଡ ରଖି ଭାବୁଥିଲା । ଜୀବନ ବାବୁ ତାକୁ ବାହା ହେବେ ନାହିଁ । ତାଙ୍କର ଚେଷ୍ଟା ବିଫଳ ହୋଇଛି । ସେ ବ୍ରାହ୍ମଣ କେତକୀ ବ୍ରାହ୍ମଣର ସନ୍ତତି ନୁହେଁ । ତାଙ୍କ ବାପା ଅରାଜି ହୋଇଛନ୍ତି । କ୍ଷମା ଦେବା ପାଇଁ ଶେଷରେ ନିବେଦନ କରିଛନ୍ତି । ଜୀବନ ବାବୁଙ୍କୁ ଦୋଷ ଦେବା ପାଇଁ ଅବା ଅଭିଶାପ ବର୍ଷଣ କରିବା ପାଇଁ ସମୟ ନଥିଲା କେତକୀର । ପଟେରେ ତା'ର କ'ଣ ଗୋଟାଏ ବୁଲୁଥିଲା । ଏ ଦୋଷ ଜୀବନ ବାବୁଙ୍କର ନୁହେ; ତା'ର । ସେ ବିଶୁ ଭଳି ନିରୀହ ନିଷ୍ପାପ ଜୀବନ ଗୋଟାଏ ଦଳି ଦେଇଛି । ଜୀବନ ବାବୁଙ୍କୁ ବାଧା ନଦେଇ ନର୍କର କୀଟ ହୋଇ ଯାଇଛି ।

କେତକୀ ବାହାରକୁ ଆସିଲା । ରାତି ହୋଇ ଯାଇଛି । ଦୂର ଦିଗ୍‌ୱଳୟର ତଳେ ଚକୋରର ବ୍ୟଥିତ କ୍ରନ୍ଦନ । ଚନ୍ଦ୍ରର ଆଲୋକ ନାହିଁ । ବସନ୍ତର ମଳୟ ନାହିଁ, ମଲ୍ଲୀର ଗନ୍ଧ ନାହିଁ । ଘଞ୍ଚ ନିବିଡ଼ ଅନ୍ଧକାର ଶୀତରେ ଓଠ ଥରୁଛି । ସେଦିନ ଭଳି ରକ୍ତରେ ତା'ର ନାହିଁ ଉତ୍ତେଜନା, ରକ୍ତ ଯେମିତି ପାଣି ଫାଟି ଆସୁଛି । ଧିରେ ଧିରେ କବାଟ ବନ୍ଦ କଲା କେତକୀ । ଅନ୍ଧକାର ମଧ୍ୟରେ ତାକୁ ବାଟ ଚାଲିବାକୁ ପଡ଼ିବ । ଜୀବନର ବହୁବାଟ ଚାଲିବା ପାଇଁ ସେ ସ୍ଥିର କରିଥିଲା । କିନ୍ତୁ ସବୁ ବ୍ୟର୍ଥ ହୋଇଗଲା । ସେ

ଖୁବ୍ ଅଳ୍ପ ଚାଲି କ୍ଳାନ୍ତ ହ ୋଇ ପଡ଼ିଲା । ଏହି ରାତ୍ରି ହିଁ ତାର ଶଷେ ଯାତ୍ରାର ରାତି ହବେ । ନୂତନ ସୂର୍ଯ୍ୟାଲ ୋକରେ ଧରା ଅଭିସିକ୍ତ ହବୋ ପୂର୍ବରୁ ସେ ଏହି ଅନ୍ଧକାରରେ ମିଶି ଯାଇଥିବ । ହସିବାକୁ ଚଷ୍ଟୋକଲା । ହସ ତା'ର କେହି ଶୁଣି ପାରିଲେ ନାହିଁ । ଗ ୋଟାଏ ଦୁନିଆରୁ ଆଉ ଗ ୋଟାଏ ଦୁନିଆକୁ ଯିବା ପାଇଁ ଚଞ୍ଚଳ ହ ୋଇ ଉଠିଲା । ଗାଁ ମୁଣ୍ଡର ଠାକୁରାଣୀଙ୍କୁ ଜୁହାର ହଲୋ । ମାଟି ମୁଣ୍ଡାଏ ମୁଣ୍ଡରେ ଲଗାଇଲା । ତାପରେ ଆଉ କେହି କେତେବେଳକୁ ଦେଖିନାହିଁ ।

ଞ୍ଚଞ୍ଚଞ୍ଚ

ଶୀତଳ ତୁଣ୍ଡି

ଯୌତୁକ, ଯୌତୁକ, ଓଃ-କି ପ୍ରଚଣ୍ଡ-- ଏ ? କି ଭୟଙ୍କର -- ଏ ଶବ୍ଦ? ନା-ନା.. ଆଉ ଚଳି ହବେ ନାହିଁ, ଆଉ ବଞ୍ଚିହବେ ନାହିଁ-- ଏ ସଂସାରରେ । ଯେଉଁ ଆଡ଼େ ଚାହିଁ ସବୁଆଡ଼େ ସେହି ଯୌତୁକ ଆଉ ଦାବୀ । ଦାବୀ ଆଉ ଯୌତୁକ ।

ଓଃ...ଏତେ ଚିନ୍ତା କରିବାର କ'ଣ ଅଛି ? ଏତେ ଗୁଡ଼ାଏ ବକିବାର ବା କ'ଣ ଅଛି ? ମଣିଷ ପ୍ଲାଟ ଫର୍ମରୁ ଆସି ଗାଁ ମୁଣ୍ଡରେ ପହଞ୍ଚିଗଲାଣି- ତଥାପି ସେହି କଥା । ସେହି ଦାବୀ-ଯୌତୁକ-ଦାବୀ । କିହେ ୋ ଟଙ୍କା ପଇସା ଅଛି ତ ଝିଅକୁ ବାହା କରାଅ । ନ ଅଛି ତ ନିଜକୁ ବନ୍ଧା ପକାଅ , ବିଲ, ବାଡ଼ି ବିକ୍ରି କର । ଯାହା ହେଉ ପଛେ ଜ୍ୱାଇଁଙ୍କ ଦାବୀଟା ଆଗ ପୂରଣ କର । ଟି.ଭି ଦିଅ, ମଟର ସାଇକଲେ୍ ଦିଅ, ଫ୍ରିଜ୍ ଦିଅ ,ନଗଦ କ୍ୟାସ୍ ଟଙ୍କା ଦିଅ, ପଲଙ୍କ, ଆଲମିରା ଆଦି ଯାହାକିଛି ପାଉଛ ସବୁ ଦିଅ । ପାରୁଛ ଯଦି ନିଜକୁ ନିଜ ଦିଅ । ଶଷେକୁ କିଛି ନ ପାଇଲେ ତ ଦୁବ ଘାସ କିମ୍ବା ନରମ ତକିଆର ଆଶ୍ରୟ ନେଇ ଝିଅ ବାହା ଘରର ଚିନ୍ତାରୁ ମୁକ୍ତି ପାଇବା ପାଇଁ ଶଷେ ଚଷ୍ଟୋ କର । ବାସ୍ ସେତିକି । ଏଣିକି ତୁମ କଥା ତୁମର ଆମ କଥା ଆମର ।

ଲଳିତ ପୁର ଗାଁ । ଗାଁଟିର ସୁମଧୁର ନାମ ସହିତ ଏହାର ପ୍ରକୃତିର ସାମଞ୍ଜସ୍ୟ ବହୁତ । ଏହାର ଦକ୍ଷିଣ ପାଶ୍ୱର୍ରେ ପବିତ୍ର ବୈତରଣୀର ଧିର ଚୁମ୍ବନ ଏବଂ ପ୍ରକୃତିର ହାସ । ଜଳର ସ୍ୱଚ୍ଛତାର ନିଗୁଢ଼ ପରିବଶେ ମଧ୍ୟରେ ବାଲୁକାର ସୂକ୍ଷ୍ମ ଶ ୋଭା ବିଦ୍ୟମାନ । କବେେଳ ଏତିକି ନୁହେଁ କିଏ ଅବା ବର୍ଣ୍ଣିବ ସେହି ଶ ୋଭାରାଶି-- ଯେତେବେଳେ ନିରନ୍ଧ୍ର ଅନ୍ଧକାର ସୂର୍ଯ୍ୟଙ୍କ ଶୁକ୍ଳାଲ ୋକରେ ବୁକୁ ଭେଦେ କରି ଧରଣୀ ମାଆକୁ ଢ଼ାଙ୍କିବା ପୂର୍ବରୁ ସୂର୍ଯ୍ୟଦବେ ଦଇେ ଯାଇଥାନ୍ତି ସୁନେଲି ରକ୍ତିମ ଆଭା ଓ ସେହି ଆଭାସିକତା, ବୃକ୍ଷ ପର୍ଣ୍ଣାଦି ଉପରେ ନିପତିତ ହ ୋଇ ସୃଷ୍ଟିକରେ ହୃଦୟ ଭରା ମନଲ ୋଭା ଦୃଶ୍ୟ । ସଂଧ୍ୟାର ମୃଦୁ ହିଲ୍ଲ ୋଳ କଲ୍ଲ ୋଳିତ ହ ୋଇ ହୃଦୟ ତନ୍ତ୍ରୀକୁ ଧକ୍କା ଦିଏ । ଏ କ'ଣ ତୁମ୍ଭର ଶ ୋଭାଦଶେ ? ନାଁ ଏ ଦବେତାଙ୍କର ଦୃଶ୍ୟାଦଶେ - ଏ ନନ୍ଦନ କାନନ- ପାରିଜାତର ହାର । ବ ୋଧହୁଏ ଭଗବାନ ବିଶ୍ୱକର୍ମାଙ୍କୁ ତାଙ୍କର ସମସ୍ତ କୌଶଳ ଏହିଠାରେ କେନ୍ଦ୍ରୀଭୂତ କରିବା ପାଇଁ ଆଦଶେ ଦଇେଥିଲେ ।

ଯୁବତୀ ଲଳିତା- ଏହି ଗାଁ ରେ ବଢ଼ିଛି ସେ । ସେ ମାନବୀ ନା, ମାନବୀ ନୁହେଁ । ସେ ସ୍ୱର୍ଗର ଅପସରୀ ସେ ରମ୍ଭା, ସେ ଉର୍ବଶୀ, ସେ ମେନକା କିମ୍ବା ମର୍ତ୍ତ୍ୟର ସ୍ୱପ୍ନ ଚିତ୍ର, ଅଠର ବୟସୀ, ଅନୁଢ଼ା ତରୁଣୀ- ଅବକୁଣ୍ଠନବତୀ ।

ଏହି ଗାଁଟିରେ ବହି ଯାଇଛି ସତର ବରଷ । ଏକ-ଦୁଇ-ତିନି .......ସତର । ଦିନପରେ ଦିନ ଗୋଟି ଗୋଟି ହୋଇ ଗଡ଼ିଯାଏ, ବହିଯାଏ ସବୁକିଛି ସମୟର ସ୍ରୋତରେ । ଜଣା ପଡ଼ନେ କିଛି -- ଏ ମଣିଷ ଜାତିଟାକୁ । କେଡ଼େ ଦୁର୍ଦ୍ଦାନ୍ତ, ଦୁର୍ଦ୍ଦଶ --ଏ । ଆଉ କେଡ଼େ ନୀରୀହ, ନିଚ୍ଛକ ଏ ପ୍ରାଣୀ । ସେ କେଡ଼େ ରକ୍ତର ତାଣ୍ଡବ ଲୀଳା ଏକେଡ଼େ ସହେ ସୁଖ ଦୁଃଖର ଢ଼େଉ ।

ସତର ବର୍ଷର ଅତୀତ କାହାଣୀ ଉପରେ ଲଳିତା ଜୀବନର ମାନ ଦଣ୍ଡ ଗଢ଼ା । ସେ ବିତାଇଛି ବର୍ଷ କେତେଟି; ନାଚି ଡ଼େଇଁ ତା'ର ପଲ୍ଲୀ ପ୍ରାନ୍ତରରେ । ସେ କେତେ ହସିଥିବ । କେତେ ହସାଇ ଥିବ । କିଏ ତା'ର କଳନା କରୁଛି । କିଏ ବା ହିସାବ ରଖୁଛି ତା'ର । କିଛି ଦିନ ପରେ ଯିବ ତା'ର ଘରକୁ ହବେ ବୋହୁ, ବୃକ୍ଷର ଲୁକ୍କାୟିତ କଢ଼ିଟି । ସେ ହୁଏତ ଆଉ ହସି ପାରିବ ନାହିଁ । ହସି ନ ପାରେ, ହଲେ କାନ୍ଦି ପାରେ । ଏ ଦୁନିଆ ହସ କାନ୍ଦର ଦୁନିଆ । ଏଥିପାଇଁ ଦାୟୀ ଏହି ସମାଜ । ଚିର ଦିନ ପାଇଁ ସେ ଏହାର ଦାୟିତ୍ୱ ଗ୍ରହଣ କରିବ, ମୁଣ୍ଡାଇ ଚାଲିବ ସବୁ ଅପବାଦ । ଦୁର୍ଦ୍ଦାନ୍ତ-- ଏ ସମାଜ; ଦୁର୍ଗମ, ପଙ୍କିଳ-- ଏହାର ପଥ ।

ଲଳିତା ଦୁଇଟି ସାନ ଭାଇ ଭଉଣୀ ସହିତ ବଢ଼ି ଆସିଛି ଗୋଟାଏ ବୃକ୍ଷର ତିନୋଟି ପାରିଜାତ ପରି । ବାପା- ମା'ଙ୍କର ଜ୍ୟେଷ୍ଠା କନ୍ୟା ସେ - ସ୍ନେହ ପାରାବାରର ଶଙ୍ଖ ଓ ଶାମୁକା । ସ୍ନେହ ଶ୍ରଦ୍ଧାର ପରିସର ମଧ୍ୟରେ ବଢ଼ି ଆସିଛି ସେ ସତର ବର୍ଷଧରି । ପିଲାଦିନେ ମା'ତାକୁ କେତେ ଗହ୍ଲେ ନ କରିଛନ୍ତି ସତେ । କେତେ ବୋକ ଦେଇଛନ୍ତି । କୋଳରେ ବସାଇ ହଲାଇଛନ୍ତି । କାନ୍ଦିଲେ ବୋଧ କରନ୍ତି ତା'କୁ ,ବାଇବଲେ କରନ୍ତି । ଗୁଣ୍ଠୁଣୀ ହାତୀର ଝୁଲା ଶିଖାନ୍ତି । ନ ବୁଝିଲେ ବାଇଆକୁ ଦିଅନ୍ତି । ତୁନି ହୁଏ ଲଳିତା । ବୁଝେନା ଏହାର ଅର୍ଥ ।

ବଡ଼ ହୁଏ ଲଳିତା । ସାଙ୍ଗ ସାଥିଙ୍କ ସହ ଖଳିବାକୁ ଯାଏ । ମନ ପୂରାଇ ଖେଳେ । ଦିନ ସରିଯାଏ, ଆସେ ଅନ୍ଧାର, ଖେଳି ଖେଳି କ୍ଳାନ୍ତ ହୋଇ ପଡ଼ିଥାଏ । ଫେରି ଆସେ ଘରକୁ । ବୁଢ଼ା ବାପାଙ୍କ ପାଖରେ ବସି ଗପ ଶୁଣେ । ରାଜା, ମନ୍ତ୍ରୀ ଗପ ନାଗର , ତନ୍ତୀ କଥା, ବାଘ ବାଘୁଣୀ କଥା, ଅସୁର ଅସୁରାଣୀ, ବଗ, ବଗୁଲି, ମାଙ୍କଡ଼ର ପିଠାଖିଆ, ରାମ ରାବଣ ଯୁଦ୍ଧ । ଏହିପରି କେତେ ଗଡ଼ିଚାଲେ ଗୋଟିଏ ପରେ ଗୋଟିଏ । ଥକ୍କା ଲାଗେନି, ଖରାପ ଲାଗେନି ତାକୁ । କିନ୍ତୁ ଲଳିତାକୁ ନିଦ ଆସେ । ଶୋଇପଡ଼େ ସେ ବୁଢ଼ା ବାପାଙ୍କ କୋଳରେ । ନିଦ ତା'କୁ ଘାରେ । ସ୍ୱପ୍ନ ତା'କୁ ହଲାଏ । ଦେଖେ ସେ ସ୍ୱପ୍ନ ପରେ ସ୍ୱପ୍ନ । ଗଡ଼ିଯାଏ ଗୋଟିଏ ପରେ ଗୋଟିଏ ପର୍ବତ ଶିଖରର ଜଳ ଧାରାପରି କିମ୍ବା ଚଳ ଚିତ୍ରର ଚିତ୍ର ପଟ ପରି । ସ୍ୱପ୍ନରେ ଦେଖେ ତା'ର ଦୈନନ୍ଦିନର କର୍ମଖନ୍ଦା-- ସେ ଭାତ ରାନ୍ଧୁଛି, ସେ ଡ଼ାଲି ରାନ୍ଧୁଛି , ସେ ତ ତରକାରୀ ରାନ୍ଧୁଛି, ଧୂଳିଘରେ ବନ୍ଧୁ ମାନଙ୍କୁ ସେ ତା'ର ପରିବେଷଣ କରୁଛି । ମିଛି ମିଛିକା ବୋହୂ ସାଜୁଛି , ଅନୁକରଣ କରୁଛି ସମାଜର ପ୍ରଥା, ଦେଖୁଛି କଳ୍ପନା ରାଇଜର ଭବିଷ୍ୟତ ଚିତ୍ର, ପୁଣି ବନ୍ଧୁ ମାନଙ୍କ ସହିତ କଳି, ମାଡ଼ଗୋଳ, ଧୁମ୍ଧାମ କ୍ରନ୍ଦନ । ଆଉ ପ୍ରତ୍ୟାବର୍ତ୍ତନ । ବନ୍ଦ ହୁଏନି ସ୍ୱପ୍ନର ସ୍ରୋତ । ଗଡ଼ିଆସେ ପୁଣି କୁହୁକ ରାଇଜର କୁହୁକ କାଠି । ଗାଁ ମୁଣ୍ଡର ଶ୍ମଶାନରେ ମେଲା ମଣିଷର କୁହାଟ ଡ଼ାହାଣୀ ପଲ, ମଶାଣି ସପେଟ ବର ଗଛରେ ଚିରଗୁଣୀର ନିଆଁ ହୁଳା । ସେ ତୋ ପିଲାକୁ ସେଙ୍କୁଛି, ମଣିଷ ମାଂସ ଖାଉଛି , ହାଟରୁ ଫେରୁଥିବା ବାଟୋଇକୁ ଦେଖି ପାଖ ସଡ଼କ ଆଡ଼େ ଅନାଉଛି । ଏକୁଟିଆ ଦେଖିଲେ ବାଟ ଛକିବ । ତା'ର ରକ୍ତ ପିଇବ । ଓଃ...କି କରୁଣ ଦୃଶ୍ୟ ହୋଇ ନଥିବ ସେ ? ହଁ ଏଇତ ଜଣେ ଲୋକ ସଡ଼କ ଉପରେ ଯାଉଛି । ମାରିଦବେ ତା'କୁ; ଖାଇ ଦବେ ତା'କୁ । ପରପାଇଁ ସହାନୁଭୂତି-ଗଭୀର ସହାନୁଭୁତି । ହେ ଭଗବାନର ତା'କୁ ରକ୍ଷା କର-- ବ୍ୟସ୍ତ ହୋଇପଡ଼େ -- ସହାନୁଭୁତିର କେଇ ଟୋପା ଅଶ୍ରୁ ମୁଖ ମଣ୍ଡଳକୁ ଆଦ୍ର କରିଦିଏ ।

ପୁଣି ଅସୁରୁଣୀ ବୁଢ଼ୀଟା ମୁଣ୍ଡମାଳଧରି ଚାଲିଛି । ପଛରେ ବି ବାବନା ଭୂତଟା ଚାଲିଛି ହାଡ଼ ଖଣ୍ଡେ ଧରି । ମଣିଷ ଖୋଜୁଛି , ରକ୍ତ ଖୋଜୁଛି - ସେ । ତାଳଗଛ ପରି ଗୋଡ଼ ଦୁଇଟାକୁ ବଢ଼ାଇ ଚାଲିଛି ପୋଖରୀ କୂଳ ବରଗଛ ଆଡ଼କୁ । ସେଇଠି ତା'ର ବସା । ସେଇଠି ମଣିଷ ମୁଣ୍ଡର ଗଦା । ହାଡ଼ ମାଳର ସଂଖ୍ୟା କହିବ କିଏ । ଓଃ କି ଭୟଙ୍କର ଚିତ୍ର ସବୁ ? କି କୁତ୍ସିତ କଦାକାର ? ମନ ବୁଝେନା

ଏ ସ୍ୱପ୍ନରେ ଭୟ ଲାଗେ । ଦେହେଝାଳ ଅଠା ହୁଏ, ହାତ ଗୋଡ଼ ଥରେ , ନିଦ ଭାଙ୍ଗେ  ତାହା ପରେ ଚିତ୍କାର-- ଓ-ଓ-ଓ-ଓ .........................

ଗୋସେଇଁ ବାପାଙ୍କର ନିଦ ଭାଙ୍ଗେ । ନାତୁଣୀକୁ ଟାଣିନେଇ ଛେପେ ପକାଇ ଦିଅନ୍ତି । ବିଶ୍ୱାସ--ଡ଼ାହାଣୀ, ଚିରଗୁଣୀ ଭୟ କଟିଯିବ । ତା' ପରେ ରାତି ପାହେ, ଦିନ ଆସେ । ଲଳିତା ଶଯେରୁ ଉଠେ, ଏହିପରି ଦିନ ପରେ ଦିନ ଗଡ଼ିଯାଏ, ଗଡ଼ିଯାଏ ତା'ର ଜୀବନରେ କେତେ ଲମ୍ବ ବ୍ୟବଚ୍ଛେଦେ ।

ଏହି ପରି ଦିନ ପରେ ଦିନ କେତେ ଯେ  ବିତି ଯାଇଛି; ଏ ବିଗତ ଅଠର ବର୍ଷ ମଧ୍ୟରେ ସହିଛି ସେ ନିଦାଘ ପରେ ବର୍ଷା, ଶ୍ରାବଣର ଧାରା । ଉପଭୋଗ କରିଛି ଶରତ ପୂର୍ଣ୍ଣିମା ଏବଂ ବସନ୍ତର ମୃଦୁ ସମୀରଣ । ଗୋଟାଏ ନୁହେଁ ବା ଦୁଇଟି  ନୁହେଁ ଏକ-ଦୁଇ-ତିନି ଏହିପରି ସତରଟି ବସନ୍ତ ସେ ବିତାଇଛି । କିନ୍ତୁ ଏଇ ବସନ୍ତ ସେମାନଙ୍କ ଠାରୁ ସାମାନ୍ୟ ଭିନ୍ନ । ଏ ବସନ୍ତରେ ସେ ଦେଖିଛି ମାତୃତ୍ୱର ସ୍ୱର୍ଣ୍ଣିମ  ସ୍ୱପ୍ନ, ଭବିଷ୍ୟତର ସୁନେଲି କଳ୍ପନା । ଏ କଳ୍ପନା ଥରାଇଛି ତା'ର ହୃଦ ରାଇଜକୁ । ଘଣ୍ଟା ଘଣ୍ଟା ଧରି ଭାବିଛି ଏ ଦୁନିଆର କଥା । ତଥାପି ପାଇନି ତା'ର ଅନ୍ତ କେଉଁଠି ।

ବାପା,ମା ତା'ର ଏବେ ବାହାଘର ପାଇଁ ବ୍ୟସ୍ତ ହେଲେଣି । ସାଇ ପଡ଼ିଶା, ବନ୍ଧୁ ବାନ୍ଧବଙ୍କୁ ଏକାଠି କରି ବରଟିଏ ଖୋଜି ଯିବା ପାଇଁ କେତେ ଅନୁରୋଧ କଲଣି ।  ସମସ୍ତେ ମଧ୍ୟ ନିଜ ନିଜ ଚେଷ୍ଟାରେ ଲାଗିଛନ୍ତି । ଝିଅର ବୟସ ବଢିଶି ହୋଇ ଯାଉଛି । ପୁଣି ବୟସ ବଢିଶି  ହେଲେ ସମାଜରେ ତାକୁ କେହି ବିବାହ କରିବେ ନାହିଁ । ସେ ହେବେ ସମାଜର ବ୍ୟତିକ୍ରମ ।  ସେ ହେବେ ବାଛନ୍ଦ ବା ପତିତା ।

ବର ଘର ଖୋଜିଯିବା ପାଇଁ ଦୁଇଜଣ ବାହାରି ପଡ଼ିଲେ । ସେ ବାହାଘର ଖୋଜି ଠିକ କରିବେ, ବାହା ଘରର କାମ ତୁଲାଇବେ । ପ୍ରଥମେ ସୀତାକାନ୍ତ ପୁର କଥା-- ପ୍ରସ୍ତାବ ଉଠିଲା । ପିଲାଟି  ବି.ଏ .ପାଶ୍ କରିଛି । ଧନ ଧାନ୍ୟରେ ବି ମନ୍ଦ ନୁହେଁ; ସଇଠି ବାହାଘର ହେଲେ ଝିଅଟି ସୁଖରେ ଚଳିବ । ଏହି ତାଙ୍କରି ମତ, ତାଙ୍କରି ଇଚ୍ଛା । ପ୍ରସ୍ତାବ ପଡ଼ିଲା । ବରଘର ମଙ୍ଗିଲେ । କିନ୍ତୁ ଦାବୀ ଟଙ୍କା, ଟି.ଭି, ମୋଟର ସାଇକଲେ୍, ଫ୍ରିଜ୍ ଇତ୍ୟାଦି । ଫଳରେ ଫେରିବାକୁ ପଡ଼ିଲା । ଚକ୍ରଧର ପୁର, ପ୍ରତାପ ପୁର ଓ ଦଧି ପଦାକୁ ମଧ୍ୟ ପ୍ରସ୍ତାବ ପଠାଇଲେ ସେମାନେ । କିନ୍ତୁ ସବୁଠାରେ ଏକ କଥା, ଏକ ପ୍ରଶ୍ନ-ଦାବୀ । ଶେଷରେ ସେ ନିରାଶ ହୋଇ ପହଁଞ୍ଚିଲେ ବାଲି ପୁରରେ  । ପିଲାଟି ବି.ଏସ୍.ସି ପଢ଼ିଛି । ଖାନଦାନ୍ ଘର । ଦାବୀ ମଧ୍ୟ ଟିକେ କମ୍ ।                   ଯାହାହେଉ ଏତଦିନ ପରେ ଆଶାର କ୍ଷୀଣ ଆଲୋକ  ଟିକେ ପାଇସେ ଇଠାରେ ସ୍ଥିର କଲେ । ମନା କଲେ ତେ ଚଳିବ ନାହିଁ ।ଏ  ଓଡ଼ିଆ ମାନଙ୍କର ପରମ୍ପରା--- ଯୌତୁକ । ପୁରାପୁରି ନଦେଲେ ତ ଅଧା ଅଧି ଦେବାକୁ ହବେ ? ଆଉ କ'ଣ ସେମାନେ ପାଠୁଆ ଝିଅଟାକୁ ଗୋଟାଏ ମୁର୍ଖ ହାତରେ ଧରାଇ ଦେଇଥାନ୍ତେ? ଝିଅଟା ତ ପୁଣି ମ୍ୟାଟ୍ରିକ୍ ଖଣ୍ଡେ ପାଶ୍ କରିଛି ।

ଏଣେ ବୁଢ଼ା ତ ବାହାଘର ପାଇଁ ଖୁବ୍ ବ୍ୟସ୍ତ  । ମଣିଷର ବିଶ୍ୱାସ ନାତି, ନାତୁଣୀଙ୍କର ବାହାଘର ଟିକେ ଦେଖିଲେ ସାତ ଜନ୍ମରୁ ଉଦ୍ଧାର ମିଳେ । ସିଧା ବୈକୁଣ୍ଠପୁର । ଗୋଡ଼ରେ କଣ୍ଟା ଖୁଞ୍ଚ ବି ଲାଗିବ ନାହିଁ । କେତେଥର ଭଗବାନଙ୍କ ଉପରେ ଭରସା ରଖିଛନ୍ତି । ଦୀର୍ଘ ନିଃଶ୍ୱାସ ପକାଇ ଝାଳ ପୋଛିଛନ୍ତି । କଥା ଛଳରେ କାହାକୁ କେମିତି କହି ଦେଉଥାନ୍ତି  ସବୁ କଥା । ଆଶା ତାଙ୍କର ପୂର୍ଣ୍ଣ ହୋଇଛି । ଏଥର  ଭଗବାନ ତାଙ୍କର ଆଶା ପୂର୍ଣ୍ଣକରିଛନ୍ତ । ଶୁଣିଛନ୍ତି ତାଙ୍କର ଡ଼ାକ ।

ବାହା ଘରର କାମ ବଡ଼ ଝାମେଲା । ଅଡୁଆ ସୁତାର ଖିଅପରି କେତେ ଆଡ଼େ  କେତେ କାମ ଲଟଇେ ପଟଇେ  ଲାଗିଥିବ । ତଣ୍ଣେ କାମଟା ସାରିବା ପାଇଁ ସମସ୍ତେ ବ୍ୟସ୍ତ । ବର ଘରକୁ ନିବନ୍ଧ ଗଲାଣି । ବନ୍ଧୁ ବାନ୍ଧବ ସମସ୍ତେ ନିମନ୍ତ୍ରୀତ ହୋଇ ସାରିଛନ୍ତି ।

ବାହାଘର ଦିନକୁ ଦିନ ନିକଟ ହୋଇ ଆସୁଛି । ଘଣ୍ଟାଏ ଗଲେ ବର୍ଷେ ଯାଏ ପୁଣି ତ ସବୁ ଜିନିଷ ଠିକ୍ କରିବାକୁ ପଡ଼ିବ ? ବାହାଘର କଥା ତ, କେତେ ପଦାର୍ଥ ଏଥିପାଇଁ ଲୋଡ଼ା । ତେଣୁ କଥାରେ କହନ୍ତି ବାହାଘର ନା ବାଇଘର । ବାହାଘର ଆଉ ମାତ୍ର ଦୁଇଦିନ ଡ଼େରି । ବରପାଇଁ ସମସ୍ତ ଜିନିଷର ବରାଦ ସରିଗଲା । ସବୁ ଠିକ୍ ଠାକ୍ ହେଲେ। । ମାତ୍ର ଦୁର୍ଭାଗ୍ୟବଶତଃ ମଟର ସାଇକଲେଟା ଆସି ପାରିଲା ନାହିଁ । ବାହା ଘର ସମୟ । କେତେ ଟଙ୍କା କୁଆଡ଼େ ଯାଉଛି । ଗୋଟାଏ ଭଲ ମୋଟର ସାଇକଲେ୍ ଆଣିବାକୁ ଟଙ୍କା ହେଲେ ତ ହୁଏ ? ତେଣୁ ସେଇଟା ପରେ ଦେବୋକୁ ସ୍ଥିର ହେଲେ। ।

ଘରଦ୍ୱାର ସବୁ ଲିପାପୋଛା ଚାଲିଛି । ତା ସାଙ୍ଗକୁ ଝୋଟି ଦିଆ, ରଙ୍ଗ ଦିଆ ଏହି ପରେ କେତେ କଥା । ଏତେ ବଡ଼ ଶୁଭ ଦିନଟାରେ ଘର ଗୁଡ଼ାକ ନ ସଜାଇଲେ ହେବେ କିପରି ? ଏଣେ କନ୍ୟା ବି ବସ୍ରେିା ରାଗିଣୀର କ୍ରନ୍ଦନ ଧ୍ୱନିର ଆହୁଲା ଧରି ନୟନାଶ୍ରୁ ଢ଼ାଳି ଜାହ୍ନବୀରେ ସନ୍ତରଣ କରୁଛି । ପଲ୍ଲୀର ଝିଅ ହୋଇ ଆଉ ଦିନ କେତେଟୋ ପରେ ପର ଘରକୁ ଚାଲିଯିବ ନିଜର ଛବିଳ ପ୍ରକୃତିକୁ ଛାଡ଼ି । ତେଣୁ ତାହା ମନରେ ଯେଉଁ କୋହ ଉଠୁଥିବ, ଯେଉଁ ଦୁଃଖ ହେଉଥିବ-- ତାହା ବା ବର୍ଣ୍ଣିବ କିଏ?

ବାହାଘର ଦିନ ଉପସ୍ଥିତ ହେଲେ। । ଭାଇ କୁଟୁମ୍ବମାନେ ମଣ୍ଡପ ସଜାଇବା ଠାରୁ ଆରମ୍ଭ କରି ତୋରଣ ସଜାଇବା, ଭୋଜି ଆୟୋଜନ କରିବା ଏବଂ ଆବଶ୍ୟକୀୟ ପଦାର୍ଥ ସବୁ ସଂଗ୍ରହ କରିବାରେ ବ୍ୟସ୍ତ । ବନ୍ଧୁ ବାନ୍ଧବମାନେ ଆସ୍ତେ ଆସ୍ତେ ଆସିବାକୁ ଲାଗି ଗଲେଣି । ଘର କୋଳାହଳରେ ପୁର୍ଣ୍ଣ । ପିଲା ମାନଙ୍କର ମନ ଆନନ୍ଦରେ ଭରା । ହସ, ନାଚ, ଖେଳ, ଠେଲା, ପେଲା, ମାଡ଼, ଗୋଳ, ଧୁମ୍ ଧାମ୍ରେ ସେମାେନେ ଲାଗି ଯାଇଛନ୍ତି । ଘରେ ତ ଏବେ ସୁଖ, ଦୁଃଖ, କର୍ମ ଜଞ୍ଜାଳର ତ୍ରିବେଣୀ ସ୍ରୋତ ବହୁଛି । ତେଣେ ପିଲାମାନଙ୍କର ଆନନ୍ଦ ଦର୍ଶନରେ ଯୋଗ ଦେବୋକୁ ଯାଉଛି କିଏ ? ଲଳିତାର ଚକ୍ଷୁରେ ଆଜି ତପ୍ତ ନିର୍ଝରିଣୀ । ଘରକୁ ଯେଉଁମାନେ କନ୍ୟା ଦେଖିବାକୁ ଆସୁଛନ୍ତି ତଥା ଘରର ଅନ୍ୟାନ୍ୟ ସ୍ତ୍ରୀ ଲୋକମାନେ ମଧ୍ୟ ଏହି କାନ୍ଦଣା ସ୍ରୋତରେ ମଗ୍ନ । ସେମାେନଙ୍କ ମଧ୍ୟରୁ କେତେ ଜଣ ମଧ୍ୟ ବଣ୍ଟାବଣ୍ଟି ହୋଇ ବନ୍ଧୁ ବାନ୍ଧବଙ୍କ ଚର୍ଚ୍ଚାଠାରୁ ଆରମ୍ଭ କରି ରନ୍ଧା ବଢ଼ା କାର୍ଯ୍ୟରେ ବ୍ୟସ୍ତ ।

ରାତ୍ର ଅଦ୍ଧେର୍କଠାରୁ ଅଧିକ ହୋଇ ଗଲାଣି । ପ୍ରାୟ ଦୁଇ କିମ୍ବା ତିନି ହେବ । ବରପକ୍ଷ ଗ୍ରାମ ମୁଣ୍ଡରେ ପହଞ୍ଚି ଗଲେଣି । ଦୂର ବାଟ ହୋଇଥିବାରୁ ଡ଼େରିରେ ଆସିଛନ୍ତି । ବର୍ତ୍ତମାନ ରୋଷଣୀ ଆରମ୍ଭ ହେବ । ବର ଗାଁ ମଝିଦେଇ ଯିବ । ଗାଁର ପିଲାଛୁଆ, ବୋହୂ ଭୁଆଶୁଣିମାନେ ଦେଖିବାକୁ ବ୍ୟଗ୍ର । କାର୍ ଧିରେ ଧିରେ ଗାଁ ମଝି ରାସ୍ତାରେ ଚାଲିଲା ରୋଷଣୀ କାର୍ଯ୍ୟବି ଚାଲିଛି । ବାଘ ବାଘୁଣି ନାଚ, ବାଦ୍ୟ, ବାଣ ଫୁଟା କୁସ୍ତି ଇତ୍ୟାଦି ବର ଦେଖିେବା ପାଇଁ ଲୋକଙ୍କର ବହୁ ଭିଡ଼ । ପାଦ ପକାଇବାକୁ ରାହା ନାହିଁ । ଏ ଗହଳି ମଧ୍ୟରେ କାହା ଉପରେ ବାଣଫାଟି ଫୋଟକା ପଡ଼ିଲାଣି ତ, କିଏ ପଥର ହାବୋଡ଼ି ଖଣ୍ଡିଆ ଖାବରା ହେଲାେଣି । ତଥାପି ସେ ଗୁଡ଼ାକ ପ୍ରତି ଖାତିର ନକରି ରୋଷଣୀ ସହିତ ସମସ୍ତେ ଚାଲିଛନ୍ତି । ଗାଁ ମଝିରେ ଯିବା ସମୟରେ କୋଳାହଳ ହେଉଛି, ହୁଳ ହୁଳି ବି ପଡୁଛି । କୋଳାହଳକୁ ଫଟାଇ ଦେଇ କେତେଟୋ ହୁଳହୁଳି ବାହାରି ଆସୁଛି । ପୁଣି ଆକାଶରେ ମିଶୁଛି ସେ । ପିଲାମାନେ ଏପଟ ସେପଟ ହୋଇ ଟୋପ ବାଣ ଗୁଡ଼ାକୁ ସଂଗ୍ରହ କରିବାରେ ଲାଗିଛନ୍ତି । ଝିଅ ବୋହୂଙ୍କ ମଧ୍ୟରୁ କିଏ କେମିତି ବି ବର ବାଛିବାରେ ବ୍ୟସ୍ତ-- କାଳିଆ- ଗୋରା, ଖରାପ- ଭଲ-- ଶେଷେଯୁକ୍ତି ।

ଶେଷେରେ ରୋଷଣୀ ସରିଲା । ବର କନ୍ୟାଘରେ ପହଞ୍ଚିଲେ । ବନ୍ଦାପନା କାର୍ଯ୍ୟ ଶେଷେକରି ବରକୁ ଘରକୁ ପାଛୋଟି ନିଆଗଲା । ବରପକ୍ଷ ଘରଙ୍କର ଖାଦ୍ୟ ପେୟର ବ୍ୟବସ୍ତା କରାଗଲା । ବରଙ୍କର ମଧ୍ୟ ଉପଯୁକ୍ତ ସମାଜଗତ ଚର୍ଚ୍ଚା କରାଗଲା । ତାହାପରେ ଆରମ୍ଭ ହେଲେ। ବିବାହ କାର୍ଯ୍ୟ । ବରଙ୍କୁ ବେଦୀ ପାଖକୁ ନିଆଗଲା । କନ୍ୟା ଆସିଲା । ମନ୍ତ୍ର ପଢ଼ାଗଲା । ନଳ ଦମୟନ୍ତି, ହର ପାର୍ବତୀ ଯଥା ରାବଣ ସ୍ୱୟ ତଥା ମନ୍ଦୋଦରୀ ଇତ୍ୟାଦି ସ୍ତୋତ୍ର ସବୁ ପାଠ କରାଗଲା । ଆମ ସମାଜର ନୀତି ଓ

ପରମ୍ପରା ଅନୁଯାୟୀ କନ୍ୟା ପକ୍ଷକୁ ବଦେୀ ପାଖରେ ତାଙ୍କ ଯୌତୁକ ବିବରଣୀ ଦବୋକୁ ପଡ଼େ ଏବଂ ବରପକ୍ଷ ଅଭାବ ପଦାର୍ଥର ପ୍ରତିବାଦ କରନ୍ତି । ବର୍ତ୍ତମାନ କନ୍ୟା ପକ୍ଷକୁ ତାହାର ପାଳି ପଡ଼ିଲା । ସମୋନେ ଦଲେେ ଯୌତୁକର ଏକ ଲମ୍ବା ବିବରଣୀ ।

୧. ଯାନ ବାହନ-

୨. ଗାଈ-ଗ ୋଟାଏ,

୩. ଖଟ ପଲଙ୍କ-ହଳେ,

୪. ନଡ଼ିଆ ଗଛ --୨ ଟା,

୫. ଟି.ଭି-ଗ ୋଟାଏ,

୬. ଘଡ଼ି- ଏକଟା,

୭. ଜମି-ଏକ ଏକର,

୮. ଏବଂ ମ ୋଟର ସାଇକଲେ୍ ପାଇଁ ନଗଦ ୨ ୦ ହଜାର ଟଙ୍କା ।

ଅବଶିଷ୍ଠ ପରେ ଦିଆଯିବ ।

ଏଥର ବଦେୀ କାର୍ଯ୍ୟ ଶଷେ ହଲୋ ବର ବଦେୀକୁ ଉଠିଲେ । କିନ୍ତୁ ମନରେ ର ୋଷ ମଟର ସାଇକଲେ ନାହିଁ । ଓଃ କି ଅପମାନ.... ଅସହ୍ୟ... ଅସହ୍ୟ । ରାଗ ଓ ଅଭିମାନରେ ଜର୍ଜରିତ ହ ୋଇଗଲେ ବର ।

ବର କନ୍ୟା ଶୀଘ୍ର ବାହାରି ଯିବେ । ଦୂରବାଟ ଡ଼େରିହେଲେ ରାତି ହ ୋଇଯିବ । ବର ପକ୍ଷଙ୍କ ପାଇଁ ଖାଦ୍ୟ ପୟେର ବ୍ୟବସ୍ଥା କରାଗଲା । ତାହା ପରେ ଆରମ୍ଭ ହଲୋ ଶୀତଳ ତୁଣ୍ଡୀ । କିନ୍ତୁ ବର ଆଉ ଶୀତଳ ତୁଣ୍ଡୀକୁ ନ ଆସନ୍ତି । ଏକାବଲେକେେ କଲିକତାରୁ ମୁମ୍ବାଇ ଗ୍ରସ୍ତ । ଯାହାକୁ କଥାରେ କହନ୍ତି ରାତାରାତ ଲମ୍ବାଦାଢ଼ୀ । କିହେ! ଏକି କଥା ମ ୋଟର ସାଇକଲେ୍ ପାଇଁ କାହିଁକି ଏତେ ର ୋଷ ? ମ ୋଟର ସାଇକଲେଟ୍ କ'ଣ କୁଟୁମ୍ବ ପ ୋଷନ୍ତା ନା, ଗହୀର ବିଲରେ ହଳ କରନ୍ତା ? କୁହାଯାଇଛି ତ ମଟର ଗାଡ଼ି ଦିଆଯିବ । ନ ହଲେେ ଟଙ୍କା ଦିଆଯିବ । ବର୍ତ୍ତମାନ ବି ନଗଦ ୨ ୦ ହଜାର ଟଙ୍କା ଦିଆ ଯାଉଛି । ଏତେ କେଥାରୁ ଅଛି କ'ଣ ? ନାହିଁ ଆଜ୍ଞା ଏଟା ସାହବେ ବଙ୍ଗାଳୀ ମାନଙ୍କର ଛାଞ୍ଚ । ବାହାରକୁ ଯିବାକୁ ହଲେେ ଅନ୍ତତଃ ପକ୍ଷେ ମଟର ସାଇକଲେଟା ଥିବା ଦରକାର । ନହଲେେ ମଣିଷ ଜୀବନର ଏ କି ସାର୍ଥକତା?

ଯାହାହଉେ କେତେ ବୁଝା ସୁଝା ପରେ ବର ଧୀରେ ଧୀରେ ଶୀତଳ ତୁଣ୍ଡୀକୁ ଗଲେ । ଶୀତଳ ତୁଣ୍ଡୀରେ ବର କନ୍ୟା ଜୁଆ କଉଡ଼ି ଖଳେିଲେ । ର ୋଷଣୀ ସରିଲା । କିନ୍ତୁ ର ୋଷଣୀ ପଦାର୍ଥ ବର ଆଉ ନ ନିଅନ୍ତି । ମ ୋଟ ଉପରେ କହିଲେ ଭଲ ହବେ ଯେ ପୂର୍ବ ରାଗର ଅସମାପ୍ତି । ଏଣେ ବିରି ମାଡ଼ ଦଖେି କ ୋଳଥ ଚ ୋପା ହଲୋପରି ବରକଥା ଦଖେି ଘରେ କାନ୍ଦ ବ ୋବାଳି । କାହାର ଚତେୋ ବୁଡ଼ିଲାଣି ତ କିଏ ରାଗରେ ଦାନ୍ତ କଡମଡ କଲାଣି । ଆଉ କହେି କହେି ଏ ବିଷୟରେ ଥଟ୍ଟା ତାମସା କରିବାକୁ ଅବା ଛି-ଛିକାର କରିବାକୁ ମଧ୍ୟ ପଛାଇଲେ ନାହିଁ । ପିଲା ଛୁଆଙ୍କଠାରୁ ଆରମ୍ଭ କରି ବୁଢ଼ା, ବୁଢ଼ୀ, ବୟସ୍କ ପର୍ଯ୍ୟନ୍ତ ବରଙ୍କ ଆଗରେ ବ୍ୟଙ୍ଗ-ବିଦ୍ରପ କରିବାକୁ କହେି, ହଲେେ ଭୁଲି ନ ଥିଲେ । ନିର୍ଲଜ୍ଜା-ନିର୍ଲ୍ଲଠାଙ୍କର ମୁହଁ ସାତ କାହାଣ ବାର ପଣ । ଏତେ ଗୁଡ଼ାଏ କାଣ୍ଡ-କାରଖାନା ଘଟିବା ପରେ ମଧ୍ୟ ବରଙ୍କ ମନରେ କିପରି କଜୋଣି ସାମାନ୍ୟତମ ଚତେନା ପଶିଲା ନାହିଁ ସେ ର ୋଷଣୀ ପଦାର୍ଥ ନବୋକୁ ତବେେ ବି

ଅରାଜି । ଚ ୋରଙ୍କର ମୁହଁ ଟାଣ ପରି ଓଲଟା କହିଲେ କେଣ ନା- “କନ୍ୟାକୁ ବିଦାୟ କରିବାର ଯଦି ଅଛି ସିଧା ନଇେ ଗାଡ଼ିରେ ବସାଅ; ନ ୋହିଲେ ଆମେ ଏଥର ଚାଲିଲୁ; ତଣେିକି ତୁମର ଯାହା ଇଚ୍ଛା ସୟୋ କର ।”

କନ୍ୟାପକ୍ଷ ଯଉେଁ ସାମୂହିକ ଚିନ୍ତାରୁ କ୍ଷଣମାତ୍ର ଅବ୍ୟାହତି ପାଇଥିଲେ ତାହାର ପୁନଃ ପୁନରାବୃତ୍ତି ଘଟିଲା । ଏକ ଶଙ୍କାକୁଳ ପରିବେଶ ଭିତରେ କନ୍ୟା ବିଦାୟ ପର୍ବ ସମ୍ପନ୍ନ ହେଲା । ମଝିରେ ଚାଲିଥାଏ ଗ ୋଡ଼ ଘ ୋଷାରି ଘ ୋଷାରି ତୁହାକୁ ତୁହା ଅଚେତ ହ ୋଇ ପଡୁଥିବା ଲଳିତା । ପଛରେ ଶ ୋକ ସନ୍ତପ୍ତ ପରିବାର ବନ୍ଧୁ ଆତ୍ମୀୟ ସ୍ୱଜନ । ଦୁଇ କଡ଼ରେ ସାଇ ପଡ଼ିଶା, ଗାଁ ମାଇପେ ଛୁଆପିଲା ସମସ୍ତଙ୍କ ଆଖିରେ ଲ ୋତକର ଧାର; ଭବିଷ୍ୟତକୁ ନଇେ ନାନା କଳ୍ପନା ଜଳ୍ପନା ।

ବାପଘରେ ଏତିକି, ଲଳିତା ଜୀବନର ଶଷେକଥା, ଶଷେ ପର୍ଯ୍ୟୟ .......ଆଉ ମଣିଷ ଜାତିର ଶଷେ ସଭ୍ୟତା--କୁ ସଂସ୍କାର-- ଯଣ୍ଡୌତୁକ ଦାବୀ ।